# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୩୦/୨୦୨୩ (୧୪ ପୃଷ୍ଠା) Bhubaneswar, Friday, June 30/2023 Page 14 ₹ 7.00

୪୯ଶ ଭାଗ ୨୧୫ ସଂଖ୍ୟା VOLUME 49 ISSUE 215 SAMBALPUR ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul


# ୨ ଯୁବକଙ୍କୁ ହତ୍ୟା ପରେ ଜାଳିଦେଲେ

**ଅପରାଧୀଙ୍କୁ ଦଣ୍ଡ ଦେବାକୁ ନ୍ୟାୟ ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏବେ କିଛି ଲୋକ ଆଇନକୁ ହାତକୁ ନେବାକୁ ପଛାଉନାହାନ୍ତି। କ୍ରୋଧର ବଶବର୍ତ୍ତୀ ହୋଇ ଅମାନୁଷିକ କାର୍ଯ୍ୟ କରୁଛନ୍ତି। ଗଞ୍ଜାମ ଜିଲା ଦିଗପହଣ୍ଡିରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ଯୁବକଙ୍କୁ ପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କେତେଜଣ ଲୋକ ଜାଳି ଦେଇଥିବା ଘଟଣା ଦେଖିବାକୁ ମିଳିଛି। ପୋଲିସ ଅର୍ଦ୍ଧଦଗ୍ଧ ମୃତ ଶରୀରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।**

## ■ ଦିଗପହଣ୍ଡି ମହୁଡ଼ାରେ ଡବଲ ମର୍ଡର
## ■ ଗାଁ ପୁରୁଷଶୂନ୍ୟ, ୧୫ ଅଟକ

**ବ୍ରହ୍ମପୁର/ଦିଗପହଣ୍ଡି, ୨୯।୬**
**(ସୁବାସ ଚନ୍ଦ୍ର ପାଢ଼ୀ/ଅଶେଷନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ା ଗ୍ରାମରେ ବୁଧବାର ରାତିରେ ଡବଲ୍ ମର୍ଡର ହୋଇଛି। ୨ଯୁବକଙ୍କୁ ପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ କିଛି ବାଟ ଘୋଷାଡ଼ି ଆଣି ପେଟ୍ରୋଲ ପକାଇ ପୋଡ଼ିଦେବା ଉଦ୍ୟମ କରାଯାଇଥିଲା। ଖବର ପାଇ ପୋଲିସ ଦରପୋଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଦ୍ୱୟ ହେଲେ ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମରେ ଭଡ଼ାରେ ରହୁଥିବା ଶିବରାମ ଗୌଡ଼ ଓରଫ ଶିବ (୩୪) ଓ ସ୍ଥାନୀୟ ପାଢ଼ୀ ସାହିର ବିଘ୍ନରାଜ ପୁରୋହିତ ଓରଫ ଲିଟୁ (୩୮)। ଶିବରାମଙ୍କ ନାଁରେ ପୂର୍ବରୁ ଦିଗପହଣ୍ଡି ଥାନାରେ ଏକ ଆପରାଧିକ ମାମଲା ରହିଛି। ମହୁଡ଼ା ଗ୍ରାମର କେତେଜଣ ଲୋକଙ୍କ ସହ ଶିବରାମ ଓ ଲିଟୁଙ୍କ ଝଗଡ଼ାକୁ ନେଇ ଏପରି କାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଗ୍ରାମର ପ୍ରାୟ ୧୫ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। କିଛିଦିନ ତଳେ ଲାଠି ଗ୍ରାମର କେତେଜଣ ☞ପୃଷ୍ଠା-୪


ହତ୍ୟାକାଣ୍ଡ ସ୍ଥଳରେ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଛି।

**ଆଜିର ସମ୍ପାଦକୀୟ**

**ଏଆଇ ଓ ଆର୍ଥିକ ସୂଚନା**

**ଆଜିର ମନ୍ତବ୍ୟ**

“ଜୁନ୍ ୨୩ରେ ପାଟନା ବୈଠକରେ ଯୋଗଦେଇଥିବା ସବୁ ନେତା ଦୁର୍ନୀତିଗ୍ରସ୍ତ। ୨୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିରେ ଜଡ଼ିତ ଏହି ନେତାମାନଙ୍କୁ ୨୦୨୪ ଲୋକ ସଭା ନିର୍ବାଚନରେ ବିହାରବାସୀ ମୁହଁତୋଡ଼ ଜବାବ ଦେବେ।

– ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

# ପ୍ରଥା ଭାଙ୍ଗି ବହିଷ୍କାର କଲେ ରାଜ୍ୟପାଳ

## ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ଷ୍ଟାଲିନ୍ ସରକାର

**ଚେନ୍ନାଇ, ୨୯।୬**

ଏକ ବିବାଦୀୟ ଘଟଣାକ୍ରମରେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଗୁରୁବାର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ବିନା ପରାମର୍ଶରେ ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ଭି. ସେନ୍ଥିଲ ବାଲାଜୀଙ୍କୁ କ୍ୟାବିନେଟ୍‌ରୁ ବହିଷ୍କାର କରିଛନ୍ତି। ଜଣେ ରାଜ୍ୟପାଳ ଏଭଳି ପଦକ୍ଷେପ ନେବା ଦେଶରେ ପ୍ରଥମ ଘଟଣା। ଏହାକୁ ନେଇ ରାଜ୍ୟର ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ସରକାର ଏବଂ ରାଜ୍ୟପାଳ ମୁହାଁମୁହିଁ ହୋଇଛନ୍ତି। ମନ୍ତ୍ରିମଣ୍ଡଳର ଜଣେ ☞ପୃଷ୍ଠା-୪


ଭି. ସେନ୍ଥିଲ ବାଲାଜୀ







## ଭାରତ ସହ ଅସ୍ଥାୟୀ ବ୍ୟବସାୟିକ ଭିଜା ନେଇ ଆଲୋଚନା କରିବ ବ୍ରିଟେନ

ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଅଂଶ ସ୍ୱରୂପ ବ୍ରିଟେନ ଭାରତ ସହ ଅସ୍ଥାୟୀ ବ୍ୟବସାୟିକ ଭିଜା ସମ୍ପର୍କରେ ଆଲୋଚନା କରିବ। ବ୍ରିଟେନରେ ସ୍ଥାୟୀ ରହଣି କିମ୍ବା ଭାରତୀୟମାନଙ୍କର ବ୍ରିଟେନ୍ ଶ୍ରମ ବଜାରରେ ପ୍ରବେଶ ନେଇ କୌଣସି ଚୁକ୍ତିନାମା ହେବ ନାହିଁ। ଗତବର୍ଷ ଜାନୁୟାରୀରେ ବ୍ରିଟେନ ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ଆଲୋଚନା ଆରମ୍ଭ କରିଥିଲା। ଦ୍ୱିତ୍ ବୁଝାମଣା ପାଇଁ ଗୁଣବତ୍ତାକୁ ବଳି ଦିଆଯାଇପାରିବ ନାହିଁ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି।

### ସଂକ୍ଷେପରେ

## ଟେକ୍ସାସରେ ଗ୍ରୀଷ୍ମଲହରି: ୧୩ ମୃତ

**ୱାଶିଂଟନ, ୨୯।୬:** ଟେକ୍ସାସ୍ ଏବଂ ଲୁଇସିଆନାରେ ପ୍ରବଳ ଗ୍ରୀଷ୍ମ ଲହରି ଜାରି ରହିଛି। ଅସହ୍ୟ ଗ୍ରୀଷ୍ମ ପ୍ରଭାବରେ ଟେକ୍ସାସରେ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ମିସିସିପି ଏବଂ ଟେନିସିରେ ତାପମାତ୍ରା ୩ ଅଙ୍କରେ ପହଞ୍ଚିପାରେ ବୋଲି ସରକାର ସତର୍କ କରାଇଛନ୍ତି। କାଲିଫର୍ନିଆରେ ଚଳିତ ବର୍ଷର ପ୍ରଥମ ସର୍ବାଧିକ ଗ୍ରୀଷ୍ମଲହର ଅନୁଭୂତ ହୋଇଛି। ଦକ୍ଷିଣପୂର୍ବ ଅଞ୍ଚଳରେ ତାପମାତ୍ରା ୧୦୦ ଡିଗ୍ରୀ ଫାରେନ୍‌ହାଇଟ (୩୮ ଡିଗ୍ରୀ ସେଲ୍‌ସିୟସ୍) ଅତିକ୍ରମ କରିବାକୁ ଯାଉଥିବାବେଳେ କେତେକ ଅଞ୍ଚଳରେ ଏତା ୧୧୫ ଡିଗ୍ରୀ ଫାରେନ୍‌ହାଇଟ୍ (୪୬ ଡିଗ୍ରୀ ସେଲ୍‌ସିୟସ)ରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି।

## କାନାଡାରେ ପ୍ରଫେସରଙ୍କ ସମେତ ୩ ଜଣଙ୍କୁ ଛୁରାମାଡ଼

**ଟରଣ୍ଟୋ, ୨୯।୬:** କାନାଡାର ୱାଟରଲୁ ସହରରେ ଥିବା ଏକ ବିଶ୍ୱବିଦ୍ୟାଳୟରେ ବୁଧବାର କ୍ଲାସ୍ ଚାଲିଥିବାବେଳେ ଜଣେ ପ୍ରଫେସର ଓ ଦୁଇଜଣ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିଛି। ଆକ୍ରମଣ ପଛର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ତଦନ୍ତକାରୀ ଅଫିସରମାନେ ସନ୍ଦିଗ୍ଧଙ୍କୁ ଜେରା କରୁଛନ୍ତି। ଆକ୍ରମଣକାରୀ ୟୁନିଭର୍ସିଟି କମ୍ୟୁନିଟିର ଜଣେ ସଦସ୍ୟ। ତେବେ ସେ ସେଠାର ଛାତ୍ର କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ। ଫିଲୋସଫି ୨୦୨ରେ ଲିଙ୍ଗଗତ ପ୍ରସଙ୍ଗରେ କ୍ଲାସ୍ ହେଉଥିବାବେଳେ ଆକ୍ରମଣ ହୋଇଥିଲା।

## ପିଲାଙ୍କ ଉପରେ ସଶସ୍ତ୍ର ସଂଘର୍ଷର ପ୍ରଭାବ: ୟୁଏନ୍‌ଏସ୍‌ଜି ରିପୋର୍ଟରୁ ଭାରତ ବାଦ୍

**ଜାତିସଂଘ, ୨୯।୬ (ପି.ଟି.):** ଜାତିସଂଘ ମହାସଚିବ (ୟୁଏନ୍‌ଏସ୍‌ଜି) ଆଣ୍ଟୋନିଓ ଗୁଟେରେସ୍ ସଶସ୍ତ୍ର ସଂଘର୍ଷର ପିଲାମାନଙ୍କ ଉପରେ ପ୍ରଭାବ ସମ୍ପର୍କିତ ରିପୋର୍ଟରୁ ଭାରତକୁ ବାଦ୍ ଦେଇଛନ୍ତି। ଭାରତ ସରକାର ନେଇଥିବା ପଦକ୍ଷେପଗୁଡ଼ିକ ପିଲାମାନଙ୍କୁ ଉତ୍ତମ ସୁରକ୍ଷା ଦେବ ବୋଲି ଜାତିସଂଘ ମୁଖ୍ୟଙ୍କ ଚଳିତ ବର୍ଷର ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗୁଟେରେସ୍‌ଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ପ୍ରତିନିଧିମାନେ ଗତବର୍ଷ ଜୁଲାଇରେ ଶିଶୁ ସୁରକ୍ଷା କ୍ଷେତ୍ର ଚିହ୍ନଟ ଲାଗି ଟେକ୍‌ନିକାଲ ମିଶନରେ ସାମିଲ ହୋଇଥିଲେ। ଗତବର୍ଷ ନଭେମ୍ବରରେ ଭାରତ ସରକାର ଜମ୍ମୁ-କଶ୍ମୀରରେ ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ଲାଗି ଏକ କର୍ମଶାଳା ଆୟୋଜନ କରିଥିଲେ। ଏଥିରେ ଜାତିସଂଘ ସାମିଲ ହୋଇଥିଲା।

## ଟାଇଟାନ୍‌ରୁ ମିଳିଲା ମୃତକଙ୍କ ଅବଶେଷ

**ୱାଶିଂଟନ୍,୨୯।୬:** ନିଖୋଜ ଟାଇଟାନ୍‌ର ଭଗ୍ନାବଶେଷରୁ ଏକ୍ସପର୍ଟମାନଙ୍କୁ ମୃତକଙ୍କ ଅବଶେଷ ମିଳିଥିବା ଆମେରିକୀୟ କୋଷ୍ଟ ଗାର୍ଡ ବୁଧବାର ସୂଚନା ଦେଇଛନ୍ତି। ଆମେରିକୀୟ ମେଡିକାଲ ପ୍ରଫେଶନାଲ୍‌ସମାନଙ୍କର ଏକ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗତ ୧୮ ତାରିଖରେ ଓସେନ୍‌ଗେଟ୍ ଟାଇଟାନ୍ ବୁଡ଼ାଜାହାଜରେ ଟାଇଟାନିକ୍ ଜାହାଜ ଭଗ୍ନାବଶେଷ ଦେଖିବା ପାଇଁ ୫ ଜଣ ଯାଇଥିଲେ। ସମୁଦ୍ର ଜଳରେ ପ୍ରବେଶ କରିବାର ପ୍ରାୟ ୧ ଘଣ୍ଟା ୪୫ ମିନିଟରେ ଅପରେଟିଂ ଟିମ୍‌ର ବୁଡ଼ାଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଦୁଇଦିନ ପରେ ବୁଡ଼ାଜାହାଜ କିମ୍ବା ପର୍ଯ୍ୟଟକଙ୍କ ସମ୍ପର୍କରେ କୌଣସି ସୂଚନା ନ ମିଳିବା ପରେ ରେସ୍କ୍ୟୁ ଟିମ୍ ସମୁଦ୍ର ମଧ୍ୟରେ ପ୍ରବେଶ କରିଥିଲା। ଟାଇଟାନିକ୍ ଜାହାଜ ନିକଟରୁ ଟାଇଟାନ୍‌ର ଭଗ୍ନାବଶେଷ ମିଳିବା ଏବଂ ଅମ୍ଳଜାନ ସରିଯିବା କଥା ଜଣାପଡ଼ିବା ପରେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ଓସେନ୍ ଗେଟ୍ ପକ୍ଷରୁ କୁହାଯାଇଥିଲା।



ପ୍ୟାରିସରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ବେଳେ ଜଳିଯାଉଥିବା ଗାଡ଼ିଗୁଡ଼ିକର ନିଆଁ ଲିଭାଉଛନ୍ତି ଅଗ୍ନିଶମ ବାହିନୀ। (ଫଟୋ ସୌଜନ୍ୟ: ରଏଟର୍ସ)

# ପୋଲିସ ପାଇଁ ଫ୍ରାନ୍ସ ଜଳୁଛି

## ଡେଲିଭରି ଡ୍ରାଇଭରଙ୍କୁ ପୋଲିସର ହତ୍ୟା ପ୍ରତିବାଦରେ ଦେଶବ୍ୟାପୀ ଆନ୍ଦୋଳନ

ଫ୍ରାନ୍ସରେ ବିବାଦୀୟ ପେନ୍‌ସନ ସଂସ୍କାର ବିରୋଧରେ ପ୍ରାୟ ୬ ମାସ ଧରି ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ନ ଥମୁଣୁ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁଙ୍କ ସାମ୍ନାକୁ ଆସିଛି ଆଉ ଏକ ବଡ଼ ଚ୍ୟାଲେଞ୍ଜ। ପୋଲିସର ହିଂସାତ୍ମକ କାର୍ଯ୍ୟ ଓ ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକରେ ବର୍ଣ୍ଣଭେଦ କରାଯାଉଥିବା ନେଇ ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିବାବେଳେ ମଙ୍ଗଳବାର ରାତିରେ ଜଣେ ୧୭ ବର୍ଷୀୟ ଡେଲିଭରି ଡ୍ରାଇଭରଙ୍କୁ ପୋଲିସ ଗୁଳିକରି ହତ୍ୟା କରିଛି। ଏହାର ପ୍ରତିବାଦରେ ଦେଶବାସୀ ରାଜରାସ୍ତାକୁ ଓହ୍ଲାଇ ଜଳାପୋଡ଼ା, ଭଙ୍ଗାରୁଜା କରୁଛନ୍ତି। ପୋଲିସ କର୍ତ୍ତବ୍ୟ ପାଳନ ଆଳରେ ହିତାହିତ ଜ୍ଞାନ ଭୁଲି ସାଧାରଣ ଜନତାଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଲେ ପରିଣତି କ'ଣ ହୁଏ ତା'ର ପ୍ରମାଣ ଦେଇଛି ଫ୍ରାନ୍ସର ଏହି ସଦ୍ୟ ସଂଘର୍ଷ।

**ପ୍ୟାରିସ୍,୨୯।୬**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ରାଜଧାନୀ ପ୍ୟାରିସ୍‌ର ପଶ୍ଚିମ ଉପକଣ୍ଠ ନନ୍ଟେରେଠାରେ ମଙ୍ଗଳବାର ରାତିରେ ପୋଲିସ ଟ୍ରାଫିକ୍ ଯାଞ୍ଚ କରୁଥିଲା। ସେହି ରାସ୍ତା ଦେଇ ଉତ୍ତର ଆଫ୍ରିକୀୟ ସ୍ୱଳ୍ପବୟସ୍କ ଡ୍ରାଇଭର ନହେଲ ଏମ୍. ଏକ ଷ୍ଟେଶନାରି କାର୍‌ରେ ଯାଉଥିବାବେଳେ ଦୁଇଜଣ ଫରାସୀ ପୋଲିସ ଅଧିକାରୀ ତାଙ୍କୁ ଅଟକାଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣେ ଅଫିସର 'ତୁମ ମୁଣ୍ଡରେ ଗୁଳି ବାଜିବାକୁ ଯାଉଛି' କହି ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ଗୁଳିମାଡ଼ରେ ନାବାଳକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏହାର ଭିଡିଓ ସାରା ଦେଶକୁ ସ୍ତବ୍ଧ କରିଦେଇଛି।

ନହେଲଙ୍କ ହତ୍ୟାର ପ୍ରତିବାଦରେ ମୁଣ୍ଡ ଟେକିଥିବା ଆନ୍ଦୋଳନର ନିଆଁ ଦୁଇଦିନ ମଧ୍ୟରେ ସମଗ୍ର ଫ୍ରାନ୍ସକୁ ବ୍ୟାପିଛି। ବିକ୍ଷୋଭକାରୀମାନେ ପ୍ୟାରିସ୍ ସମେତ ବିଭିନ୍ନ ସହରରେ ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ସେମାନେ ପୋଲିସ ଗାଡ଼ି ଓ ସରକାରୀ ଅଫିସଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ଲିଲେ, ଟୋଉଲୋଜ୍, ଆମିଏନ୍ସ, ଡିଜୋନ୍ ସମେତ ଅନେକ ସହରରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ଆଇନ ଅମାନ୍ୟ ଅଭିଯୋଗରେ ୨୦୦ରୁ ଊର୍ଦ୍ଧ୍ୱ ଦଙ୍ଗାକାରୀଙ୍କୁ ଗିରଫ କରାଯାଇଛି। ମୋନ୍ସ-ଏନ୍-ବାରୋଏଉଲ୍ ମେୟର କହିଛନ୍ତି, ଦଙ୍ଗାରେ ସହରର କିଛି ଭାଗ ଜଳିପୋଡ଼ି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଗୁରୁବାର ରାତିରେ ୪୦,୦୦୦ ପୋଲିସଙ୍କୁ ମୁତୟନ କରାଯାଇଛି। ହତ୍ୟାସ୍ଥଳ ନିକଟରେ କଳା ପୋଷାକ ଓ ମାସ୍କ ପିନ୍ଧିଥିବା ବିକ୍ଷୋଭକାରୀମାନେ ସ୍ଲୋଗାନ ଦେଉଛନ୍ତି, 'ଜଷ୍ଟିସ୍ ଫର୍ ନହେଲ'। କାନ୍ଥବାଡ଼ରେ 'ନହେଲଙ୍କ ପାଇଁ ନ୍ୟାୟ' ଏବଂ 'ପୋଲିସ ହତ୍ୟା କରେ' ସ୍ଲୋଗାନ ଲେଖାଥିବା ପୋଷ୍ଟର ଛାଇଯାଇଛି। ଜନାକ୍ରୋଶ ଉଗ୍ରରୂପ ଧାରଣ କରିବାରୁ ନହେଲଙ୍କ ହତ୍ୟାକାରୀ ଅଫିସରଙ୍କ ବିରୋଧରେ ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଆମେରିକା ଓ ବ୍ରିଟିଶ୍ ସିଷ୍ଟମ୍‌ଠାରୁ ଫ୍ରାନ୍ସର ଆଇନ ବ୍ୟବସ୍ଥା ଭିନ୍ନ। ତେଣୁ ଫ୍ରାନ୍ସର ଆଇନ ବ୍ୟବସ୍ଥା ଅନୁସାରେ ଦୁଇଜଣ ମାଜିଷ୍ଟ୍ରେଟ୍‌ଙ୍କୁ ତଦନ୍ତ ଭାର ଦିଆଯାଇଛି।



୧୭ ବର୍ଷୀୟ ନହେଲଙ୍କୁ ପୋଲିସର ହତ୍ୟା ପ୍ରତିବାଦରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି ତାଙ୍କ ମା' ମୋଉନିଆ।

ସରକାରୀ ଓକିଲ ପାସ୍କାଲ ପ୍ରାଚେଙ୍କ ମତରେ ଏହି ଘଟଣାରେ ସମ୍ପୃକ୍ତ ଅଫିସର ନିଜ ବନ୍ଧୁକ ବ୍ୟବହାର ନେଇ ଆଇନଗତ ସର୍ତ୍ତ ପୂରଣ କରି ନ ଥିବା ସଂଗୃହୀତ ପ୍ରମାଣରୁ ଜଣାପଡ଼ିଛି। ତାଙ୍କୁ ଗିରଫ କରି ହାଜତରେ ରଖାଯାଇଛି। ଅନ୍ୟପକ୍ଷେ ଦେଶରେ ଲାଇସେନ୍ସ ହାସଲ ପାଇଁ ସେ ପ୍ରାପ୍ତ ବୟସ୍କ ନ ହୋଇ କାର୍ ଡ୍ରାଇଭିଂ କରୁଥିଲେ। ଅଫିସରଙ୍କ ନିର୍ଦ୍ଦେଶ ନ ମାନିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପୋଲିସ କହିଛି। ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ ଏହି ହତ୍ୟାକୁ ଅକ୍ଷମଣୀୟ ଅପରାଧ କହି ନିନ୍ଦା କରିଛନ୍ତି। ସେ ବରିଷ୍ଠ ମନ୍ତ୍ରୀମାନଙ୍କ ସହ ଜରୁରୀ ବୈଠକ କରିଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମାକ୍ରଁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

## କେନ୍ଦ୍ର କ୍ୟାବିନେଟ୍‌ରେ ଅଦଳବଦଳ ଚର୍ଚ୍ଚା

### ଜୁଲାଇ ୩ରେ ମନ୍ତ୍ରୀ ପରିଷଦ ବୈଠକ

**ନୂଆଦିଲ୍ଲୀ, ୨୯।୬(ପି.ଟି.)**

ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ଓ ଚଳିତ ବର୍ଷ ଶେଷ ଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ବିଧାନସଭା ନିର୍ବାଚନ ଥିବାରୁ ଏହା ପୂର୍ବରୁ ଭାଜପା ସଂଗଠନକୁ ଅଧିକ ସୁଦୃଢ଼ କରିବା ଉପରେ ଦଳ ଗୁରୁତ୍ୱ ଦେଉଛି। ସେଥିପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମେତ ଭାଜପା ସାଂଗଠନିକ ସ୍ତରରେ ବଡ଼ ଅଦଳବଦଳ ନେଇ ଚର୍ଚ୍ଚା ଜୋର୍ ଧରିଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ଶୀର୍ଷ ନେତାମାନଙ୍କ ସହ ବ୍ୟସ୍ତବହୁଳ ବିଚାରବିମର୍ଶ କରିବା ପରେ ତାଙ୍କ ମନ୍ତ୍ରିମଣ୍ଡଳରେ ସମ୍ଭାବ୍ୟ ପରିବର୍ତ୍ତନକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଉକ୍ତ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗତ କିଛିଦିନ ହେଲା ଶାହା, ନଡ୍ଡା ଏବଂ ଭାଜପା ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍. ସନ୍ତୋଷଙ୍କ ମଧ୍ୟରେ ସାଂଗଠନିକ ଓ ରାଜନୈତିକ ପ୍ରସଙ୍ଗକୁ ନେଇ ଅନେକ ଥର ବିଚାରବିମର୍ଶ ହେଲାଣି। ଆସନ୍ତା ଜୁଲାଇ ୩ରେ ମୋଦିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଗତି ମଇଦାନସ୍ଥିତ ନବନିର୍ମିତ କନ୍‌ଭେନଶନ ସେଣ୍ଟରରେ ଏହି ବୈଠକ ବସିପାରେ ବୋଲି କୁହାଯାଉଛି। ଜୁଲାଇ ତୃତୀୟ ସପ୍ତାହରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ।

## ଆଜାଦଙ୍କ ଆକ୍ରମଣରେ ବ୍ୟବହୃତ ଗାଡ଼ି ଜବତ

**ଲକ୍ଷ୍ନୌ, ୨୯।୬(ପି.ଟି.)**

ଦଳିତ ନେତା ତଥା ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଗୁଳିମାଡ଼ ବେଳେ ଆକ୍ରମଣକାରୀ ବ୍ୟବହାର କରିଥିବା ଗାଡ଼ିକୁ ଉତ୍ତରପ୍ରଦେଶ ସାହରନପୁର ଜିଲାରୁ ଜବତ କରାଯାଇଥିବା ପୋଲିସ କହିଛି। ଆକ୍ରମଣ ପୂର୍ବରୁ ଫେସ୍‌ବୁକ୍ ପେଜ୍‌ରେ ଆଜାଦଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଆମେଠି ଜିଲା ପୋଲିସ ଆଇପିସିର ଦଫା ୫୦୬ରେ ମାମଲା ରୁଜୁ କରିଛି। ଆଜାଦଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇଦେବା ଦାବିରେ ଭୀମ୍ ଆର୍ମି ଓ ଆଜାଦ ସମାଜ ପାର୍ଟିର କର୍ମୀମାନେ ପରିବର୍ତ୍ତନ ଚୌକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବୁଧବାର ସନ୍ଧ୍ୟାରେ ସାହରନପୁରର ଦେଓବନ୍ଦଠାରେ ଅଜଣା ଆକ୍ରମଣକାରୀ ଆଜାଦଙ୍କୁ ଗୁଳି କରିଥିଲେ।

## ସବୁ ପଞ୍ଚାୟତରେ ହେବ ଡିଜିଟାଲ ପେମେଣ୍ଟ

**ନୂଆଦିଲ୍ଲୀ, ୨୯।୬(ପି.ଟି.)**

ଆସନ୍ତା ସ୍ୱାଧୀନତା ଦିବସଠାରୁ ଦେଶର ସବୁ ପଞ୍ଚାୟତ ୟୁପିଆଇକ୍ଷମ ହେବ ବୋଲି କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପଞ୍ଚାୟତଗୁଡ଼ିକରେ ହେଉଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଏବଂ ରାଜସ୍ୱ ସଂଗ୍ରହ ପାଇଁ ଡିଜିଟାଲ ପେମେଣ୍ଟ ବ୍ୟବହାରକୁ ବାଧ୍ୟତାମୂଳକ କରାଯିବ। ରାଜ୍ୟଗୁଡ଼ିକ ଏହା ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକମାନଙ୍କ ଭଳି ବ୍ୟକ୍ତିମାନଙ୍କ ଉପସ୍ଥିତିରେ ୟୁପିଆଇକ୍ଷମ ପଞ୍ଚାୟତଗୁଡ଼ିକର ଉଦ୍‌ଘାଟନ କରିବେ। ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଲେଖାଯାଇଥିବା ଚିଠିରେ ଏହା ଉଲ୍ଲେଖ ରହିଛି। ବର୍ତ୍ତମାନ ସୁଦ୍ଧା ୯୮ ପ୍ରତିଶତ ପଞ୍ଚାୟତରେ ୟୁପିଆଇ ଭିତ୍ତିକ ପେମେଣ୍ଟ ବ୍ୟବହାର ଆରମ୍ଭ ହୋଇଯାଇଥିବା ପଞ୍ଚାୟତିରାଜ ମନ୍ତ୍ରଣାଳୟ ସଚିବ ସୁନୀଲ କୁମାର କହିଛନ୍ତି। ସେବା ପ୍ରଦାନକାରୀ ଏବଂ ଭେଣ୍ଡରମାନଙ୍କ ସହ ଶୁକ୍ରବାର ବୈଠକ କରିବା ପାଇଁ ପଞ୍ଚାୟତଗୁଡ଼ିକୁ କୁହାଯାଇଛି। ଗୁଗଲପେ, ଫୋନ୍‌ପେ, ପେଟିଏମ୍, ଭିମ୍, ମୋବିକ୍ୱିକ୍, ହ୍ୱାଟ୍ସଆପ୍‌ପେ, ଆମାଜନପେ ଏବଂ ଭାରତପେ ଆଦି ୟୁପିଆଇ ପ୍ଲାଟ୍‌ଫର୍ମଗୁଡ଼ିକର କର୍ମଚାରୀମାନଙ୍କ ଯୋଗାଯୋଗ ବିବରଣୀ ମନ୍ତ୍ରଣାଳୟ ପକ୍ଷରୁ ଶେୟାର କରାଯାଇଛି। ଜୁଲାଇ ୧୫ ସୁଦ୍ଧା ପଞ୍ଚାୟତଗୁଡ଼ିକୁ ଉପଯୁକ୍ତ ସେବା ପ୍ରଦାନକାରୀ ଚୟନ କରିବାକୁ ହେବ ଏବଂ ଜୁଲାଇ ୩୦ ସୁଦ୍ଧା ଭେଣ୍ଡର ଚୂଡ଼ାନ୍ତ କରିବାକୁ ପଡ଼ିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଗାଇଡ୍‌ଲାଇନରେ କୁହାଯାଇଛି।

# ରକ୍ତିମ ହେଲା ନଦୀଜଳ

**ଟୋକିଓ,୨୯।୬**

ଜାପାନ ଓକିନାୱା ଦ୍ୱୀପ ନାଗୋ ସହରରେ ପ୍ରବାହିତ ନଦୀ ଜଳ ହଠାତ୍ ଲାଲ୍ ରଙ୍ଗ ଧାରଣ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ନଦୀ ଜଳ ରକ୍ତିମ ବର୍ଣ୍ଣ ହୋଇଯିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହାର କିଛି ସମୟ ପରେ ସ୍ଥାନୀୟ ଅଞ୍ଚଳରେ ଥିବା ଓରିଓନ୍ ବ୍ରେୱେରିଜ୍ ବିୟର୍ ଫ୍ୟାକ୍ଟ୍ରିରୁ ସ୍ପଷ୍ଟୀକରଣ ଆସିଲା ଯେ, କାରଖାନାରେ ବ୍ୟବହୃତ ଫୁଡ୍ କଲରିଂ ଡାଏ ଲିକ୍ ହୋଇ ବର୍ଷାଜଳ ନିଷ୍କାସନ ଲାଗି ବ୍ୟବହାର କରାଯାଉଥିବା ଡ୍ରେନ୍ ଦ୍ୱାରା ନଦୀ ଜଳରେ ଯାଇ ମିଶିଛି। ଫଳରେ ନଦୀ ଜଳର ବର୍ଣ୍ଣ ଲାଲ ରଙ୍ଗ ହୋଇଯାଇଛି। ଫୁଡ୍ କଲର ମିଶିଥିବା ନଦୀ ଜଳକୁ ବ୍ୟବହାର କରିବା ଦ୍ୱାରା କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ନଦୀ ଜଳର ରଙ୍ଗ ପରିବର୍ତ୍ତନକୁ ନେଇ ସ୍ଥାନୀୟ ଲୋକଙ୍କଠାରେ ଯେଉଁ ଭୟର ବାତାବରଣ ସୃଷ୍ଟି ହୋଇଛି ସେ ଲାଗି ଓରିଓନ୍ ବ୍ରେୱେରିଜ୍ କ୍ଷମା ମାଗିଛି।

ଲାଲ୍ ନଦୀ ଜଳର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ମଙ୍ଗଳବାର ସ୍ଥାନୀୟ ସମୟ ସକାଳ ୯ଟା ୩୦



ମିନିଟ୍‌ରେ କମ୍ପାନୀର ଏକ କୁଲିଂ ସିଷ୍ଟମରୁ ଫୁଡ୍ କଲର ଲିକ୍ ହୋଇଥିବା ଜଣାପଡ଼ିଛି। କମ୍ପାନୀର କୁଲିଂ ପ୍ରୋସେସ୍ ପାଇଁ ଫୁଡ୍ କଲର (ପ୍ରୋପାଇଲିନ୍ ଗ୍ଲାଇକୋଲ)କୁ ବ୍ୟବହାର କରାଯାଉଥିଲା। ସାଧାରଣ ଭାବେ ଏହାକୁ ଡ୍ରଗ୍ ଏବଂ କସ୍‌ମେଟିକ୍ କାରଖାନାରେ ବିଶେଷ କରି ବ୍ୟବହାର କରାଯାଉଥିବାବେଳେ ଏହା ମଣିଷ ଶରୀରରେ କୌଣସି କ୍ଷତିକାରକ ପ୍ରଭାବ ପକାଇବ ନାହିଁ ବୋଲି ଆମେରିକୀୟ ଏଜେନ୍ସୀ ଟକ୍ସିକ୍ ସବ୍‌ଷ୍ଟାନ୍‌ସେସ୍ ଆଣ୍ଡ ଡିଜିଜ୍ ରେଜିଷ୍ଟ୍ରି ସୂଚନା ଦେଇଛି। କମ୍ପାନୀରୁ କେଉଁଭଳି ଫୁଡ୍ କଲର ଲିକ୍ ହେଲା ସେ ନେଇ କର୍ତ୍ତୃପକ୍ଷ ତଦନ୍ତ ଚଳାଇଥିବା ସହ ଭବିଷ୍ୟତରେ ଏଭଳି ଘଟଣା ଘଟିବ ନାହିଁ ବୋଲି ଓରିଓନ୍ ବ୍ରେୱେରିଜ୍ ଅଧ୍ୟକ୍ଷ ହାଜିମେ ମୁରାନୋ ପ୍ରତିକ୍ରିୟାରେ କହିଛନ୍ତି।





ପୁରୀ: ଗୁରୁବାର ତିନି ରଥରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ସୁନାବେଶରେ ଦର୍ଶନ ଦେଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ସୁନାବେଶରେ ଦର୍ଶନ ଦେଲେ ଦାରୁଦିଅଁ

## ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ମଧ୍ୟରାତ୍ରି ପର୍ଯ୍ୟନ୍ତ ବଢ଼ିଲା ଦର୍ଶନ ସମୟ

ପୁରୀ, ୨୯।୬(ଅଜିତ୍ ମହାନ୍ତି)

ପବିତ୍ର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଗୁରୁବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରି କୃତାର୍ଥ ହେବା ସହ ଆତ୍ମତୃପ୍ତି ଲାଭ କରିଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦର୍ଶନ ସମୟକୁ ଅଧିକ ୧ ଘଣ୍ଟା ଅର୍ଥାତ୍ ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରା ବାହୁଡ଼ା ଯାତ୍ରାରେ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ପରେ ଗୁରୁବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଏଥିପାଇଁ ଶ୍ରୀବିଗ୍ରହମାନେ ମହଣ ମହଣ ସୁନା ଅଳଙ୍କାରରେ ସଜେଇ ହୋଇଥିଲେ। ପ୍ରାୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ସୁନାବେଶ ଦର୍ଶନ କରି ଭାବ ବିହ୍ୱଳିତ ହୋଇପଡ଼ିଥିଲେ। ରଥରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ରଥରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା। ମଇଲମ ଓ ଏକଦଶୀ ସର୍ବାଙ୍ଗ ନୀତି ବଢିବା ପରେ ବେଶ ହୋଇ ତିନିରଥରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ପରେ ମଇଲମ ଓ ଶାଢ଼ି ଖଣ୍ଡୁଆ ଲାଗି ଶେଷ ହେବା ପରେ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଭଣ୍ଡାର ଘରୁ ଭଣ୍ଡାର ମେକାପଙ୍କ ତତ୍ତ୍ୱାବଧାନରେ ସୁନା ଅଳଙ୍କାରଗୁଡିକୁ ରଥ ଉପରକୁ ଅଣାଯାଇଥିଲା। ଅପରାହ୍ନ ୫ଟା ୫ ମିନିଟ୍‌ରେ ସୁନାବେଶ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ତିନିଠାକୁରଙ୍କୁ କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନ କିରୀଟ, କରପଲ୍ଲବ, ମୁଦି, ବଳା, ବାହୁଟି, କାନ୍ତ, କଟି ମେଖଳା ଆଦି ବହୁବିଧ ରତ୍ନଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ନୀତି ସମ୍ପନ୍ନ ପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ମାର୍କେଟ ଛକଠାରୁ କରାଯାଇଥିବା ବ୍ୟାରିକେଡ ଦେଇ ଧାଡ଼ିରେ ଆସିଥିଲେ। ସେମାନେ ନନ୍ଦିଘୋଷ ରଥର ବାମ ପାର୍ଶ୍ୱ ଦେଇ ତିନି ରଥ ସମ୍ମୁଖକୁ ଆସି ଶ୍ରୀବିଗ୍ରହମାନଙ୍କ ସୁନାବେଶ ଦର୍ଶନ କରି ତାଳଧ୍ୱଜ ରଥର ଡାହାଣ ପାର୍ଶ୍ୱ ଦେଇ ପ୍ରସ୍ଥାନ କରିଥିଲେ। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ୯୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ପୋଲିସ ପକ୍ଷରୁ ଡ୍ରୋନ କ୍ୟାମେରା ମାଧ୍ୟମରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା କରାଯାଇଥିଲା।

# ମୃତକଙ୍କ ଆତ୍ମୀୟଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

## ବାହୁଡ଼ା ଯାତ୍ରା ଦୁର୍ଘଟଣା

- ମୁଖ୍ୟମନ୍ତ୍ରୀଙ୍କ ଶୋକ
- ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ନବୀନ

ଭୁବନେଶ୍ୱର,୨୯।୬ (ଅନିଲ ଦାସ)

ପବିତ୍ର ବାହୁଡ଼ା ଯାତ୍ରା ସମୟରେ ବୁଧବାର ରାଜ୍ୟରେ ଓ ରାଜ୍ୟ ବାହାରେ ବିଦ୍ୟୁତ୍ ତାର ଲାଗି ୧୦ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। କେନ୍ଦୁଝର ଜିଲା କେନ୍ଦୁଆ ଗ୍ରାମଠାରେ ୩ ଜଣ ଓ କୋରାପୁଟ ଜିଲା କୋଲାବ ନଗରଠାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କୁ ବିନା ମୂଲ୍ୟରେ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହପରି ବାହୁଡ଼ା ଯାତ୍ରା ବେଳେ ତ୍ରିପୁରାରେ ୬ ଜଣଙ୍କର ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ଗଭୀର ମର୍ମାହତ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି। ଏଥିସହିତ ନବୀନ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହଙ୍କ ସହିତ ଗୁରୁବାର ଫୋନ୍‌ରେ କଥା ହୋଇ ଦୁଃଖଦ ଘଟଣାରେ ଜୀବନହାନିକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଭଳି ଦୁଃଖଦ ସମୟରେ ଓଡ଼ିଶାର ଲୋକମାନେ ତ୍ରିପୁରାବାସୀଙ୍କ ସହ ଦୃଢ଼ ଭାବେ ରହିଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ତ୍ରିପୁରା ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଏଥିସହିତ ଓଡ଼ିଶା ମୋ ପରିବାରର ନିର୍ଦ୍ଦେଶକ ଡି.କେ. ରାଉତରାୟଙ୍କୁ ସହାୟତା ଯୋଗାଇ ଦେବାକୁ ତ୍ରିପୁରା ପଠାଇଛନ୍ତି।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କରିବୁ ତୁ ସାଇରେ**
**ପରତେ ନ ଯିବୁ ବାଇରେ**
**ପରିହାସ କରିବୁ ଆଇରେ।**

ସାଇଭାଇରେ ଘର କରିଥିଲେ ବିପଦ ଆପଦ ବେଳେ ସାହାଯ୍ୟ ଓ ସମର୍ଥନ ମିଳିବାରେ କୌଣସି ଅସୁବିଧା ରହି ନ ଥାଏ। ପର କଥାରେ ଚାଲିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ସେହିପରି ବୁଢ଼ୀ ମା' ଓ ଆଈଙ୍କ ଭଳି ବୟସ୍କା ମହିଳାଙ୍କ ସହ ଥଟ୍ଟା ପରିହାସ କରିବା ଗ୍ରହଣୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଝିଅ ପରକୁ**
**ପର ଝିଅ ଘରକୁ।**

ସାଧାରଣତଃ ଝିଅ ଘର ଯୋଗ୍ୟା ହେଲେ ତାକୁ ପରଗୋତ୍ରୀ କରିଦିଆଯାଏ। ସେହିପରି ନିଜ ଝିଅ ପରଘରକୁ ବୋହୂ ହୋଇ ଚାଲିଗଲା ଭଳି ପର ଝିଅ ମଧ୍ୟ ସମୟକ୍ରମେ ନିଜ ଘରକୁ ବୋହୂ ହୋଇ ଆସିଥାଏ। ଏହା ହିଁ ସାମାଜିକ ରୀତି ନୀତି ବା ଚଳଣି ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ବ୍ରାହ୍ମଣୀରେ ଟାଣିନେଲା କୁମ୍ଭୀର, ଜଣେ ମୃତ

କେନ୍ଦ୍ରାପଡ଼ା, ୨୯।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଘାଗରାଡିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ କୁମ୍ଭୀର ଗୁରୁବାର ଟାଣିନେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଘାଗରାଡିଆ ଗ୍ରାମର ଗଙ୍ଗାଧର ତରାଇ (୫୬)। ସକାଳୁପାଖ ବ୍ରାହ୍ମଣୀ ନଦୀକୁ ଶୌଚ ହେବା ପାଇଁ ସେ ଯାଇଥିବା ବେଳେ ଛକି ରହିଥିବା କୁମ୍ଭୀର ପାଣି ଭିତରକୁ ତାଙ୍କୁ ଟାଣି ନେଇଥିଲା। ତାଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀ ଓ ଗ୍ରାମବାସୀ ଖୋଜାଖୋଜି କଲା ପରେ ନଦୀର କିଛି ଦୂରରୁ ତାଙ୍କ କ୍ଷତବିକ୍ଷତ ଶରୀରକୁ ଉଦ୍ଧାର କରାଯାଇଛି। ମୃତଦେହ ଉଦ୍ଧାର ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଚଳିତ ମାସ କେନ୍ଦ୍ରାପଡ଼ା ଜିଲାରେ କୁମ୍ଭୀର ମୁହଁରେ ଜୀବନ ଯିବା ଏହା ତୃତୀୟ ଘଟଣା। ପହିଲି ରଜ ୧୪ ତାରିଖରେ ପଟ୍ଟାମୁଣ୍ଡାଇ ନିମପୁର ଗ୍ରାମର ଆଶୁତୋଷ ଆଚାର୍ଯ୍ୟ(୧୦)ଙ୍କୁ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଟାଣି ନେଇ ମାରି ଦେଇଥିଲା। ୨୧ ତାରିଖରେ ରାଜନଗର ହାତିଆଗଡ଼ି ଗାଁର ସୀତାରାଣୀ ଦାସ(୪୫)ଙ୍କୁ କୁମ୍ଭୀର କେନାଲରେ ଟାଣି ନେଇ ମାରି ଦେଇଥିଲା। ଗୁରୁବାର ଗଙ୍ଗାଧରଙ୍କୁ କୁମ୍ଭୀର ଟାଣି ନେଇ ମାରି ଦେଇଛି। କୁମ୍ଭୀର ଆକ୍ରମଣରେ ୩ଟି ଅମୂଲ୍ୟ ଜୀବନହାନି ହୋଇଛି। ଏହି ମଣିଷଖିଆ କୁମ୍ଭୀରକୁ ତୁରନ୍ତ ଧରି ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ

**ଶିମିଳିପାଳ ସୁରକ୍ଷା ପ୍ରସଙ୍ଗ**

ଭୁବନେଶ୍ୱର,୨୯।୬(ଅନିଲଦାସ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କାର୍ଯ୍ୟରତ ୨ଜଣ ଫରେଷ୍ଟ ଗାର୍ଡ ଶିକାରୀଙ୍କ ଗୁଳିରେ ନିହତ ଘଟଣାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଉଦ୍‌ବେଗ ପ୍ରକାଶ କରିଛି। ଶିମିଳାପାଳ ଏବଂ ଫରେଷ୍ଟ ଗାର୍ଡଙ୍କ ସୁରକ୍ଷାକୁ କଡାକଡି କରିବାକୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ବାଘ ଓ ସେମାନଙ୍କ ସୁରକ୍ଷାରେ ନିୟୋଜିତ କର୍ମଚାରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଦୃଢ ପଦକ୍ଷେପ ନେବା ଆବଶ୍ୟକ। ଫରେଷ୍ଟ ଗାର୍ଡଙ୍କ ହତ୍ୟା ଘଟଣା ପରେ ମନ୍ତ୍ରଣାଳୟର ଜଙ୍ଗଲ ଡାଇରେକ୍ଟର ଜେନେରାଲ ତଥା ସ୍ୱତନ୍ତ୍ର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଶିମିଳିପାଳ ଅଭୟାରଣ୍ୟ ଗସ୍ତ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଟିମ ଦାଖଲ କରିଥିବା ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଭଳି ଘଟଣା ଯେପରି ପୁନରାବୃତ୍ତି ନ ହେବ ସେନେଇ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

# ଖବରଦାତାଙ୍କ ବିୟୋଗ

ବ୍ରହ୍ମପୁର,୨୯।୬(ସ୍ମୃତି ରଞ୍ଜନ ମହାଲିକ)



ଜ୍ୟୋତିର୍ବିଦ ବାଇକୋଳି ମହାପାତ୍ରଙ୍କ ନାତି ତଥା ଖବରଦାତା ଡ. ଜଗନମୋହନ ମହାପାତ୍ର(୫୭)ଙ୍କ ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଛି। ପୂର୍ବାହ୍ନରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମରଶରୀରକୁ ପ୍ରଥମେ ଗଜପତିନଗରସ୍ଥିତ ବାସଭବନକୁ ଅଣାଯାଇଥିଲା। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ଦଳର ନେତା ଓ କର୍ମୀମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଜଗନମୋହନଙ୍କ ବିୟୋଗରେ ବ୍ରହ୍ମପୁର ଖବରକାଗଜ ବିତରକ ସଂଘର ସଭାପତି ହରିକୃଷ୍ଣ ପାଢ଼ୀ, ସଂପାଦକ ସନ୍ତୋଷ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଭାଗିରଥୀ ବେହେରା, ଶଙ୍କର ବେହେରା ଓ ସହ ସଂପାଦକ ବିଶ୍ୱନାଥ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ୨ ଯୁବକଙ୍କୁ ହତ୍ୟା...

ପ୍ରଥମ ପୃଷ୍ଠାରୁ...

ଯୁବକ ମହୁଡ଼ା ଗ୍ରାମରେ ଗଣ୍ଡଗୋଳ କରିଥିଲେ। ଏହାର ପ୍ରତିବାଦରେ ମହୁଡ଼ା ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ଗଣ୍ଡଗୋଳ ସୃଷ୍ଟି କରିଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ସନ୍ଧ୍ୟାରେ ଲାଠି ଗ୍ରାମର ଶିବରାମ ଓ ତାଙ୍କ ସାଙ୍ଗ ଲିଟୁ ମହୁଡ଼ା ଗ୍ରାମକୁ କୌଣସି କାମରେ ଯାଇଥିଲେ। ଶିବରାମ ଘରକୁ ନ ଫେରିବାରୁ ରାତି ପ୍ରାୟ ସାଢ଼େ ୯ଟାରେ ତାଙ୍କ ସ୍ତ୍ରୀ ଲକି ଫୋନ୍ କରିଥିଲେ। କାମ ସାରି ଯିବି ବୋଲି ଶିବରାମ କହିଥିଲେ। ହେଲେ ସ୍ୱାମୀ ଫେରିବାରେ ବିଳମ୍ବ ହେବା କାରଣରୁ ଘଣ୍ଟାଏ ପରେ ଲକି ଆଉ ଥରେ ଫୋନ କରିଥିଲେ, ମାତ୍ର କିଛି ଉତ୍ତର ମିଳି ନ ଥିଲା। ଏହାର କିଛି ସମୟ ପରେ ଶିବରାମଙ୍କ ଫୋନ୍ ବନ୍ଦ ହୋଇଯାଇଥିଲା। ସେପଟେ ମହୁଡ଼ାରେ କିଛିଅପରାଧ ଘଟିଥିବାନେଇ ଦିଗପହଣ୍ଡି ପୋଲିସ ଖବରପାଇ ବିଳମ୍ବିତ ରାତିରେ ସେଠାରେ ପହଞ୍ଚିଥିଲା। ଏକ ପୋଖରୀ ନିକଟରେ ୨ ଜଣଙ୍କ ମୃତଦେହ ଜଳୁଥିବା ଦେଖି ପାଣି ପକାଇ ଲିଭାଇଥିଲା। ଆଖପାଖ ଲୋକଙ୍କୁ ପଚରାଉଚରା କରି ରାତି ପ୍ରାୟ ୩ଟାରେ ପୋଲିସ ଲାଠି ଗ୍ରାମରୁ ଲକି ଓ ଲିଟୁଙ୍କ ଭାଇ ଉମା ପୁରୋହିତଙ୍କୁ ଘଟଣାସ୍ଥଳକୁ ଆଣିଥିଲା। ସେଠାରେ ଉଭୟେ ଦରପୋଡ଼ା ମୃତଦେହ ଚିହ୍ନଟ କରିଥିଲେ। ବ୍ରହ୍ମପୁର ଏସ୍‌ପି, ଚିକିଟି ଏସ୍‌ଡିପିଓ, ଦିଗପହଣ୍ଡି ଥାନା ଅଧିକାରୀ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ। ଗ୍ରାମରେ ଯୁବକଦ୍ୱୟଙ୍କୁ ପିଟି ହତ୍ୟା କରିବା ପରେ ମୃତଦେହକୁ ଘୋଷାଡ଼ି ପୋଖରୀ ପାର୍ଶ୍ୱକୁ ନିଆଯାଇଥିବାରୁ ବାଟସାରା ରକ୍ତଛିଟା ପଡ଼ିଛି। ଶିବରାମ ନେଇଥିବା ବାଇକ୍ ଘଟଣାସ୍ଥଳରେ ପଡ଼ିଥିବାରୁ ଅଭିଯୁକ୍ତମାନେ ସେଥିରୁ ପେଟ୍ରୋଲ କାଢ଼ି ମୃତଦେହରେ ପକାଇ ନିଆଁ ଲଗାଇ ଦେଇଥିବା ପୋଲିସ ଅନୁମାନ କରୁଛି। ଶିବରାମଙ୍କ ସ୍ତ୍ରୀ ଲକି ମହାରଣାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା(ନଂ. ୨୩୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ମହୁଡ଼ା ଗାଁ ଏବେ ପୁରୁଷଶୂନ୍ୟ ହୋଇପଡ଼ିଛି। ଖୁବ୍‌ଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଦୁର୍ଘଟଣା ପରେ ଏନ୍‌ଏଚ୍‌ଏଆଇ ତତ୍ପର

**ବରଯାତ୍ରୀଙ୍କ ଉପରେ ଟ୍ରକ୍ ମାଡ଼ିଯିବା ଘଟଣା**

- ଡ୍ରେନ୍ ସଫାହେଲା, ଲାଗିଲା ଷ୍ଟ୍ରିଟ୍ ଲାଇଟ୍
- ଜବରଦଖଲ ଉଚ୍ଛେଦ ହେଉନି
- ବାରିକେଡ୍, ଓଭର ବ୍ରିଜ୍ ନିର୍ମାଣ ଦାବି

କେନ୍ଦୁଝର,୨୯।୬(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟାଉନ ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥର ଷଠିଘର ସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ବରଯାତ୍ରୀ ଶୋଭାଯାତ୍ରା ଉପରେ ଟ୍ରକ୍ ମାଡ଼ିଯିବାରୁ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ୯ଜଣ ଗୁରୁତର ହୋଇଥିଲେ। ଦୁର୍ଘଟଣାକୁ ନେଇ ଏନ୍‌ଏଚ୍‌ଏଆଇର ଏକ ବୈଷୟିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନ୍ ସଫା କରାଯାଇଛି। ଉକ୍ତ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଲାଗିବା ସହ ଭାଙ୍ଗିଯାଇଥିବା ମେଡିଆନକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। ଦୁର୍ଘଟଣା ପରେ ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷ ତତ୍ପର ହୋଇ ପଡ଼ିଥିବା ବେଳେ ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଦାବି ମଧ୍ୟରୁ କିଛି ପୂରଣ ହୋଇଛି। ମାତ୍ର ମୁଖ୍ୟ ଦାବି ଓଭର ବ୍ରିଜ୍ ନିର୍ମାଣ ସହ ଦୁର୍ଘଟଣା ପାଇଁ ଦାୟୀ କିଏ, ଏହା ଯାଞ୍ଚ ହେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ସ୍ଥାନରେ ଜାତୀୟ ରାଜପଥ ପାର୍ଶ୍ୱକୁ ଲାଗି ବହୁ ଘର ରହିଛି। ରାସ୍ତାକଡ଼ରେ ଡ୍ରେନ୍ ଥିବା ବେଳେ ନିୟମିତ ସଫେଇ କରାଯାଉ ନ ଥିବାରୁ ସାରୁବୁଦା ହୋଇ ଡ୍ରେନ୍‌ରେ ପାଣି ଯିବାରେ ସମସ୍ୟା ହେଉଥିଲା। ଫଳରେ ଡ୍ରେନ୍ ପାଣି ରାସ୍ତା ଉପରେ ଯାଉଥିଲା। ଦୁର୍ଘଟଣା ପରେ ସଦର ତହସିଲଦାର ଆଶିଷ ମହାପାତ୍ରଙ୍କ ଉପସ୍ଥିତିରେ ଡ୍ରେନ୍‌ରୁ ସାରୁବୁଦା ସଫେଇ କରାଯାଇଛି। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଏନ୍‌ଏଚ୍‌ଏଆଇର ୩୦ ମିଟର ଜମି ରହିଥିଲେ ହେଁ ରାସ୍ତା ୧୦ ମିଟର ଲେଖାଏଁ ଜବରଦଖଲରେ ରହିଛି। ଅନେକ ସ୍ଥାନରେ ଲୋକେ ବାଡ଼ବୁଜି ଅବରୋଧ କରିଛନ୍ତି। ଦୀର୍ଘଦିନ ହେବ ଉକ୍ତ ସମସ୍ୟା ରହିଥିଲେ ହେଁ ଏନ୍‌ଏଚ୍‌ଏଆଇ ଉଚ୍ଛେଦ କରୁ ନ ଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାସ୍ତା ପାର୍ଶ୍ୱ ଜବରଦଖଲ ହୋଇ ନ ଥିଲେ ମୃତ ଏବଂ ଆହତଙ୍କ ସଂଖ୍ୟା କମିଥାଅନ୍ତା ବୋଲି ଦୁର୍ଘଟଣାରେ ଆହତ ଷଠିଘର ସାହିର ରମେଶ ପାତ୍ର କହିଛନ୍ତି। ଏନ୍‌ଏଚ୍‌ଏଆଇ ଟିମ୍ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଡ୍ରେନ୍ ସଫେଇ ହେବା ସହ ମେଡିଆନ ଭାଙ୍ଗିଥିବା ସ୍ଥାନରେ ମରାମତି ସହ ମେଟାଲ ବିମ୍ କ୍ରାସ୍ ବ୍ୟାରିୟର ଲଗାଯାଇଛି। ସେହିପରି ଉକ୍ତ ସ୍ଥାନରେ ଯୁଦ୍ଧକାଳୀନଭିତ୍ତିରେ ବୁଧବାର ରାତିରେ ଅନ୍ଧାର ରହୁଥିବା ସ୍ଥାନରେ ୨ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଉକ୍ତ ସ୍ଥାନରେ ତୁରନ୍ତ ବ୍ୟାରିକେଡ୍ ସହ ଓଭର ବ୍ରିଜ୍ ନିର୍ମାଣ କରିବାକୁ ଷଠିଘର ସାହିର ଟୁକୁ ପାତ୍ର, ଡାକ୍ତର ପାତ୍ର ପ୍ରମୁଖ ଦାବି କରିଛନ୍ତି। ଏନ୍‌ଏଚ୍‌ଏଆଇର ଅଥରିଟି ଇଞ୍ଜିନିୟର ଲକ୍ଷ୍ମୀଧର ନାୟକ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସ୍ତାରେ ଲାଇଟ୍ ଲଗାଯାଇଛି। ଭାଙ୍ଗିଯାଇଥିବା ମେଡିଆନ ମରାମତି କରାଯିବା ସହ ରାସ୍ତାକଡ଼ ଡ୍ରେନ୍ ସଫା କରାଯାଇଛି। ଓଭର ବ୍ରିଜ୍ ନିର୍ମାଣ ନେଇ ଏବେ କିଛି ଚିନ୍ତା କରାଯାଇ ନ ଥିବା ବେଳେ ରାସ୍ତାକଡ଼ରେ ଶୀଘ୍ର ବ୍ୟାରିକେଡ୍ କରାଯିବ। ଜବରଦଖଲ ଯୋଗୁ ସର୍ଭିସ୍ ରୋଡ୍‌ରେ ଯାତାୟାତ ସମସ୍ୟା ହେଉଛି। ଏନେଇ ତହସିଲଦାରଙ୍କ ସହ ଆଲୋଚନା ହୋଇଥିବା ସେ କହିଥିଲେ। ଏ ସଂକ୍ରାନ୍ତରେ ତହସିଲଦାର ମହାପାତ୍ର କହିଛନ୍ତି, ଜବରଦଖଲ ଉଚ୍ଛେଦ ନେଇ ପଦକ୍ଷେପ ଗ୍ରହଣ କରାଯିବ।

## ଡ୍ରାଇଭରଙ୍କ ପତ୍ତା ମିଳୁନି, ମାଲିକଙ୍କୁ ପଚରାଉଚୁରା

କେନ୍ଦୁଝର, ୨୯।୬ (ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ସହର ନିକଟ ଷଠିପୁର ଗ୍ରାମ ନିକଟ ଏନ୍‌ଏଚ୍ ୨୦ରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବରଯାତ୍ରୀ ଶୋଭାଯାତ୍ରା ଉପରେ ଟ୍ରକ ଚଢ଼ିଯିବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଥିଲେ। ଉକ୍ତ ଘଟଣାରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ନିଖୋଜ ଅଛନ୍ତି। ଚାଳକଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ କୁହାଯାଉଥିବା ବେଳେ ତାଙ୍କର ପତ୍ତା ମିଳିନାହିଁ। ଉକ୍ତ ଟ୍ରକ୍ ଜଣେ ହିନ୍ଦୀ ଶିକ୍ଷକଙ୍କ ସ୍ତ୍ରୀଙ୍କ ନାମରେ ଥିବା ପୋଲିସ ଜାଣିବାକୁ ପାଇଛି। ଘଟଣା ସମ୍ପର୍କରେ ଶିକ୍ଷକ ଓ ତାଙ୍କ ସ୍ତ୍ରୀଙ୍କୁ ପଚରାଉଚୁରା କରାଯାଇଥିବା ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି। ବେପରୁଆ ଭାବେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଛି। ଆଗକୁ ମଦ୍ୟପାନ କରି ଗାଡିଚାଳନା ଉପରେ ଧ୍ୟାନ ଦେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ କହିଛନ୍ତି।




ରାସ୍ତାକଡ଼ ଡ୍ରେନ୍ ସଫା କରାଯାଉଛି।



ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସୁବର୍ଣ୍ଣପୁର ଜିଲା ଝାରତରଭାରୁ ଖମ୍ବେଶ୍ୱରୀପାଲି ଷ୍ଟେସନ ମଧ୍ୟରେ ଗୁରୁବାର ସ୍ପିଡ୍ ଟ୍ରାଏଲ୍ କରାଯାଉଛି।

## ପ୍ରଥା ଭାଙ୍ଗି ବହିଷ୍କାର...

ସଦସ୍ୟଙ୍କୁ ବହିଷ୍କାର କରିବା ଅଧିକାର ରାଜ୍ୟପାଳଙ୍କର ନାହିଁ। ସରକାର ଏହା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଚେତାବନୀ ଦେଇଛନ୍ତି। ବାମପନ୍ଥୀଙ୍କ ସମେତ ଡିଏମ୍‌କେର ସହଯୋଗୀ ଦଳଗୁଡ଼ିକ ମଧ୍ୟ ରାଜ୍ୟପାଳଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ସରକାର ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିରୋଧୀଙ୍କୁ ଦମନ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଅସ୍ତ୍ରରୂପେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଗତ ୧୪ ତାରିଖରେ ତାମିଲନାଡୁ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଥିରୁ ଭି. ସେନ୍ଥିଲ ବାଲାଜୀଙ୍କୁ ନିଯୁକ୍ତି ପାଇଁ ଟଙ୍କା ମାମଲାରେ ୧୮ ଘଣ୍ଟା ଜେରା ପରେ ଇଡି ଗିରଫ କରିଥିଲା। ଗିରଫଦାରି ପରେ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ିଯିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରି ଏଞ୍ଜିଓଗ୍ରାମ୍ କରାଯାଇଥିଲା। ସେ ଏବେ ଜେଲରେ ଅଛନ୍ତି। ବିନା ବିଭାଗରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ତାଙ୍କୁ ମନ୍ତ୍ରିମଣ୍ଡଳରେ ରଖିଥିଲେ। ଏବେ ରାଜ୍ୟପାଳ ଏକପାଖିଆ ଭାବେ ତାଙ୍କୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିଯୁକ୍ତି ପାଇଁ ଲାଞ୍ଚ ନେବାଠାରୁ ଆରମ୍ଭ କରି ମନିଲଣ୍ଡରିଂ ସମେତ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ସେନ୍ଥିଲ ବାଲାଜୀଙ୍କୁ ମନ୍ତ୍ରୀ ପରିଷଦରୁ ରାଜ୍ୟପାଳ ବରଖାସ୍ତ କଲେ ବୋଲି ରାଜଭବନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଏହାକୁ ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଯୋଜନା କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଡିଏମ୍‌କେ ନେତା ଏ. ସରବାନନ୍ କହିଛନ୍ତି, ରାଜ୍ୟପାଳ ସମ୍ବିଧାନକୁ ଅଣଦେଖା କରି ମନ୍ତ୍ରୀଙ୍କୁ ବହିଷ୍କାର କରିବା ଅତ୍ୟନ୍ତ ନିନ୍ଦନୀୟ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଖୁସି ମନରେ କାମ କରିବେ ଏବଂ ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧାରେ ଦୁଃଖ ଲାଘବ ହେବ। କର୍ମକ୍ଷେତ୍ରରେ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସତ୍‌ସଙ୍ଗ, ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ଘରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ** ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ଏହା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିପାରେ।

**ମିଥୁନ** ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ବିଳମ୍ବରେ ସଫଳତା ପାଇବେ। ପିଲାଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିପାରନ୍ତି। ପୁଷ୍ୟା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ଆଲୋଚନା ପରିସରରେ କିମ୍ବା ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଆଜି ସକାଳୁ ସକାଳୁ ବନ୍ଧୁ ମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସଭାସମିତିରେ ଯୋଗଦେଲେ ଲାଭବାନ ହେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇ ଉତ୍ସୁକତାର ସହ କାମ କରି ପ୍ରଶଂସିତ ହେବେ।

**ଧନୁ** ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟ କରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷା ଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ମକର** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ କିନ୍ତୁ କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ,ଯାହାକି ସମସ୍ୟା ସୃଷ୍ଟି କରିପାରେ। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ବନ୍ଧୁଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ** ନିଜ ପରିସରର ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲନ୍ତୁ ସଫଳତା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିଶେଷ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଉଦ୍‌ବେଗର କାରଣ ହୋଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ସମ୍ଭାବ୍ୟ ଅଘଟଣକୁ ବୁଦ୍ଧିମତ୍ତାର ସହ ଟାଳିଦେଇ ପାରିଥିବାରୁ ଟେନ୍‌ସନ୍ ଆଜି କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଦ୍ୱାଦଶୀ, ଶୁକ୍ରବାର, ରଥ ଉପରେ ଅଧରପଣା ନୀତି, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଜୁନ୍ ୩୦ ତାରିଖ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ. ୧୦।୧୮ ଗତେ ବିଛା ଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୭ ଗତେ ଘ.୦୭।୦୦ ମଧ୍ୟେ, ଘ.୧୨।୧୬ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୧ ଗତେ ଘ.୧୧।୫୦ ମଧ୍ୟେ ରାହୁକାଳ।

# 'ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବପିଢ଼ି ଅଂଶୀଦାର ହୁଅନ୍ତୁ'





ବଲାଙ୍ଗୀରସ୍ଥିତ ସିଏନ୍‌ସି କଲେଜରେ ଧରିତ୍ରୀ ପକ୍ଷରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ବିଚାରକ। ଉପସ୍ଥିତ ଛାତ୍ରୀଛାତ୍ର ।

**ବଲାଙ୍ଗୀର,୨୯।୬ (ବୀରେନ୍ଦ୍ର କୁମାର ଝାଙ୍କର)**

## ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

ସମଗ୍ର ବିଶ୍ୱରେ ଭାରତ ସର୍ବବୃହତ୍ ଗଣତନ୍ତ୍ର। ଅଧିକ ସଂଖ୍ୟକ ଯୁବବର୍ଗ ଭାରତରେ ଅଛନ୍ତି ବୋଲି ଆମେ ଗର୍ବ କରୁଛୁ। ହେଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଯୁବବର୍ଗଙ୍କ ସମ୍ପୃକ୍ତି ବିଶ୍ଳେଷଣ କଲେ ତାହା ନିରାଶାଜନକ ରହିଛି। ଶାସନ ବ୍ୟବସ୍ଥାରେ ଦେଶର ଯୁବବର୍ଗ ଅଂଶୀଦାର ନହେବା ଯାଏ ଦେଶ ଓ ସମାଜ ଆଶାଜନକ ପ୍ରଗତି ହାସଲ କରିପାରିବ ନାହିଁ। ଗୁରୁବାର ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ବଲାଙ୍ଗୀର ନାଇସ୍ କଲେଜ ଅଫ୍ କମର୍ସ(ସିଏନ୍‌ସି)ଠାରେ ଆୟୋଜିତ ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ପ୍ରତିଯୋଗୀ ଛାତ୍ରୀଛାତ୍ରମାନେ ଏହି ମତପ୍ରକାଶ କରିଛନ୍ତି।

ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ସିଏନ୍‌ସି କଲେଜର ୧୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ କଲେଜର ଯୁକ୍ତ ୨ ଛାତ୍ରୀ ସଂସ୍କୃତି ପାତ୍ର ପ୍ରଥମ, ଛାତ୍ରୀ ପୂଜାରାଣୀ ସାଏ ଦ୍ୱିତୀୟ ଏବଂ ଛାତ୍ର ଗୌରବ କେଶୱାନି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଚାରକଭାବେ ଗାଇସିଲେଟ୍ କଲେଜ ଅଧ୍ୟାପକ ନାରାୟଣ ମିଶ୍ର ଏବଂ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଏଲୋରା ମିଶ୍ର ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସିଏନ୍‌ସି କଲେଜ ଅଧ୍ୟକ୍ଷ ପ୍ରଦୀପ ଦାଶ ଏବଂ ସମ୍ମାନିତ ଅତିଥି ଭାବେ କଲେଜର ଓଡ଼ିଆ ବିଭାଗ ଅଧ୍ୟାପିକା ମୀରା ଶତପଥୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଧରିତ୍ରୀର ଜିଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ଗଣମାଧ୍ୟମ, ଗଣତନ୍ତ୍ର ଏବଂ ଯୁବପିଢ଼ି ବିଷୟରେ ବକ୍ତବ୍ୟ ରଖି ପ୍ରତିଯୋଗୀମାନେ କହିଥିଲେ ଯେ, ଗଣତନ୍ତ୍ର ଶାସନ ବ୍ୟବସ୍ଥା ସୁରକ୍ଷିତ ନ ରଖିପାରିଲେ ଦେଶରେ ଅରାଜକତା ଦେଖାଯିବ। ଦେଶରେ ଆଜି ଶାସନ ବ୍ୟବସ୍ଥା ଭଲ ସ୍ଥିତିରେ ନାହିଁ। ଦୁର୍ନୀତି ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଯାଇଛି। ରାଜନୀତି ଏବଂ ପ୍ରଶାସନରେ ସମ୍ପୃକ୍ତ ଅନେକ ନେତା ଓ ଅଧିକାରୀ ଦୁର୍ନୀତିଗ୍ରସ୍ତ ହୋଇଯାଇଛନ୍ତି। ସଫଳ ଗଣତନ୍ତ୍ରରେ ସବୁଠୁ ପ୍ରମୁଖ ଅସ୍ତ୍ରଭାବେ ପରିଗଣିତ ଗଣମାଧ୍ୟମକୁ କେତେଜଣ ନେତା ଓ ପ୍ରଶାସକ ହାତବାରିସି କରିବାକୁ ଚେଷ୍ଟା କରୁଛନ୍ତି। ଫଳରେ ସାମାଜିକ ଅବନତି ଦେଖାଯିବା ସହ ପ୍ରଶାସନିକ ଅବ୍ୟବସ୍ଥା ଉଗ୍ର ହେଉଛି। ଯେତେଦିନ ପର୍ଯ୍ୟନ୍ତ ଦେଶର ଯୁବବର୍ଗ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନିଜକୁ ଅଂଶୀଦାର କରିବେ ନାହିଁ ଦେଶର ଭାଗ୍ୟ ପରିବର୍ତ୍ତନ ହେବନାହିଁ ବୋଲି ପ୍ରତିଯୋଗୀମାନେ ଆଲୋଚନା କରିଥିଲେ।

ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରତିନିଧି ଝାଙ୍କର ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ନିଆଯାଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି କଲେଜ ଅଧ୍ୟକ୍ଷ ଦାଶ ଧରିତ୍ରୀର ୫୦ବର୍ଷ ପଦାର୍ପଣ ଅବସରରେ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ କରିବା ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଅଧ୍ୟାପିକା ଶତପଥୀ ଯୁବବର୍ଗ ସଚେତନ ହେଲେ ଦେଶର ଗଣତନ୍ତ୍ର ସମୃଦ୍ଧ ଓ ସଶକ୍ତ ହେବ ବୋଲି କହିଥିଲେ। ବିଚାରକ ଅଧ୍ୟାପକ ମିଶ୍ର ତାଙ୍କ ବକ୍ତବ୍ୟରେ ଅବ୍ୟବସ୍ଥିତ ସମାଜ ଓ ଶାସନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାରେ ଯୁବବର୍ଗଙ୍କ ଏକ ବଡ ଭୂମିକା ରହିଛି ବୋଲି କହିବା ସହ ଏଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ବିଚାରକ ଅଧ୍ୟାପିକା ମିଶ୍ର ଛାତ୍ରୀଛାତ୍ରମାନେ ଚାହିଁଲେ ପରିବାର, ଗାଁଠୁ ଆରମ୍ଭ କରି ଦେଶକୁ ପ୍ରଗତିଶୀଳ କରିପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଏନସି କଲେଜ ଯୁକ୍ତ ୨ ଅଧ୍ୟକ୍ଷ ଭାବିକ ଲାଲ, ଅଧ୍ୟାପକ ସୁରଜ ପଟ୍ଟନାୟକ, ସମ୍ମିତ ହୋତା, ଆଶୁତୋଷ ଧଳ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ସଫଳ କରିବାରେ ସିଏନ୍‌ସି କଲେଜର ନିର୍ଦ୍ଦେଶକ ଆଶୁତୋଷ ପୁରୋହିତ ଏବଂ ପ୍ରଦୀପ ସାହୁ ସହଯୋଗ କରିଥିଲେ। ଶେଷରେ ଧରିତ୍ରୀ ଫଟୋ ଖବରଦାତା ସୁନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଯୋଗୀ ଯାହା କହିଲେ...


ରାଜତନ୍ତ୍ରର ବିଫଳତାରୁ ଗଣତନ୍ତ୍ର ଜନ୍ମ ନେଇଛି। ଆଜି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦୁର୍ନୀତି ବଢ଼ି ବଢ଼ି ଚାଲିଛି। ରାଜନେତା ଓ ଅଧିକାରୀମାନେ ଠକି ଚାଲିଛନ୍ତି। ଯୁବବର୍ଗ ଚାହିଁଲେ ଅରାଜକତା ଓ ଦୁର୍ନୀତିକୁ ରୋକିପାରିବେ। **-ପ୍ରୀତିମୋହନ ସାହୁ**


ଗଣତନ୍ତ୍ରକୁ ସକ୍ରିୟ ରଖିବାରେ ଯୁବପିଢ଼ି ଏବଂ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ଜନସାଧାରଣଙ୍କ ପକ୍ଷଧର ହେବା ଉଚିତ। ଗଣମାଧ୍ୟମ ନିରପେକ୍ଷ ନ ରହିଲେ ଗଣତନ୍ତ୍ର ସୁଚାରୁ ରୂପେ କାର୍ଯ୍ୟ କରିବ ନାହିଁ। **- ପି. ଲୟା**


ରାଜନୀତିରେ ସମ୍ପୃକ୍ତ ଅଧିକାଂଶ ବ୍ୟକ୍ତି ଗଣତନ୍ତ୍ର ସଫଳ ହେଉ ବୋଲି ଚାହୁଁ ନାହାନ୍ତି। କେତେକ ଗଣମାଧ୍ୟମ ସେମାନଙ୍କ ହାତବାରିସି ସାଜୁଛନ୍ତି। ଗଣତନ୍ତ୍ରକୁ କ୍ରିୟାଶୀଳ କରିବା ଦିଗରେ ଗଣମାଧ୍ୟମ ଓ ଯୁବବର୍ଗଙ୍କ ବଡ ଭୂମିକା ରହିଛି। **- କୋମଲ୍ ଅଗ୍ରୱାଲ**


ଗଣତନ୍ତ୍ରରେ ଗଣମାଧ୍ୟମ ଏକ ପ୍ରମୁଖ ଅସ୍ତ୍ର। ଲୋକେ ଏହାର ଠିକ୍ ବ୍ୟବହାର କରିପାରିଲେ ଆମ ଶାସନ ବ୍ୟବସ୍ଥା ଅଧିକ ଉତ୍ତରଦାୟୀ ହେବ। ଯୁବବର୍ଗ ନିଜେ ସଚେତନ ହୋଇ ଜନସାଧାରଣଙ୍କୁ ସଚେତନ କଲେ ଆମେ ସୁଫଳ ପାଇପାରିବା। **- ଅଭିପ୍ସା ସାହୁ**


ଗଣତନ୍ତ୍ର ଉପରେ ଆମେ ଆସ୍ଥା ପ୍ରକଟ କରିବା ଉଚିତ। ଗଣମାଧ୍ୟମ ଲୋକଙ୍କୁ ଏଦିଗରେ ସଚେତନ କରୁ। ଯୁବବର୍ଗଙ୍କ ଏ ଦିଗରେ ବଡ ଦାୟିତ୍ୱ ରହିଛି। **- ସ୍ମୃତିପ୍ରଜ୍ଞା ସାହୁ**


ରାଜନୈତିକ ଦଳ ଜାତି, ସମାଜ, ଧର୍ମ ନାଁରେ ବିଭେଦ ସୃଷ୍ଟି କରୁଛନ୍ତି। କେତେକ ଗଣମାଧ୍ୟମ ଏହାକୁ ଅଧିକ ପ୍ରଚାର କରି ସ୍ଥିତିକୁ ଜଟିଳ କରୁଛନ୍ତି। ଏହି ସ୍ଥିତିରେ ଯୁବକମାନେ ସଚେତନ ଥିବା ମନେ ହେଉନାହିଁ। ଗଣମାଧ୍ୟମ ଓ ଯୁବପିଢ଼ି ଦାୟିତ୍ୱର ସହ କାର୍ଯ୍ୟ କରିବା ଉଚିତ । **- ଗୌରବ କେଶୱାନି**


-ଦେଶର ଯୁବକମାନଙ୍କୁ ସଶକ୍ତ କରି ଗଢ଼ି ତୋଳିବାକୁ ହେବ। ସେମାନଙ୍କର ଶିକ୍ଷା ଅଧିକାରକୁ ପ୍ରଥମେ ସୁନିଶ୍ଚିତ କରିବାକୁ ହେବ। ଏଦିଗରେ ଗଣମାଧ୍ୟମ ଜନସଚେତନା ସୃଷ୍ଟି କରିପାରିବ। ଗଣତନ୍ତ୍ରକୁ ସକ୍ରିୟ କରିବାରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। **- ବିଶେଷ ଧରୁଆ**


ଗଣତନ୍ତ୍ରରେ ବ୍ୟକ୍ତିର ପ୍ରକୃତ ଶକ୍ତିକୁ ଗଣମାଧ୍ୟମ ଜାଗ୍ରତ କରିଥାଏ। ଗଣତନ୍ତ୍ରର ସଫଳତା ଏକ ଦୁର୍ନୀତିମୁକ୍ତ ସମାଜ ଏବଂ ନିରପେକ୍ଷ ଗଣମାଧ୍ୟମ ଉପରେ ନିର୍ଭରଶୀଳ। ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ପ୍ରଥମେ ଗଣମାଧ୍ୟମଗୁଡ଼ିକ ମଧ୍ୟରେ ସୁସ୍ଥ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି। **- ଆହ୍ୱାନ ଦଲାଇ**


କେତେକ ଗଣମାଧ୍ୟମରେ ମିଥ୍ୟା ତଥ୍ୟ ଏବଂ ଏକତରଫା ଖବର ପରିବେଷଣ ହେଉଛି। ଏହା ଜନସମୂହକୁ ବିଭ୍ରାନ୍ତ କରୁଛି। ଗଣତନ୍ତ୍ରରେ ଗଣମାଧ୍ୟମ ନିରପେକ୍ଷ ହେବା ଉଚିତ୍। ଗଣତନ୍ତ୍ରକୁ ସ୍ୱଚ୍ଛ କରିବାକୁ ହେଲେ ଯୁବବର୍ଗ ଓ ଗଣମାଧ୍ୟମକୁ ସ୍ୱଚ୍ଛ ହେବାକୁ ପଡିବ। **- ସୁରଜ ପାଣିଗ୍ରାହୀ**


ଯୁବପିଢ଼ି ରାଜନୀତି କ୍ଷେତ୍ରକୁ ନ ଆସିବା ବିଡମ୍ବନାର ବିଷୟ। ଦାୟିତ୍ୱ ଗ୍ରହଣ ନ କରି କେବଳ ସମାଲୋଚନା କରି ଶାସନରେ ସ୍ୱଚ୍ଛତା ଅଣାଯାଇ ପାରିବ ନାହିଁ। ଆଜି ନ୍ୟାୟପାଳିକାରେ ସହସ୍ରାଧିକ ମାମଲା ଗଡୁଛି। ରାଜନୀତିରେ ସଂସ୍କାର ଆଣିବାକୁ ହେଲେ ଯୁବକମାନଙ୍କୁ ରାଜନୀତିକୁ ଆସି ଦାୟିତ୍ୱ ନେବାକୁ ପଡିବ। ଗଣମାଧ୍ୟମ ଏଦିଗରେ ନିରପେକ୍ଷତାକୁ ବଜାୟ ରଖିବାକୁ ହେବ। **- ପୂଜାରାଣୀ ସାଏ**


ରାଜନୀତି କ୍ଷେତ୍ରକୁ ଆସିବା ପାଇଁ ଅଧିକାଂଶ ଯୁବକ ଆଗ୍ରହୀ ନାହାନ୍ତି। ପାର୍ଲାମେଣ୍ଟରେ ଯେଉଁ ପ୍ରତିନିଧିତ୍ୱ ରହିଛି ସେ ଭିତରେ ଅଧିକାଂଶ ବରିଷ୍ଠ ନାଗରିକ ରହିଛନ୍ତି। ଦେଶରେ ହାରାହାରି ୬୫ ପ୍ରତିଶତ ଭୋଟିଂ ହେଉଛି। ଯୁବବର୍ଗ ଭୋଟ ଦେଇଯିବାକୁ ବି ଇଚ୍ଛା ପ୍ରକାଶ କରୁନାହାନ୍ତି। **- ସଂସ୍କୃତି ପାତ୍ର**


ଯୁବବର୍ଗ ନିର୍ବାଚନରେ ଅଂଶଗ୍ରହଣ ନ କରିବା ଫଳରେ ରାଜନୈତିକ ଦଳଗୁଡ଼ିକ ଗରିବ ଲୋକଙ୍କ ଭୋଟ କିଣି ନିର୍ବାଚନ ଜିଣିବା କାର୍ଯ୍ୟରେ ଲାଗିଛନ୍ତି। ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଜନସମସ୍ୟା ଛାଡି କେତେକ ଗଣମାଧ୍ୟମ ରାଜନେତାଙ୍କ ପ୍ରଚାରକ ସାଜୁଛନ୍ତି। **- ଶ୍ରେୟସ ମିଶ୍ର**

# ଆଜି ମହାପ୍ରଭୁଙ୍କ ଅଧରପଣା ନୀତି

**ପୁରୀ, ୨୯।୬ (ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ସରିଆସୁଛି। ଗୁରୁବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଶୁକ୍ରବାର ତିନିରଥ ଉପରେ ଅଧରପଣା ନୀତି ସମ୍ପନ୍ନ କରାଯିବ। ରଥାରୂଢ଼ ଠାକୁରମାନଙ୍କୁ ପଣା ଲାଗିହେବ। ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ମାଟିହାଣ୍ଡିରେ ପଣା ରଖାଯାଇ ଭୋଗ କରାଯାଉଥିବାରୁ ଏହି ନୀତିକୁ ଅଧରପଣା ନୀତି କୁହାଯାଇଥାଏ। ତିନି ବାଡ଼ରେ ତିନି ରଥ ଉପରେ ତିନୋଟି ଲେଖାଏ ଏହି ହିସାବରେ ମୋଟ ୯ଟି ହାଣ୍ଡିରେ ପଣାଭୋଗ କରାଯିବ। ପୂର୍ବରୁ ତିନିଦିନ ଧରି ଅଧରପଣା ନୀତି ହେଉଥିଲା ଓ ୧୨ଟି ହାଣ୍ଡିରେ ଅଧରପଣା ଭୋଗ ଲାଗିକରାଯାଉଥିଲା ବୋଲି ଶୁଣିବାକୁ ମିଳେ। ଏବେ କିନ୍ତୁ ତିନିରଥ ପାଇଁ ଗୋଟିଏ ଦିନରେ ମୋଟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ରଥ ଉପରେ ମଧ୍ୟାହ୍ନ ଧୂପ ସରିବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ଛେନା, ସର, କଦଳୀ, ଛାଚି, ଗୋଲ ମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଡ଼ି ଅଧରପଣା ପ୍ରସ୍ତୁତ କରାଯାଏ। ନୀତି ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟ ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। ପଣା ପ୍ରସ୍ତୁତ ହୋଇ ଅଧର ଚୁମ୍ବିତ ମାଟିହାଣ୍ଡିଗୁଡ଼ିକରେ ରଖାଯାଏ। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ପଣାହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥାଏ। ଜନଶ୍ରୁତି ରହିଛି ଯେ, ତିନିରଥରେ ଠାକୁରଙ୍କ ସାଥିରେ ୩୩ କୋଟି ଦେବଦେବୀ, ଅସୁର, ଅଶରୀରୀ, କିନ୍ନର, ନାଗ, ଚଣ୍ଡୀ ଚାମୁଣ୍ଡା, ଭୂତ, ପ୍ରେତ ଯାଇଥାନ୍ତି। ଠାକୁରମାନଙ୍କୁ ଅର୍ପିତ ଅଧରପଣା ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡୀ ଚାମଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ତେଣୁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଇଥାଏ।

# ଏଆଇ ଭଳି ବିଷୟକୁ ଦେଢ଼ଶହ ବର୍ଷ ତଳୁ କଳ୍ପନା କରିଥିଲେ ଫକୀରମୋହନ: ଧର୍ମେନ୍ଦ୍ର




**ଭୁବନେଶ୍ୱର, ୨୯।୬(ସୁନିତ୍ ମିଶ୍ର)**

ମହାତ୍ମା ଗାନ୍ଧୀଙ୍କ ଖଦି ଓ ଲବଣ ସତ୍ୟାଗ୍ରହର ବହୁ ପୂର୍ବରୁ ବ୍ୟାସକବି ଫକୀରମୋହନ ସେନାପତି ଲେଖନୀ ଚାଳନା ମାଧ୍ୟମରେ ଏହି ବିଷୟରେ ଜାଗ୍ରତ କରିଥିଲେ। ବର୍ତ୍ତମାନ ସମୟର ଅତ୍ୟାଧୁନିକ ବିଷୟ ଯଥା ଅତ୍ୟାଧୁନିକ ବିଜ୍ଞାନ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ଭଳି ବିଷୟକୁ ଦେଢ଼ଶହ ବର୍ଷ ପୂର୍ବରୁ ଫକୀରମୋହନ କଳ୍ପନା କରିଥିଲେ। ଗୁରୁବାର ନୂଆଦିଲ୍ଲୀଠାରେ ମହାପ୍ରଭୁଙ୍କ 'ସୁନାବେଶ' ଅବସରରେ ଇଂଲିଶ ପୁସ୍ତକ 'ଫକୀରମୋହନ ସେନାପତି ଦ ମେକିଂ ଅଫ୍ ଆନ୍ ଅଥର'ର ଉନ୍ମୋଚନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ପ୍ରବାସୀ ଓଡ଼ିଆ ବିକାଶ ସମିତି ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ବ୍ୟାସକବି ଫକୀରମୋହନ ସେନାପତି ଥିଲେ ଗାନ୍ଧୀ ଚେତନାର ଅଗ୍ରଦୂତ। ଗାନ୍ଧିଜୀ କହିଥିବା କଥାକୁ ବହୁ ପୂର୍ବରୁ ସେ ନିଜ ଲେଖନୀ ଚାଳନା ମାଧ୍ୟମରେ ଲେଖି ସାରିଥିଲେ। ଭାରତୀୟ ମୁକ୍ତି ସଂଗ୍ରାମର ଲୁଗା ଓ ଲୁଣ ଭଳି ୨ଟି ମୁଖ୍ୟ ପ୍ରସଙ୍ଗ ଉପରେ ସେ ଲେଖିଥିଲେ। ସେଗୁଡ଼ିକ ହେଉଛି, 'ଓଳି ତଳେ ଲୁଣ କୋଟିଏ ମହଣ, ଆଉ ମୋହ କଥା ଶୁଣ, ବୋଇଲେ କି ହେବ, ଖାଇବାକୁ ହେବ ଲିଭରପୁଲରୁ ଲୁଣ'। ସେହିପରି ଲୁଗା ବା ଖଦି ବସ୍ତ୍ର ଉପରେ ସେ ଉଲ୍ଲେଖ କରିଥିଲେ, 'ମାଞ୍ଚେଷ୍ଟର ତନ୍ତୀ ଲୁଗା ବୁଣୁଛନ୍ତି, ତୁମ୍ଭମାନଙ୍କ ସକାଶେ, ବୁଡୁ ତନ୍ତୀ ବଂଶ ହେଉ ସର୍ବନାଶ, ଯାଆନ୍ତୁ ସେ ବନବାସେ'। ୧୯୦୮ରେ ଫକୀରମୋହନ ତାଙ୍କ 'ଅରଟ' ପ୍ରବନ୍ଧରେ ଲୁଗା ବୁଣା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରୁ ତାଙ୍କର ବିଚକ୍ଷଣ ଦୂରଦୃଷ୍ଟି ଅନୁମେୟ। ଆଧୁନିକ ଓଡ଼ିଆ ସାହିତ୍ୟର ଜନକ ବ୍ୟାସକବି ଫକୀରମୋହନ ଥିଲେ ଜଣେ ମହାନ୍ ଜନନାୟକ ତଥା ଓଡ଼ିଆ ଭାଷା ଆନ୍ଦୋଳନର ପ୍ରମୁଖ ପୁରୋଧା। ଏହି ବିଚକ୍ଷଣ ସମାଜ ଶିଳ୍ପୀଙ୍କ ଉପରେ ତଥ୍ୟଭିତ୍ତିକ ଓ ଗବେଷଣା ଆଧାରିତ ଇଂଲିଶ ପୁସ୍ତକ ପ୍ରକାଶିତ ହୋଇଥିବାରୁ ଲେଖକଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ପୁସ୍ତକଟି ସାରା ଦେଶରେ ଜନାଦୃତ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଆ ଭାଷା ଆମ ଜାତିର ପରିଚୟ। ଏହି ଭାଷାକୁ ସମୃଦ୍ଧ କରିଥିବା ତଥା ସ୍ୱତନ୍ତ୍ର ଭାଷାର ପରିଚୟ ଦେବା ପାଇଁ ଅନବରତ ଉଦ୍ୟମ କରିଥିବା ବ୍ୟାସକବିଙ୍କ ଉପରେ ଲିଖିତ ପୁସ୍ତକକୁ ବହୁଭାଷାରେ ପ୍ରକାଶ କରିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଜରୁରୀ। କେବଳ ଫକୀରମୋହନ ନୁହନ୍ତି, ତାଙ୍କପରି ଅନେକ ଅନାଲୋଚିତ ଓଡ଼ିଆ ସାଧକଙ୍କୁ ଇତିହାସରେ ଯୋଡ଼ିବା ପାଇଁ ପ୍ରଚେଷ୍ଟା କରିବା ଏବଂ ଏକବିଂଶ ଶତାବ୍ଦୀରେ ଓଡ଼ିଆ ଲୋକଙ୍କ ମର୍ଯ୍ୟାଦା, ସଂସ୍କାର ଓ ବିଚାରକୁ ବିଶ୍ୱସ୍ତରକୁ ନେବା ପାଇଁ ସଂକଳ୍ପ କରିବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

# ଅଲକା ମିଶ୍ର ଓଏସ୍‌ଡିଏ ଅଧ୍ୟକ୍ଷ

## ପଦବୀରୁ ଇସ୍ତଫା ଦେଲେ ସୁବ୍ରତୋ ବାଗ୍‌ଚୀ

**ଭୁବନେଶ୍ୱର,୨୯।୬(ଅନିଲ ଦାସ)**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଅଧ୍ୟକ୍ଷ ପଦରୁ ସୁବ୍ରତୋ ବାଗ୍‌ଚୀ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଦକ୍ଷତା ବିକାଶ ପ୍ରାଧିକରଣର ନୂଆ ଅଧ୍ୟକ୍ଷ ଭାବେ ଅଲକା ଅରୋରା ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ବାଗ୍‌ଚୀ ପଦ ଛାଡ଼ିବା ନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କୁ ସେ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାର ୨୦୧୬ରେ ବାଗ୍‌ଚୀଙ୍କୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ। ବାଗ୍‌ଚୀ ରାଜ୍ୟ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସୁବିଧାସୁଯୋଗ ସହ ଦୀର୍ଘ ୭ ବର୍ଷ ଧରି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସେ ଏହି ପଦରୁ ବୁଧବାର ଇସ୍ତଫା ଦେଇଥିବାବେଳେ ତାଙ୍କ ସ୍ଥାନରେ ରାଜ୍ୟ ସରକାର ପୂର୍ବତନ ଆଇଆର୍‌ପିଏସ୍ ଅଫିସର ଅଲକା ଅରୋରା ମିଶ୍ରଙ୍କୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଅଲକା ଏବେ ୱାର୍ଲଡ ସ୍କିଲ୍ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର ତାଙ୍କୁ ଗତ ୨୦୨୨ ଅକ୍ଟୋବରରେ ସିଇଓ ଭାବେ ନିଯୁକ୍ତି ଦେଇଥିଲେ।


ଅଲକା ଅରୋରା ମିଶ୍ର

# ପ୍ରଜାକୋର୍ଟରେ ୨ ଜଣଙ୍କୁ ଦଣ୍ଡ

## ଏରିଆ ଡେପୁଟି ସରପଞ୍ଚ, ଅନ୍ୟ ଜଣଙ୍କୁ ମାଓବାଦୀଙ୍କ ହତ୍ୟା

**ମାଲକାନଗିରି,୨୯।୬ (ଦୁର୍ଯ୍ୟୋଧନ ପାତ୍ର)**

ଦୀର୍ଘଦିନର ନୀରବତା ପରେ ପୁଣି ମାଓବାଦୀମାନେ ୨ଜଣଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ପ୍ରଜାକୋର୍ଟରେ ଦଣ୍ଡ ପରେ ଗୁରୁବାର ହତ୍ୟା କରିଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଏହି ଘଟଣା ଘଟିଛି। ମୃତକ ହେଲେ ସୁକ୍‌ମା ଜିଲା ତାଡ଼ମେଟଲା ଗ୍ରାମର ଏରିଆ ଡେପୁଟି ସରପଞ୍ଚ ମାଡଭି ଗଙ୍ଗା ଓ ଶିଖ କବାସୀ ସୁକା। ପ୍ରକାଶ ଯେ,ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଏହି ଘଟଣା ଘଟିଛି। ଗତ ୧୦ଦିନ ପୂର୍ବେ ମାଓବାଦୀମାନେ ୧୫ଜଣ ଗ୍ରାମବାସୀଙ୍କୁ ଅପହରଣ କରି ନେଇ ଜଙ୍ଗଲରେ ଥିବା କ୍ୟାମ୍ପରେ ରଖିଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ବ୍ୟସ୍ତ ହୋଇ ସେମାନେ କିପରି ଉଦ୍ଧାର ହେବେ ସେଥିପାଇଁ ଆଦିବାସୀ ମହାସଂଘକୁ ଅନୁରୋଧ କରିଥିଲେ। ସେମାନଙ୍କୁ ଛାଡ଼ିଦେବା ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ମାଓବାଦୀମାନେ ଗତ ରାତିରେ ମାଡଭି ଗଙ୍ଗା ଓ ଶିଖ କବାସୀ ସୁକାଙ୍କୁ ପ୍ରଜାକୋର୍ଟରେ ହତ୍ୟା କରିଛନ୍ତି। ତେବେ ଏହି ୨ଜଣଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରିଥିବା ଜଣାପଡ଼ିଛି। ତେବେ ୧୫ ଜଣ ମଧ୍ୟରୁ କେତେଜଣଙ୍କୁ ଛାଡ଼ିଛନ୍ତି ସେମାନଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିନାହିଁ। ସୁକ୍‌ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଛି। ତେବେ ମାଓବାଦୀମାନେ ଏକ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି, ପୋଲିସକୁ ଯଦି ମାଓବାଦୀଙ୍କ ସମ୍ବନ୍ଧରେ କିଛି ସୂଚନା ଦେବେ ସେମାନଙ୍କୁ ଏହିଭଳି ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ଦିଆଯିବ ।

# ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

**କଟକ,୨୯।୬ (କାର୍ତ୍ତିକ ସାହୁ)**

## ବାହାନଗା ଟ୍ରେନ୍ ଦୁର୍ଘଟଣା

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ରାଜ୍ୟ ଜମୁଇ ବାସିନ୍ଦା ମନୀଷ କୁମାର(୨୪)। ସେ ଗତ ୩ ତାରିଖରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁର ୧୫ ନମ୍ବର ବେଡ୍‌ରେ ରଖି ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ପ୍ରାୟ ସାଢେ ୧ଟାରେ ତାଙ୍କର ମୃତ୍ୟୁ ଘଟିଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଏସ୍‌ସିବିରେ ରେଳ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ଅପରପକ୍ଷରେ ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୨୯୩ ହୋଇଛି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୩ ତାରିଖରେ ବିହାର ମୋତିହାରିର ବିଜୟ ପାଶୱାନ, ୧୬ ତାରିଖରେ ବିହାର ଗୋପାଳଗଞ୍ଜ ବାସିନ୍ଦା ପ୍ରକାଶ ରାମ, ୧୭ରେ ବିହାର ବାସିନ୍ଦା ସୋହିମ ମନସୁର୍ ଓ ୧୮ ତାରିଖରେ ବିହାର ଯାତ୍ରୀ ପାଲଟୁ ନକସର(୨୬)ଙ୍କ ମୃତ୍ୟୁ ଘଟିଥିଲା। ତେବେ ମୃତଦେହଗୁଡ଼ିକୁ ପ୍ରଶାସନ ପକ୍ଷରୁ ସେମାନଙ୍କ ଘରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଆସୁଛି।

# ଓବିସି/ଏସ୍‌ଇବିସି ବର୍ଗଙ୍କ ଚାକିରି ସଂରକ୍ଷଣରେ ଅବହେଳା

**ଭୁବନେଶ୍ୱର, ୨୯।୬(ସୁନିତ୍ ମିଶ୍ର)**

## ପଛୁଆ ବର୍ଗ ଜାତୀୟ କମିଶନର ଅଧ୍ୟକ୍ଷଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଗୁରୁବାର ପଛୁଆ ବର୍ଗ ଜାତୀୟ କମିଶନର ଅଧ୍ୟକ୍ଷ ହଂସରାଜ ଗଙ୍ଗରାମ ଅହିରଙ୍କୁ ଚିଠି ଲେଖିଛନ୍ତି। ଜେନା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା ସରକାର ଜାଣିଶୁଣି ଓବିସି ଏବଂ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ ଦେବାରେ ଚରମ ଅବହେଳା କରିଆସୁଛନ୍ତି। ଓଡ଼ିଶାରେ ଏହି ବର୍ଗର ମୋଟ୍ ୫୪ପ୍ରତିଶତ ଲୋକ ବସବାସ କରୁଥିବା ବେଳେ ସେମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଶୂନ ପ୍ରତିଶତ ସଂରକ୍ଷଣ ମିଳୁଛି। କେନ୍ଦ୍ର ସରକାର ୨୦୦୫ରେ ପ୍ରକାଶ କରିଥିବା ବିଜ୍ଞପ୍ତି ଅନୁଯାୟୀ ଓବିସି ବର୍ଗକୁ ୨୭ ପ୍ରତିଶତ ସଂରକ୍ଷଣ ଦେବା ଲାଗି କୁହାଯାଇଥିଲା। ଏପରି କି ସବୁ ରାଜ୍ୟରେ ଓବିସି ବର୍ଗଙ୍କ ଲାଗି ସରକାରୀ ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନରେ ୧୧.୨୫ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଛି। ହେଲେ ଆର୍ଥିକ ଦୁର୍ବଳ ଶ୍ରେଣୀ(ଇଡବ୍ଲ୍ୟୁଏସ୍)ରେ ସାଧାରଣ ବର୍ଗକୁ ୧୦ ପ୍ରତିଶତ ସଂରକ୍ଷଣ ଦିଆଯାଉଛି। ଓଡ଼ିଶାରେ ସାଧାରଣ ବର୍ଗଙ୍କ ସଂଖ୍ୟା ମୋଟ ୬ ପ୍ରତିଶତ ରହିଥିବାବେଳେ ୧୦ପ୍ରତିଶତ ସଂରକ୍ଷଣ ଦିଆଯାଇ ଓବିସିମାନଙ୍କ ପ୍ରତି ଅବହେଳା କରାଯାଉଛି। ରାଜ୍ୟ ସରକାର ମଧ୍ୟ ଏହି ନିୟମ ପରିବର୍ତ୍ତନ କରୁନାହାନ୍ତି। ତେଣୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ୫୪ ପ୍ରତିଶତ ସ୍ଥାନରେ ଅତିକମ୍‌ରେ ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରୁ ପ୍ରଦାନ କରିବା ଜରୁରୀ ବୋଲି ଶ୍ରୀକାନ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।




STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

SPOT ADMISSION
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years (For Degree) 04 Years (For Honors Degree) | 10+2 pass or equivalent with English one of the subjects (45% marks for Gen/OBC & 40% marks for SC & ST candidates) | No Age Limit |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

“ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। –ଶ୍ରୀମା

# ଏଆଇ ଓ ଆର୍ଥିକ ସୂଚନା



ଡାରୋନ୍ ଆକେମୋଗ୍ଲୁ

୧୯୪୪ର ବିବାଦୀୟ ତଥା ପ୍ରଭାବଶାଳୀ ପୁସ୍ତକ ‘ଦାସତ୍ୱର ମାର୍ଗ’ ପାଇଁ ଫ୍ରିଡ୍‌ରିକ ଭନ୍ ହାୟକ ବେଶ୍ ଜଣାଶୁଣା। କିନ୍ତୁ ଅର୍ଥନୀତିରେ ତାଙ୍କର ସବୁଠୁ ପ୍ରଶଂସନୀୟ କାର୍ଯ୍ୟ ହେଉଛି ଏକ ଛୋଟ ପ୍ରବନ୍ଧ। ତାହାର ନାମ ‘ଦି ୟୁଜ୍ ଅଫ୍ ନଲେଜ ଇନ୍ ସୋସାଇଟି’ ବା ‘ସମାଜରେ ସୂଚନା ବା ତଥ୍ୟର ଉପଯୋଗ’। ପସନ୍ଦ, ପ୍ରାଥମିକତା ଏବଂ ଉତ୍ପାଦକତା ଭଳି ଆର୍ଥିକ ମୌଳିକ ସିଦ୍ଧାନ୍ତ ସମ୍ପର୍କିତ ବିକ୍ଷିପ୍ତ ତଥ୍ୟଗୁଡ଼ିକୁ କିଭଳି ହାସଲକରି ତାହାକୁ ବ୍ୟବହାର କରାଯାଇପାରିବ, ତାହା ଉକ୍ତ ପ୍ରବନ୍ଧରେ ଦର୍ଶାଯାଇଛି। ଉକ୍ତ ପ୍ରବନ୍ଧ ସେଣ୍ଟ୍ରାଲ ପ୍ଲାନିଂ (କେନ୍ଦ୍ରୀୟ କ୍ଷମତା କିମ୍ବା ସରକାର ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିଷ୍ପତ୍ତି ନେବା ପ୍ରକ୍ରିୟା) ସମ୍ପର୍କରେ ଏକ ସଶକ୍ତ ସମୀକ୍ଷା ବିକାଶ କରିଛି। ଏହା ଯୁକ୍ତି ବାଢ଼ିଛି ଯେ, କୌଣସି କେନ୍ଦ୍ରୀକୃତ ପ୍ରାଧିକରଣ ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ କରିପାରୁନାହିଁ। ବିକ୍ଷିପ୍ତ ଭାବେ ଥିବା ଅସମ୍ପୂର୍ଣ୍ଣ ତଥା ଅଲଗା ଅଲଗା ଭାବେ ସମସ୍ତଙ୍କ ପାଖରେ ଥିବା ବିରୋଧାଭାସୀ ସୂଚନାକୁ ବି ବିକାଶ କରିପାରୁନାହିଁ। ଅନେକ ଲକ୍ଷ ଉତ୍ପାଦ ମଧ୍ୟରେ ବ୍ୟକ୍ତିଗତ ପସନ୍ଦ ନ ଜାଣିଲେ ମଧ୍ୟ ଅଧିକାଂଶ ଉତ୍ପାଦକତା ଓ ସୃଜନତାରେ ସେମାନଙ୍କ ଜ୍ଞାନକୁ କେମିତି ବ୍ୟବହାର କରାଯାଇପାରିବ ସେ କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନାକାରୀମାନଙ୍କୁ ବିଫଳ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ମାର୍କେଟ ଅର୍ଥ ବ୍ୟବସ୍ଥାଗୁଡ଼ିକ ଏଭଳି ତଥ୍ୟ ବା ସୂଚନାକୁ ଦକ୍ଷ ଏବଂ ପ୍ରଭାବୀଶୈଳୀରେ ବିକାଶକରି ଏକତ୍ରିତ କରିପାରୁଛି। ପ୍ରାଇସ ସିଗ୍‌ନାଲ ବା ମୂଲ୍ୟ ସଙ୍କେତ ମାର୍କେଟ ସହଭାଗୀଙ୍କ ପସନ୍ଦ ଓ ପ୍ରାଥମିକତା ସମ୍ପର୍କିତ ତଥ୍ୟ ସରଳରେ ପହଞ୍ଚାଇଦିଏ। ଦୃଷ୍ଟାନ୍ତ ଭାବେ ହାୟକ ଦର୍ଶାନ୍ତି ଯେ, ଟିନ୍ (ଟିଣ) ଦୁର୍ଲଭ ହୋଇଗଲେ ଏହାର ମୂଲ୍ୟ ବଢ଼େ ଏବଂ ଟିନ୍ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତି ଜାଣିବା ଦରକାର ଯେ, ଟିନ୍ ଅନ୍ୟତ୍ର ଅଧିକ ଲାଭପ୍ରଦ ରୂପେ ବ୍ୟବହୃତ ହୋଇଛି । ପରିଣାମ ସ୍ୱରୂପ ସେମାନେ ଟିନ୍‌ରୁ ଅଧିକରୁ ଅଧିକ ଲାଭ ଉଠାଇବା ନିଶ୍ଚିତ ହୋଇଛି। ହାୟକ ଯୁକ୍ତି ବାଢ଼ନ୍ତି ,ମାର୍କେଟ ବ୍ୟବସ୍ଥା ଏ ବାବଦରେ ନୂଆ, ଭଲ ତଥା ଉପଯୋଗୀ ମୂଲ୍ୟ ସଙ୍କେତ ସନ୍ଧାନ କରି ସୃଷ୍ଟି କରିପାରିବ।

ସେଣ୍ଟ୍ରାଲ ପ୍ଲାନିଂର ତଥ୍ୟ ଆଧାରିତ ସମୀକ୍ଷା ପ୍ରଦାନ ପାଇଁ ହାୟକ ବେଶ୍ ଜଣାଶୁଣା। ଅଧିକ ବ୍ୟାପକ ବିକେନ୍ଦ୍ରୀକରଣର ଆହ୍ୱାନ ଭାବେ ତାଙ୍କ ଯୁକ୍ତି ଭଲକରି ବୁଝିହୁଏ ଓ ଗ୍ରହଣୀୟ ମଧ୍ୟ। ସେ ଉଲ୍ଲେଖ କରିଛନ୍ତି , ମୁଖ୍ୟତଃ ଏବକାର ପରିବର୍ତ୍ତନ ସହ ଖାପଖୁଆଇ ଚାଲିବା ଦ୍ୱାରା ସମାଜର ଆର୍ଥିକ ସମସ୍ୟା ଦେଖାଯାଉଛି ବୋଲି ଯଦି ଆମେ ସ୍ୱୀକାର କରିବା , ତେବେ ଯେଉଁମାନେ ଏହି ପରିସ୍ଥିତି ସହ ଅଭ୍ୟସ୍ତ ସେମାନଙ୍କ ଉପରେ ଆମେ ଅନ୍ତିମ ନିଷ୍ପତ୍ତି ଛାଡ଼ିଦେବା ଉଚିତ। ଶେଷରେ ହାୟକ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ବିକେନ୍ଦ୍ରୀକରଣର କିଛି ଢାଞ୍ଚା ବିଶେଷକରି ମାର୍କେଟ ଅର୍ଥ ବ୍ୟବସ୍ଥା ଏବଂ ମୂଲ୍ୟ ବ୍ୟବସ୍ଥା ଦ୍ୱାରା ଆମେ ସମସ୍ୟାଗୁଡ଼ିକୁ ସମାଧାନ କରିବା ଦରକାର।

ଅନେକ ଦଶନ୍ଧି ଧରି ସମସ୍ତ ପ୍ରକାର ନୀତିନିୟମ ରଦ୍ଦ କରିବା ପାଇଁ ହାୟକଙ୍କ ଯୁକ୍ତି ଏକ ଆଧାର ହୋଇଆସିଛି। ଆର୍ଥିକ କାର୍ଯ୍ୟକଳାପ(ଯଥା ନୂଆ ଉତ୍ପାଦ ରିଲିଜ୍‌ର ସଞ୍ଚାଳନ ପାଇଁ ପଦକ୍ଷେପ) କିମ୍ବା ମୂଲ୍ୟର ଯେ କୌଣସି ନିୟମ ଯଦି ମୂଲ୍ୟ ବ୍ୟବସ୍ଥାର କାର୍ଯ୍ୟକାରିତାରେ ବାଧା ଆଣେ ତେବେ ସେସବୁ ସବୁବେଳେ ପରିବର୍ତ୍ତନଶୀଳ ପୃଥିବୀରେ ଅନୁକୂଳ ଏବଂ ଗ୍ରହଣୀୟ ବିକେନ୍ଦ୍ରୀକୃତ ପ୍ରକ୍ରିୟାକୁ କ୍ଷତି କରିବ। କିନ୍ତୁ ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମୁଖ୍ୟତଃ ଜେନେରେଟିଭ ଏଆଇ ମଡେଲଗୁଡ଼ିକ ପୂର୍ବରୁ ଥିବା ପ୍ରଚୁର ତଥ୍ୟକୁ ଅନେକ ଶହ କୋଟି ମାନଦଣ୍ଡ ମାଧ୍ୟମରେ ଏନ୍‌କୋଡ୍ କରୁଛି। ଏହାସହ ସେସବୁର ପ୍ରକ୍ରିୟାକରଣ, ବିକାଶ ଓ ପ୍ରୟୋଗ କରୁଛି। ତେବେ ଏହା ହାୟକଙ୍କ ଯୁକ୍ତି ପ୍ରତି ଦୁଇଟି ଆହ୍ୱାନ ସୃଷ୍ଟି କରୁଛି। ପ୍ରଥମରେ, ବ୍ୟାପକ ସ୍ତରରେ ସୂଚନା ସଂଗ୍ରହ, ସଞ୍ଚାଳନ ଓ ଉପସ୍ଥାପନ କରିବାରେ ଏଆଇର ଦକ୍ଷତାକୁ ଦେଖିଲେ ଏବକାର ମାର୍କେଟ ବ୍ୟବସ୍ଥାଠାରୁ ସେଣ୍ଟ୍ରାଲ ପ୍ଲାନିଂକୁ ଅଧିକ ପ୍ରଭାବୀ କରିପାରିବ କି ନାହିଁ ତାହାକୁ ନେଇ ଜଣେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏଆଇ ସୋସିଆଲିଜମ୍ ବା ଏଆଇ ସମାଜବାଦ (କିମ୍ବା ସ୍ୱଚାଳିତ ବିଳାସମୟ ସାମ୍ୟବାଦ)କୁ ନେଇ କିଛି ଆଶା ରହିଛି। ଶ୍ରେଷ୍ଠ ତଥା ମନେକରାଯାଉଥିବା ପରୋପକାରୀ ଆର୍ଥିକ ଆବଣ୍ଟନଗୁଡ଼ିକ ନିର୍ଦ୍ଧାରଣ କରିବା ପାଇଁ କେନ୍ଦ୍ରୀୟ ଯୋଜନାକାରୀଙ୍କୁ ଏଆଇ ପଥ ଦେଖାଇବ। କିନ୍ତୁ ଏଆଇ ସମାଜବାଦ ହେଉଛି ଏକ କୌତୂହଳପ୍ରଦ ଚିନ୍ତନର ପ୍ରୟୋଗ, ଯାହା କେବଳ ହାୟକଙ୍କ ସମୀକ୍ଷାକୁ ସମ୍ୟକ୍ ପ୍ରସ୍ତୁତ କରିଦେବ । ଏପରିକି ମାର୍କେଟ ଅର୍ଥ ବ୍ୟବସ୍ଥା ତଥ୍ୟ ସଂଗ୍ରହ ଓ ସମସ୍ତ ଗଣନା କ୍ଷେତ୍ରରେ ଯାହା କରିସାରିଲାଣି ଏଆଇ ଯଦି ତାହାସବୁ କରିବ, ତେବେ ଏକ ସେଣ୍ଟ୍ରାଲ ଅଥରିଟି ହାତରେ କ୍ଷମତାର କେନ୍ଦ୍ରୀକରଣ ଚିନ୍ତାର କାରଣ ହେବ।

୧୯୩୦ ଦଶନ୍ଧିର ପ୍ରାରମ୍ଭରେ ଦୁର୍ଭିକ୍ଷରେ ୫୦ ଲକ୍ଷ ୟୁକ୍ରେନୀୟଙ୍କର ମୃତ୍ୟୁ ଘଟିଥିଲା। ଏହା ଆବଶ୍ୟକ ଆବଣ୍ଟନ ଆକଳନରେ ଷ୍ଟାଲିନ୍‌ଙ୍କ ବିଫଳତା ଯୋଗୁ ହୋଇ ନ ଥିଲା। ଅପରପଟେ ତାଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ଥିଲା ଏବଂ ବିଭିନ୍ନ ଅଞ୍ଚଳରୁ ଯେତେ ପାରେ ସେତେ ସମ୍ଭବ ଶସ୍ୟ ସଂଗ୍ରହ କରିବା ପାଇଁ ଏହାକୁ ଉପଯୋଗ କରିଥିଲେ। ସେଣ୍ଟ୍ରାଲ ପ୍ଲାନିଂ ଉପରେ ହାୟକଙ୍କ ସମୀକ୍ଷାର ପରିବର୍ତ୍ତନ ସହ ଖାପଖୁଆଇବା ଉପରେ ଧ୍ୟାନ ରହିଛି ଏବଂ ସେଥିପାଇଁ ଏହା ଅଧିକରୁ ଅଧିକ ତଥ୍ୟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଛି। ହାୟକ ଉଲ୍ଲେଖ କରିଛନ୍ତି, ସେ ଯେଉଁ ପ୍ରକାର ତଥ୍ୟ ଉପରେ ଧ୍ୟାନ ଦେଇଛନ୍ତି, ତାହା ସେହି ପ୍ରକାର ତଥ୍ୟ, ଯାହା ବାସ୍ତବରେ ପରିସଂଖ୍ୟାନରେ ପ୍ରବେଶ କରିପାରିବ ନାହିଁ। ପରିଣାମ ସ୍ୱରୂପ, ସବୁ ଶକ୍ତିଶାଳୀ ଲାର୍ଜ ଲାଙ୍ଗୁଏଜ୍ ମଡେଲ (ଏଲ୍ଏଲ୍ଏମ୍) ବିକ୍ଷିପ୍ତ ତଥ୍ୟର ବାସ୍ତବତା ସହ କାର୍ଯ୍ୟ କରିପାରିଲା ନାହିଁ।

ହାୟକଙ୍କ ମତରେ ଏଆଇର ଏକ ଦ୍ୱିତୀୟ ଓ ଗମ୍ଭୀର ଆହ୍ୱାନ ଅଛି। ଚାଟ୍‌ଜିପିଟି -୪ ଭଳି ଜେନେରେଟିଭ ଏଆଇ ଯୁଗରେ ମାର୍କେଟଗୁଡ଼ିକ ତଥ୍ୟର ବିକେନ୍ଦ୍ରୀକୃତ ଉପଯୋଗକୁ ସଞ୍ଚାଳନ କରିବ ବୋଲି ଆମେ ବିଶ୍ୱାସ କରିବା କି ? ଆଲ୍‌ଫାବେଟ (ଗୁଗଲ) ଏବଂ ମାଇକ୍ରୋସଫ୍ଟ ନେତୃତ୍ୱରେ ହୋଇଥିବା ଜ୍ଞାନକୌଶଳର ବିକାଶ କେନ୍ଦ୍ରୀକୃତ ତଥ୍ୟ କିମ୍ବା ସୂଚନା ବିଜ୍‌ନେସ୍‌ରେ ଅଧିକ ଉପଯୋଗ ହେଉଛି। ଏହି ଦୁଇ ବୃହତ୍ କର୍ପୋରେଟଙ୍କ ସହ ଅନ୍ୟ କମ୍ପାନୀଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଏଲ୍ଏଲ୍ଏମ୍ ପାଇଁ ଉଚ୍ଚସ୍ତରର କେନ୍ଦ୍ରୀକରଣ ଆବଶ୍ୟକ ହୋଇପାରେ ଓ ସମାନ ପ୍ରକାର ମଡେଲରୁ ମାନବତାର ଏକ ସିଂହଭାଗ ତଥ୍ୟ ପାଇବା ଭଳି ଏକ ସ୍ଥିତି ପରିକଳ୍ପନା କରିବା ସହଜ ହେବ । ଚାଇନାର କମ୍ୟୁନିଷ୍ଟ ପାର୍ଟି ଯେଭଳି ତଥ୍ୟ ନିୟନ୍ତ୍ରଣ କରିଛି ମାଇକ୍ରୋସଫ୍ଟ ଓ ଗୁଗଲ ସେଭଳି କରୁନାହାନ୍ତି। ବିକେନ୍ଦ୍ରୀକରଣର ଏବେ ସୁଦ୍ଧା ଆବଶ୍ୟକତା ଓ ଆକର୍ଷଣ ଅଛି। କିନ୍ତୁ ଏହାକୁ ନୂଆ ଏଆଇ ଯୁଗରେ ପାଳନ କରିବା ପାଇଁ ଆମକୁ ନିୟମ ମୁତାବକ ସବୁଦିଗରୁ ହାୟକଙ୍କ ଯୁକ୍ତି ଆଡ଼କୁ ନଜର ପକାଇବାକୁ ପଡ଼ିପାରେ।

**ପ୍ରାଧ୍ୟାପକ, ଅର୍ଥନୀତି ( ଏମ୍ଆଇଟି)**



# ରୋଷଘର ଓ କୋଠଭୋଗ



ଡ. ରାଜକିଶୋର ମିଶ୍ର

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର। ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୈର୍ଘ୍ୟ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ। ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ। ୬୦୦ରୁ ଅଧିକ ସୁଆର ଓ ସେମାନଙ୍କର ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି। ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ, ପିଠାଚୁଲି ନାମରେ ପରିଚିତ। ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି। କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର। ରୋଷଶାଳା ଚଟାଣ ଉପରେ ପ୍ରାୟ ୪ ଫୁଟ ଉଚ୍ଚ ଓ ୨ ଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି। ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ। ସବୁଠାରୁ ଅଧିକା ରହିଛି ଅନ୍ନଚୁଲି (ଏକଶହରୁ ଊର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କାନିକା ପ୍ରଭୃତି ରନ୍ଧାଯାଏ। ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ। ଡାଲି, ତରକାରି, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି। କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ। କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍ ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ। ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା’ ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ। ରୋଷଘର ଦ୍ୱାରରେ ପୁଣି ରୋଷଗଣେଶଙ୍କର ଆସ୍ଥାନ। ସୁଆରମାନେ ତାଙ୍କ ସେବାରେ ନିୟୋଜିତ। କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ। କୋଠଭୋଗ ପାଇଁ ଏକ ‘ସରଘର’ ରହିଛି, ଯେଉଁଠାରେ କି କୋଠଭୋଗ ‘ଅମୁଣିଆ’ (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନ ଥିବା) ରଖାଯାଏ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି। ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି। ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତିବହୁଳ ମନ୍ଦିର ନାହିଁ, ଯାହାକି ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ। ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ। ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ–୫୮ କି.ଗ୍ରା. ୮୪୦ ଗ୍ରାମ୍, ତୂନା ଚାଉଳ–୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ–୭ କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ – ୫୦ଗ୍ରାମ୍, ବିରି–୧୮କି.ଗ୍ରା, ଓମ୍‌ଫେଡ୍ ଘିଅ – ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ – ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି – ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା – ୨୫ କି.ଗ୍ରା, ସୁଜି–୬୦୦ ଗ୍ରାମ୍, ବେସନ – ୩୦୦ଗ୍ରାମ୍, ଜୀରା – ୧୫୦ ଗ୍ରାମ୍, ମରିଚ–୭୫ ଗ୍ରାମ୍, ଅଳେଇଚ – ୧୧୫ ଗ୍ରାମ୍, ଲୁଣ – ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ – ୫୦ ଗ୍ରାମ୍, ହଳଦୀ– ୫୦ ଗ୍ରାମ୍, ମଧୁରୀ – ୭୫ ଗ୍ରାମ୍, ହରଡ଼ଡାଲି – ୧କି.ଗ୍ରା., ଡାଲଚିନି – ୫୦ ଗ୍ରାମ୍, ଲବଙ୍ଗ – ୧୦ଗ୍ରାମ୍, ହେଙ୍ଗୁ – ୧୦ ଗ୍ରାମ୍, ଜାଇଫଳ – ୧୨ ଗ୍ରାମ୍, ଲିଆ – ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) – ୧୨ଟା, କୋଠଭୋଗ (ନଡ଼ିଆ) – ୪ଟା, ପରିବା ମଧ୍ୟରେ କଖାରୁ – ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ – ୨ କି.ଗ୍ରା., ପୋଟଳ – ୨୫୦ ଗ୍ରାମ୍, ଅଦା – ୩୦୦ ଗ୍ରାମ୍, ଦେଶୀଆଳୁ – ୨୫୦ ଗ୍ରାମ୍, କଦଳୀ– ୧୨ଟା, ଶାଗ – ୨ ବିଡ଼ା, ତେନ୍ତୁଳି – ୧୦୦ ଗ୍ରାମ୍।

ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତିରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ – ୪୦ଟି, ଅଙ୍ଗବାସ ଓଳି – ୧୯୫ଟି, ତାଡ଼–୬ଟି, ଟିପେଇ ହାଣ୍ଡି – ୨୧ଟି, ପାହାନ୍ତି – ୨ଟି, ଅଧା – ୧ଟି, ସାନ ପୁଳି – ୮୧ଟି, ପୁଳିସରା – ୨୪ଟି, ପାଳିସରା – ୬୦ଟି, ବଡ଼ା – ୬୦ଟି, କଟାସରା – ୧୪ଟି, ନମାଳି – ୨୪ଟି। ପ୍ରତ୍ୟହ ତଥା ବିଶେଷ ପର୍ବପର୍ବାଣି ଦିନଗୁଡ଼ିକରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆରମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟିପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି, ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି।

ମୋ : ୭୦୦୮୧୮୧୮୨୦

## ଏଇ ଭାରତରେ

ଶ୍ରେୟାଂଶ ଭଣ୍ଡାରି ଏବଂ ରମେଶ ଧାମି ପୁରୁଣା ଜୋତାକୁ ଅପ୍‌ସାଇକେଲ କରି ସେଗୁଡ଼ିକୁ ପିଲାଙ୍କୁ ଦାନ କରୁଛନ୍ତି। ଏଥିପାଇଁ ଏହି ଦୁଇ ବନ୍ଧୁ ୨୦୧୩ରେ ‘ଗ୍ରୀନ୍ ସୋଲ’ ଷ୍ଟାର୍ଟଅପ୍ ଆରମ୍ଭ କରି ପୁରୁଣା ଜୋତା ଅପ୍‌ସାଇକେଲ କରିଥିଲେ। ଶ୍ରେୟାଂଶ ଓ ରମେଶ ଜୋତାଗୁଡ଼ିକୁ ଅପ୍‌ସାଇକେଲ କରିବା ପରେ ପ୍ରଥମେ ତାହାକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଖାଲି ପାଦରେ ପିଲା ସ୍କୁଲ ଯାଉଥିବା ଦେଖି ସେମାନଙ୍କ ପାଇଁ ଜୋତା ତିଆରି କରିବାକୁ ଚାହିଁଥିଲେ। ସେମାନେ ବିଭିନ୍ନ ସ୍ଥାନରୁ ପୁରୁଣା ଜୋତା ସଂଗ୍ରହ କରିବା ପରେ ଅନେକ ପ୍ରକ୍ରିୟାରେ ତାହାକୁ ଅପ୍‌ସାଇକେଲ କରୁଛନ୍ତି। ଏଥିପାଇଁ ଏହି ଦୁଇ ବନ୍ଧୁ ଅହମଦାବାଦର ଏଣ୍ଟରପ୍ରିନ୍ୟୁୟରଶିପ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆରେ ପ୍ରଶିକ୍ଷଣ ନେଇଛନ୍ତି। ଜୋତା ତିଆରି ପ୍ରକ୍ରିୟାରେ କମ୍ କାର୍ବନ ନିର୍ଗମନ ହେଉଛି। ସେମାନେ ଏବେ ସୁଦ୍ଧା ୫,୮୦,୦୦୦ ଜୋତା ଅପ୍‌ସାଇକେଲ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜୁନ୍ ୧୯୯୮

- ଏକ ଦୁର୍ନୀତି ମାମଲାରେ ଅଭିଯୁକ୍ତ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ଅଧ୍ୟକ୍ଷା ବେଗମ ଖାଲେଦା ଜିଆଙ୍କୁ ଜିଲା ତଥା ଦୌରା ବିଚାରପତିଙ୍କ ଜାମିନ ପ୍ରଦାନ।
- ଦିଲ୍ଲୀକୁ ପୂର୍ଣ୍ଣାଙ୍ଗ ରାଜ୍ୟପାହ୍ୟା ଓ ୩ ନୂତନ ରାଜ୍ୟ ଗଠନ ପାଇଁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି।
- ଆସାମର ଉତ୍ତର ଲକ୍ଷ୍ମୀପୁର ଜିଲାରେ ବନ୍ୟା ଯୋଗୁ ୧୩ ଜଣଙ୍କ ପ୍ରାଣହାନି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 4 | | | | | | 9 |
| | | | | 3 | | | 2 | |
| 7 | | | | | | 5 | 8 | 1 |
| | 7 | | | | | | | |
| 9 | | 6 | | | | | | 3 |
| | 5 | | 8 | | | | 4 | |
| | 4 | | | | | | | |
| 8 | 3 | | 9 | | 5 | | | 6 |
| | | | | | 2 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 3 | 5 | 9 | 8 | 7 | 1 | 4 |
| 8 | 4 | 9 | 7 | 2 | 1 | 6 | 3 | 5 |
| 5 | 7 | 1 | 3 | 6 | 4 | 9 | 8 | 2 |
| 1 | 6 | 8 | 2 | 4 | 9 | 5 | 7 | 3 |
| 9 | 5 | 7 | 8 | 1 | 3 | 2 | 4 | 6 |
| 2 | 3 | 4 | 6 | 5 | 7 | 8 | 9 | 1 |
| 7 | 9 | 2 | 4 | 3 | 6 | 1 | 5 | 8 |
| 3 | 1 | 5 | 9 | 8 | 2 | 4 | 6 | 7 |
| 4 | 8 | 6 | 1 | 7 | 5 | 3 | 2 | 9 |

ଗତକାଲିର ଉତ୍ତର

# କୁମ୍ଭୀର ଆକ୍ରମଣ ଭୟ



ଡ. ସୁଧାକର କର

ବର୍ଷାଦିନ ସହିତ ନଦୀରେ ବଢ଼ି ଆସିଲେ କୁମ୍ଭୀର ଆକ୍ରମଣର ଆଶଙ୍କା ଓ ଭୟ ଥାଏ, ଯାହାକି ଚିନ୍ତାର ବିଷୟ। ଏଥିପାଇଁ ନଦୀକୂଳରେ ବାସ କରୁଥିବା ଅଧିବାସୀ ଏବଂ ବନ୍ୟପ୍ରାଣୀ ସଂସ୍ଥା ଖୁବ୍ ସତର୍କତା ଅବଲମ୍ବନ କରିବା ଉଚିତ। ୧୪ ଜୁନ୍ ୨୦୨୩ରେ ଏକ ଖବରକାଗଜରେ ‘‘ବ୍ରାହ୍ମଣୀରେ ଅଭାବନୀୟ ଘଟଣା: ମା’ ହାତରୁ ପୁଅକୁ ଟାଣିନେଲା କୁମ୍ଭୀର’’ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଉକ୍ତ ଲେଖାଟିକୁ ପଢ଼ିଲି। ଏଥିସହିତ ଅନ୍ୟାନ୍ୟ ପ୍ରିଣ୍ଟ ତଥା ଇଲେକ୍ଟ୍ରୋନିକ ମିଡିଆରେ ଏହି ଖବର ମଧ୍ୟ ପ୍ରଚାର ହେଲା। ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗାଁର ୧୦ ବର୍ଷର ବାଳକ ଆଶୁତୋଷ ଆଚାର୍ଯ୍ୟ ମା’ ସହିତ ବ୍ରାହ୍ମଣୀ ନଦୀରେ ଗାଧୋଇବା ସମୟରେ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଲା। ଏହା ଖୁବ୍ ଦୁଃଖଦ ଘଟଣା, ଯାହାକି ଆମ ସମସ୍ତଙ୍କୁ ବ୍ୟଥିତ ଓ ମର୍ମାହତ କରିଛି।

ବ୍ରାହ୍ମଣୀ–ଖରସ୍ରୋତା ଏବଂ ବୈତରଣୀ ନଦୀଗୁଡ଼ିକର ତଳମୁଣ୍ଡ କେନ୍ଦ୍ରାପଡ଼ା ଜିଲା ଭିତରକନିକା ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ହୋଇ ଶେଷରେ ବଙ୍ଗୋପସାଗର ଜଳରାଶିରେ ମିଶିଛି। ଏହି ନଦୀଗୁଡ଼ିକରୁ ଅନେକ ଛୋଟବଡ଼ ଶାଖା ନଦୀ–ନାଳ ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ହେବା ଦ୍ୱାରା ଘଞ୍ଚ ଲୁଣା ଜଙ୍ଗଲର ସୃଷ୍ଟି ହୋଇଛି, ଯାହାଫଳରେ ଏହି ଅଞ୍ଚଳଟି ବଉଳା କୁମ୍ଭୀରମାନଙ୍କର ରହିବା ଏବଂ ବଂଶ ବୃଦ୍ଧି କରିବା ପାଇଁ ଏକ ଉପଯୁକ୍ତ ବାସସ୍ଥଳୀ ରୂପେ ପରିଗଣିତ ହୋଇଛି। ଏହି ଜୁଆରିଆ ନଦୀ–ନାଳ ସହିତ ଲୁଣା ଜଙ୍ଗଲରେ ଜାତିଜାତିକା ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ି ମିଳନ୍ତି। ଫଳରେ କୁମ୍ଭୀରଙ୍କର ଖାଦ୍ୟାଭାବ ହୁଏ ନାହିଁ। କୁମ୍ଭୀର ଅଳ୍ପାହାରୀ ସରୀସୃପ ଜାତୀୟ ଜୀବ। ଥରେ ଖାଇଲେ ୪–୫ଦିନ ପର୍ଯ୍ୟନ୍ତ ଖାଆନ୍ତି ନାହିଁ ଏବଂ ଯଦି ଖାଦ୍ୟ ନ ମିଳେ, ଏମାନେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବଞ୍ଚିବାର ମଧ୍ୟ ନଜିର ଅଛି।

ଏହା ସତ୍ୟ ଯେ, ଭିତରକନିକାରେ ୧୯୭୫ ମସିହା ମଧ୍ୟଭାଗରୁ କାର୍ଯ୍ୟକାରୀ ହେଉଥିବା ସଂରକ୍ଷଣ ଓ ଗବେଷଣା ଖୁବ୍ ସଫଳ ହୋଇ ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। କିନ୍ତୁ ଭିତରକନିକା ନଦୀ–ନାଳରେ କୁମ୍ଭୀର ସଂଖ୍ୟା ଏପରି ବୃଦ୍ଧି ପାଇ ନାହିଁ, ଯାହାଫଳରେ ତାଙ୍କ ପାଇଁ ଖାଦ୍ୟର ଅଭାବ ହେବ। ଭିତରକନିକା ନଦୀ–ନାଳରେ ପ୍ରାପ୍ତ ବୟସ୍କ ମାଈ ଏବଂ ଅଣ୍ଡିରା କୁମ୍ଭୀର ପ୍ରାୟ ୩୦୦ ଅଛନ୍ତି। ଏଥିମଧ୍ୟରୁ ଜାତୀୟ ଉଦ୍ୟାନର ନଦୀ–ନାଳରେ ୯୦ ଭାଗରୁ ଊର୍ଦ୍ଧ୍ୱ କୁମ୍ଭୀର ଥିବାବେଳେ ୧୦ ଭାଗରୁ କମ୍ କୁମ୍ଭୀର ଜାତୀୟ ଉଦ୍ୟାନ ସୀମା ବାହାରେ କିଛି ଅଭୟାରଣ୍ୟ ମଧ୍ୟରେ ଅଛନ୍ତି। କୁମ୍ଭୀରମାନଙ୍କର ବଂଶବୃଦ୍ଧି ଓ ଖାଦ୍ୟାଭାବ କାରଣରୁ ଭିତରକନିକା ନଦୀ–ନାଳ ଛାଡ଼ି ନଦୀର ଉପରମୁଣ୍ଡକୁ ଏମାନେ ପ୍ରବେଶ କରୁଥିବା ଧାରଣା ଠିକ୍ ନୁହେଁ।

ବର୍ଷାଦିନେ ନଦୀରେ ବଢ଼ି ଆସିଲେ, ନଦୀର ଉପରମୁଣ୍ଡରୁ ପ୍ରଚୁର ମିଠାପାଣି ସମୁଦ୍ରକୁ ପ୍ରବାହିତ ହୁଏ। ଏହି ସମୟରେ ସମୁଦ୍ରରୁ ବହୁତ ମାଛ ନଦୀର ଉପର ମୁଣ୍ଡକୁ ଉଠିଯାଆନ୍ତି। ଏହାର ସୁବିଧା ନେଇ ଅଭୟାରଣ୍ୟ ମଧ୍ୟରେ ଥିବା ଗୋଟିଏ ବା ଦୁଇଟି କୁମ୍ଭୀର ନଦୀ (ବ୍ରାହ୍ମଣୀ–ଖରସ୍ରୋତା, ବୈତରଣୀ)ର ଉପର ମୁଣ୍ଡକୁ ଉଠି ଯାଆନ୍ତି। ମାତ୍ର ଅକ୍ଟୋବରରେ ବଢ଼ିପାଣି କମିବା ପରେ ଜାତୀୟ ଉଦ୍ୟାନରେ ପ୍ରବାହିତ ହେଉଥିବା ନଦୀ–ନାଳକୁ କୁମ୍ଭୀର ପୁଣି ଫେରିଆସିଥାନ୍ତି।



ଯେଉଁସବୁ କାରଣ ଯୋଗୁ କୁମ୍ଭୀର ଆକ୍ରମଣ ଦ୍ୱାରା ଏପରି ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଥାଏ, ସେ ସବୁକୁ ଏଡ଼ାଇବା ପାଇଁ ନଦୀକୂଳରେ ବସବାସ କରୁଥିବା ଅଧିବାସୀ ଏବଂ ବନ୍ୟପ୍ରାଣୀ ବିଭାଗ ଖୁବ୍ ସତର୍କତା ଅବଲମ୍ବନ କରିବା ଉଚିତ। କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇବା ପାଇଁ କେତେକ ଉପାଦେୟ ପରାମର୍ଶ ତଥା ପ୍ରତିଷେଧକମୂଳକ ସତର୍କତା ନିମ୍ନରେ ପ୍ରଦାନ କରାଗଲା: ୧–ଗାଧୋଇବା, ଲୁଗା ସଫା କରିବା, ବାସନ ମାଜିବା ପ୍ରଭୃତି କାର୍ଯ୍ୟ ପାଇଁ ଜୁଆରିଆ ନଦୀ–ନାଳକୁ ପ୍ରବେଶ କରନ୍ତୁ ନାହିଁ। ଗାଁରେ ଥିବା ନଳକୂପ ଏବଂ ପାଇପ ଦ୍ୱାରା ଯୋଗାଯାଇ ଥିବା ପାଣିକୁ ବ୍ୟବହାର କରନ୍ତୁ। ୨–ନଦୀ–ନାଳ କୂଳକୁ ଖୋଲା ଶୌଚାଳୟ ରୂପେ ବ୍ୟବହାର କରନ୍ତୁ ନାହିଁ କିମ୍ବା ନଦୀକୁ ଶୌଚ ହେବାକୁ ଆଦୌ ପଶନ୍ତୁ ନାହିଁ। ୩–ପିଲାମାନଙ୍କୁ ନଦୀ–ନାଳରେ ଗାଧୋଇବା ତଥା ପହଁରିବାକୁ ସମ୍ପୂର୍ଣ୍ଣ ବାରଣ କରନ୍ତୁ। ୪–ରାଜନଗର ବନ୍ୟପ୍ରାଣୀ ବିଭାଗ ଗ୍ରାମକୁ ଲାଗି ବହିଯାଇଥିବା ନଦୀ–ନାଳର ସୁବିଧାଜନକ ସ୍ଥାନରେ ବାଡ଼ଘେରାଇ ବ୍ୟାରିକେଡ୍ ତିଆରି କରିଛନ୍ତି। ଏ ପର୍ଯ୍ୟନ୍ତ ବିଭିନ୍ନ ନଦୀ–ନାଳରେ ଗ୍ରାମବାସୀଙ୍କର ସୁରକ୍ଷିତ ଗାଧୋଇବା ପ୍ରଭୃତି କାର୍ଯ୍ୟ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ବ୍ୟାରିକେଡ୍ ତିଆରି କରିଛନ୍ତି। ଯଦି ଆପଣଙ୍କ ଗ୍ରାମକୁ ଲାଗି ନଦୀ–ନାଳରେ ବ୍ୟାରିକେଡ୍ ନାହିଁ ତୁରନ୍ତ ରାଜନଗର ବନ୍ୟପ୍ରାଣୀ ବିଭାଗକୁ ଯୋଗାଯୋଗ କରନ୍ତୁ। ସରକାରୀ ସ୍ତରରେ ବ୍ୟାରିକେଡ୍ ତିଆରି କରିବା ପାଇଁ ସମୟ ଲାଗୁଛି। ଗ୍ରାମବାସୀ ମିଳିତ ଭାବେ ଶ୍ରମଦାନ କରି ଏକ ଅସ୍ଥାୟୀ ବ୍ୟାରିକେଡ୍ ତିଆରି କରି ବ୍ୟବହାର କରିପାରିବେ। ପୁରୁଣା ବ୍ୟାରିକେଡ୍‌ର ଯଦି ମରାମତି ଦରକାର ପଡ଼େ ତୁରନ୍ତ ରାଜନଗର ବନ୍ୟପ୍ରାଣୀ ଡିଭିଜନ ସହିତ ଯୋଗାଯୋଗ କରନ୍ତୁ। ୫–ସାଧାରଣତଃ କୁମ୍ଭୀରମାନେ କୋଲଟାର ବୋଲା ଯାଇଥିବା କଳାରଙ୍ଗର ଆହୁଲା ମରା ଡଙ୍ଗା–ଡିଙ୍ଗି ପାଖକୁ ଆସନ୍ତି ନାହିଁ। ତେଣୁ ଅନୁଭୂତିରୁ ଆମେ ଡଙ୍ଗା–ଡିଙ୍ଗି ବ୍ୟବହାରକୁ ଖୁବ୍ ଉପଯୋଗୀ ମନେ କରୁଛୁ। ବିନା ଡଙ୍ଗା ବା ଡିଙ୍ଗିରେ ନଦୀ–ନାଳ ଅତିକ୍ରମ କରନ୍ତୁ ନାହିଁ। ୬–ନଦୀକୂଳ ତଥା ନଦୀପଠାକୁ ଗୃହପାଳିତ ପଶୁମାନଙ୍କୁ ଛାଡନ୍ତୁ ନାହିଁ। ଅଥବା ସେମାନଙ୍କୁ ପହଁରାଇ ନଦୀ–ନାଳ ପାର କରନ୍ତୁ ନାହିଁ। ୭– ନଦୀ–ନାଳ ମଧ୍ୟରେ ଜାଲ ବିଛାଇ ମାଛ ଧରିବା ସମୟରେ ଡଙ୍ଗା–ଡିଙ୍ଗିର ବ୍ୟବହାର କରନ୍ତୁ।

ନଦୀ–ନାଳରେ କୁମ୍ଭୀର ଆକ୍ରମଣକୁ ରୋକିବା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପ ଯଥା ନଦୀକୂଳରେ ନୂଆ ବ୍ୟାରିକେଡ୍ ତିଆରି କରିବା, ପୁରୁଣା ବ୍ୟାରିକେଡ୍‌କୁ ବର୍ଷାଦିନ ପୂର୍ବରୁ ମରାମତି କରିବା, ନଦୀ–ନାଳରେ ନିୟମିତ ବ୍ୟବଧାନରେ ପଇଁତରା ମାରି କୁମ୍ଭୀର ଗତିବିଧି ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇବା, ପୁରୁଣା ସାଇନ ବୋର୍ଡ଼କୁ ବଦଳାଇ ନୂତନ ସାଇନବୋର୍ଡ଼କୁ ନଦୀକୂଳ ଗାଁରେ ଲଗାଇବା ପ୍ରଭୃତି ତ୍ୱରାନ୍ୱିତ କରାଯାଉଅଛି। ନଦୀକୂଳିଆ ଗ୍ରାମବାସୀଙ୍କର ପୂର୍ଣ୍ଣ ସହଯୋଗ ଏବଂ ବନବିଭାଗର ନିଷ୍ଠାପର ଉଦ୍ୟମ ଦ୍ୱାରା କୁମ୍ଭୀର ଆକ୍ରମଣ ଭଳି ଦୁଃଖଦ ଘଟଣାକୁ ରୋକାଯାଇପାରିବ।

**ଅବସରପ୍ରାପ୍ତ ଗବେଷଣା ଅଧିକାରୀ (ବନ୍ୟପ୍ରାଣୀ), ଓଡ଼ିଶା ବନ ବିଭାଗ, ଭୁବନେଶ୍ୱର**

## ପାଠକ ଶ୍ରେଷ୍ଠ ବିଚାରକ

### ନିମନ୍ତ୍ରଣପତ୍ର ନିର୍ଭୁଲ୍ ଲେଖାଯାଉ

ମହାଶୟ,

ଆଜିକାଲି ଅନେକ ଲୋକ ନିମନ୍ତ୍ରଣପତ୍ର ଓଡ଼ିଆରେ ଲେଖୁଛନ୍ତି। ଏହା ଅତି ଖୁସିର କଥା। ପ୍ରକୃତରେ ମାତୃଭାଷାକୁ ଭଲ ପାଇବା, ମାତୃଭାଷା ପାଇଁ ଗର୍ବ ଅନୁଭବ କରିବା ଓ ମାତୃଭାଷାକୁ ବ୍ୟବହାର କରିବା ଆମର କର୍ତ୍ତବ୍ୟ। ଏବେ କେତେକ ନିମନ୍ତ୍ରଣପତ୍ରରେ ବନାନ ଓ ବ୍ୟାକରଣଜନିତ ଭୁଲ୍ ଥିବା ଲକ୍ଷ୍ୟ କରାଯାଉଛି। ବ୍ୟବହୃତ ହେଉଥିବା ଅଶୁଦ୍ଧ ଶବ୍ଦଗୁଡ଼ିକର ଉଦାହରଣ ଦିଆଯାଇପାରେ। ସେଗୁଡ଼ିକ ହେଲା ସପରିବାରେ, ସକୁଟୁମ୍ବେ, ସବାନ୍ଧବେ, ଦମ୍ପତ୍ତି, ଆଳତୀ, ଆହୁତୀ, ଈତି, ସମ୍ମାନୀୟ, ଲବ୍‌ଧ ପ୍ରତିଷ୍ଠିତ, ସ୍ୱର୍ଗତଃ, ସୁନାମଧନ୍ୟ, ତ୍ରୁଟୀ, ମାର୍ଜନୀୟ, ଦେବାଦେବୀ, ଅପରାହ୍ନ, ପୂର୍ବାହ୍ନ, ପୌରହିତ୍ୟ, ଧ୍ୟାନ ଓ ସବିନୟ ପୂର୍ବକ । ଏଗୁଡ଼ିକର ଶୁଦ୍ଧରୂପ ହେଲା ଯଥାକ୍ରମେ ସପରିବାର ସକୁଟୁମ୍ବ, ସବାନ୍ଧବ, ଦମ୍ପତି, ଆଳତି, ଆହୁତି, ଇତି, ସମ୍ମାନନୀୟ, ଲବ୍ଧ ପ୍ରତିଷ୍ଠିତ, ସ୍ୱର୍ଗତ, ସ୍ୱନାମଧନ୍ୟ, ତ୍ରୁଟି, ମାର୍ଜନୀୟ, ଦେବଦେବୀ, ଅପରାହ୍ଣ, ପୂର୍ବାହ୍ଣ, ପୌରୋହିତ୍ୟ, ଧ୍ୟାନ ଓ ସବିନୟ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ମରଣ ପରେ ଅମର ହେବ
ସେ ଆଶା ନାହିଁ ପୋଷି,
ସେ ଖାଲି ମନଭୁଲାଣି ମିଛ କଥା,
ଅଳ୍ପ ଏହି ଜୀବନ–କାଳ
ନ ପାରେ ମନ ତୋଷି
କଳ୍ପନାର ସେ ଲାଗି ବାଚାଳତା !

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଜୁନ୍, ୨୦୨୩



# ବିହନ, ସାର ବିକ୍ରୟ କେନ୍ଦ୍ରରେ ଚଢ଼ାଉ

## ୬୬ କୁଇଣ୍ଟାଲ ବିହନ, ୧୯ କୁଇଣ୍ଟାଲ ସାର ଜବତ

ସିନାପାଲି,୨୯।୬(ମନଫୁଲ ମେହେର)



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଉଛି।

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବରଗାଁଠାରେ ଥିବା ମହିମା ବିହନ ଓ ସାର ବିକ୍ରୟ କେନ୍ଦ୍ରରେ ବେଆଇନ ବିକ୍ରି କରାଯାଉଥିବା ଅଭିଯୋଗରେ ଚଢ଼ାଉ କରି ୬୬.୬ କୁଇଣ୍ଟାଲ ବିହନ ଓ ୧୯ କୁଇଣ୍ଟାଲ ସାର ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୂଆପଡା ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଗୁରୁବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇଥିଲା। ପ୍ରାପ୍ତ ସୂଚନା ଅନୁସାରେ ମହିମା ବିହନ ଓ ସାର ବିକ୍ରୟ କେନ୍ଦ୍ରର ପରିଚାଳକ ରାଜେନ୍ଦ୍ର ସାଙ୍କ ନାମରେ ଅଗ୍ରଜା ନାମକ କେବଳ ଗୋଟିଏ ପ୍ରକାର ବିହନ ବିକ୍ରୟ କରିବା ଲାଇସେନ୍ସ ରହିଛି। କିନ୍ତୁ ସେ ବେଆଇନ ଭାବେ ଅନ୍ୟ ୩୨ ପ୍ରକାରର ବିହନ ବେଆଇନ ବିକ୍ରି କରୁଥିବା ଜଣାପଡ଼ିଛି। ସେହିଭଳି ତାଙ୍କ ନାମରେ ସାର ବିକ୍ରୟ ପାଇଁ କୌଣସି ଲାଇସେନ୍ସ ନ ଥିବା ବେଳେ ବେଆଇନ ସାର ଗଚ୍ଛିତ କରି ବିକ୍ରି କରୁଥିବା ଚଢ଼ାଉ ସମୟରେ ଜଣାପଡିଥିଲା। ଚଢ଼ାଉ ସମୟରେ ପରିଚାଳକ ରାଜେନ୍ଦ୍ର ସା ଅନୁପସ୍ଥିତ ଥିବାରୁ ତାଙ୍କ ସ୍ତ୍ରୀ ଚେତାମଣି ସାଙ୍କ ଉପସ୍ଥିତିରେ ବେଆଇନ ବିକ୍ରି ହେଉଥିବା ମୋଟ ୬୬.୬୬ କୁଇଣ୍ଟାଲ ବିଭିନ୍ନ ପ୍ରକାର ବିହନ ଓ ୧୯ କୁଇଣ୍ଟାଲ ସାର ଜବତ କରାଯାଇଥିଲା। ବିଭାଗୀୟ ଅଧିକାରୀଙ୍କ ଚଢ଼ାଉ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ କରାଯିବା ବ୍ୟବସ୍ଥା ରହିଛି। ଚଢ଼ାଉ ପରେ ବିଭାଗୀୟ ଅଧିକାରୀ ଦୀର୍ଘ ସମୟ ଧରି ମାଜିଷ୍ଟ୍ରେଟ ତଥା ସିନାପାଲି ଅତିରିକ୍ତ ତହସିଲଦାର ରାମ ନାରାୟଣ ମିଶ୍ରଙ୍କୁ ଅପେକ୍ଷା କରିବାକୁ ପଡିଥିଲା। ଦୀର୍ଘ ସମୟ ପରେ ମିଶ୍ର ଆସିବାରୁ ତାଙ୍କ ଉପସ୍ଥିତିରେ ଜବତ ବିହନ ଓ ସାର ସିନାପାଲି ପାକ୍ସକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଚଢ଼ାଉରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ସହ ଜିଲା ଯୋଜନା ଅଧିକାରୀ ସତ୍ୟ ଭୂଷଣ ନାୟକ, ସିନାପାଲି ସହକାରୀ କୃଷି ଅଧିକାରୀ ସୁଧାଂଶୁ ମେହେର କୃଷି ପରିଦର୍ଶକ ବ୍ରଜରାଜ ସାହୁ, ବୋଡ଼େନ ଥାନା ଏସଆଇ କୁଳମଣି ବୁରୁଦା ତଥା ବିଭାଗୀୟ ଅନ୍ୟ ଅଧିକାରୀ ସାମିଲ ଥିଲେ।

# ମହାଆଡମ୍ବରରେ ସମ୍ପନ୍ନ ହେଲା ବାହୁଡ଼ା ଯାତ୍ରା


କାଣ୍ଡେଲ ଗ୍ରାମସ୍ଥିତ ଗୌଡ଼ ପଡାରେ ଦକ୍ଷିଣ ମୁହଁରେ ଶ୍ରୀଜଗନ୍ନାଥଙ୍କ ରଥ।

କେସିଙ୍ଗା,୨୯।୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କାଣ୍ଡେଲ ଗ୍ରାମସ୍ଥିତ ହସ୍ପିଟାଲରେ ପଡାରେ ମହାଆଡମ୍ବରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଗୁରୁବାର ସମ୍ପନ୍ନ ହୋଇଯାଇଛି। ଠାକୁରଙ୍କ ରଥ ମାଉସୀ ଘରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ବୁଧବାର ରଥ ଦକ୍ଷିଣା ମୁଖି କରାଯାଇ ଗୌଡ଼ ପଡ଼ାରେ ରଖାଯାଇଥିଲା। ଗୁରୁବାର ରଥ ଗୌଡ଼ପଡାରୁ କାଣ୍ଡେଲ ହସ୍ପିଟାଲସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ରଥ ଟଣା ଯାଇଥିଲା। ପ୍ରତିଦିନ ମାଉସୀ ମା'ଙ୍କ ଘରେ ଭଜନ କୀର୍ତ୍ତନ ସାଙ୍ଗକୁ ଭୋଗ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କାଣ୍ଡେଲ ଗ୍ରାମରେ ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ଡ. ସଦାନନ୍ଦ ପୁଟେଲ ଛେରାପହରା କରିଥିଲେ। ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପରିବେଷିତ ସଂକୀର୍ତ୍ତନ ଉପସ୍ଥିତ ଭକ୍ତଙ୍କ ମାନମୋହିଥିଲା। ବାହୁଡାଯାତ୍ରାରେ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳା ଭାବେ ସମ୍ପନ୍ନ ହୋଇଥିଲା।

## ସଂକ୍ଷେପରେ

### ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା: ଗାଁରେ ପହଞ୍ଚିଲା ମୃତଦେହ



**କୋକସରା,୨୯।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ଗ୍ରାମର ଦାଦନ ଶ୍ରମିକ ଭିକାରୀ ବାଗ (୩୨)ଙ୍କ ଗତ ମଙ୍ଗଳବାର ହାଇଦ୍ରାବାଦରେ ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ଏକ ଆମ୍ବୁଲାନ୍ସରେ ମୃତ ଦାଦନ ଶ୍ରମିକଙ୍କ ମୃତହେଦ ଗାଁରେ ପହଞ୍ଚିଛି। ଗାଁରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଘର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି। ସୂଚନା ଅନୁସାରେ, କୋକସରା ବ୍ଲକ ମାଝିଗୁଡା ଗ୍ରାମର ମାଟୁ ବାଗଙ୍କ ପୁଅ ଭିକାରୀ ଗତ ୧୫ ଦିନ ତଳେ ବଡ଼ଘୁମେର ଗ୍ରାମର ନିଜ ଶଳାଙ୍କ ସହ ମିଶି ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ଗତ ମଙ୍ଗଳବାର ଭିକାରୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସାଥି ଶ୍ରମିକମାନେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୫ ମାସ ମଧ୍ୟରେ କୋକସରା ବ୍ଲକର ୬ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**କୋକସରା,୨୯।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ସାନପୋ ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ବୁଧବାର ରାତିରେ ଶୋଇଥିବା ବେଳେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବନମାଳି ମାଝି (୪୦)। ମଙ୍ଗଳପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଶୋଇଥିବା ବେଳେ ବନମାଳିଙ୍କୁ ସାପ କାମୁଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଗଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ହସ୍ପିଟାଲ ସ୍ଥାନାନ୍ତର କରାଯାଉଥିବା ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହ ଗାଁକୁ ନେଇ ଆସିଥିଲେ। ଖବର ପାଇ ଗୋଟୋମୁଣ୍ଡା ଫାଣ୍ଡି ଏଏସଆଇ ମନୋଜ କୁମାର ନାଏକ ପହଞ୍ଚି ଶବ ଜବତ କରିଥିଲା। ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମଙ୍ଗଳପୁର ଗସ୍ତରେ ଥିବା ବେଳେ ଖବର ପାଇ ମୃତକଙ୍କ ଘରେ ପହଞ୍ଚି ବ୍ୟବଚ୍ଛେଦ ପାଇଁ ମହାପ୍ରୟାଣ ଗାଡି ବ୍ୟବସ୍ଥା କରି କୋକସରା ଡାକ୍ତରଖାନାକୁ ପଠାଇଥିଲେ। କୋକସରା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩)ରୁଜୁ ହୋଇଛି।

### ଗୋଷ୍ଠୀଗତ ଗଣ୍ଡଗୋଳ ନେଇ ଥାନାରେ ଅଭିଯୋଗ

**ଖଡ଼ିଆଲ,୨୯।୬(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଦାବ୍ରି ପଞ୍ଚାୟତରେ ଗୋଷ୍ଠିଗତ ଗଣ୍ଡଗୋଳ ନେଇ ଥାନାରେ ଅଭିଯୋଗ ହୋଇଛି। ଡୋଲାମଣି ଜଗତଙ୍କ ଲିଖିତ ଭିଯୋଗ ଅନୁଯାୟୀ ପଞ୍ଚାୟତରେ କୌଣସି କାରଣ ନେଇ ବୈଠକ ସରିବା ପରେ ସମସ୍ତେ ବାହାରକୁ ଆସିବା ସମୟରେ ଗ୍ରାମର ସରପଞ୍ଚ ଅମ୍ବିକା ମାଝିଙ୍କ ସ୍ୱାମୀ ଜଗୁରାମ ମାଝି ଓ ତାଙ୍କ ସହଯୋଗୀ ପ୍ରଭାଷ ମାଝି, ଡୋଲା ସିଂ ମାଝି ଓ ବରୁଣ ମାଝି ଗ୍ରାମର ଡୋଲାମଣୀ ଜଗତଙ୍କୁ ଗୋଷ୍ଠିଙ୍କୁ ମାଡ ମାରି ମରଣାନ୍ତକ ଆକ୍ରମଣ କରିଥିଲେ। ଡୋଲାମଣୀ ଜଗତ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଦାବ୍ରି ସରପଞ୍ଚ ଅମ୍ବିକା ମାଝି ପାଲଟା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକ ଡୋଲାମଣୀ ଜଗତ ପଞ୍ଚାୟତର ବାଡା କାର୍ଯ୍ୟ ଚାଲିଥିବା ସମୟରେ ଆସି ସରପଞ୍ଚ ଅମ୍ବିକାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଖଡ଼ିଆଲ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କୁ ପଚାରିବାରୁ ଅଧିକ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଥିଲେ।

# ୨୮ ଲକ୍ଷ ଟଙ୍କା ନେଇ ପରିବାର ଚମ୍ପଟ

## ଗ୍ରାହକ ସେବା କେନ୍ଦ୍ରରେ ଠକେଇ

ଭବାନୀପାଟଣା,୨୯।୬
(ଉତ୍ତମ କୁମାର ଦାଶ)


ଗ୍ରାହକ ସେବା କେନ୍ଦ୍ରଠାରେ ଟଙ୍କା ହରାଇଥିବା ମହିଳାମାନେ।

ଗ୍ରାହକ ସେବାକେନ୍ଦ୍ରରେ ଠକେଇ। ଗାଁ ଲୋକଙ୍କ ଲକ୍ଷାଧିକ ଟଙ୍କା ନେଇ ଚମ୍ପଟ ମାରିଛନ୍ତି ଏକ ପରିବାର। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଧୀନ ମୋହନଗୁଡା ଗ୍ରାମରେ। ଗାଁରେ ଏକ ଗ୍ରାହକ ସେବାକେନ୍ଦ୍ର କରି ଗାଁର ହରିଶଚନ୍ଦ୍ର ରାଉତଙ୍କ ସହ ତାଙ୍କ ମା' ସରଶ ରାଉତ ଏବଂ ୨ ସମ୍ପର୍କୀୟ ଅଲେରା ରାଉତ ଓ ଲଳିତା ରାଉତ ଲୋକଙ୍କ ୨୮ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ଅନ୍ୟ ହିତାଧିକାରୀମାନେ ଜୟପାଟଣା ଥାନାରେ ଏତଲା ଦେଇଛନ୍ତି। ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତା, କାଳିଆ ଟଙ୍କା ସହ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଟଙ୍କାକୁ କୌଶଳକ୍ରମେ ଫିଙ୍ଗର ସ୍କାନର ସହାୟତାରେ ଟଙ୍କା ଠକି ନେଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୧୪୨/୨୩) ରୁଜୁ ହୋଇଛି। ପୋଲିସ ଅଭିଯୋଗ ଭିତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଲାଞ୍ଜିଗଡରେ ପୁଣି ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟୱର୍କ ନାହିଁ

## ଏପ୍ରିଲରେ ୯ ଦିନ, ମେ'ରେ ମଧ୍ୟ ୫ ଦିନ ନେଟୱର୍କ ନ ଥିଲା

ଲାଞ୍ଜିଗଡ଼,୨୯।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ପୁଣି ଥରେ ଗତ ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ଼) ନେଟୱର୍କ ନାହିଁ। ଫଳରେ ଲୋକଙ୍କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କୋଣସି ସୁଫଳ ମିଳୁନାହିଁ। ଲାଞ୍ଜିଗଡ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ଅନେକ ଲୋକ ବିଭିନ୍ନ ସିମ ବ୍ୟବହାର କରିଥାନ୍ତି। ସେଥି ମଧ୍ୟରୁ ବିଏସ୍‌ଏନ୍‌ଏଲ୍ ସିମ ଅନ୍ୟତମ। ଏହି ସିମକୁ ବହୁଳ ବ୍ୟବହାର କରିଥାନ୍ତି। ଏପରିକି ଅଫିସରେ ମଧ୍ୟ ଅଧିକତ ବିଏସଏନଏଲ ନେଟର ବ୍ୟବହାର ହୋଇଥାଏ। ହେଲେ ବର୍ତ୍ତମାନ ଲୋକଙ୍କ ଆସ୍ଥା ହରାଉଛି ଏହି କମ୍ପାନୀ। ଲୋକଙ୍କୁ ଠିକରେ ସେବା ଯୋଗାଇ ପାରୁନାହିଁ। ଅଧିକାଂଶ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ବିଏସ୍‌ଏନ୍‌ଏଲ୍ ନମ୍ବର ଜଡିତ ଥିବାରୁ ସେମାନେ ଓଟିପି ନ ଆସିଲେ ବ୍ୟାଙ୍କ ଟ୍ରାନ୍ସକ୍ସନ ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। କେତେବେଳେ ନେଟୱର୍କ ରହୁଛି ତ କେତେବେଳେ ରହୁନାହିଁ। ଅନ୍ୟ ନେଟୱର୍କ ତୁଳନାରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ପ୍ରତି ମାସରେ ୫ ଦିନ ୬ଦିନ ନେଟୱର୍କ ଉଭାନ ହୋଇଯାଏ। ସୂଚନା ଥାଉକି ଗତ ଏପ୍ରିଲରେ ୯ ଦିନ ଏବଂ ମେ'ରେ ମଧ୍ୟ ୫ ଦିନ ନେଟୱର୍କ ନ ଥିଲା। ଲାଞ୍ଜିଗଡ ସହରରେ ଲୋକେ ଅଧିକ ମାତ୍ରାରେ ଏହି ସିମ ବ୍ୟବହାର କରୁଛନ୍ତି। ହେଲେ ସେବା ନ ମିଳିବାରୁ ଶେଷରେ ସିମ ବଦଳାଉଛନ୍ତି। ୫ ଦିନ ହେଲା ନେଟ କାମ ହୋଇପାରୁନାହିଁ। ଏହାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି। ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡାଇ ଦିଆ ଯାଇ ନ ପାରେ। ସେଥିପାଇଁ ଯଥା ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# ଖଡିଆଳରେ ଇଦ୍ ଉଜ୍ ଜୁହା ପାଳିତ

ଖଡ଼ିଆଲ,୨୯।୬(ସୁଜିତ୍ ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଦ୍ ଉଜ୍ ଜୁହା ପାଳିତ ହୋଇଯାଇଛି। ମହଜିଦଠାରେ ନମାଜ୍‌ପଠନ କରିଥିଲେ। ସେହିପରି ସାମୁହିକ ପ୍ରର୍ଥନା କରିଥିଲେ। ମସଜିଦରେ ବହୁ ସଂଖ୍ୟାରେ ମୁସଲମାନ ଭାଇମାନେ ଯୋଗଦେଇ ସାମୁହିକ ପ୍ରାର୍ଥନା କରିଥିଲେ। ଏହାପରେ ସାମୁହିକ ନମାଜ ପାଠ କରିଥିଲେ। ଏହି ଅବସରରେ ସମସ୍ତ ନିଜ ଭିତରେ ଥିବା ତିକ୍ତତା, ରାଗ, ରୋଷ ଭୁଲି ପରସ୍ପର ଭାବେ ଆଲିଙ୍ଗନ ହୋଇ ଖୁସି ବ୍ୟକ୍ତ ସହ ଶୁଭେଚ୍ଛା ଜଣାଇଛନ୍ତି। ପରିଶେଷରେ ପୂର୍ବ ପୁରୁଷଙ୍କ ମନେ ପକାଇ ବା ସହ ସେମାନଙ୍କ ଆତ୍ମାର ସତଗତି ନିମନ୍ତେ ଆଲ୍ଲାଙ୍କୁ ପ୍ରାର୍ଥନା କରନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା 'ଲକ୍‌ଡାଉନ', 'ଏନ ଏନକାଉଣ୍ଟର ୱିଥ ଡେଥ' ଉନ୍ମୋଚିତ


ରାଜ୍ୟପାଳ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭବାନୀପାଟଣା,୨୯।୬
(ଉତ୍ତମ କୁମାର ଦାଶ)

କବିତାରେ ନୂତନ ଧାରାର ପ୍ରୟୋଗ ପାଇଁ ସବୁବେଳେ ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚାରେ ରହୁଥିବା ବିଶିଷ୍ଟ କବି ଭବାନୀଶଙ୍କର ନିଆଲଙ୍କ ଦୁଇଟି ଇଂରାଜୀ କବିତା ପୁସ୍ତକ 'ଲକଡାଉନ' ଓ 'ଏନ ଏନକାଉଣ୍ଟର ୱିଥ ଡେଥ' ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭୁବନେଶ୍ୱରସ୍ଥିତ ରାଜଭବନରେ ଏହାକୁ ଉନ୍ମୋଚନ କରିଛନ୍ତି। ଏହି ସମୟରେ ଡ଼. ନିଆଲ ଉପସ୍ଥିତ ରହିଥିଲେ। ରାଜ୍ୟପାଳ ପୁସ୍ତକଟିର ଉଚ୍ଚକୋଟୀର ପ୍ରଶଂସା କରିବା ସହ ଏକ ସୁନ୍ଦର ସୃଜନମୟ ଜୀବନର କାମନା କରିଥିଲେ। ପ୍ରକାଶ ଥାଉ କରୋନା ସମୟରୁ ଲଗାତାର ଭାବେ ନିଆଲ ମୃତ୍ୟୁ ଚେତନା ଉପରେ କବିତା ଲେଖି ବିଶ୍ୱସ୍ତରରେ ଏକ ଅଦ୍ଭୁତ ପାଠକୀୟ ଶ୍ରଦ୍ଧା ଲାଭ କରିଛନ୍ତି। ତାଙ୍କର କବିତାଗୁଡିକ ବିଶ୍ୱର ୨୦ ଭାଷାରେ ଅନୂଦିତ ହେବା ସହ ତାଙ୍କୁ ଓଡିଶାରୁ ଏକ ଅନ୍ତର୍ଜାତୀୟ ସାହିତ୍ୟ ଚେହେରା ଭାବେ ଗଣାଯାଉଛି। ଅନେକ ଅନ୍ତରାଷ୍ଟ୍ରୀୟ ସମ୍ମାନ ଓ ପୁରସ୍କାରର ପ୍ରାପକ ବ୍ୟତୀତ ସେ ଅନ୍ତର୍ଜାତୀୟ ସାହିତ୍ୟ ଫୋରମରେ ଏବେ ଏକ ନୂତନ ଦିଶା ପାଲଟିଛନ୍ତି। ରାଜଭବନରେ ତାଙ୍କର ପୁସ୍ତକ ଉନ୍ମୋଚନକୁ ନେଇ କଳାହାଣ୍ଡିର ସାହିତ୍ୟିକ ମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି।

# ବିପର୍ଯ୍ୟୟ ପ୍ରସ୍ତୁତି, ପରିଚାଳନା ତାଲିମ ଶିବିର

ପଲମ,୨୯।୬(ଭିକାରି ଗଉଡ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଘୋଡାବନ୍ଧ ପଞ୍ଚାୟତସ୍ଥିତ ଘୋଡାବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜିଲା ଜୁନିୟର ରେଡକ୍ରସ ଅଫିସର ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ନର୍ଲା ବ୍ଲକ ରେଡକ୍ରସ କୋଡିନେଟର ତଥା ବିପର୍ଯ୍ୟୟ ପରିଚାଳନା ସାଧନ କର୍ମୀ ସୁଦାମ ଚରଣ ମିଶ୍ରଙ୍କ ମାର୍ଗଦର୍ଶନ ଦ୍ୱାରା ସୁଚାରୁପେ ସମ୍ପାଦନ ହୋଇଥିଲା। ଏହି ଅବସରରେ ଶିକ୍ଷକ ଅତୁଲ୍ୟ କୁମାର ପଧାନ, ଜିତେନ୍ଦ୍ର ନାହକ, ସୁନୀଲ କୁମାର ସାହୁ, ବୈଷ୍ଣବ ସାହୁ, ସଂଗ୍ରାମ ବେହେରା, ସୂର୍ଯ୍ୟନାରାୟଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଜୁନିୟର ରେଡକ୍ରସ ଛାତ୍ରଛାତ୍ରୀମାନେ ଶୃଙ୍ଖଳାର ସହ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ଅନ୍ୟ କୌଣସି ବିପଦ ସମୟରେ ଆମେ କିପରି ଏହାର ମୁକାବିଲା କରିପାରିବା ତଥା ବିପଦରେ ପଡିଥିବା ଲୋକଙ୍କୁ କିପରି ସହଯୋଗ କରିବା ସେ ସମସ୍ତ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହି କ୍ରମରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର କହିଲେ କୌଣସି ବିପର୍ଯ୍ୟୟ ସମ୍ପର୍କିତ ଖବର ପାଇବା ମାତ୍ରେ ନିଜେ ପ୍ରସ୍ତୁତ କରିବା ସହ କିପରି ମୁକାବିଲା କରିବେ ସେ ବାବଦରେ ସୂଚନା ଦେଇଥିଲେ।

# ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ



ସିପିଏ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କର୍ଲାମୁଣ୍ଡା,୨୯।୬(ପ୍ରଦୀପ ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସିପିଆଇ(ଏମ୍) ରିଷିଡା ବ୍ରାଞ୍ଚ କମିଟି ପକ୍ଷରୁ ବିଦ୍ୟୁତ୍ ସମସ୍ୟା ନେଇ ବିକ୍ଷୋଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ଏସଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ କରିବା, ଗ୍ରାହକମାନଙ୍କୁ ତ୍ରୁଟି ଶୂନ୍ୟ ବିଲ ପ୍ରଦାନ କରିବା, ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗେଇବା ଭଳି ଦାବି ରହିଛି। ଏଥିରେ ଜିଲା ସମ୍ପାଦକ ସତ୍ୟଜିତ ଚାଟାର୍ଜୀଙ୍କ ନେତୃତ୍ୱରେ, ରିଷିଡା ବ୍ରାଞ୍ଚ ସମ୍ପାଦକ ଶତ୍ରୁଘନ ରଣା, ଗଙ୍ଗାଧର ପ୍ରହରାଜ, ଲଳିତ ରଣା, ଶିବ ରଣା, କମଳ ରଣା, ମଦନ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ୬ ବର୍ଷ ବିତିଲା, ସମ୍ପୂର୍ଣ୍ଣ ହୋଇନି ଆବାସ ଗୃହ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ନୂଆପଡ଼ା,୨୯।୬(ମକାରୁ ବେମାଲ)


ଅସମ୍ପୂର୍ଣ୍ଣ ଆବାସ ଗୃହ।

ଚାଳ ଛପର ଘରେ ନ ରହି ଛାତ ଘରେ ସମସ୍ତେ ରହିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେଉଛନ୍ତି। ହେଲେ ୧ ଲକ୍ଷ ୩୦ ହଜାର ଟଙ୍କାରେ ଗରିବ ହିତାଧିକାରୀ ଘର ବନାଇବା କଷ୍ଟକର ହେଉଥିବାରୁ ସ୍ଥାନୀୟ ଠିକାଦାରମାନଙ୍କୁ ଘର ନିର୍ମାଣ କରିବା ପାଇଁ ହିତାଧିକାରୀମାନେ ଦେଉଛନ୍ତି। ଘର ନିର୍ମାଣ ନାମରେ ଠିକାଦାରମାନେ ଗରିବ ଲୋକଙ୍କୁ ଶୋଷଣ କରୁଛନ୍ତି। ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ କିସ୍ତି ଟଙ୍କା ଜମା ହେଲେ ଠିକାଦାରମାନେ ସାଙ୍ଗେ ସାଙ୍ଗେ ହିତାଧିକାରୀଙ୍କୁ ବ୍ୟାଙ୍କକୁ ନେଇ ଟଙ୍କା ଉଠାଣ କରି ନେଇ ଯାଉଛନ୍ତି। କିନ୍ତୁ ହିତାଧିକାରୀମାନଙ୍କୁ ଭୁଆଁ ବୁଲାଇ ଘର ନିର୍ମାଣ କରିବାରେ ବିଳମ୍ବ କରି ବର୍ଷ ବର୍ଷ ଠକି ଚାଲିଛନ୍ତି। ଏପରି ଘଟଣାର ଅଭିଯୋଗ ଆସିଛି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବାଲିପାଟି ଗାଁରେ। ଠିକାଦାରମାନେ ଘର ନିର୍ମାଣ ନ କରି ହିତାଧିକାରୀଙ୍କୁ ଠକିବାରେ ଲାଗିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ ଜଟଗଡ ପଞ୍ଚାୟତ ବାଲିପାଟି ଗାଁର କୁମୁରା ମାଝି ଓ ରାମଚନ୍ଦ୍ର ମାଝି ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ସେମାନେ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କ ପକ୍ଷରେ ଘର ନିର୍ମାଣ କରିବା ସମ୍ଭବ ନ ହେବାରୁ ସ୍ଥାନୀୟ ଠିକାଦାରମାନଙ୍କୁ ନିର୍ମାଣ ପାଇଁ ଦେଇଥିଲେ। ଠିକାଦାରମାନେ ଘର କାର୍ଯ୍ୟ ଆରମ୍ଭ କରି ୬ ଫୁଟ ପର୍ଯ୍ୟନ୍ତ କାନ୍ଥ ଉଠାଇ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଆଜକୁ ପ୍ରାୟ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଘର ସମ୍ପୂର୍ଣ୍ଣ ହୋଇନାହିଁ। ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଘର ବିଲ ହୋଇ ହିତାଧିକାରୀଙ୍କଠାରୁ ଠିକାଦାର ନେଇ ସାରିଲେଣି। ଛାତ ଘରେ ରହିବା ପାଇଁ ଗରିବ ହିତାଧିକାରୀମାନେ ଚାହିଁ ବସିଛନ୍ତି। ହେଲେ ଛାତ ଘର ମିଳୁନାହିଁ। ଏ ସଂକ୍ରାନ୍ତରେ ଜଟଗଡ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ତ୍ତିକ ରଥଙ୍କୁ ପଚାରିବାରୁ ମୁଁ ଏହି ବିଷୟ ଉପରେ ଅବଗତ ନ ଥିଲି। ନିଜେ ଯାଇ କ'ଣ ହୋଇଛି ଦେଖିବି ଓ ଘର ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରିବି। ଅସାଧୁ ଉପଉୟ ଅବଲମ୍ବନ କରୁଥିବା ଠିକାଦାର ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଦଧିବାମନଙ୍କ ସୁନାବେଶ



**ବରଗଡ଼,୨୯।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲିର ଦଧିବାମନ ମନ୍ଦିରରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ନବଦିନାତ୍ମକ ଗୁଣ୍ଡିଚା ଯାତ୍ରା ସମାପନ ହୋଇଯାଇଛି। ପ୍ରଭୁ ଦଧିବାମନ ବୁଧବାର ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ି ରାତି ୧ଟାରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଅଭିମାନିନୀ ମହାଲକ୍ଷ୍ମୀ ଅଭିମାନ କରିଥିଲେ ସୁଦ୍ଧା ବୁଝାସୁଝା ପରେ ଜୟବିଜୟ ଦ୍ୱାର ଖୋଲିଥିଲେ। ଏହାପରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ରତ୍ନସିଂହାସନରେ ବିଜେ କରିଥିଲେ। ଗୁରୁବାର ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଶ୍ରୀ ଶ୍ରୀ ଦଧିବାମନ ସୁନାବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଏଥିପାଇଁ ପ୍ରତ୍ୟୁଷରୁ ମହାପ୍ରଭୁଙ୍କୁ ଦୈନିକ ପୂଜନୀତି, ପହଡ଼ଭଙ୍ଗ, ଦ୍ୱାରଫିଟାନୀତି ଠାରୁ ଆରମ୍ଭ ହୋଇ ସକାଳ ଧୂପନୀତି ଶେଷହେବା ପରେ ଶ୍ରୀଜୀଉଙ୍କ ସୁନାବେଶ କରାଯାଇଥିଲା। ପ୍ରଭୁ ବର୍ଷକରେ ପାଞ୍ଚଥର ସୁନାବେଶ ହେଉଥିଲେ ସୁଦ୍ଧା ଏହି ବାହୁଡ଼ା ଯାତ୍ରା ପରଦିନ ତଥା ଏକାଦଶୀ ତିଥି ସୁନାବେଶର ବିଶେଷ ମାହାତ୍ମ୍ୟ ରହିଥିବାରୁ ଏହି ବେଶ ଦର୍ଶନ ସକାଶେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

### ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ପରିବାରକୁ ସହାୟତା



**ବରଗଡ଼, ୨୯।୬(ପ୍ରେମାନନ୍ଦ ଖମାରୀ):** ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କୁ ବରଗଡ଼ ଜିଲା ରାଜସ୍ୱ କର୍ମଚାରୀ ସଂଘ ସହଯୋଗର ହାତ ବଢ଼ାଇଛି। ଏହି କ୍ରମରେ ସଂଘ ପକ୍ଷରୁ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ୨୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ରାଜସ୍ୱ ନିରୀକ୍ଷକ ମନୋରଞ୍ଜନ ଲୁହା, ରବି ଚନ୍ଦ୍ର ବୁଡେକ, ବିଦ୍ୟାନନ୍ଦ ବେସନ, ଜିତେନ୍ଦ୍ରିୟ ପଟେଲ, ଇନ୍ଦ୍ର କୁମାର ବାଦୀ, ସନ୍ଦିପ ଶତପଥୀ, ରଙ୍ଗମଣୀ ଲୁହା, ଫାଲଗନୀ ବେହେରା, ଜୟଶ୍ରୀ କୁଜୁର, ଶିବାନୀ ଗୁପ୍ତା, ମାମିନୀ ସାହୁ, ଉମାକାନ୍ତ ଚିରଗୁଣ ପ୍ରମୁଖ ଚେକ୍ ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ନଈକୂଳିଆ ଗାଁକୁ ବନ୍ୟା ଭୟ

**ଭେଡ଼େନ,୨୯।୬ (ସୁଦନ ମହାକୁର)**

ଗତ ୨୩ ତାରିଖରୁ ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ଏଥିସହ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇ ପ୍ରବଳ ବର୍ଷା ହୋଇଛି। ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହୋଇଥବବା ସୂଚନା ମିଳିଛି। ଫଳରେ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଜୁନ୍ ୨୨ରେ ଜଳସ୍ତର ୬୦୦.୩୨ଫୁଟ ରହିଥିବା ବେଳେ ନିୟମିତ ବର୍ଷା ଯୋଗୁ ଏହା ୬୦୦.୩୭ ଫୁଟରେ ପହଞ୍ଚିଛି। ଆଗକୁ ବର୍ଷା ପରିମାଣ ବଢ଼ିବା ନେଇ ପାଣିପାଗ ବିଭାଗ ମଧ୍ୟ ସୂଚନା ଦେଇଛି। ଯଦି ଉପରମୁଣ୍ଡ ଛତିଶଗଡ଼ରେ ବର୍ଷା ଲାଗି ରୁହେ ତେବେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହୋଇପାରେ ବୋଲି ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ନଈକୂଳିଆ ଗ୍ରାମବାସୀଙ୍କୁ ବନ୍ୟା ଭୟ ଘାରିଛି।

ହୀରକୁଦ ଜଳଭଣ୍ଡାର ବନ୍ୟାଜଳ ଅଧିକାଂଶ ପରିମାଣ ବିଶେଷ କରି ମହାନଦୀରେ ନିଷ୍କାସନ କରାଯାଇଥାଏ। ଫଳରେ ମହାନଦୀର ଜଳସ୍ତର ଫୁଲି ଉଠିବା ସହ କୂଳ ଲଂଘନ କରି ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ସେହିପରି ଏହାର ଶାଖା ଓ ଉପନଦୀ ଗୁଡ଼ିକର ପଛୁଆ ପାଣି ମାଡ଼ିଆସିବା ଯୋଗୁ ନଈକୂଳିଆ ଗାଁଗୁଡ଼ିକ ପାଣି ଘେରରେ ରହି ଯାଇଥାନ୍ତି। ବିଶେଷକରି ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ମହାନଦୀ କୂଳରେ ଥିବା ବ୍ରାହ୍ମଣଡୁରୁମ, ଦେଶକୁମ୍ଭାରୀ, ବାଲିକୁଲୁଣ୍ଡା, ଡ଼ାଲବି, ଡ଼ାଲବ, ଦବକାପାଲି, ଗଲିମା, ଝରାଡ଼େରା, ଭୂତଲୋଡ଼ ଆଦି ଗ୍ରାମ ପ୍ରତିବର୍ଷ ବନ୍ୟା ପ୍ଲାବିତ ହୋଇ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି।

ବନ୍ୟା ସମୟରେ ଗାଁ ଲୋକମାନଙ୍କୁ କିଛି ଦିନ ପାଇଁ ନିଜ ଭିଟାମାଟି ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ପଡ଼ିଥାଏ। ଅନେକ



ଭେଡେନ ନିକଟ ଦେଇ ବହିଯାଇଥିବା ମହାନଦୀ।

ସମୟରେ ଗୃହପାଳିତ ପ୍ରାଣୀ ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ ଆଦିଙ୍କୁ ଉଦ୍ଧାର କରି ନ ପାରି କ୍ଷତି ସହିବାକୁ ପଡ଼ିଥାଏ। ଅନ୍ୟପକ୍ଷେ ମହାନଦୀ ଜଳସ୍ତର ବୃଦ୍ଧି ପାଇଲେ ଜିରା, ଦନ୍ତା ନଦୀ ସମତେ ଝାଉଁଜୋର, ପାଣିଛତ୍ର, ଇନ୍ଦ୍ରଘୋଷ ନାଳ ପାଣି ନିଷ୍କାସନ ହୋଇ ନ ପାରି ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ଏହାର ପଛୁଆପାଣି ଚାଷଜମିରେ ମାଡ଼ିଯାଇ ଫସଲ ନଷ୍ଟ ହେବା ସହ ବାଲିଚର ହୋଇଥାଏ। ଭେଡେନ ବ୍ଲକର ଗଣ୍ଡତୁରୁମ, ଟିହିକିପାଲି, ଖଲିଆପାଲି, ସିଆଲଖଣ୍ଡହଥା, କୁଦୋପାଲି, ଗୁନିଆଁପାଲି, ସୁନାଲରମ୍ଭା, ପିପିଲିପାଲି, ପୁଡ଼ାପାଲି, ଅଛାଣ୍ଡପାଲି, କୁଦପାଲି, ବରପଦର, ଲୁହାଖଣ୍ଡି ଏବଂ ବକଟୀ ପଞ୍ଚାୟତର ଦନ୍ତା ନଦୀର ପଛୁଆପାଣିରେ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେଉଛି। ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରି ସହାୟତା ମିଳିଥାଏ। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ। ସେହିପରି ସ୍ଥାନୀୟ ପ୍ରଶାସନ ନଈକୂଳିଆ ଗ୍ରାମମାନଙ୍କରେ ଆଡ଼ିବନ୍ଧ ନିର୍ମାଣ ପାଇଁ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗର ବିଭିନ୍ନ ଯୋଜନା ରହିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯାଉନାହିଁ। କାଁ ଭାଁ କେତୋଟି ଗ୍ରାମରେ କିଛିକାଂଶରେ ଆଡିବନ୍ଧ ନିର୍ମାଣ ହୋଇଛି। ମାତ୍ର ଅତି ନିମ୍ନମାନର କାମ ଯୋଗୁ ତାହା ଅଳ୍ପଦିନ ଭିତରେ ଭୁଶୁଡ଼ି ପଡୁଛି। ପ୍ରତିବର୍ଷ ବର୍ଷାଦିନେ ମହାନଦୀ କୂଳ ଖାଇ ଅନେକ ଗ୍ରାମ ନଦୀଗର୍ଭରେ ଲୀନ ହୋଇଯାଉଛି। ଏହି ଗ୍ରାମମାନଙ୍କର ସୁରକ୍ଷା ଦୃଷ୍ଟିରୁ ଆଡ଼ିବନ୍ଧ ନିର୍ମାଣ କରାଯିବାକୁ ସମ୍ପୃକ୍ତ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବାରବଖରା ଜଳପ୍ରପାତରୁ ମିଳିଲା ମୃତଦେହ

**ବରଗଡ଼,୨୯।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ଭାଭୋନା ଥାନା ଅନ୍ତର୍ଗତ ବାରବଖରା ଜଳପ୍ରପାତରେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଗୋବିନ୍ଦପାଲିର ଟୁନା ବେହେରା। ଅମ୍ଭାଭୋନା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ବୁଧବାର ଟୁନା ଅନ୍ୟ ୨ଜଣ ସାଙ୍ଗଙ୍କ ସହିତ ବାରବଖରା ଜଳପ୍ରପାତକୁ ବୁଲିବା ପାଇଁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ସେ ଜଳପ୍ରପାତରେ ଭାସି ଯାଇଥିଲେ। ଖବର ପାଇ ଅମ୍ଭାଭୋନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ସେଠାକୁ ପହଞ୍ଚି ବୁଧବାର ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ମାତ୍ର ସନ୍ଧାନ ନ ମିଳିବାରୁ ଗୁରୁବାର ସକାଳୁ ପୁଣି ଖୋଜାଖୋଜି କରିବାରୁ ମୃତଦେହ ଉଦ୍ଧାର କରାଯାଇଥିଲା।

## କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭରେ ବିକାଶ ଛାତ୍ରୀଛାତ୍ର ମନୋନୀତ



ଚୟନ ହୋଇଥିବା ବିକାଶ ଛାତ୍ରୀଛାତ୍ରଗଣ।

**ବରଗଡ,୨୯।୬(ପ୍ରେମାନନ୍ଦ ଖମାରୀ)**

ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ ବିକାଶ ପଲିଟେକ୍‌ନିକ୍‌ରେ ଗତ ୨୦ତାରିଖରେ ସାଇବରସ୍ୱିଫ୍ଟ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ପକ୍ଷରୁ ହୋଇଥିବା ଅନ୍‌କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ଡ୍ରାଇଭରେ ସିଭିଲ, ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ବିଭାଗର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବୁଧବାର କମ୍ପାନୀ ଦ୍ୱାରା ପ୍ରକାଶିତ ମନୋନୀତ ତାଲିକାରେ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ୧୦ଜଣ ଓ ବିକାଶ ପଲିଟେକ୍‌ନିକର ୧୦ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ବିକାଶ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ବିନୀତା, ଟ୍ୱିଙ୍କିଲ, ଦୀପକରାଜ, ଆକାଶ, ସର୍ବପ୍ରତ୍ୟୁଷ, ଅରୁଣ, ଚିନ୍ମୟ, ଆଲୋକ, ରୋସନ, ଆଦର୍ଶ ଓ ବିକାଶ ପଲିଟେକ୍‌ନିକ୍‌ର କମଲେଶ, ମଳୟ, ଅନ୍ତର୍ଯାମୀ, ଶମ୍ଭୁନାଥ, ଡମ୍ବରୁଧର, ମହେନ୍ଦ୍ର, ରଜତ, ଦୀନବନ୍ଧୁ, ଯମୁନା, ହେମନ୍ତ ଏହି ସଫଳତା ହାସଲ କରିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଓଡ୍ରିନୋ ଲ୍ୟାବ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଦ୍ୱାରା ୪ଜଣ, କରମତାରା ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଦ୍ୱାରା ଜଣେ ଓ ଟିମ୍‌ଲିଜ୍ କମ୍ପାନୀ ଦ୍ୱାରା ୩ ଜଣ ଛାତ୍ରୀଛାତ୍ର ମନୋନିତ ହୋଇ ନିଯୁକ୍ତିପତ୍ର ପାଇଛନ୍ତି। ଖୁବ୍‌ଶୀଘ୍ର ଆଉ କିଛି କମ୍ପାନୀର ପ୍ରକାଶିତ ହେବାକୁ ଥିବା ମନୋନୟନ ତାଲିକାରେ ବିକାଶର ଛାତ୍ରୀଛାତ୍ରମାନେ ନିଶ୍ଚିତ ସଫଳତା ପାଇବେ ବୋଲି ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ରାଓ ଆଶାପୋଷଣ କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ଏହି ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଏବଂ ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧ୍ୟାପିକା ଅଧ୍ୟାପକମାନେ ଶୁଭେଚ୍ଛା ଜଣାଇଛନ୍ତି।

## ବରଗଡ଼ରେ ଇଦ୍ ଉଲ ଜୁହା ପର୍ବ ପାଳନ



ଇଦ୍ ଅବସରରେ ଏକତ୍ରିତ ହୋଇଛନ୍ତି।

**ବରଗଡ,୨୯।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମୁସଲିମ ସମାଜ ପକ୍ଷରୁ ଗୁରୁବାର ତ୍ୟାଗ ଏବଂ ବଳିଦାନର ପର୍ବ ଇଦ୍ ଉଲ୍ ଜୁହା ଉତ୍ସାହ, ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡ୍ୟାମ୍ କଲୋନୀ ସ୍ଥିତ ଇଦ୍‌ଗାହରେ ବରଗଡ଼ ସୁନ୍ନି ବରେଲବୀ ଜାମା ମସ୍‌ଜିଦ ଇମାମ ମୌଲାନା ସମସୁଦ୍ଦିନ ରିଜବୀଙ୍କ ଅଧ୍ୟକ୍ଷତାରେ ମୁସଲିମ ସମ୍ପ୍ରଦାୟର ଶତାଧିକ ଲୋକ ସାମୂହିକ ନମାଜ ପାଠ କରିଥିଲେ। ପରେ ସମସ୍ତେ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଏହି ପରିପେକ୍ଷୀରେ ବରଗଡର ମୁସଲମାନ ଭାଇମାନେ ଇଦ-ଉଲ-ଜୁହା ପ୍ରାର୍ଥନା ପରେ ନିଜ ନିଜ ଘରେ ଛେଳି ଉତ୍ସର୍ଗୀକୃତ କରିଥିଲେ। ଏହି ଅବସରରେ ନୂରି ମସଜିଦ ଇମାମ ତନଜିଲ ଅହମ୍ମଦ, ଜାମା ମସଜିଦ ସଦର ଶେଖ୍ ଅସଗର, ସମ୍ପାଦକ ଏମ୍‌ଡି ନିଜାମ, ଏମ୍‌ଡି ଆସ୍କାଲାନି, ଶେଖ ନଜିମୁଦ୍ଦିନ, ଶେଖ ନସିମୁଦ୍ଦିନ, ଶେଖ ସବଦର, ଏମ୍‌ଡି ଆସ୍କାଲାନି, ଏମ୍‌ଡି ବବଲୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମ୍‌ଡି ସଲିମ, ନାସିର ଖାନ, ଏମ୍‌ଡି ଅସଲମ, ଏମ୍‌ଡି ଇଲିୟାସ, ଗୁଲାମ ଗୌସ, ଏମ୍‌ଡି ଖାଲିଦ, ଏମଡି ବାବଲି, ଏମଡି ମୁସ୍ତାକିମ, ନାସିର ଖାନ, ଜିଆ ଉଲ ହକ, ଏମଡି ଆଲାଉଦ୍ଦିନ ସହଯୋଗ କରିଥିଲେ। ଏହି ଅବସରରେ ପୋଲିସ ପ୍ରଶାସନ ପକ୍ଷରୁ ଟାଉନ ଥାନାଧିକାରୀ ସତ୍ୟଜିତ କାଣ୍ଡନକେଲ ଉପସ୍ଥିତ ରହି ସମସ୍ତଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ।

## ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ବୈଠକ, ଲୋଗୋ ଉନ୍ମୋଚିତ

**ବରଗଡ଼, ୨୯।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଅର୍ଜୁନ ସେଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବସ୍ତିର ଛାତ୍ରୀଛାତ୍ରଙ୍କ ଅନୁରୋଧକ୍ରମେ ଗ୍ରୀଷ୍ମ ଅବକାଶରେ ଚାଲିଥିବା ପାଠ୍ୟଦାନ ପ୍ରକ୍ରିୟା ଚାଲୁ ରଖିବା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଚଳିତ ମାସରେ ବୃକ୍ଷରୋପଣ, ସ୍ୱଚ୍ଛତା ସଚେତନତା, ନିଶା ନିବାରଣ, ସଙ୍ଗୀତ ଶିକ୍ଷା ଓ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ତଥା ଗରିବ ଛାତ୍ରଛାତ୍ରୀଙ୍କୁ ଛତା ପ୍ରଦାନ ଭଳି କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିଲା। ଏହି ଅବସରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଲୋଗୋ ଉନ୍ମୋଚିତ ହୋଇଥିଲା। ଡ. ଡୋଲାମଣି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କମଳ ଲୋଚନ ପଟେଲଙ୍କୁ ଆଗାମୀ କାର୍ଯ୍ୟକ୍ରମର ବିସ୍ତୃତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟତମ ସଦସ୍ୟ ଚନ୍ଦ୍ରକାନ୍ତ ସା ମାସିକ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା, ଦିବ୍ୟକାନ୍ତି ଭୋଇ, ମିନା ପଣ୍ଡା, ସଂଘମିତ୍ରା ପଟେଲ, ଦିବାକର ମାଝୀ, ଦୁଃଖିସେବକ ସାହୁ, ସୁବାସ ସାହୁ, ନବୀନ ସାବତ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରମୋଦ ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଶିଶୁଶ୍ରୀର ଲୋଗୋ ଉନ୍ମୋଚନ କରାଯାଉଛି।

## ଗୋଷ୍ଠୀଗତ ଗଣ୍ଡଗୋଳ ନେଇ ଥାନାରେ ଅଭିଯୋଗ

**ଖଡ଼ିଆଳ,୨୯।୬(ସୁଜିତ୍ ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦାଦ୍ରି ପଞ୍ଚାୟତରେ ଗୋଷ୍ଠିଗତ ଗଣ୍ଡଗୋଳ ନେଇ ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତ ବୈଠକ ସରିବା ପରେ ଗ୍ରାମର ସରପଞ୍ଚ ଅମ୍ବିକା ମାଝିଙ୍କ ସ୍ୱାମୀ ଜଗୁରାମ ମାଝି ଓ ତାଙ୍କ ସହଯୋଗୀ ପ୍ରଭାଷ ମାଝି, ଡୋଲା ସିଂ ମାଝି ଓ ବରୁଣ ମାଝି ଗ୍ରାମର ଡୋଲାମଣୀ ଜଗତଙ୍କୁ ଗୋଷ୍ଠିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଡୋଲାମଣୀ ଜଗତ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଦାଦ୍ରି ସରପଞ୍ଚ ଅମ୍ବିକା ମାଝି ପାଲଟା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକ ଡୋଲାମଣୀ ଜଗତ ପଞ୍ଚାୟତର ବାଡା କାର୍ଯ୍ୟ ଚାଲିଥିବା ସମୟରେ ଆସି ସରପଞ୍ଚ ଅମ୍ବିକାଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି।

## ବିଦ୍ୟାଳୟ ଶ୍ରେଣୀ କୋଠରି ଉଦ୍‌ଘାଟିତ



ବରଗଡ଼ ବିଧାୟକ ଶ୍ରେଣୀ କୋଠରି ଉଦ୍‌ଘାଟନ କରୁଛନ୍ତି।

**ବରଗଡ଼,୨୯।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଗାଇସୀମା ପଞ୍ଚାୟତ ମାଲିପାଲି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଧୀରେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରେଣୀ କୋଠରୀ ଉଦ୍‌ଘାଟନ କରିଥିଲେ। ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରଗଡ଼ ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେ, ଉପାଧ୍ୟକ୍ଷ ଉମେଶ ପଣ୍ଡା, ବିଡ଼ିଓ ଯୁଧିଷ୍ଠିର ମେହେର, ଅଡ଼ଗାଁ ପାକ୍ସ ସଭାପତି ଅଶ୍ୱିନୀ ତ୍ରିପାଠୀ, ଯୁବନେତା କ୍ଷୀରୋଦ୍ର ସାହୁ, ପଞ୍ଚାୟତ ଇଓ ସୁନୀଲ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ସରୋଜ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସମ୍ବଲପୁରୀ କବି ସମ୍ମିଳନୀ

**ଭେଡ଼େନ,୨୯।୬(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ କୁବେଡ଼େଗା ଦୁର୍ଗା ମଣ୍ଡପ ପଡ଼ିଆରେ ଶ୍ରୀ ଜଗନ୍ନାଥ ଏବଂ ବାସନ୍ତୀ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ଏକ ସମ୍ବଲପୁରୀ କବି ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ, କ୍ରାନ୍ତିକବି ହରିଲାଲ ସାହୁ, ରମ୍ୟକବି ଅଧିକାରୀ ସା, ସଂସ୍କୃତି କବି ରାମପ୍ରସାଦ ବାଗ, ଛନ୍ଦ କବି ସୁରେଶ ଭୋଇ, ମକରଧ୍ୱଜ ସାହୁ, ଯଦୁମଣି ପଟେଲ ପ୍ରମୁଖ ଯୋଗଦେଇ ହାସ୍ୟ, ବ୍ୟଙ୍ଗ, ବିପ୍ଳବ ସହିତ ଗ୍ରାମ୍ୟ ଭାବନା ଓ ମାତୃ ଚେତନାର କବିତା ପଠନ କରିଥିଲେ। କବି ମୁନିରାମ କୁମ୍ଭାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଆସରରେ ଉଦ୍ୟୋକ୍ତା ସୁରେଶ୍ୱର ଶତପଥୀ ନିମନ୍ତ୍ରିତ କବିମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କଣ୍ଠଶିଳ୍ପୀ ଦୁର୍ବାଦଳ ମେହେର ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ମନ୍ଦିର ପ୍ରତିଷ୍ଠା କମିଟି ଉପସଭାପତି ଭରତ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସହ ସମ୍ପାଦକ ଗୋପୀନାଥ ଭୁଏ, ଲିଙ୍ଗରାଜ ପଧାନ, ଅଧ୍ୟାପକ ସରୋଜ ନାୟକ, ସତ୍ୟନାରାୟଣ ପତି, ନିରଞ୍ଜନ ପଧାନ ପ୍ରମୁଖ ସହଯୋଗ କରିଥିଲେ।



କବି ସମ୍ମିଳନୀରେ ପଦ୍ମଶ୍ରୀ ହଳଧର ନାଗ କବିତା ପଠନ କରୁଛନ୍ତି।

## ଅଣଅନୁଦାନପ୍ରାପ୍ତ କଲେଜ କର୍ମଚାରୀଙ୍କୁ ଅଣଦେଖା

**ବରଗଡ଼, ୨୯।୬(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାର ଅଣଅନୁଦାନପ୍ରାପ୍ତ କଲେଜ କର୍ମଚାରୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କଲେଜରେ କାର୍ଯ୍ୟରତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଅଣଅନୁଦାନପ୍ରାପ୍ତ କଲେଜକୁ ଅନୁଦାନ ସପକ୍ଷରେ ବିଜ୍ଞପ୍ତି ପ୍ରକାଶ କରିବା ଏବଂ ପରବର୍ତ୍ତୀ ସମୟରେ ସେହି ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନେବା ପରିତାପର ବିଷୟ ବୋଲି ପଶ୍ଚିମ ଓଡିଶା ଅଣଅନୁଦାନପ୍ରାପ୍ତ କଲେଜ (ଯୁକ୍ତ ୨/ଯୁକ୍ତ ୩) ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ଅଭିଯୋଗ କରିଛି।

ଗୁରୁବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସୁରେନ୍ଦ୍ର ମୋହନ ସାହୁ କହିଥିଲେ, ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ତାରିଖ ମଧ୍ୟରେ ରାଜ୍ୟରେ ସ୍ଥାପିତ କଲେଜଗୁଡିକୁ ଅନୁଦାନ ଦେବା ପାଇଁ ସଂଘ ଦୀର୍ଘବର୍ଷ ଧରି ଦାବି କରିଆସୁଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମଧ୍ୟ ସମ୍ପୃକ୍ତ କଲେଜ ଏବଂ କଲେଜରେ କାର୍ଯ୍ୟରତ କର୍ମଚାରୀଙ୍କୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହାର ଅବଧି ଗତ ୨୭ତାରିଖ ପର୍ଯ୍ୟନ୍ତ ରହିଥିଲା। ସମସ୍ତ ଡିଗ୍ରୀ କଲେଜ ଆବଶ୍ୟକ ତଥ୍ୟ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ସେହି ତାଲିକା ବିଭାଗୀୟ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ପାଖରେ ଦାଖଲ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଗତ ୨୪ତାରିଖରେ ଅନୁଦାନ ସପକ୍ଷରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ସେହି ବିଜ୍ଞପ୍ତିକୁ ବୁଧବାର ପୁଣି ପ୍ରତ୍ୟାହାର କରି ନେଇଛନ୍ତି। ଏଭଳି ଟାଳଟୁଳ ନୀତି ଅଣଅନୁଦାନପ୍ରାପ୍ତ କଲେଜ କର୍ମଚାରୀଙ୍କୁ ମାନସିକ ଆଘାତ ଦେଇଛି। ଫଳରେ ଏହାର ପୁନର୍ବିଚାର କରି ପଦକ୍ଷେପ ନେବାକୁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଅନ୍ୟଥା ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତାବୃନ୍ଦ।

ସେହିପରି ସଂଘର ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ମହାକୁଡ କହିଥିଲେ, ସଂଘ ଦୀର୍ଘବର୍ଷ ହେଲା ୩ଦଫା ଦାବି କରିଆସୁଛି। ସମସ୍ତ କର୍ମଚାରୀଙ୍କୁ ଅନୁଦାନ ପରିସର କରାଯିବା, ଏ ସମ୍ପର୍କୀତ ବିଭାଗୀୟ ନିର୍ଦ୍ଦେଶନାମା ତୁରନ୍ତ ଜାରି କରିବା ଏବଂ ଉପଯୁକ୍ତ ଚାକିରି ସର୍ତ୍ତାବଳୀ ପ୍ରଦାନ ପାଇଁ ସଂଘ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଆସୁଛି। ମାତ୍ର ସରକାର ଏହି ଦାବି ସମୂହକୁ ଅଣଦେଖା କରି ଆସୁଛନ୍ତି। ଅନ୍ୟପକ୍ଷେ ସମସ୍ତ କାର୍ଯ୍ୟରେ ସଂଘର କର୍ମଚାରୀମାନେ ସହଯୋଗ କରିଆସୁଛନ୍ତି। କିନ୍ତୁ ସରକାରଙ୍କ ସେଭଳି ଅଣଦେଖା ମନୋଭାବ ସଂଘର କର୍ମଚାରୀଙ୍କୁ ବ୍ୟଥିତ କରିଛି। ଫଳରେ ମୁଖ୍ୟମନ୍ତ୍ରୀ ଉକ୍ତ ଦାବି ସମୂହ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସେ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘର ଅନ୍ୟ କର୍ମକର୍ତ୍ତାଗଣ ଏବଂ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।




# କମୁଛି ଯାତ୍ରୀ ସଂଖ୍ୟା

## ରାଉରକେଲା ବିମାନ ବନ୍ଦର

ରାଉରକେଲା,୨୯।୬ (ସଙ୍ଗୀତା ଜେନା)

ଗତ ଜାନୁଆରୀ ମାସରୁ ରାଉରକେଲାରୁ ଭୁବନେଶ୍ୱରକୁ ବିମାନସେବା ଆରମ୍ଭ ହୋଇଥିବା ବେଳେ ଏବେ ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ବୁଧବାର ଏହି ସେବା ବାତିଲ କରାଯାଇଥିବା ସୂଚନା ମିଳିଛି। ଲଗାଣ ବର୍ଷା ଯୋଗୁ ଉଡ଼ାଣକୁ କ୍ଲିଅରାନ୍ସ ନ ମିଳିବାରୁ ଶେଷରେ ବାତିଲ କରାଯାଇଥିଲା। ଏହାବ୍ୟତୀତ ଦୈନିକ ଯାତ୍ରୀ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ବିଭାଗୀୟ ସୂଚନା ଅନୁସାରେ, ଗତ ୨୦ରୁ ୨୭ ତାରିଖ ମଧ୍ୟରେ ଯାତ୍ରୀ ସଂଖ୍ୟା ଉଭୟ ଯାଆସରେ ୪୧/୩୮ ଥିଲା। ଜୁନ ୨୧ତାରିଖରେ ୪୭/୪୧, ୨୨ରେ ୫୮/୪୫, ୨୩ରେ ୩୦/୫୦, ୨୪ରେ ୩୮/୫୫, ୨୫ରେ ୫୩/୪୭, ୨୬ରେ ୪୯/୪୪ ଏବଂ ୨୭ ତାରିଖରେ ୪୨/୪୧ ଯାତ୍ରୀ ସଂଖ୍ୟା ରହିଛି। ଫଳରେ ୭୨ ସିଟ୍ ବିଶିଷ୍ଟ ବିମାନରେ ସିଟ ଖାଲି ରହୁଥିବା ଜଣାପଡିଛି। ଏ ନେଇ ସଚେତନ ନାଗରିକ ମଞ୍ଚ ସଭାପତି ଇଂ. ବିମଳ ବିଶି କହିଛନ୍ତି, ମୋଟାମୋଟି ଭାବେ ବିମାନରେ ଦୈନିକ ୪୦ରୁ ୫୦ ଲୋକ ଯାଆସ କରୁଛନ୍ତି। ବୁଧବାର ବିମାନ ସେବା ବାତିଲ ହୋଇଥିଲା। ଏହା ପୂର୍ବରୁ ମଧ୍ୟ ଥରେ ଦୁଇଥର ବାତିଲ ହୋଇଛି। ଫଳରେ ଲୋକଙ୍କ ବିମାନସେବା ଉପରେ ଭରସା ତୁଟୁଛି। ରାଉରକେଲାରେ ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ)ପକ୍ଷରୁ ୬୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରୁ ୩୦ କୋଟି ଖର୍ଚ୍ଚ ହୋଇଛି, ବଳକା ପାଣ୍ଠି ରହିଛି। ଏୟାରଷ୍ଟ୍ରିପ୍‌ରେ ଟର୍ମିନାଲ ବିଲ୍ଡିଂ, ଆଇଏଲଏସ୍ ସିଷ୍ଟମ ସମେତ ଅନ୍ୟ ବିକାଶ କରାଯିବାର ଅଛି। ଏଭିଏଶନ ଓ ଷ୍ଟିଲ ମନ୍ତ୍ରାଳୟ ଦାୟିତ୍ୱରେ ଜଣେ ବ୍ୟକ୍ତି ରହିଛନ୍ତି। ଏହାକୁ ସ୍ୱଳ୍ପ ସମୟରେ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରନ୍ତା। ହେଲେ ତାହା ଅଧାରେ ରହିଛି। ଏହାର ଦୋଷ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ(ସେଲ୍) ଉପରେ ଲଦି ଦିଆଯାଉଛି। ଏହା ମଧ୍ୟରେ ସେଲ୍ ୩ ବର୍ଷରେ ୧୦ କୋଟିରୁ ଊର୍ଦ୍ଧ୍ୱ ପାଣ୍ଠି ଦେଇସାରିଛି। ହକି ବିଶ୍ୱ କପ ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ବିମାନସେବା ଓ ଏୟାର ଷ୍ଟ୍ରିପ୍‌କୁ କାମଚଳା କରାଯାଇଥିଲା। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ। ନଚେତ୍ ଉଡ଼ାଣ ସେବା କ୍ରମଶଃ ବନ୍ଦ ହୋଇଯିବ ବୋଲି ବିଶି କହିଥିଲେ। ଏ ସମ୍ପର୍କରେ ଏଏଆଇ ରାଉରକେଲା ଏୟାରପୋର୍ଟ ଅଧିକାରୀ ରାହୁଲ ସିଂଙ୍କ ପଚରାଯିବାରୁ ପର୍ବପର୍ବାଣୀ ଓ ଖରାପ ପାଣିପାଗ ଯୋଗୁ ଏପରି ପରିସ୍ଥିତି ଉପୁଜୁଛି ବୋଲି ସେ କହିଥିଲେ।

# ଭେଣ୍ଡିଂ ଜୋନ୍ ଅଛି, ଫୁଟ୍‌ପାଥ୍‌ରେ ବେପାରୀ

## ଗହଳି ଯୋଗୁ ଉପୁଜୁଛି ଟ୍ରାଫିକ୍ ସମସ୍ୟା

ରାଉରକେଲା,୨୯।୬(ଦିନେଶ ମିଶ୍ର)

ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ସହର ରାସ୍ତାକଡ଼ ଓ ଫୁଟପାଥ୍ ବ୍ୟବସାୟୀଙ୍କୁ କିଭଳି ଥଇଥାନ କରିହେବ ସେ ନେଇ ବିଭିନ୍ନ ସ୍ଥାନରେ ଆର୍‌ଏମ୍‌ସି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭେଣ୍ଡିଂ ଜୋନ କରାଯାଇଥିଲା। ତେବେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିଲେ ମଧ୍ୟ ଏଯାଏ କୌଣସି ରାସ୍ତାକଡ଼ ବ୍ୟବସାୟୀଙ୍କୁ ଦିଆଯାଇନାହିଁ। ଫଳରେ ସେମାନେ ପୂର୍ବଭଳି ରାସ୍ତାକଡରେ ବେପାର କରୁଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି।

ହକି ବିଶ୍ୱକପ୍ ପୂର୍ବରୁ ଆର୍‌ଏମ୍‌ସି ପକ୍ଷରୁ ଫୁଟ୍‌ପାଥ୍ ଓ ରାସ୍ତାକଡ଼ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ରାଉରକେଲାର ଏସ୍‌ଟିଆଇ, ଡିଏଭି, ପାୱାରହାଉସ୍ ରୋଡ୍, ରଘୁନାଥପାଲି, ପାନପୋଷ, ଛେଣ୍ଡ, ଗୋପବନ୍ଧୁପାଲି ଆଦି ଅଞ୍ଚଳରେ ଭେଣ୍ଡିଂ ଜୋନ ଦୋକାନ ନିର୍ମାଣ କରାଯାଇଥିଲା। ଦୋକାନ ନିର୍ମାଣ ହେବାର ପ୍ରାୟ ୩ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଜିଯାଏ କୌଣସି ଫୁଟପାଥ ଓ ରାସ୍ତାକଡ଼ ବ୍ୟବସାୟୀ ସେଠାରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳିନାହିଁ। ଡିଏଭି ଛକ ଜେଲ୍ ରୋଡ୍ ରାସ୍ତାକଡ଼ରେ ତିଆରି ହୋଇଥିବା ଭେଣ୍ଡିଂ ଜୋନରେ ୪୦ରୁ ଊର୍ଦ୍ଧ୍ୱ ଦୋକାନ ତାଲା ପଡ଼ିଥିବାବେଳେ ରଘୁନାଥପାଲି ପୋଷ୍ଟ ଅଫିସ କଡରେ ୫୦ରୁ ଊର୍ଦ୍ଧ୍ୱ ଦୋକାନ ଖୋଲିନାହିଁ। ସହରର ବିଭିନ୍ନ ସ୍ଥାନରେ ଏକାଧିକ ଭେଣ୍ଡିଂ ଜୋନ୍‌ରେ ତାଲା ପଡ଼ିଥିବାରୁ ଏହି ବ୍ୟବସାୟୀମାନେ ବାଧ ହୋଇ ସହରର ମୁଖ୍ୟ ରାସ୍ତାକଡ଼ ନଚେତ ଫୁଟ୍‌ପାଥକୁ କବ୍‌ଜା କରି ନିଜ ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତା ଅଣଓସାରିଆ ହେବା ସାଙ୍ଗକୁ ଟ୍ରାଫିକ ସମସ୍ୟା ଉପୁଜୁଛି।

ସହରର ଏସ୍‌ଟିଆଇ ଛକ ଏକ ଜନଗହଳି ଛକ ହୋଇଥିବାବେଳେ ଏଠାରେ ଫୁଟପାଥ ବ୍ୟବସାୟୀ ଭେଣ୍ଡିଂ ଜୋନରେ ଦୋକାନ ନ ପାଇ ପାଦଚଲା ରାସ୍ତାକୁ କବ୍‌ଜା କରି ନିଜ ପସରା ମେଲାଇଛନ୍ତି। ଏହି ଫୁଟପାଥ ଦେଇ ରାଉରକେଲା ସରକାରୀ ପଶୁ ଡାକ୍ତରଖାନା ଓ ଆର୍‌ଜିଏଚ୍‌କୁ ଯିବାକୁ ପଡ଼ିଥାଏ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଡିଏଭି ଛକ ରାସ୍ତାକଡ଼ ଫୁଟ୍‌ପାଥ୍‌କୁ ଫଳ ଓ ମାଛ ବ୍ୟବସାୟୀ ଦଖଲ କରି ରଖିଛନ୍ତି। ଦୈନିକ ମାର୍କେଟ ଅଞ୍ଚଳର ପାଦଚଲା ରାସ୍ତା ଉପରେ ବ୍ୟବସାୟୀ ନିଜର ଠେଲା ଲଗାଇ ବେପାର କରୁଛନ୍ତି। ବର୍ଷାଦିନ ଯୋଗୁ ବ୍ୟବସାୟୀମାନେ ପଲିଥିନ ବାନ୍ଧି ରାସ୍ତାକଡରେ ପଚାପରିବା, ଆଳୁପିଆଜ ଚୋପା, ଅଇଁଠା ପତ୍ର ପକାଇ ରାସ୍ତାକୁ ଅପରିଷ୍କାର କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଏସ୍‌ଟିଆଇ ଛକର ଫୁଟପାଥ ବ୍ୟବସାୟୀ ଭରନ ମୋହନ ସାହୁ କୁହନ୍ତି, ଦୀର୍ଘ ୨୦ ବର୍ଷ ଧରି ଏହି ଫୁଟ୍‌ପାଥ ଉପରେ ଆଳୁ, ପିଆଜ ବିକ୍ରି କରୁଛି। ହକି ବିଶ୍ୱକପ ପୂର୍ବରୁ ଆରଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନରେ ଦୋକାନ ମିଳିବ ବୋଲି କୁହାଗଲା। ମାତ୍ର ଏଯାଏ ମିଳିନାହିଁ। ଯେଉଁଦିନ ଆମକୁ ଦୋକାନ ମିଳିବ ସେଦିନ ଆମେ ଫୁଟ୍‌ପାଥରେ ବ୍ୟବସାୟ କରିବା ଛାଡ଼ିଦେବୁ ବୋଲି ସେ କହିଥିଲେ।


ଫୁଟ୍‌ପାଥ୍‌ରେ ବ୍ୟବସାୟୀ ବେପାର କରୁଛନ୍ତି।



“ରାଉରକେଲା ସହରର ଫୁଟ୍‌ପାଥ୍ ଓ ରାସ୍ତାକଡ଼ ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ ନିର୍ମାଣ ସରିଛି। ପ୍ରଥମ ପର୍ଯ୍ୟାୟରେ ଦୋକାନ ବଣ୍ଟନ କରିବା ପାଇଁ କିଛି ବ୍ୟବସାୟୀଙ୍କ ନାମ ଘୋଷଣା କରିବା ପରେ ଅନ୍ୟମାନଙ୍କ ପକ୍ଷରୁ ଅଭିଯୋଗ ଆସିଥିଲା। କିଛି ବ୍ୟବସାୟୀ ଅଛନ୍ତି ଯେଉଁମାନେ ପୂର୍ବରୁ ଭେଣ୍ଡିଂ ଜୋନ୍‌ରେ ଦୋକାନ ପାଇବା ପରେ ମଧ୍ୟ ଉକ୍ତ ଦୋକାନକୁ ଅନ୍ୟ କାହାକୁ ଭଡ଼ା ଦେଇ ପୁଣି ରାସ୍ତାକଡ଼ରେ ବ୍ୟବସାୟ କରୁଛନ୍ତି। ତେଣୁ କିଏ ପ୍ରକୃତ ରାସ୍ତାକଡ଼ ଓ ଫୁଟପାଥ ବ୍ୟବସାୟୀ ସର୍ଭେ ଜାରି ରହିଛି। ଏହି ସର୍ଭେ ସରିବା ପରେ ଖୁବ୍‌ଶୀଘ୍ର ହିତାଧିକାରୀଙ୍କୁ ଦୋକାନ ବଣ୍ଟନ କରାଯିବ।

**–ସୁଧାଂଶୁ ଶେଖର ଭୋଇ, ଆର୍‌ଏମ୍‌ସି ଉପ ଆୟୁକ୍ତ**

## ନଦୀରେ ବୁଡି ନିଖୋଜ

ରାଉରକେଲା,୨୯।୬(ସଙ୍ଗୀତା ଜେନା)

ସେକ୍ଟର–୧୫ ଥାନା ଅନ୍ତର୍ଗତ ତୁମକେଲା କୋଏଲ ନଦୀ ଘାଟରେ ଗୁରୁବାର ଅପରାହ୍ଣରେ ୨ଜଣ ଯୁବକ ଗାଧୋଇବା ବେଳେ ବୁଡ଼ିଯାଇଥିବା ସୂଚନା ମିଳିଛି। ତେବେ ସ୍ଥାନୀୟ ଲୋକେ ଜଣଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିବା ବେଳେ ଅନ୍ୟ ଜଣଙ୍କ ପତ୍ତା ମିଳିନାହିଁ। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ। ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ କରାଯାଇଛି। ଉଭୟ ଯୁବକ ସେକ୍ଟର–୯ ଷ୍ଟିଲ କ୍ଲବ ନିକଟ ବସ୍ତିର ବୋଲି ଜଣାପଡ଼ିଛି।

## ବିଷ ପିଇ ମହିଳା ମୃତ

ରାଉରକେଲା,୨୯।୬(ଦିନେଶ ମିଶ୍ର)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗୋମୁଡା ବସ୍ତିର ଜଣେ ମହିଳା ବିଷ ପିଇ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଅନିମା ତିର୍କୀ(୨୭)। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୫୨।୨୩) ରୁଜୁ ହୋଇଛି। ଗତ ୨୭ ତାରିଖରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ଅନିମାଙ୍କ ପାଟିତୁଣ୍ଡ ହୋଇଥିଲା। ବିଳମ୍ବିତ ରାତିରେ ସେ ବିଷ ପିଇ ଦେଇଥିଲେ। ସକାଳ ହେବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ବାସି ରଥରେ ବାହୁଡ଼ା ଯାତ୍ରା

ରାଉରକେଲା,୨୯।୬(ସଙ୍ଗୀତା ଜେନା)

ରାଉରକେଲାର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିବା ବେଳେ ପରମ୍ପରା ଅନୁଯାୟୀ ଗୁରୁବାର ଜଗଦା, ଝିରପାଣି ଓ ତୁମକେଲାଠାରେ ବାସିରଥ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଝିରପାଣି ସ୍ଥିତ ଶ୍ରୀ ଶ୍ରୀ ନୀଳାଦ୍ରି ବିହାରୀ ଜଗନ୍ନାଥ ମନ୍ଦିରରେ ଦୀର୍ଘ ୬୦ ବର୍ଷରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଝିରପାଣି ସ୍ଥିତ ପମ୍ପହାଉସ ରୋଡ୍ ଗୁଣ୍ଡିଚା ମନ୍ଦିରରେ ଗୁରୁବାର ସକାଳେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା ହେବା ପରେ ଠାକୁରଙ୍କ ପହଣ୍ଡି କରାଯାଇଥିଲା। ଠାକୁର ରାଜା ମହେନ୍ଦ୍ର ମାଝୀ ଛେରାପହଁରା କରିଥିଲେ। ବଡ଼ପଣ୍ଡା ଗୋପବନ୍ଧୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମିତ୍ରଭାନୁ ପଣ୍ଡା, ସତ୍ୟ ନାରାୟଣ ଅଗ୍ରୱାଲ, ବ୍ରିଜ ମୋହନ ଅଗ୍ରୱାଲ, ଅନୀଲ ଚରଣ ଷଡ଼ଙ୍ଗୀ, ଶଶିଭୂଷଣ ଦାଶ, ସୁଧାଂଶୁ ଆଚାର୍ଯ୍ୟ, ଭବାନୀ ନନ୍ଦ, ଦିଲୀପ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପତ୍ରୀ, ଜୟନ୍ତ ପତି, ପିତାମ୍ବର ସିଂ, ଅମିୟ ପଣ୍ଡା, ନୃସିଂହ ଚରଣ ପଣ୍ଡା, ରମେଶ ପ୍ରଧାନ, ଅନୁଭବ ପଣ୍ଡା, ହୃଷୀକେଶ ପତ୍ରୀ, ସିଦ୍ଧାର୍ଥ ପଣ୍ଡା, ଇଷାନ ପଣ୍ଡା, ପ୍ରାଲ ପ୍ରସାଦ, ଜୟଶଙ୍କର ଗୌଡ଼, ରଙ୍ଗାଧର ନନ୍ଦ, ପ୍ରଣିତ ପଣ୍ଡା, ପ୍ରଜ୍ଞା ପଣ୍ଡା ପ୍ରମୁଖ ସେବାୟତ ନିଯୋଗର ସଦସ୍ୟମାନେ ପୂଜାକାର୍ଯ୍ୟ ଓ ରଥ ପରିଚାଳନା କରିଥିଲେ। ସନ୍ଧ୍ୟା ୭ଟାରେ ନୀଳାଦ୍ରି ବିହାରୀ ମନ୍ଦିର ବଡ଼ଦାଣ୍ଡରେ ରଥ ପହଞ୍ଚିଥିଲା।

ସେହିପରି ସେକ୍ଟର–୧ଜଗନ୍ନାଥ ମନ୍ଦିର ରଥ ଜଗଦା ସ୍ଥିତ ମା’ ବାଟମଙ୍ଗଳା ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ା ଯାତ୍ରାରେ ବାହାରିଥିଲା। ସମସ୍ତ ପୂଜାକାର୍ଯ୍ୟ ପରେ ଅପରାହ୍ଣରେ ଠାକୁର ରାଜା ପ୍ରଫୁଲ୍ଲ ପାତ୍ର ଛେରାପହଁରା କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ କାଶୀନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜଗଦା ସାଂସ୍କୃତିକ ପରିଷଦର ଉପଦେଷ୍ଟା ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ପୀତାମ୍ବର ଲେଙ୍କା, ଲକ୍ଷ୍ମୀଧର ନାୟକ, ବସନ୍ତ ବାରିକ, ବାଣୀବ୍ରତ ଭୋଳ, ପୀତାମ୍ବର ନାୟକ, ଡି.ଏନ. ପୃଷ୍ଟି, କୃଷ୍ଣ ସିଂ, ସିପ୍ରା ସ୍ୱାଇଁ ପ୍ରମୁଖ ରଥ ଟଣା ପରିଚାଳନା କରିଥିଲେ। ସେକ୍ଟର–୧ ମନ୍ଦିର କମିଟିର ପ୍ରଶାନ୍ତ ପାତ୍ର, କାଳିନ୍ଦୀ ଚରଣ ମାଝୀଙ୍କ ସମେତ ଜଗଦା, ସେକ୍ଟର–୨ ଖରିଆବାହାଲ ବସ୍ତିର ଭକ୍ତମାନେ ରଥକୁ ଟାଣିଥିଲେ। ମୁଖ୍ୟ ଘୋଷକ ଭାବେ ହୃଷୀକେଶ ନାୟକ ଦାୟିତ୍ୱ ବହନ କରିଥିଲେ। ସନ୍ଧ୍ୟା ୬ଟାରେ ସେକ୍ଟର–୧ରେ ରଥ ପହଞ୍ଚିଥିଲା। ଅନୁରୂପ ଭାବେ ତୁମକେଲା ଜଗନ୍ନାଥ ମନ୍ଦିରର ରଥକୁ ଇସ୍ପାତ କଲେଜ ଛକ ସ୍ଥିତ ଗୁଣ୍ଡିଚା ମନ୍ଦିରରୁ ଅପରାହ୍ଣ ୪ଟାରେ ଟଣାଯାଇଥିଲା। ଠାକୁର ରାଜା ଜଗଦୀଶ ପଶାୟତ ଛେରାପହଁରା କରିଥିଲେ। କମିଟିର ପ୍ରେମଚାନ୍ଦ ପଶାୟତ, ଉପସଭାପତି ରାଜେଶ ପ୍ରସାଦ, ତରୁଣ ପଶାୟତ, ଯୋଗେଶ ପଶାୟତ, କେକେ ମହତୋ, ପ୍ରଶାନ୍ତ ସେଠୀ, ଭାଜପା ବରିଷ୍ଠ ନେତା ଜଗବନ୍ଧୁ ବେହେରା ଓ ଅନ୍ୟମାନେ ରଥ ଟାଣିଥିଲେ।


ସେକ୍ଟର–୧ ଜଗନ୍ନାଥ ମନ୍ଦିର ରଥ ଜଗଦା ଅଭିମୁଖେ ଯାଉଛି।

# ହଲିଉଡ୍‌ରେ ଚମକିଲେ ରାଉରକେଲା ପୁଅ ମନଦୀପ

ରାଉରକେଲା,୨୯।୬(ସଙ୍ଗୀତା ଜେନା)

ହଲିଉଡ୍ ଆନିମେଶନରେ ବିଶ୍ୱସ୍ତରୀୟ ଚଳଚ୍ଚିତ୍ରରେ କାମ କରି ଜଣେ ଓଡ଼ିଆ ପୁଅ ସୁନାମ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ବର୍ତ୍ତମାନ ନ୍ୟୁଜିଲ୍ୟାଣ୍ଡରେ ରହୁଥିବା ରାଉରକେଲା ଜଗଦାର ମନଦୀପ ସିଂ(୩୫)। ମନଦୀପ ନିଜ ସଫଳତାକୁ ନେଇ ଖୁସି ପ୍ରକାଶ କରିଛନ୍ତି। ଏହାର ଶ୍ରେୟ ସେ ନିଜ ମା’ ବାପା ଓ ଭଉଣୀଙ୍କୁ ଦେଇଛନ୍ତି। ସେ ଲର୍ଡ ଅଫ୍ ରିଙ୍ଗ୍‌ସର ସମସ୍ତ ସିରିଜ, ଅବତାର–୨, ଟ୍ରାନ୍ସଫର୍ମର, ଗଡଜିଲା–୨(କିଙ୍ଗକଙ୍ଗ) ଭଳି ହଲିଉଡ୍ ଚଳଚ୍ଚିତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ମନଦୀପ ସେକ୍ଟର–୨ ଡିସୌଜା ସ୍କୁଲରେ ଦ୍ୱାଦଶ ଶ୍ରେଣୀ ପାଠପଢା ଶେଷ କରିବା ପରେ ବଡ଼ ଭଉଣୀଙ୍କ ପ୍ରେରଣାରେ ବମ୍ବେରେ ଆନିମେଶନ ଶିକ୍ଷାଲାଭ କରିବାକୁ ଯାଇଥିଲେ। ସେଠାରେ ଫିଲ୍ମ ତିଆରି କରିବା ପାଇଁ ଏକ ବାର୍ଷିକ ପ୍ରତିଯୋଗିତାରେ ତାଙ୍କୁ ଅଂଶଗ୍ରହଣ କରିବାକୁ ପଡ଼ିଥିଲା। ଏଥିରେ ତାଙ୍କ ପ୍ରସ୍ତୁତ ଆନିମେଶନ ଫିଲ୍ମ ବହୁ ପୁରସ୍କାର ଲାଭ କରିଥିଲା। ୨୦୧୦ରେ ତାଙ୍କୁ ପ୍ରାଣ ଆନିମେଶନ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଲା। ୨୦୧୭ରେ ନ୍ୟୁଜିଲାଣ୍ଡର ହୁ ହୁ ଷ୍ଟୁଡ଼ିଓରେ ତାଙ୍କୁ କାମ ମିଳିଥିଲା। ଦେଢ଼ବର୍ଷ ପର୍ଯ୍ୟନ୍ତ ଗେମିଂ କମ୍ପାନୀରେ କାମ କରିବା ପରେ ୨୦୨୧ରେ ଖ୍ୟାତି ସମ୍ପନ୍ନ ‘ବେଟା ଏଫ୍ ଏକ୍ସ’ (ଅବତାର ଫିଲ୍ମ ଫେମ୍)ରେ କାମ କରିବାକୁ ସେ ସୁଯୋଗ ପାଇଥିଲେ। ୨୦୨୫ ସୁଦ୍ଧା ଅବତାର–୩ରେ କାମ ଆରମ୍ଭ ହେବ। ଏଥିରେ ବିଶ୍ୱସ୍ତରୀୟ କଳାକାରଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ଏକ ସ୍ୱର୍ଣ୍ଣିମ ସମୟ ହେବ ବୋଲି ମନଦୀପ କହିଛନ୍ତି। ଆନିମେଶନ ପ୍ରତି ଦୁର୍ବଳତା ଥିବା ତଥା ଆର୍ଥିକ ଅନଗ୍ରସର ଯୁବତୀଯୁବକଙ୍କୁ ପାଠ୍ୟକ୍ରମରେ ମଉକା ଦେବା ସହ ବର୍ତ୍ତମାନ ଆନିମେଶନ ଦୁନିଆର ସତ୍ୟତା ଶିକ୍ଷା ଉପରେ ଜୋର ଦେବାକୁ ଇଚ୍ଛା ରହିଛି ବୋଲି ସେ କହିଛନ୍ତି। ବିଦେଶରେ ରହିଲେ ମଧ୍ୟ ଓଡ଼ିଆ ଖାଦ୍ୟ ଓ ପର୍ବପର୍ବାଣୀ ତାଙ୍କ ପ୍ରଥମ ପସନ୍ଦ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ମନଦୀପ ଓ ତାଙ୍କ ଟିମ୍ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଭାରତୀୟ ଆନିମେଶନ ପ୍ରସିଦ୍ଧ କାର୍ଟୁନ ସିରିଜରେ କାମ କରିସାରିଛନ୍ତି।



ନ୍ୟୁଜିଲାଣ୍ଡର ବେଟା ଏଫ୍‌ଏକ୍ସ ଷ୍ଟୁଡ଼ିଓରେ ମନଦୀପ।

# କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଚଣ୍ଡିଗଡ଼, ପଞ୍ଜାବ, ମିଜୋରାମ ବିଜୟୀ

## ଜୁନିୟର ମହିଳା ଜାତୀୟ ହକି ଚାମ୍ପିୟନଶିପ୍

ରାଉରକେଲ,୨୯।୬(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ତ୍ରୟୋଦଶ ଜୁନିୟର ମହିଳା ଜାତୀୟ ହକି ଚାମ୍ପିୟନଶିପ୍‌ର ତୃତୀୟ ଦିନରେ ୬ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ କର୍ଣ୍ଣାଟକ ଓ ପଣ୍ଡିଚେରୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ କର୍ଣ୍ଣାଟକ ଦଳ ୪–୦ ଗୋଲରେ ପଣ୍ଡିଚେରୀକୁ ପରାସ୍ତ କରିଥିଲା। କର୍ଣ୍ଣାଟକ ଦଳ ପକ୍ଷରୁ ଯମୁନା ହ୍ୟାଟ୍ରିକ ଗୋଲ ମାରିଥିବାବେଳେ ପିଜି. ଡିଚେମା ଗୋଟିଏ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚ ମଧ୍ୟପ୍ରଦେଶ ଓ ଜମ୍ମୁକଶ୍ମୀର ମଧ୍ୟରେ ହୋଇଥିଲା। ଏଥିରେ ମଧ୍ୟପ୍ରଦେଶ ଦଳ ଜମ୍ମୁକଶ୍ମୀରକୁ ୨୧–୦ ଗୋଲରେ ପରାସ୍ତ କରିଥିଲା। ମଧ୍ୟପ୍ରଦେଶ ଦଳ ପକ୍ଷରୁ ଭୂମିକା ସାହୁ ସର୍ବାଧିକ ୬ଟି ଗୋଲ କରିଥିଲେ। ପରେ ସୋନମ୍ ୫ଟି ଗୋଲ ଦେଇଥିଲେ। ସେହିପରି ଅଶ୍ରିତା ଠାକୁର ୩ଟି ଗୋଲ ଦେଇଥିବାବେଳେ ଗୁରମାଲି କୌର ୨ଟି ଗୋଲ ଦେଇଥିଲେ। ତୃତୀୟ ମ୍ୟାଚ ଚଣ୍ଡିଗଡ ଓ ଉତ୍ତରାଖଣ୍ଡ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଚଣ୍ଡିଗଡ ଦଳ ୨–୦ ଗୋଲରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ଚଣ୍ଡିଗଡ ଦଳ ପକ୍ଷରୁ ଶିବାନୀ କୁମାରୀ ପ୍ରଥମ ଗୋଲ କରିଥିବାବେଳେ ସୁମନ ଗୋଟିଏ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ଚତୁର୍ଥ ମ୍ୟାଚ୍ ମିଜୋରାମ ଓ ଗୁଜୁରାଟ ମଧ୍ୟରେ ହୋଇଥିଲା। ଏଥିରେ ମିଜୋରାମ ଦଳ ୧୩–୦ ଗୋଲରେ ଗୁଜୁରାଟ ଦଳକୁ ପରାସ୍ତ କରିଥିଲା। ପଞ୍ଚମ ମ୍ୟାଚ ପଞ୍ଜାବ ଓ ହିମାଚଳପ୍ରଦେଶ ମଧ୍ୟରେ ହୋଇଥିଲା। ଏଥିରେ ପଞ୍ଜାବ ଦଳ ୫–୦ ଗୋଲରେ ହିମାଚଳପ୍ରଦେଶକୁ ପରାସ୍ତ କରିଥିଲା। ଶେଷ ମ୍ୟାଚ ଆନ୍ଧ୍ରପ୍ରଦେଶ ଓ ଗାନ୍ଧ ମଧ୍ୟରେ ଖେଳାଯାଇଥିଲା। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (ରାତି ୯ଟା) ଖେଳ ଜାରି ରହିଥିବାରୁ ଫଳାଫଳ ଜଣାପଡି ନ ଥିଲା।



କର୍ଣ୍ଣାଟକ ଓ ପଣ୍ଡିଚେରୀ ମଧରେ ମ୍ୟାଚ୍‌ର ଦୃଶ୍ୟ।

# ଭାସିଗଲା ଅସ୍ଥାୟୀ ବାଉଁଶ ପୋଲ

- କୋଏଲ ନଦୀରେ ନିର୍ମିତ ହୋଇଥିଲା
- ଅସୁବିଧା ଭୋଗିବେ ୧୬ ଗ୍ରାମବାସୀ

ରାଉରକେଲା,୨୯।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ନିକଟ କୋଏଲ ନଦୀରେ ନିର୍ମିତ ଏକ ଅସ୍ଥାୟୀ ବାଉଁଶ ପୋଲ ବୁଧବାର ବିଳମ୍ବିତ ରାତିରେ ଭାସିଯାଇଛି। ଫଳରେ ଗୁରୁବାରଠାରୁ ଉକ୍ତ ବାଉଁଶ ପୋଲ ଦେଇ ରାଉରକେଲାକୁ ୧୬ଟି ଗ୍ରାମର ଲୋକଙ୍କ ଯାତାୟାତ ବନ୍ଦ ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁ ଝାଡ଼ଖଣ୍ଡ ଅଞ୍ଚଳରୁ ବନ୍ୟାପାଣି ଆସି କୋଏଲ ନଦୀରେ ମିଶିବାରୁ ଏଭଳି ହୋଇଥିବା ଜଣାପଡିଛି।

କୁଆଁରମୁଣ୍ଡା ବ୍ଲକ ଝାରବେଡା ଓ କଚାରୋ ଗ୍ରାମପଞ୍ଚାୟତ ଅଧୀନ ୧୬ ଗ୍ରାମବାସୀ ରାଉରକେଲା ସହରକୁ ହମିରପୁର ନଦୀଘାଟ ଦେଇ ଯାତାୟାତ କରିଥାନ୍ତି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ କୋଏଲ ନଦୀରେ ହମିରପୁରଠାରୁ–ପସରା ଯାଏ ୧କିମି ବିଶିଷ୍ଟ ଅସ୍ଥାୟୀ ବାଉଁଶ ପୋଲ ତିଆରି କରାଯାଇଛି। ଏହାକୁ ଜଣେ ଠିକାଦାର ନିଲାମ ସୂତ୍ରରେ ନେଇ ରାଉରକେଲା ସହରକୁ ଆସୁଥିବା ଲୋକଙ୍କ ମୁଣ୍ଡ ପିଛା ୧୦ଟଙ୍କା ଲେଖାଏଁ ଟିକସ ଆଦାୟ କରୁଥିଲେ। ଫଳରେ ଏହି ବାଉଁଶ ପୋଲ ଦେଇ ହଜାର ହଜାର ଲୋକ ଯାତାୟାତ କରିପାରୁଥିଲେ। ମାତ୍ର ଗତ କିଛିଦିନ ଧରି ଲଗାଣ ବର୍ଷା ଯୋଗୁ ଝାଡ଼ଖଣ୍ଡ ଅଞ୍ଚଳରୁ ନିଷ୍କାସିତ ବନ୍ୟାପାଣି ସିଧାସଳଖ କୋଏଲ ନଦୀରେ ମିଶିବାରୁ ବୁଧବାର ବିଳମ୍ବିତ ରାତିରେ ଅସ୍ଥାୟୀ ବାଉଁଶ ପୋଲ ଭାସିଯାଇଛି। ତେବେ ବିଳମ୍ବିତ ରାତିରେ ପୋଲ ଭୁଶୁଡି ପଡିଥିବାରୁ କୌଣସି ଧନଜୀବନ ନଷ୍ଟ ହୋଇ ନ ଥିବା କୁହାଯାଇଛି। ଅନ୍ୟପକ୍ଷେ ଲୋକମାନଙ୍କ ଯାତାୟାତ ଲାଗି ନଦୀରେ ଡଙ୍ଗା ବ୍ୟବସ୍ଥା କରାଯିବ ବୋଲି ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳର ଅନୀଲ ଏକ୍କା କୁହନ୍ତି, ମିଟକୁନ୍ଦ୍ରୀ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଦୀର୍ଘ ୪ବର୍ଷ ତଳୁ ଚାଲିଥିବା ବେଳେ ବର୍ତ୍ତମାନ ଅଧାପନ୍ତରିଆ ଅବସ୍ଥାରେ ରହିଛି। ସେତୁ ନିର୍ମାଣ ହୋଇଗଲେ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳର ଲୋକମାନେ ଉପକୃତ ହେବେ। ଏଥିସହ ଉକ୍ତ ୧୬ଟି ଗାଁକୁ ମୋ ବସ ଚଳାଚଳ କରାଗଲେ କୋଏଲ ନଦୀରେ ବିପଦପୂର୍ଣ୍ଣ ଯାତ୍ରା ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଉରକେଲା ଭାରପ୍ରାପ୍ତ ତହସିଲଦାର ଶ୍ରୀମତୀ ଚାନ୍ଦନୀଙ୍କୁ ପଚାରିବାରୁ ଏହି ସମସ୍ୟା ନେଇ ହମିରପୁର ରାଜସ୍ୱ ସର୍କଲ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


ଭାସିଯାଇଥିବା ଅସ୍ଥାୟୀ ବାଉଁଶ ପୋଲକୁ ଉଦ୍ଧାର କରାଯାଉଛି।

## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଖପ୍ରାଖୋଲ,( ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କୁର୍ଲୁମାଲ ସଂରକ୍ଷିତ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଗୁରୁବାର ପୋଲିସ ଜବତ କରିଛି । ମୃତକ କୁର୍ଲୁମାଲ ଗାଁର ବିରଞ୍ଚି ଶଗଡ଼ିଆ(୪୬) ବୋଲି ଜଣାଯାଇଛି। ସୂଚନା ଅନୁସାରେ ବ୍ୟକ୍ତି ଜଣକ ଦୁଇବର୍ଷ ହେବ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ଗୁରୁବାର ସକାଳୁ ସେ ଘରୁ କୁଆଡେ ବାହାରି ଯାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା(୮/୨୩) ରୁଜୁ ହୋଇଛି।



ଟିଟିଲାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରୂଢ଼ ତିନି ଠାକୁରଙ୍କ ସୁନାବେଶ।



ଦେଓଗାଁ ବ୍ଲକ ସାଲେପାଲିରେ ସୁନାବେଶରେ ତିନିଠାକୁର ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ଠାକୁରଙ୍କ ସୁନାବେଶ ଦେଖି ଭକ୍ତ ବିଭୋର

ଟିଟିଲାଗଡ଼,୨୯।୬ (ଶରତ ମିଶ୍ର)

ଶ୍ରୀଶ୍ରୀ ଦଧିବାମନ ଟ୍ରଷ୍ଟ ଟିଟିଲାଗଡ ପକ୍ଷରୁ ପରିଚାଳିତ ମହାପ୍ରଭୁଙ୍କ ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଏନେଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରଢ ତିନି ଠାକୁରଙ୍କ ଗୁରୁବାର ସୁନାବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ଲାଗି ରହିଛି। ସେବାୟତଗଣ ସନ୍ଧ୍ୟାରୁ ମହାପ୍ରଭୁଙ୍କୁ ରଥରେ ସୁନାବେଶ ସହ ପାରମ୍ପରିକ ଭୋଗ, ଅଧରାପଣା ପ୍ରସାଦ ଅର୍ପଣ କରିଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳି, ସଂକୀର୍ତ୍ତନରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଟିଟିଲାଗଡ ଉପଜିଲାପାଳ ତଥା ଦଧିବାମନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଦୟାମୟ ପାଢ଼ିଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ସେବାୟତ ସନତ ପାଢ଼ି, କମ୍ବୁପାଣି ପାଢ଼ି, ସଞ୍ଜୟ ପାଢ଼ି, ଅଶୋକ ପାଢ଼ି, ପ୍ରଶାନ୍ତ ପାଢ଼ି, ନରୋତ୍ତମ ପାଢ଼ି, ଶୁଭ୍ରାଂଶୁ ପାଢ଼ି, ସୁମନ୍ତ ପାଢ଼ି, ନରେନ୍ଦ୍ର ପାଢ଼ି, ଟ୍ରଷ୍ଟ ସଦସ୍ୟ ସଞ୍ଜିବ ପାଢ଼ି, ଭବାନି ପ୍ରସାଦ ହୋତା, ଅଲେଖ ଦଳବେହେରା ପ୍ରମୁଖ ମହାପ୍ରଭୁଙ୍କ ରୀତିନୀତୀ ସମ୍ପନ୍ନରେ ସହାୟତା କରୁଛନ୍ତି।



ଦେଓଗାଁ ବ୍ଲକ ଅର୍ଡାରେ ଷୋହଳ ଚକିଆ ରଥରେ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ।

## ଅର୍ଡା, ସାଲେପାଲିରେ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ

ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଅର୍ଡା ଓ ସାଲେପାଲି ପଞ୍ଚାୟତ ମୁଖ୍ୟାଳୟରେ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି। ଅର୍ଡାରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଆନୁକୂଲରେ ଅନୁଷ୍ଠିତ ବାହୁଡ଼ା ଯାତ୍ରା ଅବସରରେ ଶ୍ରୀଜୀଉଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମହାବାହୁ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ଗ୍ରାମରେ କିଛି ବର୍ଷହେଲା ଗ୍ରାମବାସୀଙ୍କ ଉଦ୍ୟମରେ ଷୋହଳ ଚକିଆ ରଥ ନିର୍ମାଣ କରି ତେର ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ରଥଯାତ୍ରା ଅବସରରେ ମୀନା ବଜାର ମୁଖ୍ୟ ଆକର୍ଷଣ ସାଜିଛି । ଏଥିରେ ମନ୍ଦିର ପୂଜାରୀ କାଳିଆ ଷଡଙ୍ଗୀ ପୂଜକ ଦାୟିତ୍ୱ ତୁଲାଇଥିବାବେଳେ ହେମନ୍ତ ଷଡଙ୍ଗୀ ଛେରା ପହଁରା କରିଥିଲେ । କାର୍ଯ୍ୟକ୍ରମକୁ ସଭାପତି ଅନି ବେହେରା, ସମ୍ପାଦକ ଚାପ ବଗର୍ତ୍ତି, ଉପସଭାପତି ଲମ୍ବୋଦର ଭୋଇ, ଯୁଗ୍ମ ସମ୍ପାଦକ ଗିରିଗୋବର୍ଦ୍ଧନ ବିଶ୍ୱାଳ, ଛବିଳ ମାଝି, କାହ୍ନୁ ମେହେର, ବାଳକୃଷ୍ଣ ଭୋଇ, ହେମସାଗର ବଗର୍ତ୍ତି, ଭିକାରୀ ମେହେର, ନାରାୟଣ ମେହେର, ଭରତ ମାଝି ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ସେହିପରି ସାଲେପାଲି ଓ ମୁରସିଂହ ଅଭିନବ ଶ୍ରୀକ୍ଷେତ୍ରରେ ମଧ୍ୟ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ବାହୁଡ଼ା ଯାତ୍ରା ସମ୍ପନ୍ନ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

# ମିଶନଶକ୍ତି ପକ୍ଷରୁ ସଚେତନତା ଶିବିର

କର୍ଲାମୁଣ୍ଡା,୨୯।୬(ପ୍ରଦୀପ ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ରାଜୀବଗାନ୍ଧି ସେବା କେନ୍ଦ୍ରରେ କର୍ଲାମୁଣ୍ଡା ବିପିଏମୟୁ ଓ ମିଶନଶକ୍ତି ଓଡିଶା ସରକାରଙ୍କ ପକ୍ଷରୁ ଗୁରୁବାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଗିରିଜା ଗୁଡ଼ଲା, ସ୍ଥାନୀୟ ସରପଞ୍ଚ ଖିତିସୁତା ସାହୁ, ସମିତି ସଭ୍ୟା ରୀମା ସାହୁ, ମିଲେଟ ମିଶନ ପ୍ରକଳ୍ପ ଏବିପିସି ପ୍ରଦୀପ କୁମାର ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ ମିଶ୍ର, ମିଶନ ଶକ୍ତି ବିପିସି ବିପିନ ବାରିକ, ବିପିଏସିଏ ନେତ୍ରରାଜ ତାଣ୍ଡି, ଓଡିଶା ଜୀବନ ଜୀବିକା ମିଶନ ବିପିଏମ ଲଳିତ ବିଶି, ଆଇସିଡିଏସ ସୁପଭାଇଜର କୁସୁମ ପଣ୍ଡା, ଉର୍ମିଳା ସାହୁ, ମିଶନଶକ୍ତି ବ୍ଲକ ଫେଡେରେଶନ ସଭାନେତ୍ରୀ ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୮ ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କରୁ ଋଣ ମଞ୍ଜୁର ହୋଇଥିବା ବିପିସି ବିପିନ ବାରିକ ସୂଚନା ଦେଇଥିଲେ। ଶିବିରରେ ମିଶନ ଶକ୍ତି ବ୍ଲକ ଓ ପଞ୍ଚାୟତ ଫେଡରେଶନ କର୍ମକର୍ତ୍ତା, ସିଆରପି, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ଅଂଶ ଗ୍ରହଣ କରିଥିଲେ।



ଶିବିରରେ ଅଂଶ ଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ।

# ବ୍ଲକ ବାରିକ ସମାଜ ବୈଠକ

ଲୋଇସିଂହା, ୨୯।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କର୍ଲିପାଟ ସ୍ଥିତ ବାରିକ ସମାଜ ଅସ୍ଥାୟୀ ଭବନରେ ସମାଜର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି କିଶୋର ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସଭାପତି କଙ୍ଗାଲୁ ବାରିକ, କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, ଉପସଭାପତି ନବୀନ ପଶାୟତ, ପୁଇଁତଳା ବ୍ଲକ ସଭାପତି ଦିଲୀପ ବାରିକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସମାଜର ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ହରିଶଙ୍କର ବାରିକ, ଅଧିକାର ବାରିକ, ନାରାୟଣ ବାରିକ, ସୁପାଳ ପଶାୟତ, ଶିବ ପଶାୟତ, ସରୋଜ ପଶାୟତ, ପ୍ରଦୀପ ପଶାୟତ, ଅଭିମନ୍ୟୁ ବାରିକ, ମୁକ୍ତି ବାରିକ ଓ ରମେଶ ବାରିକ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ସମାଜର ସର୍ବାଙ୍ଗୀନ ବିକାଶ କିପରି ହୋଇପାରିବ ତାହା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସତ୍ୟନାରାୟଣ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲ ମଝିରେ ପାଣି, ଯାତାୟାତରେ ବାଧା

ଜମନକିରା,୨୯।୬ (ରବୀନ୍ଦ୍ର ପ୍ରସାଦ ଦାନି)

ସମ୍ପ୍ରତି ମୋସୁମୀଜନିତ ଲଗାଣ ବର୍ଷା ଯୋଗୁ ୫୩ନଂ. ଜାତୀୟ ରାଜପଥର ଜମନକିରା ବ୍ଲକ ପିଠାମାରେନ ପୋଲ ମଝିରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଯାନବାହାନ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସୂଚନା ଅନୁଯାୟୀ ଜଳ ନିଷ୍କାସନ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପୋଲ ଉପରେ ଆଉଟଲେଟ୍ ନିର୍ମାଣ କରାଯାଇଛି। ହେଲେ ଶହ ଶହ ସଂଖ୍ୟାରେ ଭାରିଯାନ ଯାତାୟାତ କରୁଥିବାରୁ ଉକ୍ତ ଆଉଟଲେଟ୍‌ରେ ମାଟି, ଆବର୍ଜନା ଆଦି ପଶି ବନ୍ଦ ହୋଇରହିଛି। ଫଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ପାଣି ଜମିଥିବାବେଳେ ଯାନବାହନ ଚଳାଚଳ ଯୋଗୁ ଛୋଟ ଗର୍ତ୍ତ ବଡ ଆକାର ଧାରଣ କଲାଣି। ଏଥିଯୋଗୁ ଛୋଟ ଚକ ଥିବା ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଭାରିଯାନ ଯିବା ସମୟରେ ବାଇକ୍ ଚାଳନା ଅସମ୍ଭବ ହୋଇପଡୁଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ଏହାର ପ୍ରତିକାର କରା ନ ଗଲେ ରାସ୍ତା ବନ୍ଦ କରାଯିବ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ପିଡ଼ି କେ.ଏନ. ରାଓଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ନୂଆପଡ଼ା,୨୯।୬(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ବଲୋଦା ଗାଁର ସାଇ ମନ୍ଦିର ଓ ଖରିଆର ରୋଡ ମୁଡାଗାଁ ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାର ରାତ୍ରିରେ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖରିଆର ରୋଡ ଖପେତାରାର ଲାଲୁ ସତନାମୀ (୩୩), ହାଇସ୍କୁଲ ପଡାର ଆଶିଷ ଗହିର (୨୯) ଓ ବଜାର ପଡାର ଅନୁରାଗ କୁମାର (୧୯)ଙ୍କୁ ଜୋଙ୍କ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଚୋରି ସାମଗ୍ରୀ କିଣିଥିବା ଖରିଆର ରୋଡର ରାଜ ହଜାରେ (୩୫) ଫେରାର ଥିବା ଜଣାପଡ଼ିଛି। ସେମାନଙ୍କଠାରୁ ବିଭିନ୍ନ ଚୋରି ସାମଗ୍ରୀ ଜବତ କରି ତଦନ୍ତ ଚାଲିଛି ବୋଲି ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ବଲୋଦା ଗାଁର ସାଇ ମନ୍ଦିର ଓ ଖରିଆର ରୋଡ ମୁଡାଗାଁ ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାର ରାତ୍ରିରେ ଚୋରି ହୋଇଥିବା ଜୋଙ୍କ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ନୂଆପଡା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଜୋଙ୍କ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ଓ ଲଖନା ଥାନା ଆଇଆଇସି ଗୁରୁଦେବ କର୍ମୀଙ୍କୁ ଦୁଇଟି ଟିମ ଗଠନ କରି ତଦନ୍ତ ଜାରି ରହିଥିଲା। ବୋଲୋଦା ଛକରେ ଲାଗିଥିବା ସିସିଟିଭି ଫୁଟେଜରେ କଏଦ ହୋଇଥିବା ଫଟୋ ଅନୁସାରେ ପୋଲିସ ତଦନ୍ତ କରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଜଳସେଚନ ବିଭାଗ ସତର୍କତା ସୂଚନା ପରେ ବଢ଼ିଲା ଅଡୁଆ

ଲୋଇସିଂହା, ୨୯।୬(ସୁଶାନ୍ତ ବାରିକ)

ମୌସୁମୀ ଜନିତ ବର୍ଷା ପରେ ସୁକତେଲ ନଦୀରେ ପାଣି ପ୍ରବାହିତ ହେଉଛି । ବଲାଙ୍ଗୀର ଜିଲାର ବହୁ ପ୍ରତିକ୍ଷୀତ ଲୋୟର ସୁକତେଲ ପ୍ରକଳ୍ପ ଡ୍ୟାମରେ ଗତ ମଙ୍ଗଳବାରରୁ ବର୍ଷା ପାଣି ଅଟକା ଯାଇଛି। ଉପରମୁଣ୍ଡରେ ବର୍ଷ ହୋଇଥିବାରୁ ଡ୍ୟାମରେ ପାଣି ବଢ଼ିବାରେ ଲାଗିଛି। ଜଳସେଚନ ବିଭାଗ ପକ୍ଷରୁ ଯେ କୌଣସି ମୁହୂର୍ତ୍ତରେ ଡ୍ୟାମରୁ ପାଣି ନିଷ୍କାସନ ପାଇଁ ଛାଡି ପାରେ। ଏଥିପାଇଁ ତଳମୁଣ୍ଡ ନଦୀତଟ ଗ୍ରାମବାସୀ ସୁକତେଲ ନଦୀକୁ ବ୍ୟବହାର କଲା ବେଳେ ସତର୍କତା ଅବଲମ୍ବନ ବା ସଜାଗ ରହିବାକୁ ନୋଟିସରେ ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ ଏପରି ସତର୍କତା ଜାରି କରିଛନ୍ତି। ପ୍ରଥମ ଥର ସମ୍ପୃକ୍ତ ଅଞ୍ଚଳବାସୀ ଏପରି ସାମନା କରିବାକୁ ଯାଉଛନ୍ତି। ହେଲେ ଜଳସେଚନ ବିଭାଗର ସତର୍କତା ସୂଚନାରେ ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ଉଲ୍ଲେଖ ନାହିଁ । ଆକସ୍ମିକ ଭାବେ ଯଦି ଡ୍ୟାମରୁ ପାଣି ଛଡା ଯିବ ତାହେଲେ ଅଘଟଣ ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଣୁ ଡ୍ୟାମ ତଳମୁଣ୍ଡରେ ଥିବା ସୁକତେଲ ନଦୀ ତଟବର୍ତ୍ତୀ ବଲାଙ୍ଗୀର ଜିଲାର ଲୋଇସିଂହା, ପୁଇଁତଳା, ବଲାଙ୍ଗୀର ବ୍ଲକ ଏବଂ ସୁବର୍ଣ୍ଣପୁର ଜିଲାବାସୀଙ୍କ ପାଇଁ ଏବେ ଅଡୁଆ ବଢ଼ିଯାଇଛି।

# ଜିଲା ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ମହାସଂଘର ବୈଠକ

ଖଡ଼ିଆଳ,୨୯।୬(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଖଡିଆଳଠାରେ ଜିଲା ଏକ୍ସକ୍ୟାଡର ପ୍ରାଥମିକ ଶିକ୍ଷକ ମହାସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ବରିଷ୍ଠ ଶିକ୍ଷକ ଖଗେଶ୍ୱର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକସ୍ତରରେ ଶିକ୍ଷକମାନଙ୍କୁ ସଙ୍ଗଠିତ କରାଯାଇ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ଆଗାମୀ ଦିନରେ ହେବାକୁ ଥିବା ଦୁର୍ବାର ଆନ୍ଦୋଳନରେ ଜିଲାର ସତପ୍ରତିଶତ ଶିକ୍ଷକ ସାମିଲ ପାଇଁ ହୁଇପ ଜାରି କରିଛନ୍ତି। ସୁଚନା ଥାଉକି ଏକ୍ସକ୍ୟାଡର ଶିକ୍ଷକମାନେ ୩ ଦଫା ଦାବି ନେଇ ସମସ୍ତ ଏକ୍ସକ୍ୟାଡର ଶିକ୍ଷକଙ୍କୁ କେଡରଭୁକ୍ତ କରିବା, ଇନକ୍ରିମେଣ୍ଟ ପ୍ରଦାନ କରିବା ସହିତ ବଞ୍ଚିତ ଗଣଶିକ୍ଷକମାନଙ୍କୁ ନିୟମିତ କରିବା ଦାବିରେ ଅନେକ ସମୟରେ ବିଧାନସଭା ଘେରାଉ କରି ବିଫଳ ହେବା ପରେ ନୁତନ ତରିକାରେ ଆନ୍ଦୋଳନ କରିବାର ନିଷ୍ପତ୍ତି ହୋଇଥିବା ପ୍ରକାଶ କରିଛନ୍ତି। ରାଜ୍ୟର ସମସ୍ତ ଶିକ୍ଷକ ମାସ ଲିଭରେ ରହି ଦାବି ପୁରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବକ୍ତବ୍ୟ ପ୍ରଦାନ କରିଛନ୍ତି। ବୈଠକରେ ଜିଲା ମହାସଚିବ ଭୋଜରାମ ଅହିର, କାର୍ଯ୍ୟକାରୀ ସଭାପତି ପ୍ରକାଶ ଦଣ୍ଡସେନାଙ୍କ ସମେତ ସମସ୍ତ ଜିଲା ଏବଂ ବ୍ଲକ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଏକ୍ସକ୍ୟାଡର ମହାସଂଘର ବୈଠକରେ ଯୋଗଦେଇଥିବା ଶିକ୍ଷକବୃନ୍ଦ।

# ଅଣସଂଗଠିତ ଶ୍ରମିକଙ୍କ ଅଧିକାର ସମ୍ପର୍କରେ ତାଲିମ

ମୁରିବାହାଲ,୨୯।୬(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଶିରୋଲ ପଞ୍ଚାୟତ କାର୍ଯ୍ୟାଳୟରେ ଅଣସଂଗଠିତ ଶ୍ରମିକମାନଙ୍କ ଅଧିକାର ସମ୍ପର୍କରେ ଏକ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆକ୍ସନ ଏଡ ଆସୋସିଏଶନ ପକ୍ଷରୁ ଦ୍ୱିତୀୟ ଦିବସ ତାଲିମ ଶିବିର ନିର୍ମାଣ ଶ୍ରମିକ, ସଂଗଠନ, ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ତାଲିମଦାତା ଭାବେ ଫକୀର ମୋହନ ରାଉତ, ରୋମାଞ୍ଚନ କୁମ୍ଭାର ଓ ସୋନାଲି ନନ୍ଦ ଉପସ୍ଥିତ ରହି ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ ଅଣ ସଂଗଠିତ ଶ୍ରମିକମାନଙ୍କ ବିଭିନ୍ନ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚୁ ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଆଦିବାସୀ, ଦଳିତ, ପଛୁଆ ବଗଙ୍କ ଅଧିକାର ଲୁଟ୍ କରାଯାଉଛି ବୋଲି କହିଥିଲେ। ତାଲିମ ଶିବିରରେ ୫୭ ଜଣ ଯୁବତୀ ଯୁବକଙ୍କୁ ତାଲିମ ଦିଆଯାଇଥିଲା। ମୁରଲୀ ଚରଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ।




ତାଲିମ ଶିବିରରେ ଆୟୋଜକ ଓ ତାଲିମାର୍ଥୀ।

# ଶ୍ରେଣୀଗୃହ ଅଭାବ, ଶୌଚାଳୟ ନାହିଁ

ଲାଠୋର,୨୯।୬(ଭୁବନେଶ୍ୱର ବାରିକ)

- ଲାଠୋର, ଜାମଟୁଁଆ, ଟଙ୍କପାଣି, ରେଙ୍ଗାଲି, ଫୁଲକିମୁଣ୍ଡା କ୍ଲଷ୍ଟର
- ବର୍ଷାଦିନେ ଛାତ୍ରୀଛାତ୍ରଙ୍କ ପାଇଁ ସୃଷ୍ଟି କରିବ ସମସ୍ୟା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଅଞ୍ଚଳରେ ଥିବା ଅନେକ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ଓ ଶୌଚାଳୟ ନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ନେଇ ଅବଗତ ଥିଲେ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଲାଠୋର, ଜାମଟୁଁଆ, ଟଙ୍କପାଣି, ରେଙ୍ଗାଲି ଏବଂ ଫୁଲକିମୁଣ୍ଡା ଆଦି ୫ଟି କ୍ଲଷ୍ଟର ରହିଛି। ସେହିସବୁ କ୍ଲଷ୍ଟର ଅଧୀନରେ ଅନେକ ଗୁଡ଼ିଏ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଜାମଟୁଁଆ କ୍ଲଷ୍ଟର ଅଞ୍ଚଳରେ ରହିଥିବା ଚହକପଡା, ଭରୁଆମୁଣ୍ଡା, ଫୁଲଝର ଏବଂ ଜାମଟୁଁଆ ଗ୍ରାମରେ ଥିବା ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ରହିଛି। ଲାଠୋର କ୍ଲଷ୍ଟର ଅଧିନ ଲାଠୋର ନୋଡାଲ, ପୁଡ଼ାପଡା, ତଳିପଡ଼ା, ଜଳପାଙ୍କେଲ, କରୁଆଁଝର, ସାନଗୁର୍ଜିଭଟା ଆଦି ଗ୍ରାମରେ ଥିବା ବିଦ୍ୟାଳୟରେ ନାହିଁ ଆବଶ୍ୟକ ଶ୍ରେଣୀଗୃହ। ଟଙ୍କପାଣି କ୍ଲଷ୍ଟର ଅଧୀନ ଚୋରମୁଣ୍ଡା, ବୁଢ଼ାଛାପର ଏବଂ ସୁନାମୁଦି ଗ୍ରାମ୍ୟ ବିଦ୍ୟାଳୟରେ ମଧ ସମାନ ଅବସ୍ଥା। ସେହିପରି ରେଙ୍ଗାଲି ଏବଂ ଫୁଲକିମୁଣ୍ଡା କ୍ଲଷ୍ଟର ଅଧୀନ କେତେକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ରହିଛି। ପ୍ରାୟ ବିଦ୍ୟାଳୟରେ ଶୌଚାଳୟ ନଥିବା ସଙ୍ଗେ ସମାନ। ସମ୍ପୃକ୍ତ ବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ ଶିକ୍ଷକମାନେ ଏ ନେଇ ସବିଶେଷ ତଥ୍ୟ କ୍ଲଷ୍ଟରମାନଙ୍କୁ ନିଯୁକ୍ତ ସିଆରସିସିଙ୍କୁ ଦେଇଛନ୍ତି। ସିଆରସିସିମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବଗତ କରୁଛନ୍ତି। ହେଲେ ଏ ନେଇ ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ସିଆରସିସିମାନେ ପ୍ରଦାନ କରିଥିବା ତଥ୍ୟ ବ୍ଲକ କାର୍ଯ୍ୟାଳୟ ପଠାଇ ତାହାକୁ ଅନୁସରଣ କରା ଯାଉନାହିଁ । ଫଳରେ ବ୍ଲକରୁ ଯାହା ମଞ୍ଜୁର ହୋଇ ଆସିଲା ସେତକ କାମ ହେଲା, ବାକି ସବୁ ପଡ଼ି ରହିଲା। ଏଦିଗରେ ଠୋସ ପଦକ୍ଷେପ ଗ୍ରହଣ କରା ନ ଗଲେ ଚଳିତ ବର୍ଷାଋତୁରେ ଛାତ୍ରୀଛାତ୍ର ପାଣିରେ ଭିଜିବା ସାଙ୍ଗକୁ ବାହାରକୁ ଶୌଚ ଯାଇ ସଂକ୍ରମଣର ଶିକାର ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ମିନକେତନ ବାରିହାଙ୍କୁ ପଚାରିବାରୁ ଆମ ପାଖକୁ ଯାହା ପ୍ରସ୍ତାବ ଆସୁଛି ଆମେ ବ୍ଲକକୁ ପଠାଇ ଦେଉଛୁ। ସେଠାର କ'ଣ ହେଉଛି ଆମେ ଜାଣି ପାରୁନାହୁଁ। ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ମୋରମ ଚାଲାଣବେଳେ ହାଇୱା ଜବତ


ଡୁଙ୍ଗୁରି ଛକ ନିକଟରୁ ଜବତ ହାଇୱା।

**ଅମରପାଲି,୨୯।୬(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଢ଼ାଖୋଲ ରାସ୍ତା ଡୁଙ୍ଗୁରି ଛକ ନିକଟରୁ ବେଆଇନ ମୋରମ ଚାଲାଣ ହେଉଥିବାବେଳେ ଓଡି-୩୧ବି-୪୧୨୧ ନମ୍ବର ବିଶିଷ୍ଟ ଏକ ହାଇୱା ଜବତ ହୋଇଛି। ବେଆଇନ ମୋରମ ଚାଲାଣ ହେଉଥିବା ଖବର ପାଇ ବୀରମହାରାଜପୁର ତହସିଲଦାର ବିବୁଧ ଗଣନାୟକ ଏହାକୁ ଅଟକାଇ ଥିଲେ। ଏହାପରେ ଯାଞ୍ଚ କରିବାରୁ ଡ୍ରାଇଭର କୌଣସି ବୈଧ କାଗଜପତ୍ର ଦେଇପାରି ନ ଥିଲା। ଫଳରେ ବେଆଇନ ମୋରମ ଚାଲାଣ ଅଭିଯୋଗରେ ତହସିଲଦାର ଗଣନାୟକ ସମ୍ପୃକ୍ତ ହାଇୱା ମାଲିକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**କୋକସରା,୨୯।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ସାନପୋ ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ବୁଧବାର ରାତିରେ ଶୋଇଥିବା ବେଳେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବନମାଳି ମାଝି (୪୦)। ମଙ୍ଗଳପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଶୋଇଥିବା ବେଳେ ବନମାଳିଙ୍କୁ ସାପ କାମୁଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଗଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ହସ୍ପିଟାଲ ସ୍ଥାନାନ୍ତର କରାଯାଉଥିବା ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହ ଗାଁକୁ ନେଇ ଆସିଥିଲେ। ଖବର ପାଇ ଗୋଟୋମୁଣ୍ଡା ଫାଣ୍ଡି ଏଏସଆଇ ମନୋଜ କୁମାର ନାଏକ ପହଞ୍ଚି ଶବ ଜବତ କରିଥିଲା।

### ୧୦ଦିନ ହେଲା ଅନ୍ଧାରରେ କନ୍ଧତଇଲା ଗ୍ରାମ



**ତଳଗାଁ,୨୯।୬(କୁନା ବେହେରା):** ବୌଦ୍ଧ ଜିଲା କୁଶଙ୍ଗ ପଞ୍ଚାୟତର କନ୍ଧତଇଲା ଗ୍ରାମ ଦୀର୍ଘ ୧୦ଦିନ ହେଲା ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଅନ୍ଧାରରେ ରହିଥିବା ଜଣାପଡିଛି। ଫଳରେ ବର୍ଷା ଦିନ ଥିବାବେଳେ ଗ୍ରାମବାସୀ ବହୁ କଷ୍ଟରେ ରହୁଛନ୍ତି। ଗତ ସୋମବାର ହରଭଙ୍ଗା ବ୍ଲକର ଲୁଣିବାହାଲ ଗ୍ରାମପଞ୍ଚାୟତରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଥିବାବେଳେ ଗ୍ରାମବାସୀ ଅଭିଯାଗ କରିଥିଲେ। କିନ୍ତୁ ଅଭିଯୋଗ ପରେ ମଧ ଫଳ ଶୂନ। ଅଭିଯୋଗର ୫ ଦିନ ବିତିଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ଯଦି ପଦକ୍ଷେପ ନିଆ ନ ଯାଏ ଆଗାମୀ ଦିନରେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

# ବିହନ, ସାର ବିକ୍ରୟ କେନ୍ଦ୍ରରେ ଚଢ଼ାଉ

**୬୬ କୁଇଣ୍ଟାଲ ବିହନ, ୧୯ କୁଇଣ୍ଟାଲ ସାର ଜବତ**

ସିନାପାଲି,୨୯।୬(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବରଗାଁଠାରେ ଥିବା ମହିମା ବିହନ ଓ ସାର ବିକ୍ରୟ କେନ୍ଦ୍ରରେ ବେଆଇନ ବିକ୍ରି କରାଯାଉଥିବା ଅଭିଯୋଗରେ ଚଢ଼ାଉ କରି ୬୬.୬ କୁଇଣ୍ଟାଲ ବିହନ ଓ ୧୯ କୁଇଣ୍ଟାଲ ସାର ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୂଆପଡା ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଗୁରୁବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇଥିଲା। ପ୍ରାପ୍ତ ସୂଚନା ଅନୁସାରେ ମହିମା ବିହନ ଓ ସାର ବିକ୍ରୟ କେନ୍ଦ୍ରର ପରିଚାଳକ ରାଜେନ୍ଦ୍ର ସାଙ୍କ ନାମରେ ଅଗ୍ରଜା ନାମକ କେବଳ ଗୋଟିଏ ପ୍ରକାର ବିହନ ବିକ୍ରୟ କରିବା ଲାଇସେନ୍ସ ରହିଛି। କିନ୍ତୁ ସେ ବେଆଇନ ଭାବେ ଅନ୍ୟ ୩୨ ପ୍ରକାରର ବିହନ ବେଆଇନ ବିକ୍ରି କରୁଥିବା ଜଣାପଡ଼ିଛି। ସେହିଭଳି ତାଙ୍କ ନାମରେ ସାର ବିକ୍ରୟ ପାଇଁ କୌଣସି ଲାଇସେନ୍ସ ନ ଥିବା ବେଳେ ବେଆଇନ ସାର ଗଚ୍ଛିତ କରି ବିକ୍ରି କରୁଥିବା ଚଢ଼ାଉ ସମୟରେ ଜଣାପଡିଥିଲା। ଚଢ଼ାଉ ସମୟରେ ପରିଚାଳକ ରାଜେନ୍ଦ୍ର ସା ଅନୁପସ୍ଥିତ ଥିବାରୁ ତାଙ୍କ ସ୍ତ୍ରୀ ଚେତାମଣି ସାଙ୍କ ଉପସ୍ଥିତିରେ ବେଆଇନ ବିକ୍ରି ହେଉଥିବା ମୋଟ ୬୬.୬୬ କୁଇଣ୍ଟାଲ ବିଭିନ୍ନ ପ୍ରକାର ବିହନ ଓ ୧୯ କୁଇଣ୍ଟାଲ ସାର ଜବତ କରାଯାଇଥିଲା। ବିଭାଗୀୟ ଅଧିକାରୀଙ୍କ ଚଢ଼ାଉ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ କରାଯିବା ବ୍ୟବସ୍ଥା ରହିଛି। ଚଢ଼ାଉ ପରେ ବିଭାଗୀୟ ଅଧିକାରୀ ଦୀର୍ଘ ସମୟ ଧରି ମାଜିଷ୍ଟ୍ରେଟ ତଥା ସିନାପାଲି ଅତିରିକ୍ତ ତହସିଲଦାର ରାମ ନାରାୟଣ ମିଶ୍ରଙ୍କୁ ଅପେକ୍ଷା କରିବାକୁ ପଡିଥିଲା। ଦୀର୍ଘ ସମୟ ପରେ ମିଶ୍ର ଆସିବାରୁ ତାଙ୍କ ଉପସ୍ଥିତିରେ ଜବତ ବିହନ ଓ ସାର ସିନାପାଲି ପାକ୍ସକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଚଢ଼ାଉରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ସହ ଜିଲା ଯୋଜନା ଅଧିକାରୀ ସତ୍ୟ ଭୂଷଣ ନାୟକ, ସିନାପାଲି ସହକାରୀ କୃଷି ଅଧିକାରୀ ସୁଧାଂଶୁ ମେହେର କୃଷି ପରିଦର୍ଶକ ବ୍ରଜରାଜ ସାହୁ, ବୋଡ଼େନ ଥାନା ଏସଆଇ କୁଳମଣି ବୁରୁଦା ତଥା ବିଭାଗୀୟଅନ୍ୟଅଧିକାରୀସାମିଲଥିଲେ।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଉଛି।

## ଗଛ ପଡ଼ି ରାସ୍ତା ଅବରୋଧ, ଯାତାୟାତ ବନ୍ଦ


ସୁବଳୟା ରାସ୍ତାରେ ଗଛ ପଡି ରହିଛି।

ଅମରପାଲି,୨୯।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ବିରାଟକାୟ ବରଗଛଟି ଭାଙ୍ଗି ରାସ୍ତା ଅବରୋଧ ହେବା ସହିତ ଯାତାୟାତ ଓ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ସୂଚନାମତେ ବହୁ ପୁରୁଣା ଗଛ ହୋଇଥିବାରୁ ଗତ ଗୁରୁବାର ମଧ୍ୟରାତ୍ରିରେ ବରଗଛର ଏକ ପାର୍ଶ୍ୱ ଭାଙ୍ଗିଯାଇ ମୁଖ୍ୟରାସ୍ତାରେ ପଡିଥିଲା। ଗଛଟି ରାସ୍ତା ଉପରେ ସମ୍ପୂର୍ଣ୍ଣ ପଡିଯିବାରୁ ଉକ୍ତ ରାସ୍ତାରେ ଯାତାୟାତ ଠପ ହୋଇଯାଇଛି। ଏହା ସହିତ ଗଛଟି ବିଦ୍ୟୁତ୍ ତାର ଉପରେ ପଡିଯିବାରୁ ବିଦ୍ୟୁତ୍ ସେବା ମଧ ବ୍ୟାହାତ ହୋଇଯାଇଥିଲା। ବୀରମହାରାଜପୁର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ବହୁ ପରିଶ୍ରମ ପରେ ରାସ୍ତାରୁ ଗଛ କାଟି ସଫା କରିଥିବାବେଳେ ବିଦ୍ୟୁତ୍ କର୍ମଚାରୀମାନେ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ଲାଗିଛନ୍ତି।

## ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି


ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ସୁନା ଓ ଫୁଲବେଶରେ ଦର୍ଶନ ଦେଉଛନ୍ତି।

ବୌଦ୍ଧ,୨୯।୬(ଅଜିତ କୁମାର ବାରିକ)

ନଅ ଦିନର ଲୀଳାଖେଳା ପରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା'ଙ୍କ ଘରୁ ବୁଧବାର ଶ୍ରୀମନ୍ଦିରକୁ ବାହୁଡିଛନ୍ତି। ଗଡଜାତ ବୌଦ୍ଧରେ ରଥଯାତ୍ରା ଏକ ଗଣପର୍ବ ଭାବେ ପାଳନ ହୋଇଆସୁଥିବାବେଳେ ରଥଯାତ୍ରା ଭଳି ବାହୁଡ଼ା ଯାତ୍ରା ମଧ୍ୟ ଧୁମଧାମ୍‌ରେ ପାଳିତ ହୋଇଛି। ବାହୁଡା ଦିନ ବଡଦାଣ୍ଡରେ ରଥ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଯିବାରୁ ଆଉ ଯାଇପାରି ନ ଥିଲା। ଚତୁର୍ଦ୍ଧାମୂର୍ତ୍ତି ରାତିରେ ରଥ ଉପରେ ରହିଥିଲେ। ଗୁରୁବାର ସକାଳୁ ରଥକୁ ରଥଖଳାକୁ ନିଆଯାଇଥିଲା। ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ବୌଦ୍ଧର ଜଗନ୍ନାଥ ମନ୍ଦିର ଆଗରେ ଥିବା ରଥ ଖଳାରେ ଅଭଙ୍ଗ ରଥରେ ସୁନାବେଶ ଓ ଫୁଲବେଶରେ ସଜ୍ଜିତ ହୋଇ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରଥ ଉପରେ ସେବାୟତମାନେ ସନ୍ଧ୍ୟା ସମୟରେ ଶ୍ରୀଜୀଉମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧାଇବା ସହ ଫୁଲରେ ସଜ୍ଜିତ କରିଥିଲେ। ପାଗ ଅନୁକୁଳ ଥିବାରୁ ସୁନାବେଶ ଦେଖିବା ପାଇଁ ହଜାର ହଜାର ଭକ୍ତ ଲମ୍ବା ଧାଡିରେ ରହିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ପ୍ରଭୂଙ୍କ ସୁନାବେଶ ଦର୍ଶନ କରିଥିଲେ। ଏହା ସହ ହରିଗୁଡ଼ି ଜଗନ୍ନାଥଙ୍କ ମଧ୍ୟ ସୁନାବେଶ ଓ ଫୁଲ ବେଶ ହେବା ସହ ଭକ୍ତମାନେ ଦର୍ଶନ କରିଥିଲେ। ବିଳମ୍ବିତ ରାତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିଳାଦ୍ରୀ ବିଜେ କରାଯାଇଥିଲା।

## ଲାଞ୍ଜିଗଡରେ ପୁଣି ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟୱର୍କ ନାହିଁ

**ଏପ୍ରିଲରେ ୯ ଦିନ, ମେ'ରେ ମଧ ୫ ଦିନ ନେଟୱର୍କ ନ ଥିଲା**

ଲାଞ୍ଜିଗଡ଼,୨୯।୬
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ପୁଣି ଥରେ ଗତ ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ଼) ନେଟୱର୍କ ନାହିଁ। ଫଳରେ ଲୋକଙ୍କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବାରମ୍ବାର ଅଭିଯୋଗ କଲେ ମଧ କୋଣସି ସୁଫଳ ମିଳୁନାହିଁ। ଲାଞ୍ଜିଗଡ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ଅନେକ ଲୋକ ବିଭିନ୍ନ ସିମ ବ୍ୟବହାର କରିଥାନ୍ତି। ସେଥି ମଧ୍ୟରୁ ବିଏସ୍‌ଏନ୍‌ଏଲ୍ ସିମ ଅନ୍ୟତମ। ଏହି ସିମକୁ ବହୁଳ ବ୍ୟବହାର କରିଥାନ୍ତି। ଏପରିକି ଅଫିସରେ ମଧ ଅଧିକତ ବିଏସଏନଏଲ ନେଟର ବ୍ୟବହାର ହୋଇଥାଏ। ହେଲେ ବର୍ତ୍ତମାନ ଲୋକଙ୍କ ଆସ୍ଥା ହରାଉଛି ଏହି କମ୍ପାନୀ। ଲୋକଙ୍କୁ ଠିକରେ ସେବା ଯୋଗାଇ ପାରୁନାହିଁ। ଅଧିକାଂଶ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ବିଏସ୍‌ଏନ୍‌ଏଲ୍ ନମ୍ବର ଜଡିତ ଥିବାରୁ ସେମାନେ ଓଟିପି ନ ଆସିଲେ ବ୍ୟାଙ୍କ ଟ୍ରାନ୍ସକ୍ସନ ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। କେତେବେଳେ ନେଟୱର୍କ ରହୁଛି ତ କେତେବେଳେ ରହୁନାହିଁ। ଅନ୍ୟ ନେଟୱର୍କ ତୁଳନାରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ପ୍ରତି ମାସରେ ୫ ଦିନ ୬ଦିନ ନେଟୱର୍କ ଉଭାନ ହୋଇଯାଏ। ସୂଚନା ଥାଉକି ଗତ ଏପ୍ରିଲରେ ୯ ଦିନ ଏବଂ ମେ'ରେ ମଧ ୫ ଦିନ ନେଟୱର୍କ ନ ଥିଲା। ଲାଞ୍ଜିଗଡ ସହରରେ ଲୋକେ ଅଧିକ ମାତ୍ରାରେ ଏହି ସିମ ବ୍ୟବହାର କରୁଛନ୍ତି। ହେଲେ ସେବା ନ ମିଳିବାରୁ ଶେଷରେ ସିମ ବଦଳାଉଛନ୍ତି। ୫ ଦିନ ହେଲା ନେଟ କାମ ହୋଇପାରୁନାହିଁ। ଏହାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି। ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡାଇ ଦିଆ ଯାଇ ନ ପାରେ। ସେଥିପାଇଁ ଯଥା ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

## ସୁବର୍ଣ୍ଣପୁରରେ ଉତ୍କଳ ବାଳାଶ୍ରମ ଉଦ୍‌ଘାଟିତ

ସୋନପୁର,୨୯।୬(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଅନୁମୋଦିତ ଉତ୍କଳ ବାଳାଶ୍ରମ ଗୁରୁବାର ଶିଶୁ ଗୃହଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବାଳାଶ୍ରମକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବାଳାଶ୍ରମ ଜିଲାର ଅନାଥ ଓ ଅସହାୟ କୋମଳମୋତି ଶିଶୁଙ୍କ ବହୁବିଧ ଉନ୍ନତିରେ ସହାୟକ ହେବ ବୋଲି ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ୫୦ ଜଣ ଶିଶୁ ଏହି ବାଳାଶ୍ରମରେ ରହିବାର ବ୍ୟବସ୍ଥା ରହିଛି। ଏହା ଜିଲାର ଏକ ମାତ୍ର ଅନୁଷ୍ଠାନ ଯାହା ସରକାରଙ୍କ ଆର୍ଥିକ ସହାୟତାରେ ପରିଚାଳିତ ହେଉଥିବା ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ହେମନ୍ତ କୁମାର ସା, ଶାନ୍ତନୁ କର୍ଣ୍ଣ, ବୌଦ୍ଧ ଶିଶୁ ମଙ୍ଗଳ କମିଟି ସଦସ୍ୟ ରାଜୀବ ଲୋଚନ ନାୟକ, ଚାଇଲଡ ଲାଇନ ନିର୍ଦ୍ଦେଶକ ଅନଙ୍ଗ ନେଗୀ, ମନୋଜ ସୱାଇଁ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଗୋବିନ୍ଦ ମହାରଣା ତଥା ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଡୁଙ୍ଗୁରିପାଲି ରେଲୱେ ସାଇଡିଙ୍ଗରେ ପାରାଦୀପ ଫସଫେଟ ସାର


ଡୁଙ୍ଗୁରିପାଲି ରେଲୱେ ସାଇଡିଙ୍ଗରେ ସାର ପହଞ୍ଚିବା ପରେ ପିପିଏଲ ଅଧିକାରୀ ଓ ଜିଲା ଟ୍ରକ ମାଲିକ ସଂଘ ସଭାପତି।

ଡୁଙ୍ଗୁରିପାଲି,୨୯।୬ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରେଲୱେ ସାଇଡିଙ୍ଗରେ ଗୁରୁବାର ପାରାଦୀପ ଫସଫେଟ ଲିମିଟେଡ଼(ପିପିଏଲ) ସାର ପ୍ରଥମ କରି ପହଞ୍ଚିଛି । ଏହାକୁ ବିଧିବଧ ଭାବେ ଜିଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ପିପିଏଲ କମ୍ପାନୀର ମାର୍କେଟିଙ୍ଗ ମ୍ୟାନେଜର ଏସ. କେ.ତ୍ରିପାଠୀ, ଏସ୍‌ଡିଓ ସଞ୍ଜୀବ ଦାସ, ସିପି ମ୍ୟାନେଜର ନିର୍ମଳ କ୍ରିସନ, ସାଇରାମ ଏଜେଏନ୍ସିର ସଦ ବାବୁଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଟ୍ରକ ମାଲିକ ସଂଘର ସମସ୍ତ କର୍ମକର୍ତ୍ତା, ସାଇଡିଙ୍ଗ ଲେବର ୟୁନିୟନ ସମସ୍ତ ସଭ୍ୟ, ସାର ଏଜେନ୍ସିର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ପିପିଏଲ କମ୍ପାନୀର ଏସ୍‌ଡିଓ ଦାସ କହିଥିଲେ ଯେ ଆଗକୁ ଆହୁରି କିପରି ବେଶୀ ସାର ରେକ୍ ଲାଗିବ, ଚାଷୀଙ୍କ ହିତ ସାଧନା ହେବ ସେ ଦିଗରେ ମିଳିତଭାବେ କାର୍ଯ୍ୟ କରାଯିବ।

## ସ୍ୱୟଂସହାୟକ ମହିଳାଙ୍କୁ ଖଲି ଦନା ପ୍ରସ୍ତୁତି ମେଶିନ ଯୋଗାଣ

ବୌଦ୍ଧ, ୨୯।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ବଣପାହାଡ ଘେରା ଅଞ୍ଚଳ କଣ୍ଡରା, କାଚପାଜୁ ଗାଁକୁ ଗତ ମାସ ୨୪ରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଗସ୍ତ କରି ଗାଁର ଅସୁବିଧା ପଚାରିବୁଝିଥିଲେ। ଗ୍ରାମବାସୀ ମୁଖ୍ୟତଃ ରାସ୍ତା, ପିଇବାପାଣି, ଶିକ୍ଷା, ସ୍ୱାସ୍ଥ୍ୟ, ମୋବାଇଲ ନେଟୱର୍କ, ଅଙ୍ଗନୱାଡି କେନ୍ଦ୍ରର ଅସୁବିଧା ନେଇ କହିଥିଲେ। ଜିଲାପାଳ ସତ୍ୟରଞ୍ଜନ ସାହୁ ଗସ୍ତ କରିବାର ସାତ ଦିନ ପରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର କରିଥିବା ବେଳେ ଗସ୍ତର ୧୮ଦିନ ପରେ କାଚପାଜୁ ଏବଂ ବାଙ୍କପାଜୁରେ ଦୁଇଟି ସୋଲାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଥିଲା। କିନ୍ତୁ ଗ୍ରାମର ମହିଳାମାନଙ୍କୁ ସ୍ୱାବଲମ୍ବି କରିବାକୁ ଗୁରୁବାର ଜିଲାପାଳ ସାହୁ ଚାରିଛକ ସ୍ଥିତ ବନବିଭାଗର ଡାକବଙ୍ଗଳାଠାରେ କଣ୍ଡରା ଗ୍ରାମର ପିତାବାଳୀ ଦଣ୍ଡାସହ ନାମକ ଦଶ ଜଣିଆ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ପତ୍ର ଖଲି, ଦନା ପ୍ରସ୍ତୁତି ମେସିନ ଯୋଗାଇ ଦେଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ୪ଜଣ ମହିଳା ଧୁବୁଲି ଦୀପ, ସବିତା ଦୀପ, ସଙ୍ଗିତା ବେହେରା, ସାଇଲଖୁତା ଦିଗାଲ ଉପସ୍ଥିତ ରହି ଜିଲାପାଳଙ୍କଠାରୁ ମେସିନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବନଖଣ୍ଡ ଡିଏଫଓ ଦେବପ୍ରିୟ କମ୍ପ, ଜିଲାପରିଷଦ କାର୍ଯ୍ୟକାରୀ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆର ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଖଲିଦନା ମେଶିନ ପ୍ରଦାନ କରୁଛନ୍ତି।


ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାରେ ଗୁରୁବାର ଶ୍ରୀଜୀଉମାନଙ୍କ ସୁନାବେଶ।

## ବକ୍ସିଂରେ ୩ ବାଳିକା ଜାତୀୟସ୍ତରକୁ ମନୋନୀତ

ଅମରପାଲି,୨୯।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ୩ ବାଳିକା ବକ୍ସିଂରେ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ରାଉରକେଲାର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଗତ ୨୪ ଓ ୨୫ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଉପକନିଷ୍ଠ ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଠାରୁ ସଫଳତାର ସହିତ ଚୟନ ହୋଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ତିନି ବାଳିକା ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ରୀ କରିନା ସେଠୀ, ବୀରମହାରାଜପୁର ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ମୌସୁମୀ ସିଂ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ବିଷ୍ଣୁପ୍ରିୟା ସିଂ ଗତ ୨୪ ଓ ୨୫ ତାରିଖରେ ରାଉରକେଲାଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ଭାଗ ନେଇ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଏହି ଖେଳାଳିମାନଙ୍କୁ ସୁବର୍ଣ୍ଣପୁର ଜିଲା ଆଥଲେଟିକ ସଂଘର ସମ୍ପାଦକ ପିୟୁଷ ପଣ୍ଡା, କୋଚ କଲିମ ମହମ୍ମଦ, ଟିମ ମ୍ୟାନେଜର ରାଜେଶ ମେଣ୍ଡୁଲି, ହେମନ୍ତ ରାଉତ, ଜିଲା ଆମେଚର ବକ୍ସିଂ ସଂଘର ସଭାପତି ରାମକୁମାର ସାହୁ, ସମ୍ପାଦକ ଓ ସମସ୍ତ ସଭ୍ୟ ଶୁଭେଛା ଜଣାଇଛନ୍ତି।




ଜାତୀୟ ସ୍ତରକୁ ଚୟନ ହୋଇଥିବା ୩ ବକ୍ସିଂ ଖେଳାଳି।

## ସଂକ୍ଷେପରେ

### ଟ୍ରକକୁ ଧକ୍କା ଦେଲା ଟ୍ରକ : ୨ ମୃତ

**ଦେବଗଡ, ୨୯।୬(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଥାନା କଣ୍ଡଳ ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ଠିଆ ହୋଇଥିବା ଏକ ଲୁହା ପଥର ବୋଝେଇ ଟ୍ରକକୁ ବୁଧବାର ରାତିରେ ଅନ୍ୟ ଏକ ଟ୍ରକ ପଛପଟୁ ଧକ୍କା ଦେବାରୁ ୨ଜଣଙ୍କର ମୃତ୍ୟୁ ଘଟିଛି। କେନ୍ଦୁଝରରୁ ଝାରସୁଗୁଡା ଯାଉଥିବା ଲୁହା ପଥର ବୋଝେଇ ଟ୍ରକ (ନଂ-ଓଡି୧୬ ଡି-୧୮୫୫)ର ଚକା ପଞ୍ଚର ହୋଇଯିବାରୁ ଏହା କଣ୍ଡଳ ଛକରେ ଠିଆ ହୋଇଥିଲା। ଖଲାସୀ କେନ୍ଦୁଝର ଜିଲା କାକୁଡିଅମ୍ବା ଗ୍ରାମର ବିଶ୍ୱନାଥ ଡାଙ୍ଗୁଆ ଚକା ବଦଳାଉଥିଲେ। ଏହି ସମୟରେ ବାରକୋଟ ପଟୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ମାଲ ବୋଝେଇ ଟ୍ରକ (ନଂ-ଓଡି୯ ଡି-୯୭୦୭)ଏହାକୁ ପଛପଟୁ ଧକ୍କା ଦେବା ଫଳରେ ବିଶ୍ୱନାଥ ଗୁରୁତର ହୋଇଥିଲେ । ସେହିପରି ପଛପଟୁ ଧକ୍କା ଦେଇଥିବା ୧୨ ଚକିଆ ଟ୍ରକର ଚାଳକ ମଧ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଶ୍ୱନାଥଙ୍କର ମତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଗୁରୁତର ଆହତ ଚାଳକଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତର କରାଯାଉଥିବା ବାଟରେ ମୃତ୍ୟୁ ଘଟିଥିଲା। ଦେବଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକଦ୍ୱୟକୁ ଜବତ କରିଛି। ଗୁରୁବାର ବିଶ୍ୱନାଥଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି । ମୃତ ଟ୍ରକ ଚାଳକଙ୍କ ପରିଚୟ ମିଳିପାରିନାହିଁ ।

### ନାଳରେ ବୁଡ଼ି ବାଳିକା ମୃତ

**ଦେବଗଡ଼, ୨୯।୬(ଶଶାଙ୍କ ଶେଖର ଝାଙ୍କର):** ରିଆମାଳ ଥାନା ଅନ୍ତର୍ଗତ ବୁଢିକୁଟୁଣି ଗ୍ରାମର ଜଣେ ବାଳିକା ଜାମୁ କୋଳି ସଂଗ୍ରହ ପାଇଁ ଯାଇଥିବାବେଳେ ଗୋହୀରା ନାଳରେ ବୁଡି ମୃତ୍ୟୁ ଘଟିଛି। ମୃତା ହେଲେ ବୁଢିକୁଟୁଣି ଗ୍ରାମର ମାର୍କାସ ମୁଣ୍ଡାଙ୍କ ଝିଅ ରଶ୍ମି(୧୦)। ଗୁରୁବାର ରଶ୍ମି ତାଙ୍କର ୪/୫ ଜଣ ସାଙ୍ଗଙ୍କ ସହ ଗୋହୀରା ନାଳ ପାରି ହୋଇ ଜାମୁ କୋଳି ସଂଗ୍ରହ ପାଇଁ ଯାଇଥିଲେ। ଘରକୁ ଫେରିବା ପାଇଁ ନାଳ ପାରି ହେଉଥିବା ବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ସାଙ୍ଗମାନେ ରଶ୍ମିଙ୍କ ଘରକୁ ଯାଇ ଏକଥା ଜଣାଇଥିଲେ। ବହୁ ଖୋଜାଖୋଜି ମଧ ତାଙ୍କର ପତ୍ତା ମିଳି ନଥିଲା। ଦମକଳ ବାହିନୀ ଉକ୍ତ ନାଳରେ ଭାସୁଥିବା ଅବସ୍ଥାରେ ରଶ୍ମିଙ୍କର ମୃତଦେହ ଜବତ କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଦେବଗଡ଼, ୨୯।୬(ଶଶାଙ୍କ ଶେଖର ଝାଙ୍କର):** ଗଞ୍ଜେଇ ଚୋରାଚାଲାଣବେଳେ ଅବକାରୀ ବିଭାଗ ଗୁରୁବାର ରିଆମାଳ ଥାନା ବୁଡିଦୋ ଗ୍ରାମରେ ଚଢାଉ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୧୧୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ରିଆମାଳ ଅବକାରୀ ସବ ଇନ୍ସପେକ୍ଟର ସଂଗ୍ରାମ କେଶରୀ ମାରାଣ୍ଡିଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିଲା । ଏହି ସମୟରେ ବୁଡିଦୋର ହିମାଂଶୁ ପ୍ରଧାନ(୪୩) ନାମକ ଜଣେ ବ୍ୟକ୍ତି ଏକ ବ୍ୟାଗ ଧରି ଗାଁକୁ ଆସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ବୁଡିଦୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡିଥିଲା। ହିମାଂଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଅଯାଇଛି।

# ଚାପା ଉତ୍ତେଜନା, ୫ପ୍ଲାଟୁନ ଫୋର୍ସ ମୁତୟନ

**ସବ୍‌ଡେଗା ବାହୁଡା ଯାତ୍ରାରେ ଭୁଜାଲି ମାଡ଼ ଘଟଣା**
- ଆକ୍ରମଣ ଘଟଣାରେ ୪ଜଣଙ୍କୁ ବାନ୍ଧିଲା ପୋଲିସ
- ଅନ୍ୟ ଅଭିଯୁକ୍ତ ଖୁବ୍‌ଶୀଘ୍ର ଗିରଫ ହେବେ: ଏସ୍‌ଡିପିଓ



ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ସବ୍‌ଡ଼େଗା,୨୯।୬( ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ସବ୍‌ଡ଼େଗାରେ ବାହୁଡ଼ାଯାତ୍ରା ଦେଖିବାକୁ ଆସିଥିବା ୫ ବଜରଙ୍ଗ ଦଳର ସଦସ୍ୟଙ୍କୁ ଭୁଜାଲି ମାଡ଼କୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରି ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ସବ୍‌ଡ଼େଗା ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦକୁ ଗ୍ରାମବାସୀ ଓ ଦୋକାନୀମାନେ ସମର୍ଥନ ଜଣାଇଥିଲେ। ଫଳରେ ଦିନସାରା ଦୋକାନ ବଜାର ବନ୍ଦ ରହିଥିଲା। ପରିସ୍ଥିତିକୁ ନଜରରେ ରଖି ସବ୍‌ଡ଼େଗାରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଗାମୀ ୨୪ ଘଣ୍ଟା ଭିତରେ ସମସ୍ତ ୨୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଜୁଲାଇ ୧ରୁ ରାସ୍ତାରୋକୋ ସହ ସବ୍‌ଡ଼େଗାରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଦୋକାନବଜାର ବନ୍ଦ କରାଯିବ ବୋଲି ବଜରଙ୍ଗ ଦଳର କର୍ମୀମାନେ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ସହ ତଳସରା ବିଧାୟକ ଭବାନୀ ଭୋଇ ଏବଂ ପୋଲିସ ପ୍ରଶାସନ ଆଲୋଚନା କରିଥିଲେ। ଏ ବିଷୟରେ କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ହିନ୍ଦୁଙ୍କ ପର୍ବରେ ଆସି ଏକ ଭିନ୍ନ ସମ୍ପ୍ରଦାୟର ଯୁବକ ଛୁରି, ଭୁଜାଲି ଆଦି ମାରଣାସ୍ତ୍ରରେ ଆକ୍ରମଣ କରିବା ଠିକ୍ ହୋଇନାହିଁ। ଏହା ଆମର ଧାର୍ମିକ ଭାବନା ଉପରେ ପ୍ରଭାବ ପକାଇଛି। ତେଣୁ ବାହୁଡ଼ା ପରି ପବିତ୍ର ଦିନରେ ଏପରି ଅକ୍ଷମଣୀୟ ଅପରାଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ବୁଧବାର ବାହୁଡ଼ାଯାତ୍ରା ଦେଖିବାକୁ ଆସିଥିବା ୫ ଯୁବକଙ୍କୁ ଯାତ୍ରା ପଡ଼ିଆରେ ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ସବ୍‌ଡ଼େଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଘଟଣା ବିଷୟରେ ଏସ୍‌ଡିପିଓଙ୍କୁ ପଚାରିବାରୁ, ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛୁ। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

## ସର୍ପାଘାତରେ ଯୁବକ ମୃତ

**ଦେବଗଡ଼, ୨୯।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ଚଟୁପାଲି ଗ୍ରାମରେ ଚିତି ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗର ମୁଣ୍ଡା(୩୭। ବୁଧବାର ରାତ୍ରି ଭୋଜନ ସାରି ସେ ଘର ଚଟାଣରେ ଶୋଇଥିଲେ। ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାର ତାଙ୍କ ହାତ ଆଙ୍ଗୁଳିକୁ ଏକ ଚିତି ସାପ କାମୁଡି ଦେଇ ଥିଲେ ହେଁ ସେ ଏହା ଜାଣି ପାରି ନ ଥିଲେ । କିଛି ସମୟ ପରେ ସେ ହଠାତ ଗୁରୁତର ଅସୁସ୍ଥ ହୋଇପଡିଥିଲେ ଓ ଘର ଅଗଣାରେ ଏକ ଚିତି ସାପ ଥିବା ଏବଂ ସାଗରଙ୍କ ଆଙ୍ଗୁଳିରେ ସର୍ପାଘାତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା । ଚିକିତ୍ସା ନିମନ୍ତେ ଗୁରୁବାର ସକାଳେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିଆମାଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଶାନ୍ତିଶୃଙ୍ଖଳା ସହ ଶେଷ ହେଲା ବାହୁଡ଼ାଯାତ୍ରା



ଲହୁଣୀପଡ଼ାରେ ରଥାରୂଢ଼ ତିନିଠାକୁର। ଉଷ୍ରାରେ ବାହୁଡ଼ାଯାତ୍ରା ଅବସରରେ ସଂକୀର୍ତ୍ତନ କରାଯାଉଛି।

**ଲହୁଣୀପଡ଼ା,୨୯।୬(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ହରିଶଙ୍କର ମହାଦେବ ମନ୍ଦିର ମ୍ୟାନେଜିଙ୍ଗ ଟ୍ରଷ୍ଟ ଦ୍ୱାରା ଆୟୋଜିତ ବାହୁଡ଼ାଯାତ୍ରା ଗୁରୁବାର ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣ ମଣ୍ଡପସ୍ଥିତ ମାଉସୀ ମା' ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ବଣେଇଁ ଉପ ଜିଲାପାଳ ସୁରଞ୍ଜନ ସାହୁ ଛେରାପହଁରା କରିଥିଲେ। ମାଜିଷ୍ଟ୍ରେଟଭାବେ ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାୟକ ଉପସ୍ଥିତ ଥିଲେ। ଛେରାପହଁରା କାର୍ଯ୍ୟକ୍ରମ ପରେ ଉପଜିଲାପାଳ, ତହସିଲଦାର ଏବଂ ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ର ରଥାରୂଢ଼ ଜଗନ୍ନାଥଙ୍କ ରଥ ମିଳିତଭାବେ ଟାଣିଥିବା ଦେଖିବାକୁ ମିଳିଥିଲା। ବସଷ୍ଟାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିରକୁ ରଥ ଟଣା ଯାଇଥିଲା। ବୁଧବାର ରାଜାମୁଣ୍ଡାରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଠାକୁରଙ୍କ ରଥ ଗୁଡ଼ିଆଳିସ୍ଥିତ ମାଉସୀ ମା' ମନ୍ଦିରରୁ ଶରଧା ପୁରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଟଣା ଯାଇଥିଲା। ଏହି ବାହୁଡ଼ାଯାତ୍ରାରେ ଯୁଧିଷ୍ଠିର ତ୍ରିପାଠୀ ଛେରାପହଁରା କରିଥିଲେ। ସେହିପରି କୁଲିପୋଷ ଗ୍ରାମରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବଣେଇଁ ଡିଏଫଓ ଲଳିତ କୁମାର ପାତ୍ର ଛେରାପହଁରା କରିଥିଲେ। ତାଙ୍କୁ କୁଲିପୋଷ ଜଗନ୍ନାଥ ମନ୍ଦିରରୁ ବାଦ୍ୟନୃତ୍ୟର ତାଳେ ତାଳେ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସେହିଭଳି କଲେଇପୋଷ, କୁରଡ଼ା, ଖୁଣ୍ଟୁଗାଁ, ହଳଦୀକୁଦର, ଫୁଲଝର, ଦରଜିଙ୍ଗ, କପଣ୍ଡ, ଗମଲେଇ, ଡୁମକଳା, ଧୁଡି, ବରସୁଆଁ, ପ୍ରଭୃତି ଅନେକ ଗ୍ରାମରେ ବାହୁଡ଼ାଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି।

**କୁଆଁରମୁଣ୍ଡା (ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଏହି କ୍ରମରେ ଗୁରୁବାର ଉଷ୍ରାଠାରେ ଶାନ୍ତିଶୃଙ୍ଖଳାର ସହ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଛେରାପହଁରା କରିଥିଲେ। ଏହାପରେ ଅପରାହ୍ନ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ମାଉସୀ ମା' ମନ୍ଦିରରୁ ନାମ ସଂକୀର୍ତ୍ତନ କରାଯାଇ ଭକ୍ତମାନେ ରଥକୁ ଜଗନ୍ନାଥ ମନ୍ଦିର ଅଭିମୁଖେ ଟାଣିଥିଲେ। ସନ୍ଧ୍ୟା ୭ଟାରେ ରଥ ମନ୍ଦିର ନିକଟରେ ପହଞ୍ଚିଥିଲା। ଏଥିରେ ଡୁମେରଯୋର, ଜୟଡେଗା, ଝୁନମୁର, ଖୁଖୁଣ୍ଡୁବାହାଲ, ପଦମପୁର ଆଦି ଅଞ୍ଚଳରୁ ବହୁ ସଂଖ୍ୟାକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।


ସୁନ୍ଦରଗଡ଼ ରାଜବାଟୀସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ।

### ସାପ କାମୁଡ଼ାରେ ଯୁବକ ମୃତ

**ଲହୁଣୀପଡ଼ା,୨୯।୬ (ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ନିଶ୍ଚିନ୍ତପୁର ଗ୍ରାମରେ ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଶୁକୁରୁ କିଷାନ(୩୪)। ପରିବାର ଲୋକେ ତାଙ୍କୁ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲହୁଣୀପଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବୁଧବାର ରାତିଖାଦ୍ୟ ଖାଇ ଶୁକୁର ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ମୁହଁରୁ ଫେଣ ବାହାରୁଥିବା ଦେଖି ତାଙ୍କୁ ଡାକ୍ତରଖାନା ନେଇଥିଲେ। ହେଲେ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

# ତିନି ଦିବସୀୟ ତାଲିମ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୨୯।୬(ଜୟନାରାୟଣ ମେଣ୍ଡୁଲି)**

୨୦୦୬ରୁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପାରିକ ବନବାସୀ(ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬) ଏବଂ ସଂଶୋଧିତ ନିୟମାବଳୀ-୨୦୧୨ ଆମ ଦେଶରେ ଲାଗୁ ହୋଇଛି। ତଥାପି ଏହାର ସଫଳତା ଏବଂ କାର୍ଯ୍ୟକ୍ରମ ଅଗ୍ରଗତିରେ ଅନେକ ସମସ୍ୟା ରହିଛି। ଏହି ପରିପ୍ରେକ୍ଷୀରେ ଆଇନକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ମଙ୍ଗୁଆଳ ସାଜିଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏକ ତିନି ଦିବସୀୟ ତାଲିମ କାର୍ଯ୍ୟକ୍ରମ ସେବକର ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ, ରଙ୍ଗିଆମୁଣ୍ଡା, ଲୋକ ବିକାଶ ପରିଷଦ, ମାସ୍-ସମ୍ବଲପୁରର ୨୫ କର୍ମକର୍ତ୍ତାଙ୍କୁ ୨୬ ରୁ ୨୮ପର୍ଯ୍ୟନ୍ତ ୩ ଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା। ମୁଖ୍ୟ ପ୍ରଶିକ୍ଷକଭାବେ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ବିରଞ୍ଚି ନାରାୟଣ ପାଇକରାୟ ଜଙ୍ଗଲ ଅଧିକାର ଆଇନର ୩ ପ୍ରକାରର ଫର୍ମ ପୂରଣ କରିଥିଲେ। ମାଷ୍ଟର ଟ୍ରେନରମାନଙ୍କ ଦାୟିତ୍ୱ, ମ୍ୟାପିଙ୍ଗ, ଆବେଦନ ପ୍ରକ୍ରିୟା, କାର୍ଯ୍ୟକ୍ଷେତ୍ରରେ ଆସୁଥିବା ବିଭିନ୍ନ ସମସ୍ୟା ତଥା ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ପୁଙ୍ଖାନୁପୁଙ୍ଖଭାବେ ବୁଝାଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଥମ ଦିନ କାର୍ଯ୍ୟକ୍ରମରେ ସେବକ, ରଙ୍ଗିଆମୁଣ୍ଡାର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବେଦବ୍ୟାସ ଧୂଆ ଓ ଲୋକ ବିକାଶ ପରିଷଦର କାହ୍ନୁ ଚରଣ ମହାନ୍ତି ସହକାରୀ ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ସେବକର ବର୍ଷା ସାହୁ ଓ ଚନ୍ଦ୍ର ଶେଖର ପଟେଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


କର୍ମକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ମୁସଲମାନ ଭାଇ ପାଳିଲେ ଇଦ୍-ଉଜ୍-ଜୁହା

**ସୁନ୍ଦରଗଡ଼,୨୯।୬(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲାରେ ମୁସଲମାନ ସମ୍ପ୍ରଦାୟର ଇଦ୍-ଉଜ-ଜୁହା ବା ବକରୀଦ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ରିଜେଣ୍ଟ ମାର୍କେଟସ୍ଥିତ ସୁନ୍ନି ସଦର ମସ୍‌ଜିଦରେ ସକାଳ ସାଢ଼େ ୭ଟାରେ ସାମୂହିକ ନମାଜ ପାଠ କରାଯାଇଥିଲା। ପରେ ସମସ୍ତେ ପରସ୍ପରଙ୍କୁ ଆଲିଙ୍ଗନ ପୂର୍ବକ ଇଦ୍ ଶୁଭକାମନା ଜଣାଇ ସ୍ଥାନୀୟ କବରସ୍ଥାନକୁ ଯାଇ ନିଜ ନିଜର ପୂର୍ବପୁରୁଷଙ୍କ ଆତ୍ମର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ପରେ ସାହୀପଡ଼ିଶାଙ୍କ ଘରକୁ ଯାଇ ଶୁଭକାମନା ଜଣାଇଥିଲେ। ସାମର୍ଥ୍ୟବାନ ଲୋକମାନେ ନିଜନିଜ ଘରେ ଖାସି କୁର୍ବାନୀ ଦେଇଥିଲେ। ତା ସହିତ ଗରୀବଙ୍କୁ ଖାଦ୍ୟ, ବସ୍ତ୍ର ଓ ଟଙ୍କା ଦାନ କରିଥିଲେ। ଏଥିସହ ସ୍ଥାନୀୟ ଡେଙ୍ଗିଭାଡ଼ି ମଦିରା ମସ୍‌ଦିରେ ମଧ ସାମୂହିକ ନମାଜ ପାଠ କରାଯାଇ ବକରୀଦ ପାଳନ କରାଯାଇଥିଲା। ସେହିପରି ଲେଫ୍ରିପଡ଼ା, ଖତକୁରବାହାଲ,ରାଶିପତ୍ରି, ବଡ଼ଗାଁ, ବାଙ୍କିବାହାଲ ଆଦି ସ୍ଥାନରେ ମଧ ଏହି ପର୍ବ ଉତ୍ସାହର ସହ ପାଳନ କରାଯାଇଥିଲା।

## ପରିଚାଳନା ସମିତି ନୂତନ ସଭାପତିଙ୍କ କଲେଜ ପରିଦର୍ଶନ

**ସୁନ୍ଦରଗଡ଼,୨୯।୬(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ବିରମିତ୍ରପୁର ସ୍ଥିତ ଶ୍ରମଶକ୍ତି ହାୟର ସେକେଣ୍ଡାରୀ ସ୍କୁଲ ପରିଚାଳନା ସମିତିର ନୂତନ ସଭାପତି ପ୍ରଫେସର ଶ୍ରୀନାଥ ଜେନା ଗୁରୁବାର କଲେଜ ପରିଦର୍ଶନ କରିଥିଲେ। କଲେଜ ଅଧ୍ୟକ୍ଷ ଓ ଅନ୍ୟାନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କ ଏକ ମିଳିତ ବୈଠକରେ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଦେବେନ୍ଦ୍ର କୁମାର ଓଝା ସଭାପତିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ. ମୁନିନ୍ଦ୍ର ମହାଲିକ ଜେନାଙ୍କ ବିଷୟରେ କହିଥିଲେ। ଜେନାଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ଏକ ସମ୍ମାନସ୍ପଦ ସ୍ଥାନରେ ପହଞ୍ଚି ପାରିବ ବୋଲି ମହାଲିକ କହିଥିଲେ। ଶେଷରେ ସଭାପତି କଲେଜର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ।

## ପାହାଡ଼ରେ ଖସି ମହିଳା ମୃତ

**ଦେବଗଡ଼, ୨୯।୬(ଶଶାଙ୍କ ଶେଖର ଝାଙ୍କର)**

ଜାଳେଣୀ କାଠ ସଂଗ୍ରହ ପାଇଁ ଯାଇଥିବା ଦେବଗଡ଼ ଜିଲା ରିଆମାଳ ଥାନା ରେଙ୍ଗାଳବାହାଲ ଗ୍ରାମର ଜଣେ ମହିଳା ପହାଡ ଉପରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ଗ୍ରାମର ପ୍ରସନ୍ନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ପ୍ରମୋଦିନୀ (୫୪)ଗୁରୁବାର ମଧ୍ୟାହ୍ନରେ ଜାଳେଣୀ କାଠ ସଂଗ୍ରହ ପାଇଁ ନିକଟସ୍ଥ ପାହାଡକୁ ଯାଇଥିଲେ। ପ୍ରମୋଦିନୀ ମୁଣ୍ଡରେ କାଠ ବୋହି ତଳକୁ ଓହ୍ଲାଉଥିବାବେଳେ ପାଦ ଖସି ଯିବାରୁ ତଳେ ପଡି ଯାଇଥିଲେ। ଚିତ୍କାର ଶୁଣି ସ୍ୱାମୀ ପ୍ରସନ୍ନ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରିଆମାଳ ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**କ୍ଷତିପୂରଣ ପ୍ରତିଶ୍ରୁତି ପରେ ଉଠିଲା ମୃତଦେହ**

**ଟେନ୍‌ସା,୨୯।୬(ସମୀର କୁମାର ପାଢ଼ୀ)**

ବାହୁଡ଼ା ଯାତ୍ରା ହେଲା ଶେଷ ଯାତ୍ରା। କାଳିଆ ଦର୍ଶନ ସାରି ବାଇକ୍ ଯୋଗେ ୩ ଯୁବକ ଘରକୁ ଫେରୁଥିବାବେଳେ ଟ୍ରକ ଧକ୍କା ଦେବାରୁ ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ସୁନ୍ଦରଗଡ଼ ଜିଲା କେଇଡା ବ୍ଲକ ମାଲଦା ପଞ୍ଚାୟତ କଲମଙ୍ଗ ଗ୍ରାମର ଅଜିତ ମୁଣ୍ଡା, ଜଗଦିଶ ଦେହୁରୀ। ଅନ୍ୟଜଣେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେ ହେଲେ ସେହି ଗ୍ରାମର ବିକ୍ରମ ମୁଣ୍ଡା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବିକ୍ରମଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବୁଧବାର କୋଇଡ଼ାରେ ବାହୁଡ଼ା ଯାତ୍ରା ଦେଖି ତିନ ୩ ବନ୍ଧୁ ଅଜିତ, ଜଗଦିଶ, ବିକ୍ରମ ବାଇକ୍ ଯୋଗେ ଘରକୁ ଫେରୁଥିଲେ। କୋଇଡା କଲମଙ୍ଗ ରାସ୍ତାର ସାଗାସାହି ନିକଟରେ ପଛପଟୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଜିତ ଓ ଜଗଦିଶଙ୍କ ମୃତ୍ୟୁ ଘଟିଥିଲା। ବିକ୍ରମ ଗୁରୁତର ଅବସ୍ଥାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅନ୍ୟପଟେ ୨ଜଣଙ୍କ ମୃତଦେହ ଘଟଣାସ୍ଥଳରେ ପଡ଼ି ରହିଥିଲା। ଖବର ପାଇ ପରିବାର ଲୋକଙ୍କ ସହ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି କ୍ଷତି ପୂରଣ ଦାବିରେ ରାସ୍ତା ଉପରେ ମୃତଦେହ ରଖି ରାସ୍ତା ରୋକ କରିଥିଲେ। ଘଟଣା ସ୍ଥଳରେ ଥାନା ଅଧିକାରୀ ଲୋକେଶ୍ୱର ସାହୁ ଓ ତହସିଲଦାର ଡି. ଏସ୍ ସୁଭଦର୍ଶୀ ଜୋସୀ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଗ୍ରାମବାସୀ ନିଜ ଜିଦରେ ଅଟଳ ଥିଲେ। କ୍ଷତି ପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ରୋକ ଜାରି ରହିବ ବୋଲି ଗ୍ରାମବାସୀ ରୋକ ଠୋକ ମନାକରି ଦେଇଥିଲେ। ସାଗାସାହି ମିତ୍ତଲ ଖଣିର ପରିବହନ ଯୋଗୁଁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ସେଥିପାଇଁ ଖଣି କର୍ତ୍ତୃପକ୍ଷ ପରିବାର ବର୍ଗଙ୍କୁ ୫୦ ଲକ୍ଷ ନଗଦ ଟଙ୍କା ସହ ଖଣିରେ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ରାସ୍ତା ଉପରେ ମୃତଦେହ ରଖି ଅବରୋଧ କରିବାକୁ ଗ୍ରାମବାସୀ ଅଡ଼ି ବସିଥିଲେ। ଫଳରେ ରାସ୍ତାର ଉଭୟ ପଟରେ ଶହଶହ ସଂଖ୍ୟାର ଟ୍ରକ ଅଟକି ରହିଥିଲା। ଘଟଣା ସ୍ଥଳରେ ଉତ୍ତେଜନା ହେବାରୁ ଗୁରୁବାର ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସୌରାଜ ଦେବତା, ସ୍ଥାନୀୟ ମିତଲ ଖଣି କର୍ତ୍ତୃପକ୍ଷ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୨ ପରିବାର ବର୍ଗଙ୍କୁ ମାସିକ ଭତ୍ତା ୧୫ ହଜାର ଆକାରରେ ଦିଆଯିବା ସହ ୪ ଲକ୍ଷ ସରକାରୀ ସହାୟତା ରାଶି ପ୍ରଦାନ କରାଯିବା , ଗୁରୁତର ବିକ୍ରମ ମୁଣ୍ଡାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଓ ଶୁଦ୍ଧିକ୍ରିୟା ପାଇଁ ରାଶି ପ୍ରଦାନ ପ୍ରତିଶ୍ରୁତି ପରେ ଦୀର୍ଘ ୧୭ ଘଣ୍ଟା ପରେ ଅପରାହ୍ନ ୨ରେ ରାସ୍ତା ରୋକ ପ୍ରତିହାର ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


ଉତ୍ତେଜନାସ୍ଥଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

## ସରିଲା ବାହୁଡା ଯାତ୍ରା, ପୁରୁଣାକଟକରେ ସୁନାବେଶ

ତଳଗାଁ,(କୁନା ବେହେରା): ବୌଦ୍ଧ ଜିଲା ବାମଣ୍ଡା ପଞ୍ଚାୟତର ପାତାଳି ଶ୍ରୀକ୍ଷେତ୍ର ନାଏକପଡା, ବୌଦ୍ଧ ସହରର ବୁଟୁପାଲି, ହରଭଙ୍ଗା ବ୍ଲକର କରଞ୍ଜକଟାରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି । ଠାକୁରଙ୍କ ନିତିକାନ୍ତି ପରେ ପହଣ୍ଡି କରାଯାଇ ଠାକୁରଙ୍କ ରଥାରୂଢ଼ କରାଯାଇଥିଲା । ଗାଁ ମୁଖିଆ ଛେରା ପହଁରା କରିବା ପରେ ରଥ ଟଣା ଯାଇଥିଲା । ହଜାର ହଜାର ଭକ୍ତଙ୍କ ସମାଗମ ମଧ୍ୟରେ ରଥ ଟଣା ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ପୁରୁଣାକଟକଠାରେ ରଥ ମହୋତ୍ସବ କମିଟି ପକ୍ଷରୁ ଶ୍ରୀଜୀଉଙ୍କ ସୁନାବେଶ ହୋଇଥିଲା । ସୁନାବେଶ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।



ରେଳବାଇ ସେଫ୍ଟି କମିଶନର ଅନିଲ ମଧୁକର ଚୌଧୁରୀ ବରିଷ୍ଠ ଅଧିକାରୀଙ୍କ ସହିତ ସୁବର୍ଣ୍ଣପୁର ଜିଲା ଖମ୍ବେଶ୍ୱରୀପାଲି ଷ୍ଟେସନ ବୁଲି ଦେଖୁଛନ୍ତି ।



ସୁବର୍ଣ୍ଣପୁର ଜିଲା ଝାରତରଭାରୁ ଖମ୍ବେଶ୍ୱରୀପାଲି ଷ୍ଟେସନ ମଧ୍ୟରେ ଗୁରୁବାର ସ୍ପିଡ୍ ଟ୍ରାଏଲ୍ କରାଯାଉଛି।

# ଖମ୍ବେଶ୍ୱରୀପାଲିକୁ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚାଲିଲା

ସୋନପୁର,୨୯।୬(ମୃତ୍ୟୁଞ୍ଜୟ ଶତପଥୀ)

- ଝାରତରଭା-ଖମ୍ବେଶ୍ୱରୀପାଲି ରେଳପଥର ସିଆରଏସ୍ ଯାଞ୍ଚ
- ଖୁବ୍‌ଶୀଘ୍ର ବଲାଙ୍ଗୀରରୁ ଖମ୍ବେଶ୍ୱରୀପାଲିକୁ ଟ୍ରେନ୍ ଗଡ଼ିବ
- ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଲା

ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଛି। ଏହି ରେଳପଥ ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲା ଝାରତରଭାରୁ ଖମ୍ବେଶ୍ୱରୀପାଲି ଷ୍ଟେସନ ମଧ୍ୟରେ ୧୧.୫ କିଲୋମିଟର ନୂଆ ରେଳ ଲାଇନର ଗୁରୁବାର ସିଆର୍‌ଏସ୍ ଯାଞ୍ଚ ହୋଇଛି। ପୂର୍ବତଟ ସର୍କଲର ରେଳବାଇ ନିରାପତ୍ତା ଆୟୁକ୍ତ(ସିଆର୍‌ଏସ୍) ଅନିଲ ମଧୁକର ଚୌଧୁରୀ ଅପରାହ୍ନରେ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଝାରତରଭା-ଖମ୍ବେଶ୍ୱରୀପାଲି ରେଳ ଲାଇନର ଯାଞ୍ଚ କରିଛନ୍ତି। ରେଳ ନିରାପତ୍ତା ଆୟୁକ୍ତ ବରିଷ୍ଠ ଅଧିକାରୀଙ୍କ ସହିତ ଝାରତରଭାରୁ ୬ଟି ଟ୍ରଲିରେ ଅପରାହ୍ନ ୨ଟାରେ ବାହାରି ଥିଲେ। ଚୌଧୁରୀ ଖମ୍ବେଶ୍ୱରୀପାଲି ପର୍ଯ୍ୟନ୍ତ ନୂଆ ରେଳ ଲାଇନର ନିରାପତ୍ତା ଯାଞ୍ଚ କରିଥିଲେ। ପରେ ସେ ସୁବର୍ଣ୍ଣପୁର ଜିଲା ଝାରତରଭା ଷ୍ଟେସନ ପରିଦର୍ଶନ କରିଥିଲେ। ଉକ୍ତ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ହେବାକୁ ଥିବା ବିଭିନ୍ନ ସୁବିଧା ଏବଂ ଏଠାରେ ନିର୍ମାଣାଧୀନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ସିଆର୍‌ଏସ୍ ଚୌଧୁରୀ ସନ୍ଧ୍ୟା ୫ଟା ୧୫ ମିନିଟ୍‌ରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ବସି ଉକ୍ତ ଦୁଇ ଷ୍ଟେସନ ମଧ୍ୟରେ ଘଣ୍ଟାପ୍ରତି ୧୨୦ କିଲୋମିଟର ବେଗରେ ସ୍ପିଡ୍ ଟ୍ରାଏଲ କରିଥିଲେ। ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚାଲିବା ଓ ରେଳ ଲାଇନର ନିରାପତ୍ତା ଯାଞ୍ଚ ସମୟରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ, ରେଳ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ, ଚିଫ୍ ଇଞ୍ଜିନିୟର ଇଲେକ୍ଟ୍ରିକାଲ, ସିଗନାଲ, ଇଲେକ୍ଟ୍ରିକାଲ ଓ ବ୍ରିଜ୍ କନଷ୍ଟ୍ରକସନ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ଖମ୍ବେଶ୍ୱରୀପାଲି ବଲାଙ୍ଗୀର ପଟୁ ଚତୁର୍ଥ ଷ୍ଟେସନ ହେବ। ବଲାଙ୍ଗୀରରୁ ସୋନପୁର ବ୍ଲକର ଖମ୍ବେଶ୍ୱରୀପାଲି ମଧ୍ୟରେ ୩୮ କିଲୋମିଟର ରେଳ ଲାଇନ କାମ ସମ୍ପୂର୍ଣ୍ଣ ହୋଇଛି। ସିଆର୍‌ଏସ୍ ଯାଞ୍ଚ ପରେ କମିଶନିଂ ହେବ। ୨୦୧୯ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବଲାଙ୍ଗୀରରୁ ବିଚ୍ଛୁପାଲି ଷ୍ଟେସନ ପର୍ଯ୍ୟନ୍ତ ରେଳସେବା ଶୁଭାରମ୍ଭ ହୋଇଥିଲା। ବିଚ୍ଛୁପାଲି ଷ୍ଟେସନ ପରେ ଝାରତରଭା ଓ ଖମ୍ବେଶ୍ୱରୀପାଲି ଷ୍ଟେସନ। ଖମ୍ବେଶ୍ୱରୀପାଲି ସୁବର୍ଣ୍ଣପୁର ଜିଲାର ଚତୁର୍ଥ ରେଳ ଷ୍ଟେସନ ହେବ। ରେଳ ନିରାପତ୍ତା ଆୟୁକ୍ତ ଚୌଧୁରୀଙ୍କ ଗସ୍ତ ପରେ ବଲାଙ୍ଗୀର-ଖମ୍ବେଶ୍ୱରୀପାଲି ୩୮ କିଲୋମିଟର ରେଳ ଚାଲିବା ସମ୍ଭାବନା ସୃଷ୍ଟି ହୋଇଛି। ଜନସାଧାରଣ ଏଥିପାଇଁ ବହୁତ ଖୁସି ଅଛନ୍ତି । ସେହିପରି ଖମ୍ବେଶ୍ୱରୀପାଲିରୁ ସୋନପୁର ପର୍ଯ୍ୟନ୍ତ ଧିମେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଶୀଘ୍ର ସୋନପୁର ପର୍ଯ୍ୟନ୍ତ ରେଳ ଗଡିବ ବୋଲି ଆଶା ସଞ୍ଚାର ହୋଇଛି । ପୂର୍ବରୁ ସୁବର୍ଣ୍ଣପୁର ଜିଲାର ସମ୍ବଲପୁର-ଟିଟିଲାଗଡ ସେକ୍ସନ ଅନ୍ତର୍ଗତ ଡୁଙ୍ଗୁରିପାଲିରେ ଏକମାତ୍ର ରେଳ ଷ୍ଟେସନ ଥିଲା।

# ଖୋ ଖୋ କୋଚ ହେବେ ସସ୍ମିତା

ବଲାଙ୍ଗୀର, ୨୯।୬
(ବୀରେନ୍ଦ୍ର କୁମାର ଝାଙ୍କର)



ଡିପ୍ଲୋମା କୋଚିଂ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସସ୍ମିତା ପାତ୍ର।

ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ଏସ୍‌ଏଆଇ) ପକ୍ଷରୁ ପରିଚାଳିତ ଡିପ୍ଲୋମା ସ୍ପୋର୍ଟସ୍ କୋଚିଂ ପାଇଁ ବଲାଙ୍ଗୀରର ଜଣାଶୁଣା ଖୋଖୋ ଖେଳାଳି ସସ୍ମିତା ପାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ସମଗ୍ର ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଓଡିଶାରୁ ଏକମାତ୍ର ପ୍ରତିଭାଗୀ ଭାବେ ସସ୍ମିତା ଏହି ଯୋଗ୍ୟତା ଅର୍ଜନ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଝାରବଲାଙ୍ଗୀର ଗ୍ରାମର ଚଣ୍ଡିଆ ପାତ୍ରଙ୍କ ଝିଅ ସସ୍ମିତା ଜାତୀୟସ୍ତରର ଖୋଖୋ ପ୍ରତିଯୋଗିତାରେ ୨୨ ଥର ଏବଂ ଖେଲୋ ଇଣ୍ଡିଆରେ ପ୍ରତିନିଧିତ୍ୱ କରି ପଦକ ଜିତିଛନ୍ତି। ସସ୍ମିତା ଜାତୀୟସ୍ତରରେ ଦୁଇଟି ବ୍ରୋଞ୍ଜ ପଦକ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ଗତ ମେ ୧୪ ତାରିଖରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଏଓ୍ୱଏଆଇର ସ୍ପୋର୍ଟସ୍ କୋଚିଂ ୨୦୨୩-୨୪ ବର୍ଷ ପାଇଁ ପରୀକ୍ଷା ହୋଇଥିଲା। ଏଥିରେ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ମାସ ସେ କୋଚିଂ ପାଇଁ ବାଙ୍ଗାଲୋର ଗସ୍ତ କରିବେ। ସେଠାରେ ସେ ଏକ ବର୍ଷ ପାଇଁ ତାଲିମ ଗ୍ରହଣ କରିବେ। ଏକ ସାଧାରଣ ପରିବାରରୁ ଆସିଥିବା ସସ୍ମିତା ସ୍କୁଲ ଦିନରୁ ନିଜର କ୍ରୀଡା ପ୍ରତିଭା ଦେଖାଇଥିଲେ। ତାଙ୍କ ନିଜସ୍ୱ ଅଧ୍ୟବସାୟ, କଠିନ ପରିଶ୍ରମ ଏବଂ ନିଷ୍ଠା ତଥା କୋଚ ପଦ୍ମ ଚରଣ ଦାସଙ୍କ ତାଲିମ ଏବଂ ନିରନ୍ତର ଉଦ୍ୟମ ଫଳରେ ସେ ୨୨ ଥର ଜାତୀୟ ଖୋଖୋ ପ୍ରତିଯୋଗିତା ଖେଳିବାର ଗୌରବ ଅର୍ଜନ କରିଥିଲେ। ୨ ଥର ଜାତୀୟ ସ୍ତରରେ ବ୍ରୋଞ୍ଜ ପଦକ ଜିଣିଥିଲେ।

ସସ୍ମିତାଙ୍କ ବାପା ଚଣ୍ଡିଆ ପାତ୍ର ଜଣେ ସାଧାରଣ ଚାଷୀ। ପ୍ରତିକୂଳ ପରିସ୍ଥିତିରେ ଗତି କରି ମଧ୍ୟ ସସ୍ମିତା ନିଜକୁ ଜଣେ ଜାତୀୟ ସ୍ତରର ସଫଳ କ୍ରୀଡାବିତ୍ ଭାବେ ପ୍ରତିଷ୍ଠିତ କରିଛନ୍ତି। ଏବେ ଏସ୍‌ଏଆଇର ଡିପ୍ଲୋମା ସ୍ପୋର୍ଟସ୍ କୋଚିଂ ଯୋଗ୍ୟତା ଅର୍ଜନ କରିବା ପରେ ସେ ଏକ ବର୍ଷ କୋଚ ତାଲିମ ଗ୍ରହଣ କରିବେ। ଏହାପରେ ସଫଳ ଖୋ ଖୋ କୋଚ୍ ଭାବେ ପରିଗଣିତ ହେବେ। ସସ୍ମିତାଙ୍କ କୋଚିଂ ଯୋଗ୍ୟତା ଅର୍ଜନ ନେଇ ସୂଚନା ମିଳିବା ପରେ ବଲାଙ୍ଗୀରରେ ଖୁସି ପ୍ରକାଶ ପାଇଛି। ବହୁ କ୍ରୀଡାବିତ୍ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏସ୍‌ଏଆଇର ସ୍ପୋର୍ଟସ୍ ଡିପ୍ଲୋମା ଯୋଗ୍ୟତା ଅର୍ଜନ କରିବା ପଶ୍ଚିମ ଓଡିଶା ସମେତ ସମଗ୍ର ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ତାଙ୍କ କୋଚ୍ ପଦ୍ମଚରଣ ପାତ୍ର ସୂଚନା ଦେଇଛନ୍ତି।

# ବାର୍‌ହା ଆକ୍ରମଣରେ ମା ମୃତ, ପୁଅ ଗୁରୁତର

ସୋନପୁର/ବିନିକା,୨୯।୬(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)



ବଳଦେବ ବାଗ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ବାର୍‌ହା ଆକ୍ରମଣରେ ସୁବର୍ଣ୍ଣପୁର ଜିଲା ବିନିକା ଥାନା ପାପି ଗାଁର ରେଖା ବାଗ(୫୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ବଳଦେବ(୩୫) ଗୁରୁତର ଆହତ ହୋଇଛନ୍ତି। ରେଖା ଓ ବଳଦେବ ଗୁରୁବାର କ୍ଷେତକୁ ଯାଇଥିଲେ। ପୂର୍ବାହ୍ନରେ ବୁଦା ମୂଳରେ ଲୁଚି ରହିଥିବା ଏକ ଜଙ୍ଗଲୀ ବାର୍‌ହା ହଠାତ୍ ରେଖାଙ୍କୁ ଆକ୍ରମଣ କରିଥିଲା। ରେଖାଙ୍କ ଛାତି ଓ ପେଟରେ ବାର୍‌ହା ଆକ୍ରମଣ କରି କ୍ଷତାକ୍ତ କରି ଦେଇଥିଲା। ପୁଅ ବଳଦେବ ମା'ଙ୍କୁ ବଞ୍ଚାଇବାକୁ ଯାଇ ବାର୍‌ହା ଆକ୍ରମଣରେ ଶିକାର ହୋଇଥିଲେ। ବଳଦେବଙ୍କ ଗୋଡ ଓ ମୁହଁରେ ବାର୍‌ହା ଆକ୍ରମଣ କରି ଗଭୀର କ୍ଷତ ସୃଷ୍ଟି କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା' ପୁଅଙ୍କୁ ପରିବାର ଲୋକେ ବିନିକା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ରେଖାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ବଳଦେବଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ପାପି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତ ମହିଳାଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତଦନ୍ତ ଚାଲିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ମିଳିବ ବୋଲି ବିନିକା ବନାଞ୍ଚଳ ଅଧିକାରୀ ଉମ୍ବରୁଧର ପ୍ରଧାନ କହିଛନ୍ତି।

# ଅଭିଯୁକ୍ତଙ୍କୁ ୫ବର୍ଷ କାରାଦଣ୍ଡାଦେଶ

**ଗଞ୍ଜେଇ ଚାଲାଣ ମାମଲା**

ବୌଦ୍ଧ, ୨୯।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଗୁରୁବାର ଏକ ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ଦେବା ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶଯେ, ଗତ ୨୦।୯।୨୦୨୨ରେ ହରଭଙ୍ଗା ଅବକାରୀ ବିଭାଗ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ଲୁଣିବାହାଲ ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ, ଜାତୀୟ ରାଜପଥର ଝାରକଟା ଛକଠାରେ ଜଣେ ବ୍ୟକ୍ତି ଏକ ବ୍ୟାଗ ଧରି ବସ ଅପେକ୍ଷାରେ ଅଛନ୍ତି। ସଙ୍ଗେ ସଙ୍ଗେ ଅବକାରୀ କର୍ମଚାରୀ ଉକ୍ତ ସ୍ଥାନରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ତଲାସି କରିବାରେ ତାଙ୍କ ପାଖରୁ ୪ କେଜି ଗଞ୍ଜେଇ ଜବତ କରିଥିଲେ। ସେ ଥିଲେ ପୁରୁଣାକଟକ ଥାନା ଝାରକଟା ଗ୍ରାମର ବିରେନ୍ଦ୍ର ଭୋକ୍ତା (୩୫)। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (୨ଏସିସି ୨୦।୨୨)ହୋଇ ବିଚାର ହୋଇଥିଲା। ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଥିବା ନେଇ ଅଦାଲତ ଅଭିଯୁକ୍ତ ବିରେନ୍ଦ୍ରଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ଦେବା ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ।

# ନିର୍ଦ୍ଧାରିତ ରାଶିଠାରୁ ଅଧିକ କିସ୍ତି ନେଇଗଲା ଋଣ ପ୍ରଦାନକାରୀ ସଂସ୍ଥା

ଅମରପାଲି,୨୯।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଏସ୍‌ଏଚଜି ଗ୍ରୁପଗୁଡ଼ିକୁ ଋଣ ପ୍ରଦାନ କରୁଥିବା 'ବନ୍ଧନ ବ୍ୟାଙ୍କ' କର୍ମଚାରୀ ଦାଦାଗିରି କରି ନିର୍ଦ୍ଧାରିତ କିସ୍ତି ରାଶିଠାରୁ ଅଧିକ ଆଦାୟ କରୁଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ ବ୍ଲକର ଉଫୁଲା ଗ୍ରାମର ଦୁର୍ଗା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ବନ୍ଧନ ବ୍ୟାଙ୍କରୁ ଋଣ ଆଣିଥିବା ବେଳେ ଉପଯୁକ୍ତ ସମୟରେ କିସ୍ତି ଦେଇ ଋଣ ପୈଠ କରୁଥିଲେ। ମାତ୍ର କିସ୍ତି ବାକି ଅଛି କହି ଜଣେ ବ୍ୟାଙ୍କ କର୍ମଚାରୀ ଗ୍ରୁପର ବାସନ୍ତୀ ଭୋଇ ନାମକ ସଦସ୍ୟାଙ୍କଠାରୁ ଏକ ହଜାର ଟଙ୍କା ଅଧିକ ଆଦାୟ କରିଥିଲେ। ଏନେଇ ବାସନ୍ତୀ ହିସାବ କରି ଦେଖିବାରୁ ଅଧିକ ଅର୍ଥ ପୈଠ ହୋଇଥିବା ଜାଣିବାକୁ ପାଇଥିଲେ। ବାସନ୍ତୀ ବ୍ୟାଙ୍କକୁ ଯାଇ ଶାଖା ପରିଚାଳକ ନରେନ୍ଦ୍ର ନାୟକଙ୍କୁ ଖାତା ଦେଖାଇବାରୁ ସେ ଭୁଲ ସ୍ୱୀକାର କରିଥିଲେ। ସମାନ ନାମ ଥିବାରୁ କର୍ମଚାରୀଙ୍କ ଦ୍ୱାରା ଏହି ତ୍ରୁଟି ହୋଇଥିବା କହିଥିଲେ। ଏଥିସହ ଟଙ୍କା ଫେରସ୍ତ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୧୫ ଦିନରୁ ଅଧିକ ବିତିଯିବା ପରେ ମଧ୍ୟ ଉକ୍ତ ଟଙ୍କା ଫେରସ୍ତ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଶାଖା ପରିଚାଳକ ନାୟକଙ୍କୁ ପଚାରିବାରୁ ଏହାକୁ ଏଡ଼ାଇ ଯାଇଛନ୍ତି।

# ପୋଲିସ ବେଶରେ କରୁଥିଲେ ଡକାୟତି





ଖବରଦାତା ସମ୍ମିଳନୀରେ ଏସ୍‌ପି ଜବତ ସାମଗ୍ରୀ ସମ୍ପର୍କରେ ସୂଚନା ଦେଉଛନ୍ତି(ବାମ), ଗିରଫ ୧୩ ଜଣିଆ ଡକାୟତି ଗ୍ୟାଙ୍ଗ(ଡାହାଣ)।

ଭବାନୀପାଟଣା,୨୯।୬
(ଉତ୍ତମ କୁମାର ଦାଶ)

- ୧୩ ଆନ୍ତଃ ଜିଲା ଡକାୟତ ଗିରଫ
- ନଗଦ ୫ ଲକ୍ଷ ୭୪ ହଜାର ଟଙ୍କା ଜବତ
- ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସୂଚନା

କଳାହାଣ୍ଡି ପୋଲିସ ଏକ ୧୩ଜଣିଆ ଆନ୍ତଃଜିଲା ଡକାୟତି ଗ୍ୟାଙ୍ଗକୁ ଧରିଛି। ୧୩ ଡକାୟତଙ୍କ ମଧ୍ୟରୁ ୧୦ଜଣ କଳାହାଣ୍ଡି ଓ ୩ଜଣ ବଲାଙ୍ଗୀର ଜିଲାର ବୋଲି ଜଣାପଡିଛି। ସେମାନେ ହେଲେ ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମର ରାଜକିଶୋର ନାଗ, କନ୍ଧଉଲବା ଗ୍ରାମର ବିନୟ କୁମାର ସେଠ, ଚାରଭଟା ଗ୍ରାମର ବବଲୁ ରଣା, କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ଅନ୍ତର୍ଗତ ଗୋଶାଳପଡାର ଜନ୍ମେଲା ହେମନ୍ତ କୁମାର, ଇରିଗେସନ କଲୋନୀର ମାନସ ବିଶି, କରନପିଟାର ମହେନ୍ଦ୍ର ମହତ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ନୁଆଗାଁର ସୁଶାନ୍ତ ନାଏକ, ରବିନ୍ଦ୍ର ନାଏକ, ସୁଦାମ ନାଏକ, ଶାନ୍ତ ନାଏକ, ସୁଜିତ ବାଗ, ଉମାଶଙ୍କର ତାଣ୍ଡି, କ୍ଷିତିଶ ନାଏକ। ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପୋଲିସ ପୋଷାକ ବ୍ୟବହାର କରି ଅନେକ ସୁନା ବ୍ୟବସାୟୀଙ୍କ ସମେତ ଲୋକଙ୍କୁ କମ୍ ଦରରେ ସୁନା ବିକ୍ରି କରିବା ପାଇଁ ତାଙ୍କୁ ଡାକି ଘଟଣା ସ୍ଥଳରେ ଲୁଣ୍ଠନ କରୁଥିଲେ। ଡକାୟତ ଗ୍ୟାଙ୍ଗଠାରୁ ନଗଦ ୫ଲକ୍ଷ ୭୪ ହଜା ୫ଶହ ଟଙ୍କା ଜବତ କରାଯାଇଥିବାବେଳେ ଡକାୟତି ବେଳେ ବ୍ୟବହାର କରାଯାଉଥିବା ଏକ ବୁଲେଟ, ଅସଲି ସୁନା ଚାରି ଖଣ୍ଡ, ପ୍ରାୟ ୨ଶହ ଗ୍ରାମ ନକଲି ସୁନା, ହନୁମାନ ପଇସା,୯ଟି ରୁପା ମୁଦ୍ରା, ପୋଲିସ ୟୁନିଫର୍ମ, ୧୪ ମୋବାଇଲ ସହ ଏକ ମାରଣାସ୍ତ୍ର ଜବତ କରିଛି ପୋଲିସ। ଗୁରୁବାର ଅପରାହ୍ନରେ କଳାହାଣ୍ଡି ପୋଲିସ ପକ୍ଷରୁ ଭବାନୀପାଟଣାସ୍ଥିତ ଏସ୍‌ପି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ଅଭିଳାସ ଜି। ପ୍ରକାଶ ଯେ, ଗତ ୧୬ ତାରିଖରେ ଉପରୋକ୍ତ ଡକାୟତ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ରାଜ କିଶୋର ନାଗ ବଲାଙ୍ଗୀର ଜିଲା ସଇଁତଲା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ କମ୍ ଦରରେ ସୁନା ଯୋଗାଇ ଦେବା କହିବା ସହ ଅଧା କିଲୋ ସୁନାକୁ ତାଙ୍କୁ ୧୩ ଲକ୍ଷ ଟଙ୍କାରେ ଦେବା କହି ଭବାନୀପାଟଣା ରେଳ ଷ୍ଟେଷନ ନିକଟକୁ ଡାକିଥିଲେ। ବ୍ୟକ୍ତି ଜଣକ ଟଙ୍କା ନେଇ ଘଟଣାସ୍ଥଳକୁ ଆସିବା ପରେ ପୂର୍ବରୁ ଯୋଜନା ଅନୁଯାୟୀ ଡକାୟତି ଗ୍ୟାଙ୍ଗ ୧୩ ଲକ୍ଷ ଟଙ୍କା ଝାମ୍ପି ନେଇ ଫେରାର ହୋଇଥିଲେ। ଏହି ଘଟଣା ନେଇ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ବ୍ୟକ୍ତି ଜଣକ ସ୍ଥାନୀୟ ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ପୋଲିସ ଏକ ମାମଲା (ନଂ .୨୧୦/୨୩) ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଅନେକଗୁଡିଏ ତଥ୍ୟ ଓ ପ୍ରମାଣ ପୋଲିସ ହାତରେ ଲାଗିଥିଲା। ପରେ ଏହି ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ କରିଥିଲା କଳାହାଣ୍ଡି ପୋଲିସ। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ ବଲାଙ୍ଗୀର ଜିଲାରୁ ଧରିଥିଲା ପୋଲିସ। ଏହି ଡକାୟତ ଗ୍ୟାଙ୍ଗ କେବଳ ଉପରୋକ୍ତ ଲୋକଙ୍କୁ ନୁହେଁ ବଂର ଏମାନେ ନକଲି ସୁନା କାରବାର କରୁଥିବାବେଳେ ଅନେକ ସମୟରେ ପୋଲିସ ଓ ସିଆରପିଏଫ୍ ପୋଷାକ ପିନ୍ଧି କମ୍ ଦରରେ ସୁନା ଯୋଗାଇ ଦେବା କହି ଗ୍ରାମାଞ୍ଚଳର ସୁନା ବ୍ୟବସାୟୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଫୋନ୍ ରେ ବିଭିନ୍ନ ସ୍ଥାନକୁ ଡାକି ଲୁଟପାଟ କରି ଚମ୍ପଟ ମାରୁଥିଲେ। ପୋଲିସ ପୋଷାକ ବ୍ୟବହାର କରୁଥିବାରୁ ଲୋକମାନେ ପୋଲିସ ନିକଟରେ ଅଭିଯୋଗ କରିବାକୁ ମଧ୍ୟ ଭୟ କରୁଥିଲେ। ଅନ୍ୟପକ୍ଷରେ ଏଭଳି ଘଟଣା ଯଦି କୌଣସି ବ୍ୟକ୍ତିଙ୍କ ସହ ହୋଇଥିଲେ ତୁରନ୍ତ ପୋଲିସକୁ ଜଣାଇବାକୁ ଏସ୍‌ପି କହିଛନ୍ତି। ସେହିପରି କୌଣସି ସୁନା ବ୍ୟବସାୟୀ ସୁନା କିଣୁଛନ୍ତି ତେବେ ଠିକ ଲୋକଙ୍କଠାରୁ ଜିଏସଟି ବିଲ ସହିତ କିଣିବାକୁ ମଧ୍ୟ ଏସ୍‌ପି ନିବେଦନ କରିଛନ୍ତି।



ବଲାଙ୍ଗୀର ସହର ସାହାଣୀ ରଥରେ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ।



ବଲାଙ୍ଗୀର କଳାମଣ୍ଡଳ ରାସ୍ତାରେ ଅନୁଷ୍ଠିତ ତିନି ଠାକୁରଙ୍କ ସୁନାବେଶ।



ଶ୍ରଦ୍ଧାଳୁମାନେ ଶ୍ରୀ ଜଗନ୍ନାଥଙ୍କ ସୁନାବେଶକୁ ମୋବାଇଲରେ ଆବଦ୍ଧ କରୁଛନ୍ତି।
(ଫଟୋ-ସୁନୀଲ, ବଲାଙ୍ଗୀର)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଜୁନ୍, ୨୦୨୩



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଏବିଭିପିର ଜିଲାସ୍ତରୀୟ ବୈଠକ, ଜିଲା ସାମ୍ବାଦିକ ଭବନ, ପୂର୍ବାହ୍ନ ସାଢ଼େ ୯ଟା।
- ଆଦର୍ଶ ପକ୍ଷରୁ ଆଲୋଚନା ଚକ୍ର, ଓଡିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୦ଟା
- ବ୍ରହ୍ମପୁରା ଠାକୁରଙ୍କ ଅଧରପଣା ଓ ନୀଳାଦ୍ରି ବିଜେ ନୀତି, ଝାଡୁଆପଡ଼ା ଜଗନ୍ନାଥ ମନ୍ଦିର, ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ଇଦ୍-ଉଲ୍-ଜୁହା ପାଳିତ

ସମ୍ବଲପୁର,୨୯।୬(ବି.ଶଙ୍କର): ଭାଇଚାରା ସହର ସମ୍ବଲପୁରରେ ଗୁରୁବାର ପବିତ୍ର ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଛି। ସକାଳ ୬ଟା ୧୫ ମିନିଟରେ ଇସ୍‌ଲାମ ଧର୍ମାବଲମ୍ବୀମାନେ ସାକ୍ଷୀପଡା ଇଦ୍‌ଗାଠାରେ ସାମୂହିକ ନମାଜ ପାଠ କରିଥିଲେ। ମୌଲାନା ମହମ୍ମଦ ଜାକିର ହୁସେନ ନମାଜ ପାଠ କରିଥିଲେ। ଇଦ୍‌ଗା କମିଟି ସଭାପତି ଜୁଲଫିକର୍ ଅଲ୍ଲି ଭୁଟ୍ଟୋ, ସମ୍ପାଦକ ଶେଖ ସେଖାୱାଦ ଉଲ୍ଲା, ଯୁଗ୍ମ ସମ୍ପାଦକ ମହମ୍ମଦ ଜୁବେର ଓ ମହମ୍ମଦ ହାସିମ, ଉପସଭାପତି ମହମ୍ମଦ ଆସ୍ରଫ ଖାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପେନ୍‌ସନ୍‌ପଡା ପଲଟନ ମସଜିଦ, ସୁନାପାଲି ନୁରାନି ମସଜିଦ, ଭୁତାପଡା ରିସାଲା ମସଜିଦ, କ୍ଷେତିପଡା ଗୌସିଆ ମସଜିଦ, ବଡବଜାର ମଡେନା ମସଜିଦ, ମୋତିଝରନ ନୁରି ମସଜିଦ, ଦଲେଇପଡା ସଦର ମସଜିଦ, ହୀରାକୁଦ କଲୋନୀ ଜମା ମସଜିଦ, ସାନସଡକ ଅହମ୍ମଦ ଖାନ ମସଜିଦ, ରାଜନଗର ରାଜା ମସଜିଦଠାରେ ସାମୂହିକ ନମାଜ ପାଠ କରାଯାଇଥିଲା। ନମାଜ ପାଠ ପରେ ସମସ୍ତେ ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

### ସ୍ୱମନ୍ଦିର ବାହୁଡ଼ିଲେ ଶ୍ରୀଜୀଉ



ପଡିଆବାହାଲ, ୨୯।୬ (ରାଧାମୋହନ ଷଡ଼ଙ୍ଗୀ): ଘୋଷଯାତ୍ରାରେ ମାଉସୀ ମା' ମନ୍ଦିର ଯାଇ ବାହୁଡାରେ ସ୍ୱମନ୍ଦିର ବାହୁଡିଛନ୍ତି ଶ୍ରୀଜୀଉ। ରଥାରୂଢ ଠାକୁରଙ୍କୁ ଦର୍ଶନ ପାଇଁ ବହୁ ଜନସମାଗମ ହୋଇଥିଲା। ଝୁଝୁମୁରା ବ୍ଲକର ପଧାନପାଲି, ସନାତନପାଲି ଆଦି ଗ୍ରାମରେ ଗୁରୁବାର ବାହୁଡାଯାତ୍ରା ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଛି। ବ୍ଲକର ଖଲିଆପାଲି, ଗୌଡ଼ପାଲି, ବାହାମ, ଜୟନ୍ତପୁର ପ୍ରଭୃତି ଗ୍ରାମରେ ଠାକୁରଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥିଲା। ପହଣ୍ଡି ପରେ ଖଲିଆପାଲିରେ କାନିବନ୍ଧଲି କୀର୍ତ୍ତନ ଦଳ ଭକ୍ତିରସ ପରିବେଷଣ କରିଥିଲେ। ଗୌଡ଼ପାଲିଠାରେ ପୁରୀର କଳାକାର ଭଜନ ସନ୍ଧ୍ୟାରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।

# ସୁନାବେଶରେ ଦର୍ଶନ ଦେଲେ ରଥାରୂଢ଼ ଠାକୁର

ସମ୍ବଲପୁର,୨୯।୬(ବି.ଶଙ୍କର): ରଥାରୂଢ଼ ଠାକୁର ଗୁରୁବାର ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସମ୍ବଲପୁର ମୁଦିପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରୂଢ଼ ଠାକୁରଙ୍କ ସକାଳ ୮ଟାରେ ଧୂପନୀତି ହୋଇଥିଲା। ପରେ ସାଢ଼େ ୮ଟାରୁ ୯ଟା ପର୍ଯ୍ୟନ୍ତ ସେବାୟତମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଜୟଗୋପାଳ ସୁଆର, ରାଜା ସ୍ୱାଇଁ, ଅଭିନାଶ ପଣ୍ଡା, କୁଲୁ ଶର୍ମା, ଆଲୋକ ସାହୁ ଠାକୁରଙ୍କୁ ବେଶ କରିଥିଲେ। ସନ୍ଧ୍ୟା ୭ଟାରୁ ମାନସ ପ୍ରଧାନ ଓ ସାଥୀ ଭଜନ ପରିବେଷଣ କରିଥିଲେ। ଶୁକ୍ରବାର ୯ଟାରେ ଲକ୍ଷ୍ମୀନାରାୟଣ କଳି କାର୍ଯ୍ୟକ୍ରମ, ୧୦ଟାରେ ଭିତିରି ବିଜେ ନୀତି, ସାଢ଼େ ୧୦ଟାରେ ଠାକୁରଙ୍କ ପ୍ରତିଷ୍ଠା ଏବଂ ୧୧ଟାରେ ସିଂହାସନ ବିଜେ କାର୍ଯ୍ୟକ୍ରମ ରହିଛି। ସେହିପରି କ୍ଷେତରାଜପୁର ଜଗନ୍ନାଥଙ୍କ ସୁନାବେଶ ଦର୍ଶନ କରିବା ସକାଶେ ସମ୍ବଲପୁର ମହାନଗର ନିଗମ ସମେତ ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପୂଜକ ରବି ପୂଜାରୀଙ୍କ ପରିଚାଳନାରେ ସୁନାବେଶ ନୀତି ହୋଇଥିଲା। ଆଶୁତୋଷ କର, ପ୍ରଦୀପ ବିଶି, ସଞ୍ଜୟ କୁମାର ଷଡଙ୍ଗୀ, ପ୍ରଭାସ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ରଥ ଉପରେ ଅଧରପଣା ଲାଗି ହେବ। ଶନିବାର ସନ୍ଧ୍ୟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ। ଏତଦ୍‌ବ୍ୟତୀତ ସହରର ଝାଡୁଆପଡ଼ା ବ୍ରହ୍ମପୁରା ଠାକୁର, ଧନୁପାଲି ଗୋପାଳଜୀ ଠାକୁର, ସାକ୍ଷୀପଡା ରାଧାମଦନ ଗୋପାଳ ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।



ମୁଦିପଡା ଠାକୁରଙ୍କ ସୁନାବେଶ ।

# ଦୁର୍ଘଟଣାରେ ଅଙ୍ଗନୱାଡି କର୍ମୀ ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଦେବଗଡ଼,୨୯।୬(ଶଶାଙ୍କ ଶେଖର ଝାଙ୍କର ) ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ କୀର୍ତ୍ତନପାଲି ଛକ ୫୩ ନମ୍ବର ଜାତୀୟ ରାଜପଥରେ ଗୁରୁବାର ୨ଟି ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୀର୍ତ୍ତନପାଲି ଗ୍ରାମର ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳୀ ବେହେରା। ସ୍କୁଟି ଚଳାଉଥିବା ତାଙ୍କ ଦିଅର ଆହତ ହୋଇଛନ୍ତି। ରିଆମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଧକ୍କା ହୋଇଥିବା ଅନ୍ୟ ସ୍କୁଟିର ୨ ଆରୋହୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଛତାବର ନିକଟରେ ସ୍ଥାନୀୟ ଲୋକେ ଓ ଅଙ୍ଗନୱାଡ଼ି କର୍ମୀମାନେ ମୃତଦେହ ରଖି କ୍ଷତିପୂରଣ ଦାବିକରି ରାସ୍ତାରୋକୋ କରିଛନ୍ତି। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା।

ସୂଚନାଯୋଗ୍ୟ, ଗୀତାଞ୍ଜଳୀ ରିଆମାଳ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଲିଥିବା ବୈଠକରେ ଯୋଗଦେଇ ଅପରାହ୍ନ ସମୟରେ ତାଙ୍କ ଦିଅର କିଶୋର ଚନ୍ଦ୍ର ବେହେରାଙ୍କ ସହ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। କୀର୍ତ୍ତନପାଲି ଛକଠାରେ ସାମ୍ନାପଟୁ ଆସୁଥିବା ସ୍କୁଟି ସହିତ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗୀତାଞ୍ଜଳୀ ଗୁରୁତର ହୋଇଥିବାବେଳେ ତାଙ୍କ ଦିଅର ରାସ୍ତା ଉପରକୁ ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ଛତାବର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଗୀତାଞ୍ଜଳୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଛତାବର ନିକଟରେ ରାସ୍ତାରୋକୋ କରିଥିଲେ।

# ଅସରାଏ ବର୍ଷାରେ ଫ୍ଲାଏଓଭର ଉପରେ ଜମୁଛି ପାଣି

## ଜିଲାପାଳ, ଆର୍‌ଡିସି ଅଫିସ ରାସ୍ତାରେ ଲହଡି ଭାଙ୍ଗୁଛି ବର୍ଷାପାଣି

ସମ୍ବଲପୁର,୨୯।୬(ବି.ଶଙ୍କର): ସମ୍ବଲପୁର ସହରରେ ଅତ୍ୟାଧୁନିକ ଫ୍ଲାଏଓଭର ଜନସାଧାରଣଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ଫ୍ଲାଏଓଭର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇ ନାହିଁ। ଫଳରେ ବର୍ଷାପାଣି ଜିଲାପାଳ, ଆର୍‌ଡିସି ଅଫଇସ ସମ୍ମୁଖ ରାସ୍ତାରେ ଲହଡି ଭାଙ୍ଗୁଛି। ଅସରାଏ ବର୍ଷାରେ ଫ୍ଲାଏଓଭର ଉପରେ ପାଣି ଜମି ରହୁଛି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି।

ଧୁଚୁରାପଡା ଛକରୁ କଚେରି ଛକ ପର୍ଯ୍ୟନ୍ତ ପ୍ରାୟ ୨କି.ମି. ରାସ୍ତା ଦୁଇଶହ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମିତ ହୋଇଛି। ହେଲେ ନିର୍ମାଣ କାର୍ଯ୍ୟରେ ତ୍ରୁଟି ଯୋଗୁ ଫ୍ଲାଇଓଭର ତଳେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ ପାଣି ପଡୁଛି। ଏ ନେଇ ବରିଷ୍ଠ ଭାଜପା ନେତା ତଥା ଯୁବମୋର୍ଚ୍ଚାର ପୂର୍ବତନ ସମ୍ବଲପୁର ଜିଲା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ କହିଛନ୍ତି, ଏହି ସମସ୍ୟା ବିଷୟରେ ଜାଣି ସୁଦ୍ଧା ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜୁଛି। ସମ୍ବଲପୁରବାସୀଙ୍କ ହିତ ଦୃଷ୍ଟିରୁ ପ୍ରଶାସନ ତୁରନ୍ତ ସମସ୍ୟା ସମାଧାନ କରିବା ଦରକାର। ସେହିପରି ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହିରାଲାଲ ବେହେରା କହିଛନ୍ତି, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକୁ ବାରମ୍ବାର ତିଆରି କରାଯାଉଛି। ବର୍ଷା ଜଳ ନିଷ୍କାସନ ହେଉ ନ ଥିବାରୁ ପୁଣି ନୂତନ କାର୍ଯ୍ୟକୁ ଭଙ୍ଗାଯାଉଛି। ଏହା ଦୂରଦର୍ଶିତାର ଅଭାବ। ରାସ୍ତାରୁ କିପରି ଜଳ ନିଷ୍କାସନ ହେବ ସେ ଦିଗରେ ସମ୍ପୃକ୍ତ ବିଭାଗ ଓ ଜିଲା ପ୍ରଶାସନ କାର୍ଯ୍ୟ କରିବା ଉଚିତ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବର୍ଷା ପାଣି।

### ରଥାରୂଢ ହେଲେ ଚତୁର୍ଦ୍ଧା ମୂର୍ତ୍ତି

ଦେବଗଡ଼, ୨୯।୬(ଶଶାଙ୍କ ଶେଖର ଝାଙ୍କର)-ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ବାହୁଡା ଯାତ୍ରା ସମ୍ପନ୍ନ ହୋଇସାରିଥିବାବେଳେ ଦେବଗଡ଼ ସହରର ପୁରୁଣାଗଡ଼ ଠାରେ ଗୁରୁବାର ଶ୍ରୀଗୁଣ୍ଡିଚା ମନ୍ଦିରରୁ ପହଣ୍ଡିରେ ଆଣି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ କରାଯାଇଛି। ଶୁକ୍ରବାର, ଶନିବାର ୨ଦିନ ଧରି ରଥଟଣା ହୋଇ ବାହୁଡ଼ା ସମ୍ପନ୍ନ ହେବ। ରବିବାର ପୂର୍ବାହ୍ନରେ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀଜଗନ୍ନାଥ ମନ୍ଦିରକୁ ବିଜେ କରିବେ। ବାମଣ୍ଡା ରାଜ୍ୟର ସ୍ୱତନ୍ତ୍ର ପରମ୍ପରା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶହଶହ ଶ୍ରଦ୍ଧାଳୁଙ୍କ ଗହଣରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା। ଏହା ପରେ ବାମଣ୍ଡା ରାଜ ପରିବାରର ସଦସ୍ୟ ନମନ ଗଙ୍ଗଦେବଙ୍କ ଉପସ୍ଥିତିରେ ବଡପଣ୍ଡା ସନ୍ତୋଷ ନାୟକ ସନ୍ଧ୍ୟା ଆଳତି ଦେଇଥିଲେ। ଦେବଗଡ଼ ବାହୁଡା ଯାତ୍ରାର ପ୍ରଥମ ସନ୍ଧ୍ୟାରେ ଗୁରୁବାର ଦିଅଁ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସେହିପରି ରଥଦାଣ୍ଡ ଏବଂ ଆଖପାଖ ଅଞ୍ଚଳରେ ବହୁ ସଂଖ୍ୟକ ଦୋକାନ ବଜାର ଖୋଲିଥିଲା।

# ହାଇୱାକୁ କାଟି ବିକ୍ରିବେଳେ ପୋଲିସ ଚଢ଼ାଉ



ପୋଲିସ ଚଢ଼ାଉ କରି ଗାଡି ଜବତ କରିଛି ।

ସମ୍ବଲପୁର,୨୯।୬(ଶୁଭାଶିଷ ପାଢ଼ୀ): ଝୁଝୁମୁରା ଥାନା ଅନ୍ତର୍ଗତ ଗଡଗଡବାହାଲ ନିର୍ମାଣ ସଂସ୍ଥା ଅଫିସ ନିକଟରେ ଗୁରୁବାର ପୋଲିସ ଚଢ଼ାଉ କରିଥିଲା। ସ୍କ୍ରାପ ମାଫିଆମାନେ ହାଇୱାକୁ କାଟୁଥିବା ବେଳେ ପୋଲିସ ପହଞ୍ଚି ୫ ଗାଡି ସହ କଟର ମେଶିନ ଜବତ କରିଛି। ଘଟଣାସ୍ଥଳରୁ ସ୍କ୍ରାପ ବ୍ୟବସାୟୀମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ୪ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନା ଅନୁସାରେ

**■ ୪ ଅଟକ, ୫ ଗାଡି ଜବତ**

ମଧ୍ୟାହ୍ନ ୧୨ଟା ବେଳେ ଗଡଗଡବାହଲସ୍ଥିତ ଠିକା ସଂସ୍ଥା ଅଫିସ ନିକଟରେ ଗାଡିଗୁଡିକ ଠିଆ ହୋଇଥିଲା। ଦୁର୍ବୃତ୍ତମାନେ କଟର ମେଶିନରେ କାଟୁଥିବା ବେଳେ ପୋଲିସ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲା। ଝୁଝୁମୁରା ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ ଗଡନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପି.କେ. ମେହେର କହିଛନ୍ତି, ଘଟଣାକୁ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ପୋଲ ମଝିରେ ପାଣି, ଯାତାୟାତରେ ବାଧା



ଜମନକିରା,୨୯।୬(ରବୀନ୍ଦ୍ର ପ୍ରସାଦ ଦାନି): ସମ୍ପ୍ରତି ମୋସୁମୀଜନିତ ଲଗାଣ ବର୍ଷା ଯୋଗୁ ୫୩ନଂ. ଜାତୀୟ ରାଜପଥର ଜମନକିରା ବ୍ଲକ ପିଠାମାରେନ ପୋଲ ମଝିରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଯାନବାହାନ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସୂଚନା ଅନୁଯାୟୀ ଜଳ ନିଷ୍କାସନ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପୋଲ ଉପରେ ଆଉଟଲେଟ୍ ନିର୍ମାଣ କରାଯାଇଛି। ହେଲେ ଶହ ଶହ ସଂଖ୍ୟାରେ ଭାରିଯାନ ଯାତାୟାତ କରୁଥିବାରୁ ଉକ୍ତ ଆଉଟଲେଟ୍‌ରେ ମାଟି, ଆବର୍ଜନା ଆଦି ପଶି ବନ୍ଦ ହୋଇରହିଛି। ଫଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ପାଣି ଜମିଥିବାବେଳେ ଯାନବାହନ ଚଳାଚଳ ଯୋଗୁ ଛୋଟ ଗର୍ତ୍ତ ବଡ ଆକାର ଧାରଣ କଲାଣି। ଏଥିଯୋଗୁ ଛୋଟ ଚକ ଥିବା ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଭାରିଯାନ ଯିବା ସମୟରେ ବାଇକ୍ ଚାଳନା ଅସମ୍ଭବ ହୋଇପଡୁଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ଏହାର ପ୍ରତିକାର କରା ନ ଗଲେ ରାସ୍ତା ବନ୍ଦ କରାଯିବ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ପିଡ଼ି କେ.ଏନ. ରାଓଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଜୁଲାଇ ୩୧ ଯାଏ ତମାଖୁମୁକ୍ତ ଯୁବା ଅଭିଯାନ

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଜିଲାସ୍ତରୀୟ ସମନ୍ୱୟ ବୈଠକ

ସମ୍ବଲପୁର,୨୯।୬(ଶୁଭାଶିଷ ପାଢ଼ୀ) ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଗୁରୁବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଜାତୀୟ ତମାଖୁ ନିୟନ୍ତ୍ରଣ ପାଇଁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପରାମର୍ଶଦାତା ସ୍ୱାଗତିକା ବେହେରା ବିବରଣୀ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ବ୍ଲକର ଦୁଇଟି ଗାଁକୁ ତମାଖୁମୁକ୍ତ ଗ୍ରାମ କରିବାକୁ ପ୍ରୟାସ କରାଯାଉଥିବା ସେ ସୂଚିତ କରିଥିଲେ। ସେଥିନିମନ୍ତେ ୪ ବ୍ଲକ ଯଥା କୁଚିଣ୍ଡା, ଝୁଝୁମୁରା, ନାକଟିଦେଉଳ, ରେଙ୍ଗାଲିରେ ତାଲିମ ଶେଷ ହୋଇଥିବା ବେଳେ ଅବଶିଷ୍ଟ ୪ ବ୍ଲକରେ ଜୁଲାଇ ସୁଦ୍ଧା ଶେଷ ହେବ। ତମାଖୁମୁକ୍ତ ଯୁବା ଅଭିଯାନ-୨୦୨୩ ମେ ୩୧ରୁ ଆରମ୍ଭ ହୋଇଥିବା ବେଳେ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ସମାଜସେବୀ ଷ୍ଟେକହୋଲଡର୍ସ, ବିଭିନ୍ନ ଏନ୍‌ଜିଓ, ସ୍କୁଲ ଶିକ୍ଷକ, ଏନ୍‌ଫୋର୍ସମେଣ୍ଟ ଅଫିସରମାନଙ୍କୁ ତାଲିମ ପ୍ରଦାନ, ସ୍କୁଲ ଓ କଲେଜରେ ତମାଖୁ ସେବନର ଭୟାବହତା ସମ୍ପର୍କରେ ଅଡିଓ ଭିଜୁଆଲ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ସଚେତନତା ବ୍ୟାପକ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୬-୧୭ରେ କୋଟପା ଅଧୀନରେ ୩୧ ମାମଲା ରହିଥିବା ବେଳେ ୬୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ୨୦୧୭-୧୮ରେ ୬୦୫ ମାମଲା ହୋଇ ୧ ଲକ୍ଷ ୧୧ ହଜାର ୯ ଶହ ଟଙ୍କା ଆଦାୟ କରାଯାଇଥିଲା। ୨୦୧୮-୧୯ରେ ୨୪୫ ମାମଲାରୁ ୪୪ ହଜାର, ୨୦୧୯-୨୦ରେ ୩୮୮ ମାମଲା କରାଯାଇ ୬୭ ହଜାର ୫୧୦ଟଙ୍କା, ୨୦୨୦-୨୧ରେ ୨୭୨ କେସ୍ ମଧ୍ୟରୁ ୪୯ ହଜାର ୫୦୦ଟଙ୍କା, ୨୦୨୧-୨୨ରେ ୫୧୩ ମାମଲାରୁ ୮୭ ହଜାର ୩୫୦ ଟଙ୍କା, ୨୦୨୨-୨୩ରେ ୪୨୩ ମାମଲାରୁ ୭୮ହଜାର ୮୫୦ ଟଙ୍କା, ୨୦୨୩-୨୪ରେ ବର୍ତ୍ତମାନ ସୁଦ୍ଧା ୧୩୧ ମାମଲାରୁ ୨୩ ହଜାର ୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଡିପିଏଚ୍‌ଓ ଡା. ଅଶୋକ ଦାସ, ଏଡିପିଏଚ୍‌ଓ (ଲେପ୍ରସି) ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଜିଲା ଯୁଥ ଅଫିସର ନେହେରୁ ଯୁବକେନ୍ଦ୍ର ମାରିଆନୁସ ବିଲୁଙ୍ଗ, ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟନାରାୟଣ ମଲ୍ଲିକ, ଡିଏସ୍‌ପି (କ୍ରାଇମ) ପ୍ରଦୀପ କୁମାର ଦାସ, ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି, ହେଲ୍‌ଥ ଅଫିସର ସମ୍ବଲପୁର ମହାନଗର ନିଗମ ଡା. ମହେନ୍ଦ୍ର ନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ହେଲାନି ବ୍ରିଜ୍ ଡାଇଭର୍ସନ

କୁଚିଣ୍ଡା,୨୯।୬(ବିରଞ୍ଚି ଦର୍କା): ଲଘୁଚାପ ଜନିତ ପ୍ରବଳ ବର୍ଷାରେ କୁଚିଣ୍ଡା ବ୍ଲକ ଟାଇଁସର ବ୍ରିଜର ଡ଼ାଇଭର୍ସନ ରାସ୍ତା ଧୋଇ ହୋଇଯାଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ଅଧିକାରୀ ବ୍ରିଜ ଅବସ୍ଥା ପରିଦର୍ଶନ କରି ଡ଼ାଇଭର୍ସନ ରାସ୍ତା ଦୁଇଦିନ ମଧ୍ୟରେ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ପ୍ରଶାସନ ତା'ର ପ୍ରତିଶ୍ରୁତି ଭୁଲି ଯାଇଥିବା ଏଠାରେ ଆଲୋଚନା ହେଉଛି । କୁଚିଣ୍ଡା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଗତ ରବିବାର କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଟାଇଁସର ବ୍ରିଜର ଡ଼ାଇଭର୍ସନ ରାସ୍ତାଟି ଧୋଇ ହୋଇଯାଇଛି। ଫଳରେ କୁଚିଣ୍ଡା-ଫାଶିମାଲ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପ୍ରଶାସନ ପକ୍ଷରୁ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ ସୋମବାର ଘଟଣାସ୍ଥଳକୁ ଯାଇ ଧୋଇଯାଇଥିବା ଡାଇଭର୍ସନ ପରିଦର୍ଶନ କରିଥିଲେ। ତହସିଲଦାର ସେଠାରେ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରି ବର୍ଷା ପରେ ଦୁଇଦିନ ମଧ୍ୟରେ ଏହି ରାସ୍ତାର ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଦୁଇଦିନ ହେଲା କୁଚିଣ୍ଡାରେ ବର୍ଷା ହେଉ ନାହିଁ, ପାଗ ଶୁଖିଲା ରହିଛି। ମାତ୍ର ରାସ୍ତା ନିର୍ମାଣ ହୋଇପାରି ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ପଙ୍କଜ ରାଉତରାୟଙ୍କୁ ପଚାରିବାରୁ ଆସନ୍ତା ଶୁକ୍ରବାର ଦିନ ଯେପରି ବି ହେଉ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି।



ଧୋଇଯାଇଥିବା ଟାଇଁସର ବ୍ରିଜ୍ ଡାଇଭର୍ସନ।

# ପ୍ରଦୂଷଣ ବଢ଼ାଉଛି ବିରାଜ ଷ୍ଟିଲ୍

## ଚିଠି ଲେଖି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଚୁପ

ସମ୍ବଲପୁର,୨୯।୬(ଶୁଭାଶିଷ ପାଢ଼ୀ) ଚିମିନିରୁ ଅନବରତ ନିଷ୍କାସିତ ହେଉଛି କଳା ଧୂଆଁ। ବାୟୁମଣ୍ଡଳରେ ଉଡୁଛି ଧୂଳିଗୁଣ୍ଡ। ପୂର୍ବପରି ଆଉ ଚାଷ ବି ହେଉନି। ମଣିଷ, ଜୀବଜନ୍ତୁଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଏପରି କି ସେହି ରାସ୍ତା ଦେଇ ଯିବା କଷ୍ଟକର ହୋଇପଡିଛି। ସମସ୍ତେ ପ୍ରଦୂଷଣ ବଳୟରେ ଜୀବନ ବିତାଉଛନ୍ତି। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ଥିବା ବିରାଜ ଷ୍ଟିଲ ଆଖପାଖ ଅଞ୍ଚଳରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି।

ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ ୱେ ରାସ୍ତାକଡ଼କୁ ଲାଗିରହିଛି ଏହି କାରଖାନା। ଚିମିନିକୁ ଦେଖିଲେ ଲାଗୁଛି ପ୍ରଦୂଷଣକୁ ନେଇ କମ୍ପାନୀର ଆଦୌ ଚିନ୍ତା ନାହିଁ। କାରଣ ଏଠାରୁ ଅନବରତ କଳା ଧୂଆଁ ବାହାରି ବାୟୁମଣ୍ଡଳରେ ମିଶୁଛି। ପ୍ରଦୂଷିତ ଧୂଆଁକୁ ବାୟୁମଣ୍ଡଳରେ ଛାଡିବା ପାଇଁ ବ୍ୟାକ୍ ଫିଲଟର୍ ଲଗାଇବା ନିୟମ ରହିଛି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଅନେକଥର ଏହାକୁ ନେଇ କମ୍ପାନୀ ଉପରେ ଜରିମାନା ହୋଇଛି। ନିକଟସ୍ଥ ଗୁରୁପାଲି ଗ୍ରାମବାସୀ କମ୍ପାନୀ ବିରୋଧରେ ବହୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଷ ନଷ୍ଟ ହେବା ସହ ମଣିଷ ଜୀବନ ପ୍ରତି ବିପଦ ରହିଛି। ଅନେକ ଲୋକ ପ୍ରଦୂଷଣ ପାଇଁ ପ୍ରାଣ ହରାଉଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏପଟେ ଥରେ ଦୁଇଥର କମ୍ପାନୀ ଉପରେ ଜରିମାନା ଲଗାଇ ଚୁପ୍ ବସିଛି ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରଦୂଷଣ କେବଳ ମଣିଷଙ୍କ ଉପରେ ପ୍ରଭାବ ପକାଉନି, ଜୀବଜନ୍ତୁଙ୍କ ଉପରେ ମଧ୍ୟ ଏହାର ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ପ୍ରଦୂଷଣ ପାଇଁ ବୁଲା କୁକୁରଙ୍କ ଲୋମ ଝଡିବା ସହ ନାନା ରୋଗର ଶିକାର ହେଉଛନ୍ତି। ପୂର୍ବଭଳି ପକ୍ଷୀଙ୍କ କଳରବ ଶୁଣିବାକୁ ମିଳୁନି। ଘରଚଟିଆ, କୋଇଲି, କାଉ ଭଳି ପକ୍ଷୀ ଲୋପ ପାଇବାକୁ ବସିଲେଣି। କୀଟପତଙ୍ଗ ଓ ଅନ୍ୟ ପ୍ରାଣୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ଅଧିକ। ପୂର୍ବରୁ ଘରେ ଘରେ ପ୍ରାୟ ବିରୁଡି ବସା କରୁଥିଲେ। କିନ୍ତୁ ଏବେ ବିରୁଡିଙ୍କୁ ଦେଖିବାକୁ ମିଳୁନି। ମହୁମାଛି ଖୋଜିଲେ ବି ମିଳୁ ନାହାନ୍ତି। ତୁରନ୍ତ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଏ ସମ୍ପର୍କରେ ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ସତ୍ୟନାରାୟଣ ନନ୍ଦ କହିଛନ୍ତି, ଅଭିଯୋଗ କ୍ରମେ ତଦନ୍ତ କରି ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ରିପୋର୍ଟ ଦିଆଯାଇଛି। ନିର୍ଦ୍ଦେଶ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ରେଙ୍ଗାଲି ବ୍ଲକ ଅନ୍ତର୍ଗତ ବିରାଜ ଷ୍ଟିଲ କମ୍ପାନୀ ଚିମିନିରୁ ଧୂଆଁ ବାହାରୁଛି ।

# ସମ୍ମାନିତ ହେଲେ ପିଜିଡିଏସ୍-୨୦୨୨ର ବିଜେତା

ଭୁବନେଶ୍ୱର,୨୯।୬ (ଅଭୟ ଦାଶ)



କୃତୀ ଛାତ୍ରୀଛାତ୍ରୀମାନଙ୍କ ସହ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ପ୍ରତିଷ୍ଠାତା ସିଇଓ ଶୈଫାଳିକା ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍) ପକ୍ଷରୁ ଉଚ୍ଚଶିକ୍ଷା ପାଇଁ ପ୍ରଦାନ କରାଯାଉଥିବା ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି (ପିଜିଡିଏସ୍)-୨୦୨୨ର ବିଜେତା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଛି। ବିଶେଷକରି ଇଞ୍ଜିନିୟରିଂ, ମେଡିସିନ ଏବଂ ଉଦାରବାଦୀ କଳା କ୍ଷେତ୍ରରେ ପେସାଦାର ଡିଗ୍ରୀ ହାସଲ କରିବା ପାଇଁ ପ୍ରତ୍ୟେକ ବର୍ଷ ୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଆଇପିଏଫ୍ ପକ୍ଷରୁ ଉପରୋକ୍ତ ବୃତ୍ତି ପ୍ରଦାନ କରାଯାଇଥାଏ। ଉକ୍ତ ବୃତ୍ତି ଅନ୍ତର୍ଗତ ଏକାଡେମିକ୍ ଫି'ର ୯୦% ଓ ୪ ବର୍ଷ ମଧ୍ୟରେ ହେବାକୁ ଥିବା ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକ ବୃତ୍ତିଧାରୀଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ବିଆଇପିଏଫ୍ ପକ୍ଷରୁ ପ୍ରଦାନ କରାଯାଇଥାଏ। ଏ ସମ୍ପର୍କରେ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ପ୍ରତିଷ୍ଠାତା ସିଇଓ ଶୈଫାଳିକା ପଣ୍ଡା କହିଥିଲେ, ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି ମେଧାବୀ ଛାତ୍ରୀଛାତ୍ରମାନଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ ହୋଇପାରିଛି। ବିଶେଷକରି ପ୍ରତିଭାବାନ୍ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସହାୟତା ରାଶି ଯୋଗାଇ ଦେଇପାରୁଥିବାରୁ ଆମେ ଗୌରବାନ୍ୱିତ ଅନୁଭବ କରୁଛୁ। ଚଳିତବର୍ଷଠାରୁ ସେମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ମାର୍ଗଦର୍ଶନ ବ୍ୟବସ୍ଥା ଏହି ଯୁବପ୍ରତିଭାଙ୍କୁ ଏକ ସଫଳ ଯାତ୍ରାରେ ଅଗ୍ରସର କରାଇବା ସହିତ ନିଜ ପେସାଦାର କ୍ଷେତ୍ରରେ ସେମାନଙ୍କ ନେତୃତ୍ୱ କ୍ଷମତାକୁ ବୃଦ୍ଧି କରିବାରେ ସହାୟକ ହୋଇପାରିବ। ଉଲ୍ଲେଖଯୋଗ୍ୟ,୨୦୨୨-୨୩ ଶିକ୍ଷା ବର୍ଷରେ ୩ ବୃତ୍ତିଧାରୀ ଯଥା ଅଙ୍କିତ ଝା (ଆଇଆଇଟି, ମୁମ୍ବାଇ), ଆଦିତ୍ୟ ନାରାୟଣ ରାଉତ (ଆଇଆଇଟି, ଦିଲ୍ଲୀ) ଏବଂ ଅନୀଶା ସାମନ୍ତରାୟ (ଆଇଆଇଟି, ରୁରକି) ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ହାସଲ କରୁଥିବାବେଳେ ଅନ୍ୟ ୩ ବୃତ୍ତିଧାରୀ ଯଥା ରୋହନ ରୂପମ୍ (ଏନ୍‌ଆଇଟି, ରାଉରକେଲା), ପ୍ରକାଶ କୁମାର ସାହୁ (ଭିସୁଟ୍, ବୁର୍ଲା) ଇଞ୍ଜିନିୟରିଂ କରୁଥିବା ବେଳେ ବାଦଲ କୁମାର ସାହୁ (ଏମ୍‌କେସିଜି ମେଡିକାଲ କଲେଜ) ମେଡିକାଲ ଡିଗ୍ରୀ ପାଠ୍ୟକ୍ରମରେ ଶିକ୍ଷା ଲାଭ କରୁଛନ୍ତି। ସୂଚନାଯୋଗ୍ୟ, ୨୦୦୫ରୁ ଇମ୍ଫା ପକ୍ଷରୁ ଆରମ୍ଭ ହୋଇଥିବା ଏହି ମେଧାବୃତ୍ତି ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶ(ସ୍ୱର୍ଗତ ଇଲା ପଣ୍ଡାଙ୍କ ପିତା)ଙ୍କ ନାମରେ ନାମିତ କରାଯାଇଛି। ଏପରିକି ୨୦୧୬ରୁ ବିଆଇପିଏଫ୍ ପକ୍ଷରୁ ଏହି ମେଧାବୃତ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଥିବାବେଳେ ବର୍ତ୍ତମାନ 'ମେଣ୍ଟରଶିପ୍' କାର୍ଯ୍ୟକ୍ରମ (ଉତ୍ସାହ) ପାଇଁ ଏଥିରେ ଆଉ ଏକ ଅର୍ଥପୂର୍ଣ୍ଣ ଦିଗନ୍ତକୁ ସଂଯୁକ୍ତ କରାଯାଇଛି।

## ତାଳଚେରରେ ବିଓଏମ୍‌ର ନୂତନ ଶାଖା



ଭୁବନେଶ୍ୱର,୨୯।୬

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଆଉ ଏକ ନୂତନ ଶାଖା ନିକଟରେ ଅନୁଗୋଳ ଜିଲାର ତାଳଚେରସ୍ଥିତ ବାଇପାସ୍ ଛକଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହିଅବସରରେ ତାଳଚେର ଉପଜିଲାପାଳ ତଥା ଏସ୍‌ଡିଏମ୍ ବିଶ୍ୱରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଓଏମ୍ ଭୁବନେଶ୍ୱରର ସିପିସି କମର୍ସିଆଲ ମୁଖ୍ୟ ରବିଶଙ୍କର କୁମାରଙ୍କ ସମେତ ତାଳଚେର ଶାଖାର ଶାଖା ପ୍ରବନ୍ଧକ ରୁଦ୍ରିସୁନ୍ଦର ନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସାରା ରାଜ୍ୟରେ ବିଓଏମ୍‌ର ଏହା ୪୫ ତମ ଶାଖା ହୋଇଥିବା ବେଳେ ଅନୁଗୋଳ ଜିଲାର ୨ୟ ଶାଖା।

## ଓଡିଏମ୍ ପବ୍ଲିକ୍ ସ୍କୁଲକୁ ବେଷ୍ଟ ଏଜୁକେଶନ ବ୍ରାଣ୍ଡ୍ ସମ୍ମାନ




ଭୁବନେଶ୍ୱର,୨୯।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ନିକଟରେ ଆଉ ଏକ ଜାତୀୟ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଦ ଇକୋନୋମିକ୍ ଟାଇମ୍ସ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ହ୍ୟାଡ୍ ରିଜେନ୍ସି ହୋଟେଲ ପରିସରରେ ଏକ ସମ୍ମାନ ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ ସମାରୋହରେ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ୨୦୨୩ ବର୍ଷ ପାଇଁ ସମଗ୍ର ଭାରତର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ସର୍ବୋତ୍ତମ ଶିକ୍ଷାନୁଷ୍ଠାନ (ବେଷ୍ଟ ଏଜୁକେଶନ ବ୍ରାଣ୍ଡ୍-୨୦୨୩) ଭାବେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାସମୂହର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ ନାଗାଲାଣ୍ଡର ଶିକ୍ଷା ଓ ପର୍ଯ୍ୟଟନ ମନ୍ତ୍ରୀ ଟେମଜେନ୍ ଇମନା ଆଲଙ୍ଗଙ୍କ ଠାରୁ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ଦ ଇକୋନୋମିକ୍ ଟାଇମ୍ସର ବହୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଭାରତର ବହୁ ଜଣାଶୁଣା ଶିକ୍ଷାନୁଷ୍ଠାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଡିଏମ୍ ପବ୍ଲିକ୍ ସ୍କୁଲ ପାଇଁ ଏହି ସୁଖଦ ଓ ସନ୍ତୋଷପୂର୍ଣ୍ଣ ମୁହୂର୍ତ୍ତରେ ଡ. ସତ୍ୟବ୍ରତ ମୀନକେତନ ବିଦ୍ୟାଳୟ ପ୍ରବନ୍ଧନ ସମିତିର ସମସ୍ତ ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ଅଭିନନ୍ଦନ ତଥା କୃତଜ୍ଞତା ଜ୍ଞାପନ କରିବା ସହିତ ଭବିଷ୍ୟତରେ ଓଡିଏମ୍ ଏମିତି ନିଜର ଉତ୍କୃଷ୍ଟତା ପ୍ରମାଣିତକରି ଚାଲିଥିବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି।

## ବେଦାନ୍ତ ଆଲୁମିନିୟମରେ ଗୌରବ ମାସ ପାଳିତ



ଭୁବନେଶ୍ୱର,୨୯।୬

ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଗୌରବ ମାସ ପାଳନ କରାଯାଇଥିଲା। ବିଶେଷକରି ଏକ ବିବିଧ କାର୍ଯ୍ୟକ୍ଷେତ୍ରକୁ ପ୍ରତିପାଦିତ କରିବା ଲାଗି କମ୍ପାନୀ ଉତ୍ସର୍ଗୀକୃତତାକୁ ଏକ ଉତ୍ସବ ଭାବେ ପାଳନ କରୁଛି। ଏପରିକି କମ୍ପାନୀ ନିକଟରେ ୨ ଜଣ ଟ୍ରାନ୍ସଜେଣ୍ଡର ବୃତ୍ତିଧାରୀଙ୍କୁ ଓଡ଼ିଶାର ଲାଞ୍ଜିଗଡ଼ ୟୁନିଟ୍‌ରେ ନିଯୁକ୍ତି ପ୍ରଦାନ କରିଥିଲା। ସେହିଭଳି ବେଦାନ୍ତ ଲାଞ୍ଜିଗଡ଼ ଓ ବେଦାନ୍ତ ବାଲ୍‌କୋରେ ମଧ୍ୟ ଟ୍ରାନ୍ସଜେଣ୍ଡର ବୃତ୍ତିଧାରୀଙ୍କୁ ସ୍ୱାଗତ କରାଯାଇଥିଲା। ବିଶେଷକରି କମ୍ପାନୀର ବୃହତ୍ ମିଶନରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ଭାବେ ପ୍ରମାଣିତ ହୋଇଛି, ଯେଉଁଠାରେ ବିବିଧ କାର୍ଯ୍ୟକ୍ଷେତ୍ରକୁ ପ୍ରତିପାଦିତ କରିବା ସହ ଭାରତ ତଥା ବିଶ୍ୱର ଉତ୍ପାଦନ ଓ ଭାରି ଇଞ୍ଜିନିୟରିଂ ଫାର୍ମରେ ମଧ୍ୟ ଏଲ୍‌ଜିବିଟିକ୍ୟୁଏ+ କର୍ମଚାରୀଙ୍କୁ ବିଭିନ୍ନ ଭୂମିକାରେ ସାମିଲ କରାଯାଇଛି। ସେହିପରି ସମାଜର ପାରିପାର୍ଶ୍ୱିକ ସ୍ଥାନରୁ ଆରମ୍ଭକରି ସ୍ମାର୍ଟ ଉତ୍ପାଦନ କାରଖାନା ଓ ଗୋଷ୍ଠୀ ପରିବର୍ତ୍ତନକୁ ସହଜିଆ କରିବା ଓ ସେମାନଙ୍କୁ ଅର୍ଦ୍ଧକୁଶଳୀ ବ୍ୟକ୍ତିରୁ ବୃତ୍ତିଗତ ଭାବେ ବିକଶିତ କରିବାରେ ବେଦାନ୍ତ ଆଲୁମିନିୟମ ତ୍ରିସ୍ତରୀୟ ପ୍ରଣାଳୀ ଅନ୍ତର୍ଭୁକ୍ତ କରିଛି। ସର୍ବଭାରତୀୟ ସ୍ତରରେ ଉତ୍ପାଦନ ଓ ଭାରି ଇଞ୍ଜିନିୟରିଂ ଶିଳ୍ପରେ ଲିଙ୍ଗ ଅନୁପାତ କମ୍ ରହୁଥିବାରୁ ଉକ୍ତ ତାରତମ୍ୟ ଦୂରକରିବା ଜରୁରୀ। ବହୁମୁଖୀ ଚିନ୍ତାଧାରା ଓ ରଣନୀତିକ ନିଷ୍ପତ୍ତି ନେବାରେ ବିବିଧତାର ପରିବର୍ତ୍ତନଶୀଳ ଶକ୍ତିକୁ ସ୍ୱୀକୃତି ଦେଇ ବେଦାନ୍ତ ଆଲୁମିନିୟମ ଉତ୍ପାଦନ ଶିଳ୍ପ ଲାଗି ଏକ ମିଶନ ଆରମ୍ଭ କରିଛି ଓ ଲିଙ୍ଗ ନିର୍ବିଶେଷରେ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରୁଛି। ଆର୍ଥିକ ବର୍ଷ ୨୩ ପରଠାରୁ କମ୍ପାନୀଗୁଡ଼ିକ କର୍ମକ୍ଷେତ୍ରରେ ଏଲ୍‌ଜିବିଟିକ୍ୟୁଆଇଏ+ ଗୋଷ୍ଠୀର ସଦସ୍ୟମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ ସୁଯୋଗ ଦେବା ପାଇଁ ଆଗଭର ହୋଇଛନ୍ତି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବିଜ୍‌ନେସ୍) ରାହୁଲ ଶର୍ମା କହିଛନ୍ତି, ଆମର ବିଶ୍ୱ ବଜାର ଓ ଗ୍ରାହକଙ୍କ ବିବିଧ ତଥା ଜଟିଳ ଦୃଶ୍ୟକୁ ନେଭିଗେଟ କରିବା ବେଳେ ଏହାର ବିବିଧତାକୁ ଗ୍ରହଣ କରିବାର ଅମୂଲ୍ୟ ଅବଦାନକୁ ଆମେ ଜାଣିପାରିଛୁ। ଏପରିକି ଆମେ ଭବିଷ୍ୟତ ପାଇଁ ଏହି ଉଦ୍ୟମ ଜାରି ରଖିବୁ, ଯେଉଁଠାରେ ବିବିଧତା, ନୂତନତା ଓ ସଫଳତାର ଏକ ଅନୁକ୍ରମଣିକା ଭାବେ ପାଳିତ ହେବ।

## କାବେରୀ ଜୀ ସାର୍ଥକର ଲକ୍ଷପତି ବିଜେତା




ଭୁବନେଶ୍ୱର,୨୯।୬

ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକର ମେଗା ପ୍ରତିଯୋଗିତା 'ଦେଖିବା ନିତି ହେବା ଲକ୍ଷପତି'ର ବିଜେତାଙ୍କ ନାମ ନିକଟରେ ଘୋଷଣା କରାଯାଇଛି। କାବେରୀ ନାୟକ ଉକ୍ତ ପ୍ରତିଯୋଗିତାର ବିଜେତା ହୋଇଛନ୍ତି ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ହୋଟେଲ ନିଉ ମାରିୟନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଅବସରରେ ଲାଲଚାନ୍ଦର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୟ ହଂସ ବିଜେତା କାବେରୀଙ୍କୁ ୧ଲକ୍ଷ ଟଙ୍କାର ଧନରାଶି ପୁରସ୍କାର ଆକାରରେ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି, ଦୀର୍ଘଦିନ ଜାରି ରହିଥିବା ଉକ୍ତ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଭାଗନେଇ ପୁରସ୍କାର ପାଇବା ସହ ନିଜର ଅଭିଜ୍ଞତା ଓ ଭଲ ପାଇବା ଦେଇଥିବାରୁ ସେ ସମସ୍ତଙ୍କୁ ଜୀ ସାର୍ଥକ ପରିବାର ପକ୍ଷରୁ ଧନ୍ୟବାଦ ଜଣାଉଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଏପ୍ରିଲ ୩ରୁ ମେ ୨୭ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ମେଗା ପ୍ରତିଯୋଗିତାର ନିୟମ ମୁତାବକ ପ୍ରତିଦିନ ସନ୍ଧ୍ୟା ୭ ଘଟିକାରୁ ରାତି ୯ଟା ୩୦ମଧ୍ୟରେ ପ୍ରସାରିତ ହେଉଥିବା ଧାରାବାହିକଗୁଡ଼ିକରେ କିଛି ସରଳ ପ୍ରଶ୍ନର ଉତ୍ତର ଦେଇଥିବା ୨୪୦ ଭାଗ୍ୟଶାଳୀ ବିଜେତାଙ୍କୁ ୧୦୦୦ ଟଙ୍କାର ଭାଉଚର ମିଳିଥିଲା। ଲାଲ୍‌ଚାନ୍ଦ ପ୍ରାୟୋଜିତ ଏହିମେଗା ପ୍ରତିଯୋଗିତା ଆଇପିଏଲ୍ ସମୟରେ ପୂରା ୪୫ଦିନ ଧରି ଜୀ ସାର୍ଥକରେ ଚାଲିଥିଲା।

ଫୁରସତ




## ଗଣେଶ ପୂଜାରେ 'ଚନ୍ଦ୍ରମୁଖୀ-୨'

**ମୁମ୍ବାଇ:** କଙ୍ଗନା ରାଣାଓ୍ୱତ ଓ ରାଘବ ଲରେନ୍ସଙ୍କ ଫିଲ୍ମ ଚନ୍ଦ୍ରମୁଖୀ-୨ ଗଣେଶ ପୂଜାରେ ମୁକ୍ତିଲାଭ କରିବ। ଏହି ହରର୍ କମେଡି ଫିଲ୍ମର ନିର୍ଦ୍ଦେଶନା ଓ କାହାଣୀ ଲେଖିଛନ୍ତି ବି. ବାସୁ। ଲାଇକା ପ୍ରଡକ୍ସନ ପକ୍ଷରୁ ବହୁ ଭାଷାରେ ନିର୍ମାଣ କରାଯାଇଥିବା ଏହି ଫିଲ୍ମର ପୋଷ୍ଟର ଅନ୍‌ଲାଇନ୍‌ରେ ଶେୟାର କରାଯାଇଛି। ତେବେ ସୋସିଆଲ ମିଡିଆରେ ଶେୟାର ହୋଇଥିବା ଫିଲ୍ମର ପୋଷ୍ଟରରେ କଙ୍ଗନାଙ୍କୁ ଦେଖିବାକୁ ମିଳୁନାହିଁ। ଅନ୍ୟପକ୍ଷେ ରାଘବ ଲରେନ୍ସ ଫିଲ୍ମର ମୁଖ୍ୟ ଭୂମିକାରେ ନଜର ଆସିବେ। ସେପ୍ଟେମ୍ବର ୧୯ରେ ଚନ୍ଦ୍ରମୁଖୀ-୨ ତାମିଲ, ତେଲୁଗୁ, ହିନ୍ଦୀ, ମାଲାୟାଲମ ଏବଂ କନ୍ନଡ଼ ଭାଷାରେ ରିଲିଜ୍ ହେବ। ଗତ ମାର୍ଚ୍ଚରେ ଫିଲ୍ମର ଶୁଟିଂ ଶେଷ ହୋଇଥିଲା। କଙ୍ଗନା, ରାଘବଙ୍କ ଛଡ଼ା ଫିଲ୍ମରେ ରାଧିକା ସରଥକୁମାର, ଭାଦିବେଲୁ, ଲକ୍ଷ୍ମୀ ମେନନ, ମହିମାନାମ୍ବିଆର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହି ଅବସରରେ କଙ୍ଗନା ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଥିଲେ।

## ବାନ୍ତିରେ ଝଡ଼ିଗଲା ସବୁ ଦାନ୍ତ



**ଲଣ୍ଡନ:** ଗର୍ଭଧାରଣ ସମୟରେ ବାନ୍ତି ହେବା ସାଧାରଣ କଥା। କିନ୍ତୁ ବ୍ରିଟେନ୍‌ର ଜଣେ ମହିଳାଙ୍କୁ ବାନ୍ତି ଯୋଗୁ ସବୁ ଦାନ୍ତ ହରାଇବାକୁ ପଡ଼ିଛି। ଲୁଇସ୍ କୁପର (୨୬) ୨୦୧୭ରେ ପ୍ରଥମ ଥର ପାଇଁ ଗର୍ଭବତୀ ହେଲେ। ପେଟରେ ପିଲା ରହିବା ପରେ ଅନ୍ୟ ମହିଳାଙ୍କ ଭଳି ତାଙ୍କର ସ୍ୱାଭାବିକ ଭାବେ ବାନ୍ତି ହେଲା, କିନ୍ତୁ ବାନ୍ତି ହେବା ସହ ଧୀରେ ଧୀରେ ତାଙ୍କର ଦାନ୍ତ ଝଡ଼ିବା ଆରମ୍ଭ ହେଲା। ସମସ୍ୟା ନେଇ ଡାକ୍ତରଙ୍କ ପାଖକୁ ଗଲା ପରେ ଲୁଇସ୍ ହାଇପରମେସିସ୍ ଗ୍ରାଭିଡାରମ୍ (ଏଚ୍‌ଜି) ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଲେ। ୨୦୧୭ ନଭେମ୍ବରରେ ଲୁଇସ୍‌ଙ୍କର ପ୍ରଥମ ସନ୍ତାନ ଜନ୍ମ ହୋଇଥିବାବେଳେ ଏହାର ୬ ମାସ ପୂର୍ବରୁ ତାଙ୍କର ସବୁ ଦାନ୍ତ ଝଡ଼ିପଡ଼ିଥିଲା। ଏଚ୍‌ଜି ରୋଗ ପାଇଁ ଲୁଇସ୍‌ଙ୍କ ଚିକିତ୍ସା ଜାରି ରହିଥିବାବେଳେ ସେ ପୁଣି ଆଉ ୨ ସନ୍ତାନଙ୍କୁ ଜନ୍ମ ଦେଲେ। ସେ ସମୟରେ ମଧ୍ୟ ସମାନ ପରିସ୍ଥିତିର ସାମ୍ନା ତାଙ୍କୁ କରିବାକୁ ପଡ଼ିଥିଲା। ବିରଳ ରୋଗ ଏଚ୍‌ଜି ପାଇଁ ଲୁଇସ୍‌ଙ୍କୁ ତାଙ୍କ ସୌନ୍ଦର୍ଯ୍ୟ ହରାଇବାକୁ ପଡ଼ିଥିବା ସେ କହିଛନ୍ତି। କୃତ୍ରିମ ଦାନ୍ତ ଲଗାଇଲେ ସୁଦ୍ଧା ତାଙ୍କୁ ଖାଇବାରେ ବହୁ ହଇରାଣ ହେବାକୁ ପଡୁଛି। ଭୋକ ଲାଗିଲେ ସୁଦ୍ଧା ଏକକାଳୀନ ବହୁତଗୁଡ଼ିଏ ଖାଦ୍ୟ ଖାଇପାରୁ ନ ଥିବାବେଳେ ସେ ଏବେ ସମ୍ପୂର୍ଣ୍ଣ ଭାବେ ଶାକାହାରୀ ପାଲଟିଯାଇଛନ୍ତି।

## ବିମାନ ଯାତ୍ରାର ନିଶା: ୩୩ ବର୍ଷରେ ୩୭ ନିୟୁତ କି.ମି.

**ୱାଶିଂଟନ୍:** ଆମେରିକାର ଟମ୍ ଷ୍ଟୁକର (୬୯) ନ୍ୟୁଜର୍ସିର ଏକ ଗାଡ଼ି ନିର୍ମାଣକାରୀ କମ୍ପାନୀରେ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ମାତ୍ର ୩୩ ବର୍ଷ ମଧ୍ୟରେ ଟମ୍ ମୋଟ ୩୭ ନିୟୁତ କି.ମି, ଦୂର ଯାତ୍ରା କରିଛନ୍ତି। ଟ୍ରାଭେଲ କରିବାକୁ ପସନ୍ଦ କରୁଥିବା ଟମ୍ ୩୦ ବର୍ଷ ପୂର୍ବେ ୧୯୯୦ରେ ୨୯୦,୦୦୦ ଡଲାର ଖର୍ଚ୍ଚ କରି ୟୁନାଇଟେଡ୍ ଏୟାରଲାଇନ୍ସଠାରୁ ଲାଇଫ୍ ଟାଇମ୍ ପାସ୍ କିଣିଥିଲେ, ଯାହା ତାଙ୍କ ଜୀବନର ସବୁଠୁ ବଡ଼ ଉପଲବ୍ଧି ବୋଲି ଟମ୍ କହିଛନ୍ତି। ଟମ୍ ହେଉଛନ୍ତି ବିଶ୍ୱର ଜଣେ ମାତ୍ର ଲୋକ ଯେ ବିମାନରେ ଏତେ ଦୂର ପର୍ଯ୍ୟନ୍ତ ଭ୍ରମଣ କରିଛନ୍ତି। ୧୨ ଦିନ କାଳ ନ ଶୋଇ ଟମ୍ ନ୍ୟୁୟର୍କରୁ ସାନ୍ ଫ୍ରାନ୍ସିସ୍କୋ, ସେଠାରୁ ବ୍ୟାଙ୍କକ୍, ଦୁବାଇ ଯାଇ ପୁଣିଥରେ ଆମେରିକା ଫେରିଥିଲେ।




୨୦୧୯ରେ ଟମ୍ ୩୭୩ ବିମାନରେ ମୋଟ ୧.୪୬ ନିୟୁତ ମାଇଲ ଆକାଶ ପଥରେ ଯାତ୍ରା କରିଥିଲେ। ବର୍ତ୍ତମାନ ସୁଦ୍ଧା ଟମ୍ ଯେତିକି ଦୂର ଭ୍ରମଣ କରିଛନ୍ତି ସେତିକିରେ ୬ ଥର ଚନ୍ଦ୍ରପୃଷ୍ଠକୁ ଯାଇଆସି ହେବ।

## ଲୁଣ ଦାନାଠୁ କ୍ଷୁଦ୍ର ଡିଜାଇନର୍ ବ୍ୟାଗ ୫୧ ଲକ୍ଷରେ ନିଲାମ



**ୱାଶିଂଟନ୍:** ସବୁଠୁ ଦାମୀ ଲୁଇସ୍ ଭୁଇଟୋନ୍ କମ୍ପାନୀର ଡିଜାଇନର ବ୍ୟାଗ୍ ୬୩,୦୦୦ ଡଲାର (୫୧.୬ ଲକ୍ଷ ଟଙ୍କା)ରେ ନିଲାମ ହୋଇଛି। ମୂଳ କଥା ଏହି ଡିଜାଇନର ବ୍ୟାଗ୍‌ଟି ଲୁଣ ଦାନାଠାରୁ ମଧ୍ୟ ଆହୁରି ଛୋଟ, ଯାହାକୁ ଖାଲି ଆଖିରେ ଦେଖିବା କଷ୍ଟକର। ନ୍ୟୁୟର୍କ ଅଟ୍ସ କଲେକ୍ଟିଭ୍ ଏମ୍‌ଏସ୍‌ସିଏଚ୍‌ଏଫ୍ ବ୍ୟାଗ୍‌କୁ ତିଆରି କରିଛି। ଦାମୀ ଡିଜାଇନର ବ୍ୟାଗ୍‌ଟି ଆୟତନ ୦.୦୩ ଇଞ୍ଚରୁ କମ୍। ବ୍ୟାଗରେ ଏକ ବଡ଼ ହ୍ୟାଣ୍ଡେଲ ଏବଂ ଛୋଟ ହ୍ୟାଣ୍ଡେଲ ରହିଛି। ଦୁଇଟି ଫଟୋ ପଲିମରାଇଜେଶନ୍ ବ୍ୟବହାର କରି ଏହାକୁ ତିଆରି କରାଯାଇଛି। ବ୍ୟାଗ୍‌କୁ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ଏହା ସହିତ ଏକ ଡିଜିଟାଲ ଡିସ୍‌ପ୍ଲେ ମାଇକ୍ରୋସ୍କୋପ ପ୍ରଦାନ କରାଯାଇଛି, ଯାହାଦ୍ୱାରା ଏହି କ୍ଷୁଦ୍ର ବ୍ୟାଗ୍‌କୁ ସହଜରେ ଦେଖିହେବ। ୨୦୧୬ରେ ଏମ୍‌ଏସ୍‌ସିଏଚ୍‌ଏଫ୍ କମ୍ପାନୀ ନୂଆ କରି ତିଆରି ହୋଇଥିଲା। ଅନେକ ସମୟରେ ନିଜର ଅଦ୍ଭୁତ ଢଙ୍ଗର ଜିନିଷ ନିର୍ମାଣ କରିବାକୁ ନେଇ କମ୍ପାନୀ ସବୁବେଳେ ଚର୍ଚ୍ଚାରେ ରହିଆସୁଛି। ୨୦୨୧ରେ ଏହି କମ୍ପାନୀ ବିର୍‌କିନ୍ ବ୍ୟାଗ୍‌ରେ ସାଣ୍ଡେଲ ତିଆରି କରିଥିଲା, ଯାହାର ମୂଲ୍ୟ ୭୬୦,୦୦୦ଡଲାର ଥିଲା।

# ଶାହା ଆସିପାରୁଛନ୍ତି, ରାହୁଲ କାହିଁକି ନୁହଁ

“ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ପ୍ରସଙ୍ଗରେ ନୀରବତା ଭଙ୍ଗ କରି କିଛି କହିବାକୁ ଉଚିତ ମଣୁନାହାନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗସ୍ତବେଳେ ଡବଲ ଇଞ୍ଜିନ ସରକାର ବିଷ୍ଣୁପୁରରେ ଏକଚ୍ଛତ୍ରବାଦୀ ପଦ୍ଧତି ଉପଯୋଗ କରି ତାଙ୍କୁ ଅଟକାଇଛି। ରିଲିଫ୍ କ୍ୟାମ୍ପଗୁଡ଼ିକରେ ଥିବା ହିଂସା ପ୍ରଭାବିତ ଲୋକଙ୍କୁ ଭେଟିବା ପାଇଁ ତାଙ୍କ ଉଦ୍ୟମକୁ ମୋଦି ସରକାରଙ୍କ ଭଣ୍ଡୁର ଯୋଜନା ଆଦୌ ଗ୍ରହଣୀୟ ନୁହେଁ। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ।

– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ


ଇମ୍ଫାଲ ବିମାନବନ୍ଦରରେ କଂଗ୍ରେସ ନେତା ରାହୁଲ ଗାନ୍ଧି, କେସି ଭେନୁଗୋପାଲ ଓ ନେତାମାନେ ।

**ଇମ୍ଫାଲ,୨୯।୬**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ୨ ଦିନିଆ ମଣିପୁର ଗସ୍ତ କରିଛନ୍ତି। ମେ’ ୩ରୁ ଜାତିଆଣ ସଂଘର୍ଷ ଲାଗି ରହିଥିବା ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ସର୍ବାଧିକ ହିଂସା ପ୍ରଭାବିତ ଚୂଡ଼ାଚାନ୍ଦପୁର ଜିଲାକୁ ରାହୁଲ କାର୍‌ରେ ଯାଉଥିବାବେଳେ ପୋଲିସ ଇମ୍ଫାଲଠାରୁ ୨୦ କି.ମି. ଦୂର ବିଷ୍ଣୁପୁରରେ ତାଙ୍କୁ ଅଟକାଇଥିଲା। ସେ ଇମ୍ଫାଲକୁ ଫେରି ସେଠାରୁ ଏକ ସରକାରୀ ହେଲିକପ୍ଟରରେ ପୁଣି ଯାଇଥିଲେ। ମଣିପୁର ପୋଲିସର କହିବା ହେଉଛି, ରାହୁଲ ଯେଉଁ ରାସ୍ତା ଦେଇ ଯାଉଥିଲେ ସେହି ରୁଟ୍‌ରେ ମହିଳାମାନେ ବିକ୍ଷୋଭ କରୁଥିଲେ। ତେଣୁ ସୁରକ୍ଷା କାରଣରୁ ରାହୁଲଙ୍କୁ ଅଟକାଯାଇଥିଲା। ଅନ୍ୟପକ୍ଷରେ ରାହୁଲଙ୍କୁ ପୋଲିସ ଅଟକାଇବା ପରେ ଏହାର ପ୍ରତିବାଦରେ ମହିଳାମାନେ ବିକ୍ଷୋଭ କରିଥିଲେ। କାରଣ ରାହୁଲ ଚୂଡ଼ାଚାନ୍ଦପୁର ଓ ସେମାନଙ୍କ ଗାଁକୁ ଆସନ୍ତୁ ବୋଲି ମହିଳାମାନେ ଚାହୁଁଥିଲେ ବୋଲି କଂଗ୍ରେସ କହିଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଜଣେ ବିକ୍ଷୋଭକାରୀ ମହିଳା କହିଛନ୍ତି, ମଣିପୁରରେ କ’ଣ ଚାଲିଛି ତାହା ଜାଣିବା ପାଇଁ ରାହୁଲ ଏଠାକୁ ଆସିଛନ୍ତି। ତାଙ୍କ ଉଦ୍ଦେଶ୍ୟ ରାଜନୀତି କରିବା ନୁହେଁ। ପୋଲିସ କାହିଁକି ରାସ୍ତା ଅବରୋଧ କରିଛି? ଆଉ ଜଣେ ମହିଳା ପ୍ରଶ୍ନ କରିଛନ୍ତି, ଯଦି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଚୂଡ଼ାଚାନ୍ଦପୁର ଆସିପାରୁଛନ୍ତି, ରାହୁଲଙ୍କୁ କାହିଁକି ଅଟକାଉଛ?

- **ମଣିପୁର ଗସ୍ତବେଳେ କାର୍ ଅଟକାଇଲା ପୋଲିସ**
- **ହିଂସା ପ୍ରଭାବିତଙ୍କୁ ଭେଟିଲେ ରାହୁଲ**

ଅଣଆଦିବାସୀ ମେଇତି ସମ୍ପ୍ରଦାୟର ଲୋକେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ପ୍ରଦାନ ପାଇଁ ଦାବି କରୁଥିବାବେଳେ ପ୍ରାୟ ୨ ମାସ ତଳେ ମଣିପୁର ହାଇକୋର୍ଟ ସେମାନଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହାର ପ୍ରତିବାଦରେ ମେ’ ୩ରେ ନାଗା ଓ କୁକି ଆଦିବାସୀମାନେ ‘ଟ୍ରାଇବାଲ ସୋଲିଡାରିଟି ମାର୍ଚ୍ଚ’ର ଆୟୋଜନ କରିଥିଲେ। ମେଇତି ସମ୍ପ୍ରଦାୟ ସେମାନଙ୍କୁ ଆକ୍ରମଣ କରିବା ପରେ ଜାତିଆଣ ସଂଘର୍ଷ ହୋଇଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ଏହି ହିଂସାରେ ଏଯାଏ ୧୨୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି। ଗୁରୁବାର ଭୋର ୫ଟା ୩୦ରେ କାଙ୍ଗ୍‌ପୋକ୍‌ପି ଜିଲା ହରାଓଥେଲ ଗ୍ରାମରେ ସଶସ୍ତ୍ର ଦଙ୍ଗାକାରୀମାନେ ଗୁଳି ଚଳାଇବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଆଇନଶୃଙ୍ଖଳା ଅଣାୟତ୍ତ ହେବା ଆଶଙ୍କା ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ସେନା ଯବାନଙ୍କୁ ମୁତୟନ କରାଯାଇଛି। ହିଂସା ଯୋଗୁ ବିସ୍ଥାପିତ ହୋଇଥିବା ଆଦିବାସୀମାନଙ୍କୁ ରିଲିଫ୍ କ୍ୟାମ୍ପରେ ରାହୁଲ ଭେଟିଛନ୍ତି।

# ଶିମଲାରେ ନୁହେଁ ବେଙ୍ଗାଲୁରୁରେ ବିରୋଧୀଙ୍କ ବୈଠକ

**ନୂଆଦିଲ୍ଲୀ, ୨୯।୬**

ସମ୍ଭାବ୍ୟ ମେଣ୍ଟ ନେଇ ବିରୋଧୀ ଦଳଗୁଡ଼ିକର ପରବର୍ତ୍ତୀ ବୈଠକ ଶିମଲାରେ ନୁହେଁ, ବେଙ୍ଗାଲୁରୁରେ ଜୁଲାଇ ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଗୁରୁବାର ଏହି ସୂଚନା ଦେଇଛନ୍ତି। ବିରୋଧୀ ଦଳଗୁଡ଼ିକର ପ୍ରଥମ ବୈଠକ ଗତ ୨୩ ତାରିଖରେ ବିହାର ରାଜଧାନୀ ପାଟନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ଦଳରୁ ୩୨ ଜଣ ବିରୋଧୀ ନେତା ଯୋଗ ଦେଇଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବିରୋଧୀ ଦଳଗୁଡ଼ିକର ମିଳିତ ମେଣ୍ଟ ସମ୍ପର୍କରେ ରଣନୀତି ପ୍ରସ୍ତୁତି ଲାଗି ପରବର୍ତ୍ତୀ ବୈଠକ ଶିମଲାରେ ହେବ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଘୋଷଣା କରିଥିଲେ।

ପାଟନାରେ ୪ ଘଣ୍ଟା ଧରି ଆଲୋଚନା ହୋଇଥିଲେ ମଧ୍ୟ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟରେ ଜୋର୍‌ଦାର ବଚସା ହୋଇଥିଲା। ଦିଲ୍ଲୀର ପ୍ରଶାସନିକ ସେବାକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ କଂଗ୍ରେସ ବିରୋଧ ନ କଲେ ଭବିଷ୍ୟତ ବୈଠକରେ ଏଏପି ଯୋଗଦେବ ନାହିଁ ବୋଲି କହିଥିଲା। ପାଟନା ବୈଠକରେ ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ଆଲୋଚନା ହୋଇ ନ ଥିଲା ବୋଲି ପାୱାର କହିଛନ୍ତି। ଏହା ବଦଳରେ ଦରଦାମ୍ ବୃଦ୍ଧି, ବେରୋଜଗାରି ଏବଂ ଦେଶର ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ହିଂସାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ ସମ୍ପର୍କରେ ବିରୋଧୀମାନେ ବୈଠକରେ ଆଲୋଚନା କରିଥିଲେ।

# ଦିଶା ବୈଠକ: ୫-ଟି ବୋର୍ଡକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

## ଅଧାରୁ ବୈଠକ ଛାଡିଲେ ଉମରକୋଟ ବିଧାୟକ

**ନବରଙ୍ଗପୁର,୨୯।୬(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାସ୍ତରୀୟ ଦିଶା ବୈଠକ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମାଝି ଜିଲାର ଉନ୍ନୟନ ଓ ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ବିଭିନ୍ନ କଥାକୁ ନେଇ କଥା କଟାକଟି ହେବାରୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଅଧାରୁ ଉଠି ଚାଲି ଯାଇଥିଲେ। ବୈଠକ ଚାଲିଥିବା ବେଳେ ଗତ ଦିନରେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ଅକ୍ସିଜେନ ପ୍ଲାଣ୍ଟରୁ ୫-ଟି ବୋର୍ଡ ହଟାଯିବାକୁ ନେଇ ହଠାତ୍ ଏମ୍‌ପି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଉଠାଜଳସେଚନ ବିଭାଗ ଉପଦେଷ୍ଟା ପ୍ରମୋଦ ପାଢୀଙ୍କ ମଧ୍ୟରେ କଥା କଟାକଟି ହୋଇ ଗୃହ ସରଗରମ ହୋଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ଏମ୍‌ପି ରମେଶ ମାଝି ୫-ଟି ବୋର୍ଡ ଅକ୍ସିଜେନ ପ୍ଲାଣ୍ଟରୁ ହଟାଯିବାକୁ ନାପସନ୍ଦ କରିଥିଲେ।

ଉମରକୋଟ ବିଧାୟକ କହିଥିଲେ, ଅକ୍ସିଜେନ ପ୍ଲାଣ୍ଟ ୫-ଟି ଅର୍ଥରେ ହୋଇନାହିଁ। ପ୍ରମୋଦ ପାଢୀ କହିଥିଲେ, ଉକ୍ତ ବୋର୍ଡରେ କେଉଁ ଦଳ କଥା ଲେଖାଯାଇ ନାହିଁ। ବିଧାୟକ ଗଣ୍ଡ କହିଥିଲେ, କୋଭିଡ୍ ଟିକା କେନ୍ଦ୍ର ସରକାରଙ୍କର ହୋଇଥିଲେ ମଧ୍ୟ କେବଳ ନବୀନ ପଟ୍ଟନାୟକଙ୍କ ଫଟୋ ରହୁଥିଲା। ଏମ୍‌ପି ମାଝି, କୋଭିଡ୍ ମୃତ୍ୟୁ ପ୍ରମାଣପତ୍ରରେ ମୋଦିଙ୍କ ଫଟୋ କାହିଁକି ରହୁ ନ ଥିଲା ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଉମରକୋଟ ବିଧାୟକ ଗଣ୍ଡ ବିଗିଡି ଯାଇ ୫-ଟି କଥା କହନ୍ତୁ ବୋଲି କହିଥିଲେ। ୫-ଟିରେ ଛାତ ଦବି ଯାଉଛି, ପାଚେରି ଭୁଶୁଡି ପଡୁଛି ବୋଲି କହିଥିଲେ। ଉତ୍ତରରେ ପ୍ରମୋଦ ପାଢୀ ଭାରତମାଳାରେ ହୋଇଥିବା ଦୁର୍ନୀତି କଥା ଉଠାଇଥିଲେ। ଉପଜିଲାପାଳ କୋଟି କୋଟି ଟଙ୍କା ଦୁର୍ନୀତି କରି ଜେଲ ଯାଇଛନ୍ତି। ବିଧାୟକ ଗଣ୍ଡ କହିଥିଲେ, ସରକାରଙ୍କ ଟଙ୍କାରେ ଏସ୍‌ଡିସିରେ ଉଦ୍‌ଘାଟନ କରାଗଲା। ମୋତେ ଡକାଗଲା ନାହିଁ କିମ୍ବା ସୂଚନା ଫଳକରେ ନାମ ରହିଲାନି। ଜଣେ ବିରୋଧୀ ଦଳର ବିଧାୟକ ହୋଇଥିବାରୁ କହିବା ପାଇଁ ସୁଯୋଗ ମିଳୁନି। ଜିଲାରେ ଆଦିବାସୀ ବିଧାୟକଙ୍କୁ ଉପେକ୍ଷା କରାଯାଉଛି। ସ୍ୱାଭିମାନ ଦୃଷ୍ଟିରୁ ବୈଠକରେ ରହିବାର ନାହିଁ କହି ଉଠି ଚାଲିଯାଇଥିଲେ। ଏମ୍‌ପି ମାଝି ବିଧାୟକ ଗଣ୍ଡଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସେ ନ ଶୁଣି ପଳାଇ ଯାଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗରେ ଗୋଟିଏ ସ୍ଥାନରେ ୧୦ ବର୍ଷ କାର୍ଯ୍ୟ କରିଥିବା ଏଏନ୍‌ଏମ୍‌ଙ୍କୁ ବଦଳି ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ରାସ୍ତା କାମ ଠିକ ସମୟରେ କରା ନ ଯିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ପାଇଁ ଏମ୍‌ପି ମାଝି ପରାମର୍ଶ ଦେଇଥିଲେ। ନବରଙ୍ଗପୁରର ଜନୈକ ଠିକାଦାର ଏଲ.ଏନ୍.ଜେନାଙ୍କୁ କଳା ତାଲିକାଭୁକ୍ତ କରିବାକୁ ବିଧାୟକ ଓ ଏମ୍‌ପି ଦାବି କରିଥିଲେ। ଜିଲାପାଳ ଡ.କମଳ ଲୋଚନ ମିଶ୍ର ଏ ନେଇ ପଦକ୍ଷେପ ନିଆଯାଇଥିବା କହିଥିଲେ। ବୈଠକରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅନ୍ୟମାନେ ।

# କେନ୍ଦ୍ର ଯୋଜନାକୁ ରାଜ୍ୟ ସରକାର ବାଟମାରଣା କରୁଛନ୍ତି: ଜୁଏଲ



ମାଲକାନଗିରି ପଦ୍ମଗିରିରେ ଆୟୋଜିତ ସଭାରେ ଜୁଏଲ ଓରାମ ଓ ଦଳୀୟ ନେତୃବୃନ୍ଦ।

**ମାଲକାନଗିରି,୨୯।୬(ଦୁର୍ଯ୍ୟୋଧନ ପାତ୍ର)/କୋରୁକୋଣ୍ଡା(ଅବିନାଶ ବେହେରା)/ମାଥିଲି, (ସୁବାସ ଚନ୍ଦ୍ର ଖୁଣ୍ଟିପିଆ)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ ୨ ଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସି ଗୁରୁବାର ମାଲକାନଗିରି, କୋରୁକୋଣ୍ଡା ଓ ମାଥିଲିରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଓରାମ ମାଥିଲିଠାରେ ପହଞ୍ଚିବା ପରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ମାଥିଲିଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଟଙ୍କିକିଆ ଚାଉଳ ଆଦି ବହୁ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ବାଟମାରଣା କରି ଏହି ଯୋଜନା ନିଜେ କରୁଥିବା କହି ବାହାବା ନେଉଛନ୍ତି। ପ୍ରକୃତ ହିତାଧିକାରୀ କେନ୍ଦ୍ରୀୟ ଜନ ହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ବିଜେଡି ଦଳୀୟ କର୍ମୀଙ୍କଠାରୁ ନେତାଙ୍କ ପର୍ଯ୍ୟନ୍ତ ସବୁ ଯୋଜନାର ସୁଫଳ ନେଉଥିବା ବେଳେ ଓଡ଼ିଶାରେ ପ୍ରକୃତ ଗରିବ ଲୋକମାନେ ବିଭିନ୍ନ ଯୋଜନାର ସୁଫଳ ପାଇପାରୁନାହାନ୍ତି। ତେଣୁ ଆଗାମୀ ଦିନରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ମାଲକାନଗିରି ବ୍ଲକ ପଦ୍ମଗିରିଠାରେ ଏକ ଜନ ସମାବେଶରେ ଅଂଶ ଗ୍ରହଣ କରି ଅନୁରୂପ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦ୍ମଗିରିଠାରେ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ, ଆଦିବାସୀ ପାରମ୍ପରିକ ନୃତ୍ୟ ଏବଂ ବାଦ୍ୟ ସହ ଓରାମକୁ ପାଛୋଟି ନେଇଥିଲେ।

ସେଠାରୁ କୋରୁକୋଣ୍ଡା ବ୍ଲକ କାମବେଡ଼ାଠାରେ ଏକ ଦଳୀୟ ଜନ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ, ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସମ୍ପାଦକ ଜଳନ୍ଧର ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ନବରଙ୍ଗପୁର ଲୋକ ସଭା ପ୍ରଭାରୀ ବିଜୟ ମିଶ୍ର, ନବରଙ୍ଗପୁର ଲୋକ ସଭା ସଂଯୋଜକ ରାମେଶ୍ୱର ଜେନା, ମାଲକାନଗିରି ଜିଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀଙ୍କ ସହ ଜିଲାର ସମସ୍ତ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ।

# ‘ଜନପ୍ରତିନିଧିଙ୍କୁ ଅବହେଳା କରାଯାଉଛି’



ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ।

**ବାରିପଦା,୨୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଓଡ଼ିଶାବାସୀ ଭୋଟ ଦେଇ ନିର୍ବାଚିତ କରିଥିବା ଜନପ୍ରତିନିଧିମାନଙ୍କୁ ଅବହେଳା କରାଯାଉଛି। ମନ୍ତ୍ରୀ, ବିଧାୟକମାନେ ହାତଯୋଡି ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଭଳି କାର୍ଯ୍ୟକଳାପକୁ ଓଡ଼ିଶାବାସୀ ହୃଦୟଙ୍ଗମ କରିସାରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ମୟୂରଭଞ୍ଜ ଜିଲାର ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ କହିଛନ୍ତି। ଗୁରୁବାର ବାରିପଦାଠାରେ ଏକ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆସନର ଲାଳସାରେ ୫-ଟି ସଚିବ ଭି.କେ ପାଣ୍ଡିଆନ ଓଡ଼ିଶା ଭ୍ରମଣ କରିବା ଭଳି ଘଟଣାକୁ ସେ କଳା ପାହାଡ଼ର ଆଖ୍ୟା ଦେଇଛନ୍ତି। ଗଣତନ୍ତ୍ରକୁ ହତ୍ୟା କରି ଅମଲାତନ୍ତ୍ରର ପତିଆରା ଜାହିର କରିଥିବା ପାଣ୍ଡିଆନଙ୍କୁ ଓଡ଼ିଶାରୁ ହଟାଇବା ପର୍ଯ୍ୟନ୍ତ ତାଙ୍କର ଏହି ପ୍ରତିବାଦର ଲଢେଇ ଜାରୀ ରହିବ ବୋଲି ଟୁଡୁ କହିଛନ୍ତି।


**NABARANGPUR FOREST DIVISION**
Notice No.01 of 2023-24, Date: 27.06.2023
**WALK-IN-INTERVIEW ON 20.07.2023**
No. MM-75: Nabarangpur Forest Division requires qualified candidates with M.Sc. in Zoology/Wildlife Biology/Life Sciences/ Animal Biotechnology/Microbiology/Forestry/Biodiversity Conservation/Bio Chemistry/Veterinary Science or allied subject from a recognized university for temporary engagement as **one Senior Research Fellow**. The **Walk-in-Interview** is scheduled on **20.07.2023 10.00 A.M. at Conference Hall of Nabarangpur Forest Division.** The application form along with detail terms and conditions shall be available on the website **www.nabarangpur.nic.in/www.odishaforest.in** from **29.06.2023**.
Sd./- Divisional Forest Officer
Nabarangpur Forest Division
OIPR-08158/11/0001/2324

**WORKS DEPARTMENT** No.B-399
**OFFICE OF THE CHIEF CONSTRUCTION ENGINEER**
**EASTERN CIRCLE (R&B), BALASORE**
e-mail – seec_bls@rediffmail.com
**Government of Odisha “e” Procurement Notice**
**Bid Identification No. CCEEC-07/2023-24**
**No. 3096/Dt: 19.6.23**
Nature of work:- **Buildings Works**
Number of works: **07 Nos. Buildings Works**
Amount put to Tender: - **Rs. 995.73 Lakh to Rs. 116.67 Lakh**
Class of Contractor: - **“B” Class / “A” Class / “Special” Class**
Date & Time of availability of bid document in the portal: - **Dt.29.06.2023 at 10:00 AM**
Last Date / Time of receipt of bid in the portal: - **Dt.13.07.2023 up to 05:00 PM**
Date of opening of bid :- **Dt.14.07.2023 at 11:00 AM**
Name & address of the Office inviting bid: - **Chief Construction Engineer, Eastern Circle (R&B), Balasore**
The bidders have to participate in ONLINE bidding only. Further details can be seen from the e-procurement portal “**http//tendersodisha.gov.in**.” All future corrigendum will be available on ONLINE mode only.
**Sd./- R. Rout, Chief Construction Engineer**
OIPR-34026/11/0008/2324 **Eastern Circle (R&B), Balasore**

**WORKS DEPARTMENT** No.B-400
**OFFICE OF THE CHIEF CONSTRUCTION ENGINEER**
**EASTERN CIRCLE (R&B), BALASORE**
e-mail – seec_bls@rediffmail.com
**Government of Odisha “e” Procurement Notice**
**Bid Identification No. CCEEC-08/2023-24**
**No. 3239/Dt: 24.6.23**
Nature of work:- **Buildings Works**
Number of works: **05 Nos. Buildings Works**
Amount put to Tender: - **Rs. 362.55 Lakh to Rs. 335.31 Lakh**
Class of Contractor: - **“A” Class**
Date & Time of availability of bid document in the portal: - **Dt.04.07.2023 at 10:00 AM**
Last Date / Time of receipt of bid in the portal: - **Dt.18.07.2023 up to 05:00 PM**
Date of opening of bid :- **Dt.19.07.2023 at 11:00 AM**
Name & address of the Office inviting bid: - **Chief Construction Engineer, Eastern Circle (R&B), Balasore**
The bidders have to participate in ONLINE bidding only. Further details can be seen from the e-procurement portal “**http//tendersodisha.gov.in**.” All future corrigendum will be available on ONLINE mode only.
**Sd./- R. Rout, Chief Construction Engineer**
OIPR-34026/11/0007/2324 **Eastern Circle (R&B), Balasore**

GOVERNMENT OF ODISHA
**“e” - PROCUREMENT NOTICE**
**OFFICE OF THE BLOCK DEVELOPMENT OFFICER, ODAGAON**
**P.R. & D.W. DEPARTMENT**
E-mail: ori-odagaon@nic.in
**TENDER CALL NOTICE**
Tender Call Notice No. - eTcn03/odagaon/2023-24
Letter No. 2054 Dated: 27.06.2023
Bid Identification No. B.D.O., Odagaon - eTcn03/odagaon/2023-24
No. i-207: The Block Development Officer, Odagaon on behalf of Governor of Odisha inviting percentage rate bid in Single Cover System in ONLINE MODE from eligible contractors for construction of Building work as detailed in the table below.
1. Nature of Work : Building Works
2. No. of Work : 1 No.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.30.06.2023 11.00 A.M. to Dt.09.07.2023 upto 5.00 P.M.
6. Date of Opening of Bid : Dt.10.07.2023 at 11.00 A.M.
7. The have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any Addendum/ Corrigendum/Cancellation of tender can also be seen in the said website.
OIPR-19307/11/0003/2324 Sd./- Block Development Officer, Odagaon

**ଜିଲ୍ଲା ପରିଷଦ, ଅନୁଗୋଳ**
**ZILLA PARISHAD, ANGUL**
Dist-Angul, Odisha, Pin-759122
E-mail:ori-dangul@nic.in, drdaangul@gmail.com
ପଞ୍ଚାୟତି ରାଜ
**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ ଅନୁଦାନ କମିଶନ ବ୍ଲକସ୍ତରୀୟ ଜନଶୁଣାଣି**
**କାର୍ଯ୍ୟାଳୟ ଆଦେଶନାମା ସଂଖ୍ୟା ୨୬୩୩/ତା.୧୯.୦୬.୨୦୨୩**
**No.CAD-1081:** ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (୦୧.୧୦.୨୦୨୨ଠାରୁ ୩୧.୦୩.୨୦୨୩) ଓ ପଞ୍ଚଦଶ ଅର୍ଥ ଅନୁଦାନ କମିଶନ ୨୦୨୦-୨୧ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି ।
ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ ।
ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପିତ କରିବା ହେବେ ।

| କ୍ର.ସଂ. | ବ୍ଲକର ନାମ | ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟକ୍ରମ – ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|---|
| ୧ | ତାଳଚେର | ୧୧.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) |
| ୨ | ପାଲଲହଡା | ୧୨.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ପାଲଲହଡା |
| ୩ | କିଶୋରନଗର | ୧୩.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ଜିଲ୍ଲା ପରିଷଦ, ଅନୁଗୋଳ |
| ୪ | ବଣ୍ଟଁରପାଳ | ୧୪.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) |
| ୫ | ଛେଣ୍ଡିପଦା | ୧୮.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଅନୁଗୋଳ |
| ୬ | ଆଠମଲ୍ଲିକ | ୨୦.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଆଠମଲ୍ଲିକ |
| ୭ | ଅନୁଗୋଳ | ୨୫.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ |
| ୮ | କଣିହାଁ | ୨୯.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ତାଳଚେର |

ସ୍ୱା./-
ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ଅନୁଗୋଳ
ସ୍ୱା./-
ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ,
ମନରେଗା, ଅନୁଗୋଳ
OIPR-19236/11/0001/2324

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., SUBARNAPUR**
**(At/PO-Sonepur, Dist-Subarnapur, PIN-767017)**
**Dist. Website- www.subarnapur.nic.in**
**No.CAD-1090:**
**Tender No.1534 dt.28.06.2023** for **Level-I Transport Contractor** for the biennial 2023-25.
**Tender No.1535 dt.28.06.2023** for **Handling Contractor** (Labour Works) for the biennial 2023-25.
**Tender No.1536 dt.28.06.2023** for **Level-II Transport Contractor** for Sonepur Municipality for the biennial 2023-25.
District Manager, Odisha State Civil Supplies Corporation Ltd., Subarnapur invites tender in Double Cover System through ONLINE MODE ONLY on e-procurement portal www.tenderodisha.gov.in for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of food grains from FSD, FCI to RRCs, (ii) Level-II Transport Contractor for Sonepur Municipality for transportation of food grains from RRCs to Retail Centers (FPS), (iii) Handling Contractor (Labour Works) for Handling of Food grains (Rice, Wheat) at the RRCs (except in those PEG godowns where godown owner is undertaking handling work) in the Subarnapur District of the State of Odisha. |
| 2 | Availability of bid document in the portal | From dt.29.06.2023 for Level-I Transport Contractor, Handling Contractor & Level-II Transport Contractor for Sonepur Municipality. |
| 3 | Last Date/time for receipt of bids in the portal | Dt.13.07.2023 up to 5 PM for Level-I Transport Contractor, Handling Contractor & Level-II Transport Contractor for Sonepur Municipality. |
| 4 | Date/Time of opening of Technical Bid | Dt.14.07.2023 at 11.00 AM for Level-I Transport Contractor, Handling Contractors & Level-II Transport Contractor for Sonepur Municipality. |
| 5 | Name and address of the Officer Inviting Tender | District Manager, OSCSC Ltd., Subarnapur |

Tender Documents & other details can be seen from the e-procurement portal www.oscsc.in, www.foododisha.in , www.tenderodisha.gov.in and www.subarnapur.nic.in. Amendments/ corrigendum/ cancellation /re-tenders etc. if any shall be published only in above websites.
**By Order of Collector**
**Sd./- Chief CSO-cum-DM**
OIPR-07030/11/0003/2324 **OSCSC Ltd., Subarnapur**

See Career Appointment on every Wednesday & Saturday

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଗରକର ହୋଇପାରନ୍ତି ମୁଖ୍ୟ ଚୟନକର୍ତ୍ତା

**ନୂଆଦିଲ୍ଲୀ, ୨୯।୬(ପି.ଟି.)**

ପୂର୍ବତନ ଭାରତୀୟ କ୍ରିକେଟର ତଥା ଅଲରାଉଣ୍ଡର ଅଜିତ୍ ଅଗରକର ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ଗ୍ରହଣ କରିପାରନ୍ତି। ପୂର୍ବରୁ ସେ ଆଇପିଏଲ ଫ୍ରାଞ୍ଚାଇଜି ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)ର ସହକାରୀ କୋଚ୍ ରହିଥିବା ବେଳେ ଗୁରୁବାର ଇସ୍ତଫା ପ୍ରଦାନ କରିଛନ୍ତି। ଡିସି ପକ୍ଷରୁ ଏହି ଖବର ସ୍ପଷ୍ଟ କରାଯାଇଥିବା ବେଳେ ମୁଖ୍ୟ ଚୟନକର୍ତ୍ତା ଭାବରେ ଅଗରକର ଯୋଗଦେବାର ସମ୍ଭାବନା ବୃଦ୍ଧି ପାଇଛି। ଏହା ସହିତ ବିସିସିଆଇ ପକ୍ଷରୁ ମୁଖ୍ୟ ଚୟନକର୍ତ୍ତାଙ୍କ ବେତନ ବୃଦ୍ଧି କରାଯିବାର ସମ୍ଭାବନା ରହିଛି। ପୂର୍ବରୁ ଚୟନ କମିଟିର ଅନ୍ୟ ସଦସ୍ୟଙ୍କୁ ମାସିକ ୯୦ ଲକ୍ଷ ଓ ମୁଖ୍ୟ ଚୟନକର୍ତ୍ତାଙ୍କୁ ୧ କୋଟି ଟଙ୍କାର ବେତନ ପ୍ରଦାନ କରାଯାଇଥାଏ। ଡିସିର ସହକାରୀ କୋଚ୍ ଭାବରେ ଅଗରକର କାମ କରୁଥିବା ବେଳେ ବିଭିନ୍ନ ଚ୍ୟାନେଲରେ ଭାଷ୍ୟକାର ଭାବରେ ମଧ୍ୟ କାମ କରିଥାନ୍ତି। ସେ ୧ କୋଟିରୁ ଅଧିକ ଆୟ କରୁଥିବା ବେଳେ ବିସିସିଆଇକୁ ନିଜର ବେତନ ବ୍ୟବସ୍ଥାର ସମୀକ୍ଷା ଆବଶ୍ୟକ ରହିଛି। ଅଗରକର ମୁଖ୍ୟ ଚୟନକର୍ତ୍ତା ଦୌଡରେ ଥିବା ନେଇ ବୁଧବାର ଖବର ପ୍ରକାଶ ପାଇଥିଲା। ତେବେ ଗୁରୁବାର ସେ ଡିସିରୁ ଇସ୍ତଫା ପ୍ରଦାନ କରିବା ପରେ ଏହା ଆପାତତଃ ସ୍ପଷ୍ଟ ହୋଇଛି। କେବଳ ଅକରକର ନୁହନ୍ତି ବରଂ ଅନ୍ୟତମ ଅଲରାଉଣ୍ଡର ଶେନ୍ ୱାଟସନ୍ ମଧ୍ୟ ଡିସି ସହକାରୀ କୋଚ୍ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି।

**ଦିଲ୍ଲୀ କ୍ୟାପିଟାଲ୍ସ ସହକାରୀ କୋଚ୍ ପଦରୁ ଇସ୍ତଫା**


ଅଜିତ୍ ଅଗରକର

ପୂର୍ବରୁ ୨୦୨୧ରେ ମଧ୍ୟ ଅଗରକର ଚୟନ କମିଟି ପାଇଁ ସାକ୍ଷାତକାର ଦେଇଥିଲେ। ୱେଷ୍ଟ ଜୋନ୍‌ରୁ ଆବେ କୁରୁଭିଲାଙ୍କୁ ଚୟନ କରାଯାଇଥିଲା। ମୁମ୍ବାଇ କ୍ରିକେଟ ଆସୋସିଏଶନ ପକ୍ଷରୁ ସେତେବେଳେ ଅଗରକରଙ୍କୁ ସମର୍ଥନ ମିଳି ନ ଥିଲା। ରମାକାନ୍ତ ଆଚ୍ରେକରଙ୍କ ଏହି ଶିଷ୍ୟ ଜଣଙ୍କ ଅନ୍ୟ ଖେଳାଳିଙ୍କ ଅପେକ୍ଷା ମୁଖ୍ୟ ଚୟନକର୍ତ୍ତା ପାଇଁ ଅଧିକ ଯୋଗ୍ୟ ଥିଲେ। ଅଗରକର ଭାରତ ପକ୍ଷରୁ ୧୯୧ ଦିନିକିଆ, ୨୬ ଟେଷ୍ଟ ଓ ୪ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଯଦି ଅଗରକର ୨୦୨୧ରେ ଚୟନ କମିଟିରେ ସାମିଲ ହୋଇଥାନ୍ତେ ତେବେ ଚେତନ ଶର୍ମାଙ୍କ ସ୍ଥାନରେ ତାଙ୍କୁ ମୁଖ୍ୟ ଚୟନକର୍ତ୍ତା ଘୋଷଣା କରାଯାଇଥାନ୍ତା। ଏହି ତାଲିକାରେ ଦିଲ୍ଲୀପ ଭେଙ୍ଗସରକାର ଓ ରବି ଶାସ୍ତ୍ରୀଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଥିଲା। ତେବେ ଉଭୟ ଖେଳାଳି ଆବେଦନ କରିଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟ ପକ୍ଷରେ ଯଦି ଭେଙ୍ଗସରକାର ଆବେଦନ କରିଥାନ୍ତି ତେବେ ସେ ମାତ୍ର ଏକ ବର୍ଷ ପାଇଁ କାର୍ଯ୍ୟ କରିପାରିବେ। ପୂର୍ବରୁ ୨୦୦୫-୨୦୦୮ ପର୍ଯ୍ୟନ୍ତ ସେ ଚୟନ କମିଟି ମୁଖ୍ୟ ରହିଥିଲେ। ନୂତନ ନିୟମ ଅନୁସାରେ ଜଣେ ଖେଳାଳି ସର୍ବାଧିକ ୪ ବର୍ଷ ଚୟନ କମିଟିରେ କାର୍ଯ୍ୟ କରିପାରିବେ।

# ବଟଲରଙ୍କୁ ଲୋଭନୀୟ ଅଫର ଦେଇପାରେ ରାଜସ୍ଥାନ

**ଲଣ୍ଡନ, ୨୯।୬ (ପି.ଟି.)**

ଇଂଲଣ୍ଡର ସୀମିତ ଓଭର ଅଧିନାୟକ ଜୋସ୍ ବଟଲରଙ୍କୁ ଲୋଭନୀୟ ଅଫର ସହ ବହୁବର୍ଷ ପାଇଁ ତାଙ୍କ ସହିତ ଚୁକ୍ତି କରିବା ଲାଗି ବିଚାର କରୁଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ। ଅଧିକାଂଶ ଆଇପିଏଲ୍ ଫ୍ରାଞ୍ଚାଇଜଙ୍କର ବିଭିନ୍ନ ଘରୋଇ ଟି୨୦ ଲିଗ୍‌ରେ ସମ୍ପୃକ୍ତି ରହିଛି। ବର୍ତ୍ତମାନର ଡାଞ୍ଚା ଖେଳ ପ୍ରତି ବିପଦ ସୃଷ୍ଟି କରିପାରେ। ବହୁ ଟପ୍ ଇଣ୍ଟରନ୍ୟାଶନାଲ ଖେଳାଳି ସେମାନଙ୍କ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯାଇଥାରନ୍ତି। ଷ୍ଟାର ଫୁଟ୍‌ବଲ ଖେଳାଳିମାନେ ଯେପରି ଲୋଭନୀୟ ଅଫର ପାଇ ଗୋଟିଏ ଫୁଟ୍‌ବଲ କ୍ଲବ ସହ ଦୀର୍ଘମିଆଦି ଚୁକ୍ତି କରିଥାନ୍ତି। ଗୋଟିଏ ଫ୍ରାଞ୍ଚାଇଜ ସହ ଚୁକ୍ତି କରି ବିଭିନ୍ନ ଟୁର୍ନାମେଣ୍ଟରେ ଖେଳିବା ଲାଗି ହୁଏତ ଅନେକ କ୍ରିକେଟର ପସନ୍ଦ କରିପାରନ୍ତି। ହେଲେ ଇଂଲଣ୍ଡ କ୍ରିକେଟର ଏଥିରେ ରାଜି କି ଅରାଜି ତାହା ସ୍ପଷ୍ଟ ହୋଇ ନାହିଁ। କିନ୍ତୁ ରିପୋର୍ଟ ଅନୁସାରେ ଟି୨୦ ବିଶ୍ୱକପ୍ ବିଜୟୀ ଦଳର ଅଧିନାୟକଙ୍କ ନିୟୁତାଧିକ ପାଉଣ୍ଡ ବିନିମୟରେ ୪ ବର୍ଷିଆ ଚୁକ୍ତି କରିବାକୁ ଚାହୁଁଛି ଆଇପିଏଲ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ। ନିର୍ଦ୍ଦିଷ୍ଟ ପରିମାଣ ସମ୍ପର୍କରେ କୌଣସି ସୂଚନା ନାହିଁ। ବଟଲରଙ୍କୁ ରାଜସ୍ଥାନ ରୟାଲ୍ସର ରନ୍ ମେସିନ କୁହାଯାଇଥାଏ। ୨୦୧୮ରେ ଏହି ଦଳରେ ଯୋଗ ଦେବା ପରେ ସେ ୭୧ଟି ମ୍ୟାଚ ଖେଳସାରିଛନ୍ତି। ସେ ୫ ଶତକ ଓ ୧୮ ଅର୍ଦ୍ଧଶତକ ହାସଲ କରିଛନ୍ତି। ବଟଲର ପାର୍ଲ ରାଜସ୍ଥାନ ରୟାଲ୍ସ ପାଇଁ ମଧ୍ୟ ଖେଳିଥାନ୍ତି।

# ଓସିଏ ପକ୍ଷରୁ ପେସ୍ ବୋଲିଂ ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ

**ଭୁବନେଶ୍ୱର,୨୯।୬**
**(ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ଏକ ପେସ୍ ବୋଲିଂ ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ ଅନୁଷ୍ଠିତ ହେବାକୁ ଯାଉଛି। ଜୁଲାଇ ମାସର ୬,୭ ଓ ୮ ତାରିଖରେ କଟକରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ଓସିଏର ଭିଜନ୍ ୨୦୨୪କୁ ଦୃଷ୍ଟିରେ ରଖି ଏହି ଟ୍ୟାଲେଣ୍ଟ ହଣ୍ଟ ପ୍ରୋଗ୍ରାମ ଆୟୋଜନ କରାଯିବ। ୧୬-୨୫ ବର୍ଷ ବୟସ ବର୍ଗର ବୋଲର ମାନେ ଏହି କ୍ୟାମ୍ପରେ ଯୋଗ ଦେବେ। ୩୦୦ ଖେଳାଳି ଏହି କ୍ୟାମ୍ପରେ ଯୋଗ ଦେବେ। ଉଭୟ ଜୁନିୟର ଓ ସିନିୟର ବର୍ଗର ଚୟନକର୍ତ୍ତା ଓସିଏର ନବ ନିଯୁକ୍ତ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ଏହି ଟ୍ୟାଲେଣ୍ଟ ହଣ୍ଟ ପ୍ରୋଗ୍ରାମର ନେତୃତ୍ୱ ନେବେ। ପରବର୍ତ୍ତୀ ସମୟରେ ଓସିଏ ପକ୍ଷରୁ ଏଭଳି ଏକାଧିକ କ୍ୟାମ୍ପ କରାଯିବ ବୋଲି ଜଣାପଡିଛି।

# ଆଶେସ୍ ଟେଷ୍ଟ: ସ୍ମିଥ୍‌ଙ୍କ ୩୨ତମ ଶତକ

**ଲଣ୍ଡନ, ୨୯।୬**

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ଶତକ ହାସଲ କରିଛନ୍ତି ଷ୍ଟିଭ୍ ସ୍ମିଥ୍। ୩୨ ତମ ଶତକ ସହିତ ଷ୍ଟିଭ୍ ୱଙ୍କ ସମକକ୍ଷ ହୋଇଥିବା ସ୍ମିଥ୍‌ଙ୍କ ୧୧୦ ରନ୍ ବଳରେ ଅଷ୍ଟ୍ରେଲିଆ ୪୧୬ ରନ୍ କରିଛି। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ଇଂଲଣ୍ଡ ୪୪ ଓଭରରେ ୩ ଉଇକେଟ ହରାଇ ୨୧୭ ରନ୍ କରିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୩୯/୫ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୪୧୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ୧୮୪ ବଲ୍ ଖେଳି ୧୫ ଚୌକା ମାରିବା ସହିତ ସ୍ମିଥ୍ ୧୧୦ ରନ୍ କରିଥିଲେ। ତେବେ ଇଂଲଣ୍ଡ ବୋଲରଙ୍କ ମାପଚୁପ ବୋଲିଂ ବଳରେ ଏକଦା ୫୦୦ ରନ୍ କରିବା ସ୍ଥିତିରେ ଥିବା ଅଷ୍ଟ୍ରେଲିଆ ୪୧୬ରେ ସୀମିତ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍ସ କେରୀ ୨୨ ଓ ପ୍ୟାଟ କମିନ୍ସ ୨୨* ରନ୍ କରିଥିଲେ।


ଉଇକେଟ ପାଇଁ ଅପିଲ କରୁଛନ୍ତି ମିଚେଲ ଷ୍ଟାର୍କ।

ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ଓ ଓଲି ରବିନସନ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋ ରୁଟ୍ ୨, ଜେମ୍ସ ଆଣ୍ଡରସନ୍ ଓ ଷ୍ଟୁଆଟ ବ୍ରଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଇଂଲଣ୍ଡର ଦୁଇ ଓପନର ଜ୍ୟାକ୍ କ୍ରଲି(୪୮) ଓ ବେନ୍ ଡକେଟ୍(୯୮) ପ୍ରଥମ ଉଇକେଟରେ ୯୧ ରନ୍ ଯୋଡିଥିଲେ। ଇଂଲଣ୍ଡ ବାଜ୍ ବଲ୍ ଟେକ୍ନିକ ସହ ଖେଳି ଓଭର ପିଛା ୫ରୁ ଅଧିକ ହାରରେ ସ୍କୋର କରିଥିଲା। କ୍ରଲି ୪୮ ବଲ୍ ଖେଳି ୫ ଚୌକା ମାରିଥିଲେ। ବେନ୍ ଡକେଟ୍ ୧୩୪ ବଲ୍ ଖେଳି ୯ ଚୌକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଲିୟନ, ଜୋଶ ହେଜେଲଉଡ୍ ଓ କାମେରନ୍ ଗ୍ରୀନ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୦୦.୪ ଓଭରରେ ଓଭରରେ ୪୧୬/୧୦ ( ଷ୍ଟିଭ୍ ସ୍ମିଥ୍-୧୧୦, ଟ୍ରାଭିସ୍ ହେଡ୍-୭୭, ୱାର୍ନର-୬୬, ଜୋଶ ଟଙ୍ଗ-୩/୯୮, ଓଲି ରବିନ୍‌ସନ୍-୩/୧୦୦, ଜୋ ରୁଟ୍-୨/୧୯ )। ଇଂଲଣ୍ଡ ପ୍ରଥମ ଇନିଂସ ୪୪ ଓଭରରେ ୨୧୭/୩(ବେନ୍ ଡକେଟ୍-୯୮, ଜ୍ୟାକ କ୍ରଲି-୪୮, ଓଲି ପୋପ୍-୪୨)।

# ଦୁଲୀପ୍ ଟ୍ରଫି: ଦୃଢ଼ ସ୍ଥିତିରେ ଉତ୍ତରାଞ୍ଚଳ

**ବେଙ୍ଗାଲୁରୁ,୨୯।୬**

ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ଦୁଲୀପ ଟ୍ରଫିର ନର୍ଥଇଷ୍ଟ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଦୃଢ଼ ସ୍ଥିତିରେ ଉତ୍ତରାଞ୍ଚଳ। ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଞ୍ଚଳ ଧ୍ରୁବ ସୋରେ, ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ଶତକ ବଳରେ ୫୪୦/୮ ରନ୍‌ରେ ଇନିଂସ ଘୋଷଣା କରିଥିଲା। ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ନର୍ଥଇଷ୍ଟ ୩ ଉଇକେଟ ହରାଇ ୬୫ ରନ୍ ସଂଗ୍ରହ କରିଛି।

ପ୍ରଥମ ଦିନରେ ଧ୍ରୁବ ୧୩୫ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନରେ ନିଶାନ୍ତ ୧୫୦ ରନ୍ କରିଥିଲେ ଓ ହର୍ଷିତ ରାଣା(୧୨୨*) ପ୍ରଥମ ଶ୍ରେଣୀ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ନିଶାନ୍ତ ୨୪୫ ବଲ୍ ଖେଳି ୧୮ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟପକ୍ଷରେ ହର୍ଷିତ ୮୪ ବଲ୍ ଖେଳି ୧୨ ଚୌକା ଓ ୯ ଛକା ମାରିଥିଲେ।


ଶତକ ହାସଲ ପରେ ନିଶାନ୍ତ ସିନ୍ଧୁ।

ନର୍ଥଇଷ୍ଟ ପକ୍ଷରୁ କିଶାନ ସିଂଘା, ଇମଲିୱାଟି ଲେମଟୁର ଓ ଫେରିଓଇଜାମ ଜୋଟିନ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପସ୍ ସୁଦ୍ଧା ନର୍ଥଇଷ୍ଟ ୩ ଉଇକେଟରେ ୬୫ ରନ୍ କରିଛି। ନୀଲେଶ ଲାମିଚାନେ ଅପରାଜିତ ୩୫ ରନ୍ କରିଥିବା ବେଳେ ବଲତେଜ ସିଂ ୨ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର:** ଉତ୍ତରାଞ୍ଚଳ ପ୍ରଥମ ଇନିଂସ ୧୩୬ ଓଭରରେ ୫୪୦/୮ (ନିଶାନ୍ତ ସିନ୍ଧୁ-୧୫୦, ଧ୍ରୁବ ସୋରେ-୧୩୫, ହର୍ଷିତ ରାଣା-୧୨୨*, କିଶାନ ସିଂଘା-୨/୭୪, ଇମଲିୱାଟି ଲେମଟୁର-୨/୧୦୬)। ନର୍ଥଇଷ୍ଟ ପ୍ରଥମ ଇନିଂସ ପ୍ରଥମ ଇନିଂସ ୨୦ ଓଭରରେ ୬୫/୩(ନୀଲେଶ ଲାମିଚାନେ-୩୫*, ରୋଙ୍ଗସେନ୍ ଜୋନାଥନ୍-୧୫, ବଲତେଜ ସିଂ-୨/୩୨, ସିଦ୍ଧାର୍ଥ କୌଳ-୧/୩)।

**ଅଠତିରିଶତମ ବିବାହ ବନ୍ଧନ ଅଭିନନ୍ଦନ**


ଶ୍ରୀ ପ୍ରବୀର କୁମାର ଦାସ, ଶ୍ରୀମତୀ ଚନ୍ଦନା ପଟ୍ଟନାୟକ

ସଂଯମୀ ମନରେ ଦୁଃଖ ଆସିଲେ ଉଦ୍‌ବେଗ କିମ୍ବା ସୁଖ ଆସିଲେ ବିଶେଷ ସ୍ପୃହା ସୃଷ୍ଟି କରିପାରେ ନାହିଁ। ସଂସାର ମାର୍ଗରେ ରାଗ, ଭୟ, ଦ୍ୱେଷ ଓ କ୍ରୋଧ ତାଙ୍କ ମୁଖରୁ ପ୍ରକାଶିତ ହୁଏ ନାହିଁ। ଏହି ଗୀତାତତ୍ତ୍ୱକୁ ତୁମ ଜୀବନ ପ୍ରବାହରେ ରୂପାନ୍ତରିତ କରି ପ୍ରଗତି ପଥକୁ ସୁଗମ୍ୟ କରିବା ପାଇଁ ବୋଉ ଓ ବାପାଙ୍କର ଛଦ୍ମା ଚରଣଙ୍କ ପାଦ ପଙ୍କଜରେ ବିନମ୍ର ପ୍ରାର୍ଥନା।
ଧ-୦୬୮୮




**ଲୋନ୍! ଲୋନ୍! ଲୋନ୍!**
**Global Finance**
**(Govt. Regd)**
ସମସ୍ତ ସରକାରୀ ଯୋଜନା ଅଧୀନରେ
ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
**2% ସୁଧ 40% ଛାଡ଼**
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
**9473748805**

# ପଞ୍ଚମ ଟାଇଟଲ ଲକ୍ଷ୍ୟରେ ଜୋକୋଭିଚ୍

**ୱିମ୍ବେଲଡନ,୨୯।୬ (ପି.ଟି.)**

ସୋମବାରରୁ ଆରମ୍ଭ ହେବାକୁ ଯାଉଛି ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ୍। ସ୍ପେନ୍‌ର କାର୍ଲୋସ ଅଲକାରାଜ ଏହି ଟୁର୍ନାମେଣ୍ଟରେ ଟପ୍‌ସିଡ୍‌ର ମାନ୍ୟତା ପାଇଥିଲେ ମଧ୍ୟ ନିକଟରେ ରୋଲାଣ୍ଡ ଗାରସରେ ୨୩ ତମ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଥିବା ନୋଭାକ୍ ଜୋକୋଭିଚଙ୍କୁ ଟାଇଟଲ ଫେବରିଟ୍ ବିବେଚନା କରାଯାଏ। ୨୩ ଗ୍ରାଣ୍ଡସ୍ଲାମ ମଧ୍ୟରୁ ସେ ୭ ଥର ଅଲ୍ ଇଂଲଣ୍ଡ କ୍ଲବ୍‌ର ଗ୍ରାସକୋର୍ଟରେ ଟ୍ରଫି ଉଠାଇଛନ୍ତି। ଏହା ସହିତ ବିଗତ ୫ଟି ସଂସ୍କରଣରେ ସେ କ୍ରମାଗତ ଟାଇଟଲ ହାସଲ କରିବାରେ ସଫଳ ହୋଇଛନ୍ତି। ଓପନ୍ ଏରାରେ ପୁରୁଷ ଖେଳାଳିଙ୍କ ମଧ୍ୟରେ ଜୋକୋଭିଚ୍ ସର୍ବାଧିକ ୨୩ଟି ଗ୍ରାଣ୍ଡସ୍ଲାମ ହାସଲ କରିଥିବା ବେଳେ ମହିଳା ବର୍ଗରେ ୨୪ ଟାଇଟଲ ସହିତ ଆଗରେ ଅଛନ୍ତି ସେରେନା ୱିଲିୟମ୍ସ।

# ପୂର୍ବାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ

**ଆଲୁର,୨୯।୬**

ଆଲୁରରେ ଅନୁଷ୍ଠିତ ପୂର୍ବାଞ୍ଚଳ ବିପକ୍ଷ ମ୍ୟାଚ୍‌ରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୧୨୪ ରନ୍‌ରେ ଆଗୁଆ ରହିଛି। କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସରେ ମାତ୍ର ୧୮୨ ରନରେ ସମସ୍ତ ଉଇକେଟ ହରାଇଥିବା ବେଳେ ଜବାବରେ ପୂର୍ବାଞ୍ଚଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୨୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପସ ସୁଦ୍ଧା କେନ୍ଦ୍ରାଞ୍ଚଳ ବିନା କ୍ଷତିରେ ୬୪ ରନ୍ ସଂଗ୍ରହ କରିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୨/୨ରୁ ଖେଳ ଆରମ୍ଭ କରି ପୂର୍ବାଞ୍ଚଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଭେଶ୍ ଖାନ୍ ଓ ସୌରଭ କୁମାର ୩ଟି ଲେଖାଏ ଉଇକେଟ ନେବାରୁ ପୂର୍ବାଞ୍ଚଳ ୭୬ ରନ୍‌ରେ ୭ ଉଇକେଟ ହରାଇଥିଲା। ତେବେ ଟପ୍ ସ୍କୋରର ରିୟାନ୍ ପରାଗ(୩୩) ଓ ମଣିଶଙ୍କର ମୁରା ସିଂ(୩୦) ଅଷ୍ଟମ ଉଇକେଟରେ ୪୦ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୧୧୬ ରନ୍‌ରେ ରିୟାନ୍ ପରାଗ ଆଉଟ ହେବା ପରେ ଦଳ ୧୨୨ ରନ୍‌ରେ ସମସ୍ତ ଉଇକେଟ ହରାଇବା ସହିତ ୬୦ ରନ୍ ପଛରେ ରହିଥିଲା। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଭେଶ୍ ଖାନ୍ ଓ ସୌରଭ କୁମାର ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ଶିବମ ମାଭି ଦୁଇଟି ଓ ଯଶ ଠାକୁର ଗୋଟିଏ ଉଇକେଟ ନେଇଥିଲେ।

କେନ୍ଦ୍ରାଞ୍ଚଳ ଏହାର ଦ୍ୱିତୀୟ ଇନିଂସ ଅତ୍ୟନ୍ତ ସତର୍କତାର ସହିତ ଆରମ୍ଭ କରିଥିଲା। ୨୫.୧ ଓଭର ଖେଳ ହୋଇଥିଲେ ମଧ୍ୟ ଦୁଇ ଓପନର ସତର୍କତାର ସହିତ ବ୍ୟାଟିଂ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ହିଂମାଂଶୁ ମନ୍ତ୍ରୀ ୨୫ ଓ ବିବେକ ସିଂ ୩୪ ରନ୍‌ରେ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ-୧୮୨/୧୦। ପୂର୍ବାଞ୍ଚଳ ପ୍ରଥମ ଇନିଂସ ୪୨.୨ ଓଭରରେ ୧୨୨/୧୦ (ରିୟାନ୍ ପରାଗ-୩୩, ମଣିଶଙ୍କର ମୁରା ସିଂ-୩୦*, ସୁଦୀପ୍ ଘରାମୀ-୨୭, ଆଭେଶ୍ ଖାନ୍-୩/୩୪, ସୌରଭ କୁମାର-୩/୪୬, ଶିବମ ମାଭି-୨/୨୪)। କେନ୍ଦ୍ରାଞ୍ଚଳ ଦ୍ୱିତୀୟ ଇନିଂସ ୨୫.୧ ଓଭରରେ ୬୪/୦( ହିଂମାଂଶୁ ମନ୍ତ୍ରୀ-୨୫*, ବିବେକ ସିଂ-୩୪*)।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
**0674-2580101, 2549949**


**REAL ESTATE**
**SALE**

Resale 3BHK 1250sqft. flat, 2Bathroom, 3rd Floor, Cuttack road (main) Bomikhal, Bhubaneswar. 9337124748. D-73774

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

Duplex house sale near Puri Bypass NH Pandara Square in gated society. 7978723473. D-0690

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75001

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly open health benefits SPA special offer @ 799 Jaydev Vihar. 8018429809. D-75121

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Newly open Salon/SPA with expert therapist (health benefits). 8114322659. D-75123

Herbal full body massage by smart/expert therapist. Contact: 9040171280. D-74699

**AFFIDAVIT**

Before Notary Public, Rayagada, I Smt. Sasmita Roul, D/o- Sri Sankarsan Roul, At- Apanda, P.O- Apanda, Dist.- Bhadrak changed my surname after marriage to Prafulla Kumar Mahalik. Henceforth I shall be known as Smt. Sasmita Mahalik for all purposes. D-0695

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ଇଂ. କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୦୬୯୩

**ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତା ବିମଳିନୀ ଦାଶ (କୁନି)
C/O ନବକିଶୋର ଦାଶ
ପ୍ଲଟ୍-୨୧, ଭୌମନଗର, ୟୁନିଟ୍-୪, ଭୁବନେଶ୍ୱର
ମହାପ୍ରୟାଣ: ଆଷାଢ଼, ଶୁକ୍ଳପକ୍ଷ ଦ୍ୱାଦଶୀତିଥି: ତା୨୭।୦୭।୨୦୦୭
ବୋଉ, ଭରଦ୍ୱାଜଗୋତ୍ରସ୍ୟ ଓଁ ଗର୍ଭାନ୍ତଃସ୍ଥେନ ଗମନେ ଦୁଃଖଂ ବିଷମବର୍ତ୍ମନି ତସ୍ୟ ନିଷ୍କ୍ରମଣାର୍ଥାୟ ମାତୃପିଣ୍ଡଂ ଦଦାମ୍ୟହମ୍।
:ଆପଣଙ୍କର ଚିରଋଣୀ:
ରଜନୀ-ରାଜୁ, ଯାମିନୀ, ଜ୍ୟୋତ୍ସ୍ନା, ଲିନା, ରିନା, ନିନା, ବାଦଲ, ୟୁରି ଓ ସମସ୍ତ ପ୍ରିୟଜନ।
ଧ-୦୬୮୭

# ଓଡ଼ିଶାର ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀ

(ଭାଗ–୧)


ଅଶୋକ ମହାନ୍ତି

**କ୍ରୀଡ଼ା କ୍ଷେତ୍ରରେ ଗୋଟିଏ ପରିବାରର ରକ୍ତ ସମ୍ପର୍କ ଭାଇ ଓ ଭଉଣୀମାନେ ନିଜ ରାଜ୍ୟ ଓ ଦେଶକୁ ପ୍ରତିନିଧିତ୍ୱ କରି ନିଜ ପରିବାର, ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବାର ବହୁ ନଜିର ରହିଛି। ଏହି ପୃଷ୍ଠଭୂମିରେ ଓଡ଼ିଶାର ଏପରି ଅନେକ କ୍ରୀଡ଼ାମନସ୍କ ପରିବାର ଅଛନ୍ତି, ଯାହାଙ୍କ ଏକାଧିକ ସନ୍ତାନ କ୍ରୀଡ଼ାରେ ରାଜ୍ୟ ବା ଦେଶକୁ ପ୍ରତିନିଧିତ୍ୱ କରି ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଏହାର ପ୍ରଥମ ଭାଗକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ଅନ୍ୟାନ୍ୟ କ୍ଷେତ୍ରଭଳି କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଗୋଟିଏ ପରିବାରର (ପିତା ଓ ମାତା) ରକ୍ତ ସମ୍ପର୍କ ଭାଇ ଓ ଭଉଣୀମାନେ ନିଜ ରାଜ୍ୟ ଓ ଦେଶକୁ ପ୍ରତିନିଧିତ୍ୱ କରି ନିଜ ପରିବାର ଏବଂ ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବାର ବହୁ ନଜିର ରହିଛି। ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଥିବା ଏବଂ ସର୍ବାଧିକ ଚର୍ଚ୍ଚିତ ଓ ଲୋକପ୍ରିୟ ଖେଳାଳି ଭାଇ ଭଉଣୀମାନଙ୍କ ମଧ୍ୟରେ ଅଛନ୍ତି– ଅଷ୍ଟ୍ରେଲିଆର କ୍ରିକେଟ ଚାପେଲ ଭ୍ରାତା (ଇଆନ, ଗ୍ରେଗ୍ ଓ ଟ୍ରେଭର), ଆମେରିକାର ଟେନିସ୍ ସୁପରଷ୍ଟାର୍ସ ଉଇଲିୟମ୍ସ ଭଉଣୀ (ସେରେନା ଓ ଭେନସ), ନ୍ୟୁଜିଲାଣ୍ଡ କ୍ରିକେଟର୍ସ 'କ୍ରୋ ଭ୍ରାତା (ମାର୍ଟିନ ଓ ଜେଫ୍), ଇଂଲଣ୍ଡ ଫୁଟବଲର୍ସ ଚାର୍ଲଟନ୍ ଭ୍ରାତା (ବବି ଓ ଜ୍ୟାକି– ଉଭୟ ବିଶ୍ୱକପ୍ ଖେଳାଳି), ଦକ୍ଷିଣ ଆଫ୍ରିକାର ପୋଲକ ଭ୍ରାତା (ଗ୍ରେମ ଓ ପିଟର), ଅଷ୍ଟ୍ରେଲିଆର ୱ' ଭ୍ରାତା (ମାର୍କ ଓ ଷ୍ଟିଭ୍), ଆମ ଦେଶର ଅମରନାଥ ଭ୍ରାତା (ମହିନ୍ଦର, ସୁରିନ୍ଦର ଓ ରାଜିନ୍ଦର), ପଠାନ୍ ଭ୍ରାତା (ଇରଫାନ ଓ ୟୁସୁଫ), ଫୁଟବଲରେ 'ବାନାର୍ଜୀ ଭ୍ରାତା' (ପି.କେ. ଏବଂ ପ୍ରସୁନ୍), ଟେନିସ୍‌ରେ ଅମୃତରାଜ ଭ୍ରାତା (ବିଜୟ, ଆନନ୍ଦ), ସର୍ବାଧିକ ପ୍ରସିଦ୍ଧି ଲାଭ କରିଥିବା କିମ୍ବଦନ୍ତୀ ହକି ଖେଳାଳି ଧ୍ୟାନଚାନ୍ଦ ଓ ରୁପ ସିଂ ଏବଂ ଆମ ଦେଶର ଗୋଟିଏ ପରିବାରର ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ୟୁପି–ବନାରସ୍‌ର ବାସ୍କେଟବଲ ଖେଳାଳି 'ସିଂ' ଭଉଣୀମାନେ (ବାସ୍କେଟବଲ ଖେଳୁଥିବା ପାଞ୍ଚ ଭଉଣୀଙ୍କ ମଧ୍ୟରୁ ସବୁଠାରୁ ବଡ଼ ପ୍ରିୟଙ୍କା ୟୁପିର ରାଜ୍ୟସ୍ତରୀୟ ଖେଳାଳି ହୋଇଥିବାବେଳେ ସାନ ଚାରି ଭଉଣୀ ଦିବ୍ୟା, ପ୍ରଶାନ୍ତି, ଆକାଂକ୍ଷା ଏବଂ ପ୍ରତିମା ସମସ୍ତେ ଭାରତୀୟ ଦଳରୁ ଖେଳିଛନ୍ତି। ଦିବ୍ୟା ଓ ପ୍ରଶାନ୍ତି ଭାରତୀୟ ଦଳର ଅଧିନାୟିକା ଦାୟିତ୍ୱ ତୁଲାଇଛନ୍ତି)।

ଏହି ବର୍ଗରେ ଗୋଟିଏ ଦେଶର ଗୋଟିଏ ପରିବାରର ଚାରି ଭାଇ ଟେଷ୍ଟ କ୍ରିକେଟ ଖେଳିବାର ବିରଳ କୀର୍ତ୍ତିମାନ ରହିଛି ପାକିସ୍ତାନର ମହମ୍ମଦ ଭ୍ରାତାଙ୍କ ନାମରେ। ବଡ଼ଭାଇ ହନିଫ ମହମ୍ମଦଙ୍କ ସହିତ ସାନ ତିନି ଭାଇ ମୁସ୍ତାକ, ସାଦିକ୍ ଏବଂ ୱାଜିର ଟେଷ୍ଟ କ୍ରିକେଟ ଖେଳିଥିଲା ବେଳେ ପଞ୍ଚମ ଭାଇ ରିଆଜ୍ ମହମ୍ମଦ ପାକିସ୍ତାନରେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି।


ସୁପ୍ତିକାନ୍ତ ଓ ସତୀକାନ୍ତ ଘୋଷ

ଉପରୋକ୍ତ ପୃଷ୍ଠଭୂମିରେ ଆମ ରାଜ୍ୟ ଓଡ଼ିଶାର ଏପରି ଅନେକ କ୍ରୀଡ଼ା ମନସ୍କ ପରିବାର ଅଛନ୍ତି ଯାହାଙ୍କ ଏକାଧିକ ସନ୍ତାନ କ୍ରୀଡ଼ାରେ ରାଜ୍ୟ ବା ଦେଶକୁ ପ୍ରତିନିଧିତ୍ୱ କରି ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ବିଭିନ୍ନ ସୂତ୍ରରୁ ସଂଗ୍ରହ କରି ଏହିପରି କିଛି ପ୍ରସିଦ୍ଧ ଭାଇ ଓ ଭଉଣୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...

### ହକି –ଇଗ୍ନେସ ତିର୍କୀ ଏବଂ ପ୍ରବୋଧ ତିର୍କୀ

ଅନ୍ତର୍ଜାତୀୟ ସ୍ତରରେ ଦୁଇଭାଇ ଭାରତୀୟ ଦଳର ନେତୃତ୍ୱ ନେବାର ବିରଳ କୀର୍ତ୍ତିମାନର ଅଧିକାରୀ ହେଉଛନ୍ତି ପଦ୍ମଶ୍ରୀ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ଇଗ୍ନେସ ତିର୍କୀ ଓ ପ୍ରବୋଧ ତିର୍କୀ। ୧୯୮୧ରେ ଜନ୍ମିତ ଇଗ୍ନେସ୍ ୨୦୦୧ରୁ ୨୦୧୨ ମଧ୍ୟରେ ୨୫୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଦୁଇଥର ଏସିଆ କପ୍ ସ୍ୱର୍ଣ୍ଣ, ଏସିଆନ୍ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଏବଂ ଏସିଆନ୍ ଗେମ୍ସ ରୌପ୍ୟ ପଦକ ଜିତିବାର କୃତିତ୍ୱ ହାସଲ କରିଥିବାବେଳେ ସାନଭାଇ ପ୍ରବୋଧ (ଜନ୍ମ–୧୯୮୪) ଭାରତ ପାଇଁ ୧୬୧ଟି ମ୍ୟାଚ୍ ଖେଳି ଏସିଆ କପ୍ ସ୍ୱର୍ଣ୍ଣପଦକ ସହିତ ଏସିଆନ୍ ଗେମ୍ସ, ଆଜଲାନ୍ ସାହା ଏବଂ ଚାମ୍ପିୟନ ଚାଲେଞ୍ଜରେ ବ୍ରୋଞ୍ଜ ପଦକ ବିଜେତା ହେବାର ଗୌରବ ହାସଲ କରିଛନ୍ତି।


ଇଗ୍ନେସ ତିର୍କୀ


ପ୍ରବୋଧ ତିର୍କୀ

**–ଦିଲୀପ ତିର୍କୀ, ଅନୁପ ଓ ଅଜିତ ତିର୍କୀ**

ସମ୍ପ୍ରତି ହକି ଇଣ୍ଡିଆର ସଭାପତି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ଭାରତ ପାଇଁ ତିନୋଟି ଅଲିମ୍ପିକ୍ସ ଓ ବିଶ୍ୱକପ୍ ସହିତ ସର୍ବାଧିକ ୪୧୨ ଅନ୍ତର୍ଜାତୀୟ ମ୍ୟାଚ (ଭାରତୀୟ ରେକର୍ଡ) ଖେଳିଥିଲା ବେଳେ ତାଙ୍କର ଦୁଇ ସାନ ଭାଇ ଅନୁପ ଓ ଅଜିତ ଏକାଧିକ ଥର ରାଜ୍ୟ ହକି ଦଳକୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି।


ଦିଲୀପ ତିର୍କୀ

### ଦୌଡ଼କୁଦ

**–ଦୂତୀ ଚାନ୍ଦ ଓ ସରସ୍ୱତୀ ଚାନ୍ଦ**

ଦୂତୀ ଚାନ୍ଦ (ଜ –୧୯୯୬) – ଆମ ରାଜ୍ୟ ତଥା ଦେଶର ଅନ୍ୟତମ ଶ୍ରେଷ୍ଠ ସ୍ପ୍ରିଣ୍ଟର ଅର୍ଜୁନ ପୁରସ୍କାର ବିଜେତା ଦୂତୀ ଏସୀୟ କ୍ରୀଡ଼ା (୨୦୧୮)ରେ ୧୦୦ମି. ଓ ୨୦୦ମି. ରୌପ୍ୟ ପଦକ ଜିତିବା ସହିତ ଭାରତର ପ୍ରଥମ ଆଥ୍‌ଲେଟ୍ ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣପଦକ ଜିତି ବିରଳ କୃତିତ୍ୱ ହାସଲ କରିଛନ୍ତି। ୧୦୦ମି. ଦୌଡ଼ରେ ଜାତୀୟ କୀର୍ତ୍ତିମାନର ଅଧିକାରିଣୀ ଦୂତୀଙ୍କ ବଡ଼ଭଉଣୀ ସରସ୍ୱତୀ (ଜ – ୧ ୯ ୮ ୨) ମଧ୍ୟ ଜଣେ ଜାତୀୟ /ଅନ୍ତର୍ଜାତୀୟ ସ୍ତରର ପ୍ରତିଷ୍ଠିତ ଆଥ୍‌ଲେଟ୍। ଜାତୀୟ ସ୍ତରରେ ୪୦୦ମି. ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିବା ସରସ୍ୱତୀ ଭାରତୀୟ ପୋଲିସକୁ ପ୍ରତିନିଧିତ୍ୱ କରି ୨୦୦୯ ଏବଂ ୨୦୧୧ରେ ବିଶ୍ୱ ପୋଲିସ ଏବଂ ଫାୟାର ଗେମ୍ସରେ ୪ଟି ସ୍ୱର୍ଣ୍ଣ ସହିତ ସମୁଦାୟ ୧୦ଟି ମେଡାଲ ଜିତିବାର ବିରଳ କୃତିତ୍ୱ ହାସଲ କରିଥିଲେ।


ସରସ୍ୱତୀ ଚାନ୍ଦ


ଦୂତୀ ଚାନ୍ଦ

**–ଡ. ସତୀକାନ୍ତ, ଜ୍ୟୋତିକାନ୍ତ, ରତିକାନ୍ତ, ସୁପ୍ତିକାନ୍ତ, ସୁକାନ୍ତ ଓ ଶିଶିରକାନ୍ତ ଘୋଷ:** ଓଡ଼ିଶାର ଏକ ପ୍ରତିଷ୍ଠିତ କ୍ରୀଡ଼ା ପରିବାର ସଦସ୍ୟମାନଙ୍କ ମଧ୍ୟରୁ ବଡ଼ଭାଇ ସତୀକାନ୍ତ ଘୋଷ (୧୯୩୧) ହେଉଛନ୍ତି ପଚାଶ ଦଶକର ଦେଶର ଅନ୍ୟତମ ଶ୍ରେଷ୍ଠ ସ୍ପ୍ରିଣ୍ଟର। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୧୦୦ମି. ଦୌଡ଼ରେ ରେକର୍ଡ କରିଥିବା ସତୀକାନ୍ତ ଫିଲିପାଇନ୍ସର ମାନିଲାଠାରେ ଅନୁଷ୍ଠିତ ଦ୍ୱିତୀୟ ଏସିଆ କ୍ରୀଡ଼ାରେ ଭାରତୀୟ ଦଳର ସଦସ୍ୟ (ଆଥଲେଟିକ୍ସ) ଭାବେ ଯୋଗଦାନ କରିଥିଲେ। ସାନଭାଇ ଜ୍ୟୋତିକାନ୍ତ ବିହାର ରାଜ୍ୟ ଆଥଲେଟିକ୍ ଚାମ୍ପିୟନ ହୋଇଥିବାବେଳେ, ସମ୍ପର୍କୀୟ ଭାଇ ସୁକାନ୍ତ ଘୋଷ (ଅନେକଥର ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନ), ରତିକାନ୍ତ (ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଓ କାନପୁର ଆଇଆଇଟି ହକି କ୍ୟାପ୍‌ଟେନ), ସୁପ୍ତିକାନ୍ତ (ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରଣଜି ୧୯୬୮–୭୧ କ୍ରିକେଟ ଦଳର ସଦସ୍ୟ) ଏବଂ ଶିଶିରକାନ୍ତ (ସନ୍ତୋଷ ଟ୍ରଫିରେ ଓଡ଼ିଶା ଦଳର ସଦସ୍ୟ–୧୯୯୪) କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିଲେ।

### କ୍ରିକେଟ

କୌଣସି ଗୋଟିଏ କ୍ରୀଡ଼ା ଶୃଙ୍ଖଳାରେ ଗୋଟିଏ ପରିବାରର ପାଞ୍ଚ ଭାଇ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ନିଶ୍ଚିତ ଭାବେ ଏକ ବିରଳତମ ଘଟଣା। ଓଡ଼ିଶା କ୍ରିକେଟରେ ପ୍ରସିଦ୍ଧି ଲାଭ କରିଥିବା କଟକର 'ଜେନା ବ୍ରଦର୍ସ' ହେଉଛନ୍ତି ଏପରି ଏକ ବିରଳ କୃତିତ୍ୱର ଅଧିକାରୀ। ପାଞ୍ଚ ଭାଇମାନେ ବିବେକାନନ୍ଦ ଜେନା (୧୯୩୭), ବିଶୁଦ୍ଧାନନ୍ଦ ଜେନା (୧୯୩୯), ଅଶୋକାନନ୍ଦ ଜେନା (୧୯୪୬), ଆଲୋକାନନ୍ଦ ଜେନା (୧୯୪୮) ଏବଂ ଚିନ୍ମୟାନନ୍ଦ ଜେନା (୧୯୫୦) ସମସ୍ତେ ଥିଲେ ମେଧାବୀ, ଉଚ୍ଚ ପଦାଧିକାରୀ ଏବଂ ପ୍ରତିଭାବାନ କ୍ରୀଡ଼ାବିତ୍ (କ୍ରିକେଟର)। ବଡ଼ଭାଇ ବିବେକାନନ୍ଦ ଜେନା (୧୯୬୧–୬୨ ଏବଂ ୧୯୬୬–୬୭ରେ ଦୁଇଥର ପ୍ରଥମ ଶ୍ରେଣୀ ରଣଜିରେ ଓଡ଼ିଶାକୁ ପ୍ରତିନିଧିତ୍ୱ), ବିଶୁଦ୍ଧାନନ୍ଦ ଜେନା (୧୯୫୭–୫୮ରୁ ୧୯୬୯–୭୦: ୩୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଏବଂ ୧୯୬୭ରେ ଓଡ଼ିଶାର ଅଧିନାୟକ), ଅଶୋକାନନ୍ଦ ଜେନା (୧୯୬୦ରୁ ୧୯୭୩ ମଧ୍ୟରେ ୨୬ଟି ପ୍ରଥମ ଶ୍ରେଣୀ ରଣଜି ଟ୍ରଫି, ୭ଟି ମ୍ୟାଚ୍‌ରେ ଅଧିନାୟକ), ଆଲୋକାନନ୍ଦ ଜେନା (୧୯୬୨–୬୩ ଏବଂ ୧୯୭୦–୭୧ରେ ଦୁଇଟି ପ୍ରଥମ ଶ୍ରେଣୀ ରଣଜି), ଚିନ୍ମୟାନନ୍ଦ ଜେନା (୧୯୭୩–୭୪ରେ ଓଡ଼ିଶାକୁ ରଣଜିରେ ପ୍ରତିନିଧିତ୍ୱ)।

**ସାନ୍ତନୁ ଶତପଥୀ ଏବଂ ଡ. ସଞ୍ଜୟ ଶତପଥୀ**

ସାନ୍ତନୁ ଶତପଥୀ (ଜ–୧୯୪୩) ୩ଟି ରାଜ୍ୟ ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶ ସହିତ ପୂର୍ବାଞ୍ଚଳକୁ ପ୍ରତିନିଧିତ୍ୱ କରି ୧୯୬୦ରୁ ୧୯୭୨ ମଧ୍ୟରେ ୨୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ତାଙ୍କ ସାନଭାଇ ଡ. ସଞ୍ଜୟ ଶତପଥୀ (୧୯୪୮–୨୦୨୩) ୧୯୬୬ରୁ ୧୯୭୭ ମଧ୍ୟରେ ୨୩ଟି ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ୍ ସହିତ ୧୯୭୫ରେ ପୂର୍ବାଞ୍ଚଳ ପକ୍ଷରୁ ୱେଷ୍ଟଇଣ୍ଡିଜ ଏବଂ ଶ୍ରୀଲଙ୍କା ବିପକ୍ଷରେ ଖେଳିବାର ସୁଯୋଗ ପାଇଥିଲେ।

**ରଞ୍ଜୀବ ବିଶ୍ୱାଳ ଓ ଚିରଞ୍ଜୀବ ବିଶ୍ୱାଳ**

ରଞ୍ଜୀବ ବିଶ୍ୱାଳ (ଜ–୧୯୭୦) ପ୍ରଥମ ଶ୍ରେଣୀ– ୩୨ ମ୍ୟାଚ୍, ଦୁଲିପ୍ ଟ୍ରଫି– ୯ଟି ମ୍ୟାଚ୍, ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକ (୪ ଟେଷ୍ଟ ଓ ୬ଟି ଦିନିକିଆ ମ୍ୟାଚ୍), ଭାରତୀୟ ଦଳର ପୂର୍ବତନ ମ୍ୟାନେଜର, ଜାତୀୟ କ୍ରିକେଟ ଏକାଡେମୀ ଓ ଆଇପିଏଲର ପୂର୍ବତନ ଅଧକ୍ଷ)। ବଡ଼ଭାଇ ଚିରଞ୍ଜୀବ (ଜ–୧୯୬୩) ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ୍–୮, ଲିଷ୍ଟ 'ଏ' ମ୍ୟାଚ୍ (୧)।

**ଅବିନାଶ ଖଟୁଆ ଓ ଅବକାଶ ଖଟୁଆ**

ଅବିନାଶ ଖଟୁଆ (ଜ. ୧୯୫୯)– ୧୯୮୦ରୁ ୯୦ ମଧ୍ୟରେ ପ୍ରଥମ ଶ୍ରେଣୀ ରଣଜୀରେ ୧୭ଟି ଏବଂ ଲିଷ୍ଟ–ଏ'ରେ ଗୋଟିଏ ମ୍ୟାଚ ଖେଳିଥିଲେ। ସାନ ଭାଇ ଅବକାଶ– (ଜ– ୧୯୬୭)– ୧୯୮୬ରୁ ୯୬ ମଧ୍ୟରେ ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ ୨୪ଟି ଏବଂ ଲିଷ୍ଟ 'ଏ' ୱାନ ଡେ ମ୍ୟାଚ ୧୪ଟି ଖେଳିଥିଲେ।

**ଦୀପକ ମଙ୍ଗରାଜ ଓ ଆଲୋକ ମଙ୍ଗରାଜ**

ଦୀପକ ମଙ୍ଗରାଜ (ଜ–୧୯୮୨) ୨୦୦୩ରୁ ୨୦୦୬ ମଧ୍ୟରେ ପ୍ରଥମ ଶ୍ରେଣୀରେ ଓଡ଼ିଶାରୁ ଏବଂ ପୂର୍ବାଞ୍ଚଳରୁ ମୋଟ ୧୬ଟି ମ୍ୟାଚ ଏବଂ ଲିଷ୍ଟ–'ଏ'ରେ ୧୫ ମ୍ୟାଚ୍ ଖେଳିଛନ୍ତି। ଆଲୋକ ମଙ୍ଗରାଜ (ଜ– ୧୯୮୮), ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀରେ ୨୨ଟି ଏବଂ ଲିଷ୍ଟ 'ଏ'ରେ ୧୧ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି।

**ସୁଜିତ ମହାନ୍ତି, ଅସିତ ମହାନ୍ତି ଓ ବିଶ୍ୱଜିତ ମହାନ୍ତି**

୨୦୧୬ରେ ପରଲୋକ ହୋଇଥିବା ବଡ଼ଭାଇ ସୁଜିତ ମହାନ୍ତି ୧୯୭୦ରୁ ୧୯୭୬ ମଧ୍ୟରେ ୧୬ଟି ପ୍ରଥମ ଶ୍ରେଣୀ ରଣଜୀ ମ୍ୟାଚ ଖେଳିଥିଲା ବେଳେ ସାନ ଦୁଇଭାଇ ଅସିତ ଏବଂ ବିଶ୍ୱଜିତ ମଧ୍ୟ ରାଜ୍ୟକୁ ରଣଜୀ ଟ୍ରଫି କ୍ରିକେଟରେ ପ୍ରତିନିଧିତ୍ୱ କରିଥିଲେ।

(ଅବଶିଷ୍ଟାଂଶ ପରେ ପ୍ରକାଶ ପାଇବ)

# ସାଉଦି ଲିଗ୍‌ର ଲୋକପ୍ରିୟତା

ୟୁରୋପୀୟ ଏବଂ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକରେ ଫୁଟବଲ୍ ବେଶ୍ ଲୋକପ୍ରିୟ। ଏହାର ପ୍ରଭାବ ସ୍ଥାନୀୟ ଫୁଟବଲ୍ ଲିଗ୍‌ଗୁଡ଼ିକରେ ଦେଖିବାକୁ ମିଳିଥାଏ। ଲା ଲିଗା, ବୁନ୍ଦେସ ଲିଗା, ସେରୀ ଏ, ଇଂଲିଶ ପ୍ରିମିୟର ଲିଗ୍ ପରି ଲିଗ୍‌ଗୁଡିକ ସମଗ୍ର ବିଶ୍ୱରେ ଲୋକପ୍ରିୟ। ତେବେ ଏହି ଚିରାଚରିତ ଧାରାକୁ ଭାଙ୍ଗି ପ୍ରଥମ ଥର ପାଇଁ ଲୋକପ୍ରିୟତାର ଶୀର୍ଷ ଛୁଇଁବାକୁ ଯାଉଛି ସାଉଦି ପ୍ରଫେଶନାଲ ଲିଗ୍ ବା ସାଉଦି ଆରବ ଫୁଟବଲ୍ ଲିଗ୍। ୧୯୭୬ରେ ସ୍ଥାପିତ ଏହି ଲିଗ୍‌କୁ ମାତ୍ର ୪୭ ବର୍ଷ ହୋଇଥିବା ବେଳେ ଏହା ବିଦେଶୀ ଲିଗ୍‌ଗୁଡ଼ିକୁ କଡ଼ା ଟକ୍କର ଦେବାରେ ଲାଗିଛି। ବିଦେଶୀ ଲିଗ୍‌ର ଅନେକ ଲୋକପ୍ରିୟ ଖେଳାଳି ଏହି ଲିଗ୍ ସହିତ ଜଡିତ ହେଉଛନ୍ତି ବା ହେବାକୁ ଯାଉଛନ୍ତି। ଫଳରେ ଆଗାମୀ ଦିନରେ ଏହା ବିଶ୍ୱର ଅନ୍ୟତମ ଧନଶାଳୀ ଲିଗ୍ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ....

ସାଉଦି ପ୍ରଫେଶନାଲ ଲିଗ୍ ୨୦୨୨ରେ ପ୍ରଥମ ଥର ପାଇଁ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରେ। କାତାରରେ ଅନୁଷ୍ଠିତ ବିଶ୍ୱକପ୍ ମ୍ୟାଚ୍‌ରେ ଯେତେବେଳେ ଆର୍ଜେଣ୍ଟିନାକୁ ସାଉଦି ଆରବ ପରାସ୍ତ କରେ ସେତେବେଳେ ବିଶ୍ୱ ଫୁଟବଲରେ ନିଜର ଏକ ପରିଚୟ ସୃଷ୍ଟି କରେ ସାଉଦି ଆରବ। ଏହାର ଫୁଟବଲ ପ୍ରତିଭା ଏବଂ ଲିଗ୍ ସମସ୍ତଙ୍କ ନଜରକୁ ଆସନ୍ତି। ବିଶ୍ୱକପ୍‌ର ଠିକ୍ ପରେ ପରେ ପର୍ତ୍ତୁଗାଲର ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋ ରେକର୍ଡ ଚୁକ୍ତି ସହିତ ଅଲ ନାସେର କ୍ଲବରେ ସାମିଲ ହେବା ପରେ ଏହି ଲିଗ୍ କ୍ରମଶଃ ୟୁରୋପୀୟ କ୍ଲବ୍ ମାନଙ୍କ ମଧ୍ୟରେ ପରିଚିତ ହୁଏ ଏବଂ ଅନେକ ପ୍ରସିଦ୍ଧ ଖେଳାଳି ଏହି ଲିଗ୍‌ରେ ସାମିଲ ହୁଅନ୍ତି।

ଏସିଆନ୍ ଫୁଟବଲ କନଫେଡେରେଶନ ଅଧୀନରେ ଥିବା ଏହି ଲିଗ୍‌ରେ ସମୁଦାୟ ୧୮ଟି ଦଳ ଖେଳିଥାନ୍ତି। ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟରେ ଏହି ଟୁର୍ନାମେଣ୍ଟ ଖେଳା ଯାଇଥାଏ। ପ୍ରତି ଦଳ ଘରୋଇ ଗ୍ରାଉଣ୍ଡରେ ଗୋଟିଏ ମ୍ୟାଚ ଏବଂ ବିପକ୍ଷ ଦଳର ଘରୋଇ ଗ୍ରାଉଣ୍ଡରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିଥାନ୍ତି। ପଏଣ୍ଟ ଆଧାରରେ ବିଜେତା ନିର୍ଣ୍ଣୟ କରାଯାଇଥାଏ। ପ୍ରଥମ ଦୁଇ ସ୍ଥାନରେ ରହୁଥିବା ଦଳ ଏସିଆନ୍ ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ଅଲ ହିଲାଲ୍ ଏହି ଟୁର୍ନାମେଣ୍ଟର ସବୁଠାରୁ ସଫଳତମ ଦଳ। ଏହା ୧୮ ଥର ଚାମ୍ପିୟନ ଓ ୧୫ ଥର ରନର୍ସ ଅପ୍ ରହିଛି। ଅନ୍ୟ ପକ୍ଷରେ ଅଲ ଇଟିହାଡ ୯ ଥର ଚାମ୍ପିୟନ ଓ ୮ ଥର ରନର୍ସ ଅପ୍ ରହିବା ସହିତ ଦ୍ୱିତୀୟ ସଫଳତମ ଦଳ ରହିଛି। ତୃତୀୟ ସ୍ଥାନରେ ରହିଛି ଅଲ୍ ନାସେର୍ କ୍ଲବ୍। ରୋନାଲ୍ଡୋଙ୍କ ଏହି କ୍ଲବ ୯ ଥର ଚାମ୍ପିୟନ ଓ ୭ ଥର ରନର୍ସ ଅପ୍ ରହିଛି। ଅଲ ନାସେର ପାଇଁ ୧୯୭୭–୧୯୯୭ ପର୍ଯ୍ୟନ୍ତ ଖେଳିଥିବା ମାଜେଦ୍ ଅବଦୁଲ୍ଲା ୧୯୪ ମ୍ୟାଚ୍‌ରୁ ୧୮୯ ଗୋଲ୍ ସ୍କୋର କରିଛନ୍ତି। ଏହି ଲିଗ୍‌ରେ କ୍ରିଷ୍ଟଆନୋ ରୋନାଲ୍ଡୋ ବିଗତ ସିଜନ ଖେଳିଥିବା ବେଳେ ଆଗାମୀ ସିଜନ ମଧ୍ୟ ଖେଳିବାର ସମ୍ଭାବନା ରହିଛି। ତେବେ ଆସନ୍ତୁ ଜାଣିବା ଏହି ଲିଗ୍ ସହିତ ସାମିଲ ହୋଇଥିବା ଲୋକପ୍ରିୟ ଖେଳାଳିଙ୍କ ତାଲିକା...

**ୟୁରୋପୀୟ ଏବଂ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକରେ ଫୁଟବଲ୍ ବେଶ୍ ଲୋକପ୍ରିୟ। ଏହାର ପ୍ରଭାବ ସ୍ଥାନୀୟ ଫୁଟବଲ୍ ଲିଗ୍‌ଗୁଡ଼ିକରେ ଦେଖିବାକୁ ମିଳିଥାଏ। ମାତ୍ର ଏହି ଧାରାକୁ ଭାଙ୍ଗି ଏବେ ଲୋକପ୍ରିୟତାର ଶୀର୍ଷ ଛୁଇଁବାକୁ ଯାଉଛି ସାଉଦି ପ୍ରଫେଶନାଲ ଲିଗ୍ ବା ସାଉଦି ଆରବ ଫୁଟବଲ୍ ଲିଗ୍।**



ଏନ୍‌ଗୋଲୋ କାଣ୍ଟେ



ରୁବେନ୍ ନିଭ୍ସ (ବାମ)

**କ୍ରିଷ୍ଟିଆନୋ ରୋନାଲ୍ଡୋ:** ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ତାଲିକାର ସର୍ବାଗ୍ରେ ରହିବେ। ୪୪୦୦ କୋଟିର ଲୋଭନୀୟ ମୂଲ୍ୟରେ ଅଲ ନାସେର କ୍ଲବରେ ସାମିଲ ହୋଇଥିଲେ ରୋନାଲ୍ଡୋ। ମାଞ୍ଚେଷ୍ଟର ୟୁନାଇଟେଡ, ରିୟଲ ମାଡ୍ରିଡ୍ ଓ ଜୁଭେଣ୍ଟସ ପରି କ୍ଲବ ପକ୍ଷରୁ ଖେଳି ସାରିଥିବା ରୋନାଲ୍ଡୋ ସାଉଦି ଲିଗ୍‌ର ଅନ୍ୟତମ ମୁଖ୍ୟ ଆକର୍ଷଣ। ପ୍ରଥମ ସିଜନରେ ସେ ୧୬ ମ୍ୟାଚ୍‌ରୁ ୧୪ ଗୋଲ ସ୍କୋର କରିଥିବା ବେଳେ ଅଲ ନାସେର କିନ୍ତୁ ଚାମ୍ପିୟନ ହୋଇ ପାରି ନ ଥିଲା।

**କରିମ୍ ବେଞ୍ଜେମା:** ଫ୍ରାନ୍ସ ଫୁଟବଲର ତଥା ବିଶ୍ୱର ଅନ୍ୟତମ ପ୍ରତିଭାଶାଳୀ ଷ୍ଟ୍ରାଇକର କରିମ୍ ବେଞ୍ଜେମା ସାଉଦି ଲିଗ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ସିଜନର ଚାମ୍ପିୟନ ଅଲ ଇଟିହାଡ ସହିତ ବେଞ୍ଜେମା ୩ ବର୍ଷର ଚୁକ୍ତି କରିଛନ୍ତି। ଲା ଲିଗାରେ ରିୟଲ ମାଡ୍ରିଡ ପକ୍ଷରୁ ଖେଳୁଥିବା ବେଞ୍ଜେମା ୫ ଥର ଚାମ୍ପିୟନ୍ସ ଲିଗ୍ ବିଜୟୀ ହୋଇଛନ୍ତି। ମାଡ୍ରିଡ୍ ପକ୍ଷରୁ ୪୩୯ ମ୍ୟାଚ୍ ଖେଳି ସେ ୨୩୮ ଗୋଲ ସ୍କୋର କରିଛନ୍ତି।

**ଏନ୍‌ଗୋଲୋ କାଣ୍ଟେ:** ଫ୍ରାନ୍ସ ଫୁଟବଲର ଅଭେଦ୍ୟ ପ୍ରାଚୀର ଭାବେ ପରିଚିତ ୩୨ ବର୍ଷୀୟ ଏନ୍‌ଗୋଲୋ କାଣ୍ଟେ। ଜାତୀୟ ଦଳ ପକ୍ଷରୁ ୫୩ ମ୍ୟାଚ୍ ଖେଳି ସେ ମାତ୍ର ୨ ଗୋଲ ଦେଇଥିବା ବେଳେ ତାଙ୍କର ଡିଫେନ୍ସ ଦକ୍ଷତା ପ୍ରତିପକ୍ଷ ଶିବିରରେ ଭୀତି ସଞ୍ଚାର ପାଇଁ ଯଥେଷ୍ଟ। କ୍ଲବ୍ ସ୍ତରରେ ବୁଲୋନ୍, କାଏନ୍, ଲିସେଷ୍ଟର ସିଟି ଓ ଚେଲ୍‌ସୀ ପକ୍ଷରୁ ଖେଳିଛନ୍ତି। ୨୦୧୬ରେ ଚେଲ୍‌ସୀ ପକ୍ଷରୁ ୧୯୦ ମ୍ୟାଚ୍‌ରେ ଖେଳିଥିଲେ। ଜାତୀୟ ଦଳର ସାଥୀ ଖେଳାଳି କରିମ ବେଞ୍ଜେମାଙ୍କ ସହ ମିଶି ସେ ଅଲ ଇଟିହାଡ କ୍ଲବରେ ସାମିଲ ହୋଇଛନ୍ତି। ୮୬ ମିଲିୟନ୍ ଡଲାରରେ ସେ ଏକ ବର୍ଷ ପାଇଁ ଚୁକ୍ତି କରିଛନ୍ତି।

**ରୁବେନ୍ ନିଭ୍ସ:** ପୂର୍ବତନ ପର୍ତ୍ତୁଗାଲ ଖେଳାଳି ତଥା ଓଭରହାମ୍ପଟନ ୱାଣ୍ଡରର୍ସ ଅଧିନାୟକ ରୁବେନ୍ ନିଭ୍ସ ସାଉଦି ଲିଗ୍‌ରେ ସାମିଲ ହୋଇଛନ୍ତି। ୫୯.୭ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୪୮୯ କୋଟି ଟଙ୍କାର ଟ୍ରାନ୍ସଫର ଫିରେ ସେ ସାଉଦି କ୍ଲବ୍ ଅଲ ହିଲାଲରେ ସାମିଲ ହୋଇଛନ୍ତି।

–ସରୋଜ ଜେନା

ଧରିତ୍ରୀ
DHARITRI



# କୃତୀ ଆଥ୍‌ଲେଟଙ୍କୁ ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର, ୨୯।୬
(ତପନ ସ୍ୱାଇଁ)

ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଅଂଶଗ୍ରହଣ କରି ଚମତ୍କାର ପ୍ରଦର୍ଶନ କରିଥିବା ଓଡ଼ିଶା ଆଥଲେଟ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ବର୍ଦ୍ଧିତ

**ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ**

କରିଛନ୍ତି। ପ୍ରଥମଥରପାଇଁ ଓଡ଼ିଶାର ୭ ଆଥଲେଟ୍ ଉକ୍ତ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଥିଲେ। ୪୦୦ ମିଟର ରେସ୍‌ରେ ରୌପ୍ୟ ଓ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଡବଲ ମେଡାଲିଷ୍ଟ ଅରିଦିତା ଚକ୍ରବର୍ତ୍ତୀଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଶଟ୍‌ପୁଟ୍ ଓ ସାଇକ୍ଲିଂରେ ରୌପ୍ୟ ପଦକ ଜିତିଥିବା ବୈଷ୍ଣବ ରାଜପାଲିଆ ଓ କଳ୍ପନା ଜେନାଙ୍କୁ ୩ ଲକ୍ଷ ଲେଖାଏ ଦିଆ ଯାଇଥିଲା। ୟୁନିଫାଏଡ୍ ଭଲିବଲ ଦଳର ସଦସ୍ୟଭାବେ ରୌପ୍ୟ ପଦକ ଜିତିଥିବା ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍‌ଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଏବଂ ପ୍ରଭାବୀ ପ୍ରଦର୍ଶନ କରିଥିବା ଫୁଟସାଲ ଦଳର ସଦସ୍ୟଥିବାରୁ ସଚିନ ବାରିକଙ୍କୁ ୨୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ କୃତୀ ଆଥଲେଟ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ଏପରି ପ୍ରଦର୍ଶନ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ''ଓଡ଼ିଶାର ଏହି ସ୍ୱତନ୍ତ୍ର ଆଥଲେଟ୍‌ଙ୍କୁ ଅଭିନନ୍ଦନ। ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସରେ ସେମାନଙ୍କ ପ୍ରଦର୍ଶନ ରାଜ୍ୟପାଇଁ ଗୌରବ ଆଣିଛି। ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଉଚ୍ଚସ୍ତରକୁ ଯିବାପାଇଁ ଯାହା ଆବଶ୍ୟକ ପଡ଼ିବ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇ ଏମାନଙ୍କୁ ସଶକ୍ତିକରଣ କରାଯିବ'' ବୋଲି ତୁଷାରକାନ୍ତି କହିଛନ୍ତି। ପୁରସ୍କାର ଗ୍ରହଣ ପରେ ଆଥଲେଟ୍ ଅରିଦିତା ଚକ୍ରବର୍ତ୍ତୀ କହିଛନ୍ତି ଯେ, ''ମୁଁ ମୋ ପ୍ରଦର୍ଶନକୁ ନେଇ ଗର୍ବିତ। ଉଭୟ ଭାରତ ଓ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବାରୁ ନିଜକୁ ଗର୍ବିତ ମନେକରୁଛି। ଆମର କଠିନ ପରିଶ୍ରମ ଏବଂ ତ୍ୟାଗକୁ ସ୍ୱୀକୃତି ଦିଆଯିବାର ଅନୁଭୂତି ସ୍ୱତନ୍ତ୍ର। ଆଶା କରୁଛି ଯେ ଏହା ରାଜ୍ୟ ଏବଂ ଦେଶକୁ ଗର୍ବିତ କରିବାପାଇଁ ଅନ୍ୟମାନଙ୍କୁ ପ୍ରେରିତ କରିବ''। ଓଡ଼ିଶା ଆଥଲେଟ୍‌ମାନେ ବୁଧବାର ଭୁବନେଶ୍ୱର ଫେରିବା ପରେ ବିମାନବନ୍ଦରରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।



ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସର କୃତୀ ଆଥ୍‌ଲେଟ୍‌ଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ଅବସରରୁ ଫେରିଲେ ଓଜ୍‌ନିଆକି

ନ୍ୟୁୟର୍କ, ୨୯।୬ (ଏପି)

ପୂର୍ବତନ ନମ୍ବର ୱାନ ର୍‍ୟାଙ୍କିଙ୍ଗ ଖେଳାଳି ତଥା ୨୦୧୮ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଡେନମାର୍କର କାରୋଲିନ୍ ଓଜ୍‌ନିଆକି ଅବସର ନେବାର ୩ ବର୍ଷ ପରେ ପୁଣି ପ୍ରତିଯୋଗିତାମୂଳକ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗୁରୁବାର ସେ ତାଙ୍କର ନିଷ୍ପତ୍ତି ଘୋଷଣା କରିଛନ୍ତି। ଏଣେ ୟୁ.ଏସ୍. ଓପନରେ ଅଂଶଗ୍ରହଣ ପାଇଁ ତାଙ୍କୁ ଏକ ୱାଇଲ୍ଡ କାର୍ଡ ପ୍ରଦାନ କରାଯିବ ବୋଲି ୟୁଏସ୍ ଟେନିସ ଆସୋସିଏଶନ ପ୍ରକାଶ କରିଛି। ଗତ ୩ ବର୍ଷ ହେଲା ସେ ଖେଳରୁ ନିଜକୁ ଦୂରେଇ ରଖିଥିଲେ। ପରିବାରକୁ ସମୟ ଦେଇଥିଲେ। ଇତିମଧ୍ୟରେ ସେ ଦୁଇଟି ସନ୍ତାନର ମାତୃତ୍ୱ ଲାଭ କରିସାରିଛନ୍ତି। ତାଙ୍କର ଏବେ ସୁଦ୍ଧା ଲକ୍ଷ୍ୟ ପୂରଣ ହୋଇ ପାରିନି। ତାହା ହାସଲ କରିବାକୁ ହେବ। ବୟସ କିମ୍ବା ଭୂମିକା ତୁମ ସ୍ୱପ୍ନ ସାକାର କରିବାରେ ପ୍ରତିବନ୍ଧ ସୃଷ୍ଟି କରି ନପାରେ ବୋଲି ସେ ତାଙ୍କ ପିଲାଙ୍କୁ କରି ଦେଖାଇବାକୁ ଚାହାଁନ୍ତି ବୋଲି ଓଜ୍‌ନିଆକି ଟୁଇଟରରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ମାସରେ ୩୩ବର୍ଷ ବୟସରେ ପଦାର୍ପଣ କରିବାକୁ ଥିବା ଓଜ୍‌ନିଆକି ୨୦୨୦ ଅଷ୍ଟ୍ରେଲିଆନ ଓପନ ପରଠାରୁ ଆଉ ଖେଳି ନାହାନ୍ତି।



କାରୋଲିନ୍ ଓଜ୍‌ନିଆକି

# ଭାରତୀୟ ହକି ଦଳ ପାଇଁ କାର୍ଯ୍ୟ କରିବେ ଅପ୍‌ଟନ

ନୂଆଦିଲ୍ଲୀ, ୨୯।୬ (ପି.ଟି.)

ଭାରତୀୟ କ୍ରିକେଟ ଟିମ୍ ପାଇଁ ମେଣ୍ଟାଲ କଣ୍ଡିଶନିଂ ଏକ୍ସପର୍ଟ ଭାବେ କାର୍ଯ୍ୟକରୁଥିବା ପ୍ୟାଡି ଅପ୍‌ଟନଙ୍କୁ ହକି ଇଣ୍ଡିଆ ଅନୁବନ୍ଧିତ କରିଛି। ଆଗାମ ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ଏସିଆ ଗେମ୍ସ ଲାଗି ସେ ଜାତୀୟ ପୁରୁଷ ହକି ଦଳକୁ ସହାୟତା କରିବେ। ବେଙ୍ଗାଲୁରୁସ୍ଥିତ ସାଇଠାରେ ଚାଲିଥିବା ଜାତୀୟ କୋଚିଂ କ୍ୟାମ୍ପରେ ଦକ୍ଷିଣ ଆଫ୍ରିକୀୟ ଅପ୍‌ଟନଙ୍କ ୩ ଭାଗ ବିଶିଷ୍ଟ ମେଣ୍ଟାଲ କଣ୍ଡିଶନିଂ ସେସନ ଶନିବାରଠାରୁ ଆରମ୍ଭ ହେବ। ହକି ଇଣ୍ଡିଆ ଓ ଭାରତୀୟ ହକି ଦଳ ସହିତ କାର୍ଯ୍ୟକରିବା ଲାଗି ସୁଯୋଗ ପାଇଥିବାରୁ ସେ ନିଜକୁ ଧନ୍ୟ ମନେକରୁଛନ୍ତି ବୋଲି ଅପ୍‌ଟନ ପ୍ରକାଶ କରିଛନ୍ତି। ଏଇ କିଛି ବର୍ଷ ହେଲା ଭାରତୀୟ ହକି ଦଳର ପ୍ରଦର୍ଶନରେ ବହୁ ଉନ୍ନତି ଘଟିଥିବା ସେ ଲକ୍ଷ୍ୟ କରିଛନ୍ତି। ଦଳର ମାନସିକ ଓ ମନସ୍ତାତ୍ତ୍ୱିକ ସ୍ଥିତିରେ ସୁଧାର ଆଣିବା ଦିଗରେ ସେ ଚେଷ୍ଟା କରିବେ। ଅପଟନଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ୨୦୧୧ରେ ୨୮ ବର୍ଷ ବ୍ୟବଧାନରେ ଭାରତର ଦିନିକିଆ ବିଶ୍ୱକପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗ୍ୟାରି କର୍ଷ୍ଟେନଙ୍କ କୋଚିଂ ଷ୍ଟାଫ୍‌ର ସେ ଅଂଶବିଶେଷ ଥିଲେ।



ପ୍ୟାଡି ଅପ୍‌ଟନ

# ବିଦେଶରେ ଟ୍ରେନିଂ ନେବେ ଭିନେଶ, ବଜରଙ୍ଗ

ନୂଆଦିଲ୍ଲୀ, ୨୯।୬ (ପି.ଟି.)

ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲ୍ସ ପାଇଁ ପ୍ରସ୍ତୁତି ସକାଶେ ଅଗଷ୍ଟ ୧୦ ପର୍ଯ୍ୟନ୍ତ ସମୟ ମାଗିଥିବା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ଟ୍ରେନିଂ ଲାଗି ଯଥାକ୍ରମେ କିର୍ଗିଜ୍‌ସ୍ତାନ ଓ ହଙ୍ଗେରୀ ଯିବେ। ଉଭୟ କୁସ୍ତିଯୋଦ୍ଧା ଏ ସମ୍ପର୍କରେ ଦେଇଥିବା ପ୍ରସ୍ତାବ କ୍ରୀଡ଼ାମନ୍ତ୍ରଣାଳୟ ଦ୍ୱାରା ଗୃହୀତ ହୋଇଯାଇଛି। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଇଥିବା ଏହି ଦୁଇଜଣ କୁସ୍ତି ଯୋଦ୍ଧା କିଛି ଦିନ ପୂର୍ବେ କ୍ରୀଡ଼ା ମନ୍ତ୍ରଣାଳୟକୁ ସେମାନଙ୍କ ପ୍ରସ୍ତାବ ଦେଇଥିଲେ। ଜୁଲାଇ ପ୍ରଥମ ସପ୍ତାହରେ ସେମାନେ ବିଦେଶ ଗସ୍ତରେ ଯିବେ। ସେମାନେ ଆଉ ଧାରଣାରେ ବସିବେ ନାହିଁ ବୋଲି ନିକଟରେ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ପୁନିଆ ୩୬ ଦିନ ପାଇଁ କିର୍ଗିଜସ୍ତାନର ଇସିକ୍-କୁଲ୍ ଅଭିମୁଖେ ଗସ୍ତ କରିବାକୁ ଥିବା ବେଳେ ଭିନେଶ ତାଙ୍କ ପ୍ରଥମ ଗସ୍ତରେ ବିଶ୍‌କେକ୍‌ଠାରେ ଏକ ସପ୍ତାହ ପାଇଁ ଏବଂ ହଙ୍ଗେରୀର ଟାଟାଠାରେ ୧୮ ଦିନ ଟ୍ରେନିଂ ନେବେ। ଭିନେଶଙ୍କ ସହିତ ଫିଜିଓଥେରାପିଷ୍ଟ ଅଶ୍ୱିନୀ ଜୀବନ ପାଟିଲ, କୋଚ୍ ସୁଦେଶ ଏବଂ ତାଙ୍କ ସ୍ପେୟାରିଂ ପାର୍ଟନର ସଙ୍ଗୀତା ଫୋଗଟ ମଧ୍ୟ ଯିବେ। ସେହିପରି ପୁନିଆଙ୍କ ସହ କୋଚ୍ ସୁଜିତ ମାନ୍, ଫିଜିଓଥେରାପିଷ୍ଟ ଅନୁଜ ଗୁପ୍ତା, ସ୍ପେୟାରିଂ ପାର୍ଟନର ଜିତେନ୍ଦର ଖାନ୍‌ହା ଏବଂ ଷ୍ଟ୍ରେନ୍ଥ୍ ଏବଂ କଣ୍ଡିଶନିଂ ଏକ୍ସପର୍ଟ କାଜି ହସନ ମଧ୍ୟ ଯିବେ। ଅଲିମ୍ପିକ ଗୋଲ୍ଡ କ୍ୱେଷ୍ଟ (ଓଜିକ୍ୟୁ) ହେଉଛି ଏକ ନନ୍ ପ୍ରଫିଟ୍ ପ୍ରମୋଶନ ଫାଉଣ୍ଡେଶନ। ଏହି ସଂସ୍ଥା ପାଟିଲ, ଗୁପ୍ତା ଓ ହସନଙ୍କ ଖର୍ଚ୍ଚ ବହନ କରିବ।



ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ।




Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolagir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ